ISSN 2583-9543
VOL. NO. 02, ISSUE NO. 01

REFEREED PEER-REVIEWED JOURNAL

# ବାଗୀଶ

BAGEESHA ● ଜାନୁୟାରୀ - ଫେବୃୟାରୀ ୨୦୨୪



BAGEESHA
# ବାଗୀଶ
ସମାଲୋଚନାଧର୍ମୀ ପତ୍ରିକା
Refereed Peer-Reviewed Journal
ISSN 2583-9543 (ONLINE)

ଦ୍ୱିତୀୟ ବର୍ଷ, ପ୍ରଥମ ସଂଖ୍ୟା
ଜାନୁୟାରୀ - ଫେବୃୟାରୀ ୨୦୨୪

Volume No. 02
Issue No. 01
January - February 2024

ଯୋଗାଯୋଗ
ବି.କେ ହାଉସ, ଗ୍ରାଉଣ୍ଡ ଫ୍ଲୋର୍,
ମହିଳା ମହାବିଦ୍ୟାଳୟ ଲେନ୍, ନୟାଗଡ଼

E-mail :
bageesha.magazine@gmail.com
Phone No. 9337166172
Visit Us : www.bageesha.in



॥ ଓମ୍ ଗଣନାଥାୟ ନମଃ ॥

---

ପ୍ରତିଷ୍ଠାତା-ସଂପାଦକ
**ବିକେଶ ସାହୁ**

---

Founder & Editor
**Bikesh Sahu**

Edited and Published
By
**Bikesh Sahu**
At - Bhuslad, Po - Dedhagaon,
P.S - Sindhekela
Dist - Balangir - 767035

## BOARD OF PEERS

**Prof. Dash Benhur**
Retired Principal,
S.C.S (Autonomous) College,
Puri

**Prof. B.N Pattnaik**
Retired Prof. of English &
Linguistics,
IIT, Kanpur, India

**Prof. Satya P. Mohanty**
Prof., Department of
English Cornell University,
United States

**Dr. Satyapriya Mahalik**
Associate Professor
Jamshedpur Women's College
Jamshedpur, Jharkhand

**Dr. Gopinath Bag**
Asst. Professor, Dept. of Odia
Samabalpur University,
Jyoti Vihar, Burla

**Dr. Bijayalaxmi Dash**
Asst. Professor, Dept. of Odia
Revenshaw University,
Cuttack

**Dr. Rabindra Kumar Das**
Asst. Professor, Dept. of Odia
Visva Bharati University,
Shantiniketan


## ABOUT US

- 'Bageesh' is a bi-monthly research and discussion ISSN recognized refereed peer-reviewed journal.
- The special research section of 'Bageesha' publishes research discussions on Literature, Society, Culture, Art, History, Anthropology, Philosophy, Science, etc.
- 'Bageesha' has been successful in recent years with a unique approach to make the youth research minded and has also prepared a new framework for the future.
- 'Bageesha' is rich in the following directed sections:

  Essay and Discussion Section: You can submit any basic essay and discussion for this section.
  New Book: For this section, a copy of a recently published book should be sent to our address by the author or publisher. A short informative summary of the received book will be presented in the journal. For this section we have reserved one page of the magazine for each book.
  'Bageesha' Barenya: An interview with a senior critic is published by the editorial team in each issue.

Note: Text must be typed in Odia Unicode. Author's name, full address, e-mail, brief introduction of the author (within 4-5 lines), summary of the article (within 7-8 lines), full text MS-Word File (within 12 characters and 10 pages) etc. through our website. To be _sent.

Visit our website www.bageesha.in for details on sending articles and books.

## ସମୀକ୍ଷକ ମଣ୍ଡଳୀ

**ପ୍ରଫେସର ଦାଶ ବେନହୁର**
ଅବସରପ୍ରାପ୍ତ ଅଧ୍ୟକ୍ଷ,
ସାମନ୍ତ ଚନ୍ଦ୍ର ଶେଖର (ସ୍ୱ.ଶା) ମହାବିଦ୍ୟାଳୟ,
ପୁରୀ

**ପ୍ରଫେସର ବିବୁଧେନ୍ଦ୍ର ନାରାୟଣ ପଟ୍ଟନାୟକ**
ଅବସରପ୍ରାପ୍ତ ପ୍ରଫେସର, ଇଂରାଜୀ ଓ ଭାଷା
ବିଜ୍ଞାନ ବିଭାଗ, ଆଇ.ଆଇ.ଟି,
କାନପୁର

**ପ୍ରଫେସର ସତ୍ୟ ପ୍ରକାଶ ମହାନ୍ତି**
ପ୍ରଫେସର, ଇଂରାଜୀ ସାହିତ୍ୟ ବିଭାଗ,
କର୍ଣ୍ଣେଲ ବିଶ୍ୱବିଦ୍ୟାଳୟ,
ଆମେରିକା

**ଡ. ସତ୍ୟପ୍ରିୟ ମହାଲିକ**
ସହଯୋଗୀ ପ୍ରଫେସର, ଓଡ଼ିଆ ବିଭାଗ
ଜାମସେଦପୁର ମହିଳା ମହାବିଦ୍ୟାଳୟ,
ଜାମସେଦପୁର, ଝାଡ଼ଖଣ୍ଡ

**ଡ. ଗୋପୀନାଥ ବାଗ**
ସହକାରୀ ପ୍ରଫେସର, ଓଡ଼ିଆ ବିଭାଗ,
ସମ୍ବଲପୁର ବିଶ୍ୱବିଦ୍ୟାଳୟ,
ବୁର୍ଲା

**ଡ. ବିଜୟଲକ୍ଷ୍ମୀ ଦାଶ**
ସହକାରୀ ପ୍ରଫେସର, ଓଡ଼ିଆ ବିଭାଗ,
ରେଭେନ୍ସା ବିଶ୍ୱବିଦ୍ୟାଳୟ,
କଟକ

**ଡ. ରବୀନ୍ଦ୍ର କୁମାର ଦାସ**
ସହକାରୀ ପ୍ରଫେସର, ଓଡ଼ିଆ ବିଭାଗ,
ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ,
ଶାନ୍ତିନିକେତନ


## ଆମ କଥା

- 'ବାଗୀଶ' ଏକ ଦ୍ୱି-ମାସିକ ଗବେଷଣା ଓ ଆଲୋଚନାଧର୍ମୀ ISSN ସ୍ୱୀକୃତ ରେଫରିଡ୍ ପିଅର ରିଭିଉଡ୍ ଜର୍ଣ୍ଣାଲ (Refereed Peer-Reviewed Jornal) ।
- 'ବାଗୀଶ'ର ସ୍ୱତନ୍ତ୍ର ଗବେଷଣା ବିଭାଗରେ ସାହିତ୍ୟ, ସମାଜ, ସଂସ୍କୃତି, କଳା, ଇତିହାସ, ନୃତତ୍ତ୍ୱ, ଦର୍ଶନ, ବିଜ୍ଞାନ ଆଦି ବିବିଧ ପ୍ରେକ୍ଷାର ଗବେଷଣାତ୍ମକ ଆଲୋଚନା ପ୍ରକାଶିତ ହୋଇଥାଏ।
- 'ବାଗୀଶ' ଯୁବପିଢ଼ିଙ୍କୁ ଗବେଷଣାମନସ୍କ କରିବା ନିମନ୍ତେ ପ୍ରୟାସ କରିବା ସହ ସ୍ୱତନ୍ତ୍ର ଆଭିମୁଖ୍ୟ ନେଇ ସଂପ୍ରତି ଦଣ୍ଡାୟମାନ ହୋଇଛି ଏବଂ ଭବିଷ୍ୟତ ପାଇଁ ନୂତନ ରୂପରେଖ ମଧ୍ୟ ପ୍ରସ୍ତୁତ କରିଅଛି।
- 'ବାଗୀଶ' ନିମ୍ନ ନିର୍ଦ୍ଦେଶିତ ବିଭାଗଗୁଡ଼ିକରେ ସମୃଦ୍ଧ :

**ପ୍ରବନ୍ଧ ଓ ଆଲୋଚନା ବିଭାଗ** : ଏହି ବିଭାଗ ନିମନ୍ତେ ଆପଣ ଯେକୌଣସି ମୌଳିକ ପ୍ରବନ୍ଧ ଓ ଆଲୋଚନା ଦେଇପାରିବେ।

**ନୂଆ ବହି** : ଏହି ବିଭାଗ ପାଇଁ ସଦ୍ୟ ପ୍ରକାଶିତ ପୁସ୍ତକ ଖଣ୍ଡିଏ ଲେଖକ କିମ୍ବା ପ୍ରକାଶକ ଆମ ଠିକଣାରେ ପଠେଇବାକୁ ହେବ। ପ୍ରାପ୍ତ ପୁସ୍ତକର ଏକ କ୍ଷୁଦ୍ର ସୂଚନାତ୍ମକ ବିବରଣୀ ସହ ଏହାକୁ ପତ୍ରିକାରେ ଉପସ୍ଥାପନ କରାଯିବ। ଏହି ବିଭାଗ ନିମନ୍ତେ ପ୍ରତି ବହି ପାଇଁ ପତ୍ରିକାର ଗୋଟିଏ ଫର୍ଦ୍ଦ ଆମେ ସଂରକ୍ଷିତ ରଖିଛୁ।

**'ବାଗୀଶ' ବରେଣ୍ୟ** : ପ୍ରତି ସଂଖ୍ୟାରେ ସଂପାଦନା ମଣ୍ଡଳୀଙ୍କ ଦ୍ୱାରା ଜଣେ ବରିଷ୍ଠ ସମାଲୋଚକଙ୍କ ସହ ସାକ୍ଷାତକାର ପ୍ରକାଶିତ ହୁଏ।

**ଦ୍ରଷ୍ଟବ୍ୟ** : ଲେଖାଟି ଓଡ଼ିଆ ୟୁନିକୋଡ଼ରେ ଡ଼ିଟିପି ହୋଇଥିବା ଆବଶ୍ୟକ। ଲେଖକ ନାମ, ସଂପୂର୍ଣ୍ଣ ଠିକଣା, ଇ-ମେଲ, ଲେଖକଙ୍କ ସଂକ୍ଷିପ୍ତ ପରିଚୟ ( ୪-୫ ଧାଡ଼ି ଭିତରେ), ଲେଖାର ସାରାଂଶ ( ୭-୮ ଧାଡ଼ି ଭିତରେ ), ସଂପୂର୍ଣ୍ଣ ଲେଖା MS-Word File( ଅକ୍ଷର ଆକାର ୧୨ ଥାଇ ୧୦ ପୃଷ୍ଠା ଭିତରେ ) ଆଦି ଆମକୁ ୱେବସାଇଟ୍ ମାଧ୍ୟମରେ ପଠାଇବାକୁ ହେବ।

ଲେଖା ଓ ବହି ପଠେଇବା ନିମନ୍ତେ ସବିଶେଷ ବିବରଣୀ ପାଇଁ ଆମ ୱେବସାଇଟ୍ www.bageesha.in ପରିଦର୍ଶନ କରନ୍ତୁ।

## ସଂପାଦନା ମଣ୍ଡଳୀ
EDITORIAL BOARD

ସହ-ସଂପାଦକ
**କନକ ବର୍ଦ୍ଧନ ସାହୁ**

କାର୍ଯ୍ୟନିର୍ବାହୀ ସଂପାଦକ
**ରିତମ୍ ମିଶ୍ର**

**ସଂପାଦନା ଓ କ୍ଷେତ୍ରୀୟ ସଂଯୋଜନା**

**ଡ. ବିଦ୍ୟୁଲତା ଷଣ୍ଡ**
ଓଡ଼ିଆ ଅଧ୍ୟାପିକା, ନୟାଗଡ଼(ସ୍ୱ.ଶା) ମହାବିଦ୍ୟାଳୟ, ନୟାଗଡ଼

**ସୁଜାତା ସାହାଣି**
ଓଡ଼ିଆ ଅଧ୍ୟାପିକା, ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟ, କଟକ

**ତୃପ୍ତିମୟୀ ଭୋଇ**
ଓଡ଼ିଆ ଅଧ୍ୟାପିକା, ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ, କୃଷ୍ଣଚନ୍ଦ୍ରପୁର, ଜଗତସିଂହପୁର

**ସଙ୍ଘମିତ୍ରା ଦାସ**
ଓଡ଼ିଆ ଅଧ୍ୟାପିକା, ଚୌଦ୍ୱାର ମହାବିଦ୍ୟାଳୟ, ଚୌଦ୍ୱାର, କଟକ

**ସୁବାସ ଚନ୍ଦ୍ର ଭୋଇ**
ଗବେଷକ, ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ, ଶାନ୍ତିନିକେତନ, କଲିକତା

**ପ୍ରଭାସ ଚନ୍ଦ୍ର ଟୋଲଟିଆ**
ଗବେଷକ, ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ, ଭବାନୀପାଟଣା


# ଆପଣଙ୍କ ଚିଠି

ଓଡ଼ିଆ ପତ୍ରିକା ସାହିତ୍ୟରେ ବାଗୀଶ ଗବେଷଣାତ୍ମକ ଦୃଷ୍ଟିକୋଣ ନେଇ ଏକ ବୈପ୍ଲବିକ ଆନ୍ଦୋଳନ ସୃଷ୍ଟି କରିସାରିଛି। ଏହାର ପ୍ରତିଟି ପୃଷ୍ଠା ଯେପରି ନୂତନ ଭାବେ ପରିକଳ୍ପିତ, ତାହା ଗୋଟେ ସମ୍ଭାବନାମୟ ଭବିଷ୍ୟତର ସୂଚନା ଦିଏ। ପୁସ୍ତକ ସମୀକ୍ଷାଠାରୁ ଆରମ୍ଭ କରି ଆଲୋଚନା ଓ ସମାଲୋଚନାର ବଳିଷ୍ଠତା ଦିନେ ଏ ପତ୍ରିକାକୁ ସ୍ୱତନ୍ତ୍ର ପରିଚୟ ଆଣିଦେବ, ଏଥିରେ ମୁଁ ଆଶାବାଦୀ।

--- *ସୀମା ସ୍ୱାଇଁ, ଗବେଷିକା, ଉତ୍କଳ ବିଶ୍ୱବିଦ୍ୟାଳୟ*

ଏଥରର 'ବାଗୀଶ' ସଂଖ୍ୟାଟି ପଢ଼ିଲି। ଚସର ଓ ସାରଳା ସାହିତ୍ୟର ତୁଳନାତ୍ମକ ପ୍ରବନ୍ଧଟି ଭଲ ଲାଗିଲା। 'ଶିବଭାଇ' ଉପନ୍ୟାସର ଆଲୋଚନା ମଧ୍ୟ ଖୁବ୍ ଉଚ୍ଚକୋଟୀର। କବି ବ୍ରଜନାଥ ରଥଙ୍କ ସମ୍ପର୍କିତ ପ୍ରବନ୍ଧରୁ ବ୍ରଜନାଥଙ୍କ ବିଷୟରେ ଅନେକ ତଥ୍ୟ ଜାଣି ହେଲା। ଅନ୍ୟ ପ୍ରବନ୍ଧଗୁଡ଼ିକ ମଧ୍ୟ ଶିକ୍ଷଣୀୟ ତଥ୍ୟଭିତ୍ତିକ ଥିଲା।

--- *ସ୍ମୃତିରଞ୍ଜନ ସେଠୀ, ଅଧ୍ୟାପକ*

ପତ୍ରିକାଟିଏ ସ୍ୱଚ୍ଛ, ସୁନ୍ଦର ଓ ଆକର୍ଷଣୀୟ ହେଲେ ପାଠକ ଖୁସିହୁଏ। ପତ୍ରିକାଗର୍ଭିତ ଲେଖାଗୁଡ଼ିକ ଯୁକ୍ତିଯୁକ୍ତ, ପାଣ୍ଡିତ୍ୟପୂର୍ଣ୍ଣ ଓ ଗବେଷଣାତ୍ମକ ହେଲେ ପାଠକର ଜ୍ଞାନ ଅଭିବୃଦ୍ଧିରେ ସହାୟକ ହୁଏ। 'ବାଗୀଶ' ଏ ସମସ୍ତ ଆବଶ୍ୟକତାକୁ ପୂରଣ କରି ବେଶ୍ ସଫଳତାର ସହ ପ୍ରକାଶିତ ହେଉଛି। ଏହାର ଦୀର୍ଘଜୀବନ କାମନାକରି ସଂପାଦକ ମଣ୍ଡଳୀଙ୍କୁ ଅଶେଷ ଶୁଭେଚ୍ଛା ଜଣାଉଛି।

--- *ହୃଷୀକେଶ ମହାରଣା, ଅଧ୍ୟାପକ*

**ବାଗୀଶର ଲେଖା ଉଚ୍ଚକୋଟୀ ଏବଂ ପାଠ୍ୟ ଉପଯୋଗୀ ଥିବାରୁ ମୁଁ ଅନେକ ସାହାଯ୍ୟ ପାଇପାରୁଛି । ପତ୍ରିକାରେ ସ୍ଥାନିତ ସମସ୍ତ ଲେଖା ନିଆରା ଏବଂ ଶିକ୍ଷଣୀୟ ଅଟେ।**

--- *ଶୁଭଶ୍ରୀ ନାୟକ, ଓଡ଼ିଆ ସମ୍ମାନ ଛାତ୍ରୀ*

ନିଜର ସୁଚିନ୍ତିତ ମତାମତ ଆମକୁ ନିମ୍ନ ଠିକଣାରେ ପଠେଇପାରିବେ।

ନିଜର ମତାମତ ଓ ଯୋଗାଯୋଗ ଦେବାପାଇଁ ଇ-ମେଲ ଠିକଣା: (bageesha.magazine@gmail.com)। ବହି ପଠେଇବା ପାଇଁ ଠିକଣା :ବିକେଶ ସାହୁ, ସଂପାଦକ 'ବାଗୀଶ', ବି.କେ ହାଉସ, ଗ୍ରାଉଣ୍ଡ ଫ୍ଲୋର୍, ମହିଳା ମହାବିଦ୍ୟାଳୟ ଲେନ୍, ନୟାଗଡ଼ - ୭୫୨୦୬୯ ।

# ସଂପାଦକୀୟ

ସୁଧୀଜନେ, ଏଇ କିଛିଦିନ ତଳେ ଏକ ବିଚିତ୍ର ବ୍ୟତିକ୍ରମ ମୁଁ ଲକ୍ଷ୍ୟ କଲି। ମୁଁ କହିରଖେ ଯେ, ଏ ବ୍ୟତିକ୍ରମକୁ ବିଚିତ୍ର କହିବାର କାରଣ ଅଛି। ତେବେ ପ୍ରଥମେ ବ୍ୟତିକ୍ରମ ପାଖକୁ ଆସୁଛି। ଅବଶ୍ୟ ଏହାକୁ ବ୍ୟତିକ୍ରମ କହିବା ବି ମୋଟେ ଦ୍ୱନ୍ଦମୁକ୍ତ ନୁହେଁ। କାହିଁକି ନା ମୋର ସାହିତ୍ୟ ସହ ଯୋଡ଼ି ହେବା ସମୟରୁ ଅନେକତ୍ର ଏ ପ୍ରକାର ବ୍ୟବସ୍ଥା ମୁଁ ଲକ୍ଷ୍ୟ କରିଆସିଛି। ତେଣୁ ସିଧାସଳଖ କଥାଟି ଆପଣମାନଙ୍କ ପାଖରେ ପ୍ରକାଶ କରୁଛି। ଏହା କେତେ ବିଚିତ୍ର ଅବା ବ୍ୟତିକ୍ରମ ନା ଆଉ କିଛି ଆପଣମାନେ ବିଚାର କରିବା ହେବେ।

ଏଇ ନିକଟରେ ଏକ ବହୁମୁଖୀ ସାହିତ୍ୟ ସଭାରେ ଯୋଗଦାନ କରିବାର ସୁଯୋଗ ପ୍ରାପ୍ତ ହୋଇଥିଲା। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉକ୍ତ ସଭାରେ ଯୋଗ ଦେଇ ବିବିଧ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସାହିତ୍ୟର ପ୍ରବାହ, କବିତାର ପରିବର୍ତ୍ତିତ ରୂପ, ଉତ୍ତରପିଢିର ଦାୟିତ୍ୱ ପୁଣି ପାଠକର ଗୁରୁତ୍ୱ ଆଦି ସଂପର୍କରେ ଦିବସବ୍ୟାପୀ ଆଲୋଚନା ସବୁ ହୋଇଥିଲା। ସଭାରେ ପ୍ରମୁଖ ବକ୍ତା ଭାବେ ସୁପରିଚିତ କବି ଓ ଲେଖକମାନେ ଅଂଶଗ୍ରହଣ କରି ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଆପଣମାନେ ଭାବୁଥିବେ ସଂପାଦକ ମହୋଦୟ ଯେଉଁ ବିଚିତ୍ର ଆଉ ବ୍ୟତିକ୍ରମ କଥା କହୁଥିଲେ, ସେଥିରୁ କକ୍ଷଚ୍ୟୁତ ହୋଇଗଲେ ନା କ'ଣ! ବ୍ୟସ୍ତ ହୁଅନ୍ତୁ ନାହିଁ। ମୁଁ ସେଠିକି ହିଁ ଫେରୁଛି। ବନ୍ଧୁଜନେ ଏ ପ୍ରକାର କାର୍ଯ୍ୟକ୍ରମ ଆୟୋଜନରେ ମୋର କିଛି ସମସ୍ୟା ନାହିଁ। ଏହା ନିଶ୍ଚୟ ଏକ ଉତ୍ତମ ପଦକ୍ଷେପ। କିନ୍ତୁ କଥା ହେଉଛି ଯେଉଁମାନଙ୍କୁ କାର୍ଯ୍ୟକ୍ରମରେ ଯେଉଁ ବିଷୟ ସକାଶେ ବକ୍ତା ଭାବେ ନିମନ୍ତ୍ରଣ କରାଯାଉଛି ସେଥି ନିମନ୍ତେ ସେମାନେ ଯୋଗ୍ୟ ତ? ଏମିତି ଏକ ପ୍ରଶ୍ନ ସ୍ୱତଃ ମୋ ମନକୁ ଆସୁଛି। ଆସିବାର ମଧ୍ୟ କାରଣ ଅଛି। କାରଣଟି ମୋ ସୂକ୍ଷ୍ମ ବିଚାରରେ ଯାହା ବୋଲି ମୁଁ ଅନୁଭବ କରିଛି ତାହା ହିଁ ଆପଣମାନଙ୍କ ଆଗରେ ଉପସ୍ଥାପନ କରୁଛି। କ୍ଷମା କରିବେ। ଏଠାରେ ମୁଁ କାହାର ଯୋଗ୍ୟତା ମାପିବାର ପ୍ରୟାସ ଆଦୌ କରୁନାହିଁ। କିମ୍ବା କାହାକୁ ଅଯୋଗ୍ୟ ବୋଲି ପ୍ରମାଣିତ କରିବାର ଧୃଷ୍ଟତା ମଧ୍ୟ କରିବିନି। ମୁଁ କେବଳ ଏତିକି ସ୍ପଷ୍ଟ କରିଦେବାକୁ ଚାହେଁ ଯେ, ସାହିତ୍ୟ ସୃଷ୍ଟି କରିବା  ଆଉ ସାହିତ୍ୟ ଆଲୋଚନା  କରିବା ଦୁଇଟି ଭିନ୍ନ ବିଷୟ। ସ୍ରଷ୍ଟାଟିଏ ସାହିତ୍ୟ ସୃଷ୍ଟି କରୁଛି ତା' ମାନେ ନୁହେଁ ଯେ ସେ ସାହିତ୍ୟର ମୂଲ୍ୟାୟନ ପାଇଁ ଯୋଗ୍ୟ, ସାହିତ୍ୟକୁ ନେଇ ଭବିଷ୍ୟତ ବାଣୀ କରିପାରିବ -ଏହା ସବୁ କ୍ଷେତ୍ରରେ  ଗ୍ରହଣୀୟ ନୁହେଁ। ଏହି କାମ ସାହିତ୍ୟ ସମୀକ୍ଷକ ଓ ସମାଲୋଚକମାନଙ୍କର। କହିବାର ଉଦ୍ଦେଶ୍ୟ, ଜଣେ ଡାକ୍ତରଙ୍କୁ ଯଦି ପଠାଯାଏ କୃଷି କ୍ଷେତ୍ରକୁ ଚାଷ କରିବା ପାଇଁ କିମ୍ବା ଶିକ୍ଷକଙ୍କୁ ରୋଗୀ ପରୀକ୍ଷା ପାଇଁ; ଯାହା ଫଳ ହେବ ତାହା ହିଁ ଆମ ସାହିତ୍ୟ କ୍ଷେତ୍ରରେ ଆଜି ବିଚିତ୍ର ଭାବେ ଘଟୁଛି। କବି-ଲେଖକମାନଙ୍କୁ ସାହିତ୍ୟ ସର୍ଜନ ବଦଳରେ ବିବିଧ ସଭା ସମିତିରେ ଆଲୋଚକ ଭୂମିକାରେ ଅବତୀର୍ଣ୍ଣ କରେଇବାର ଏକ ବିଚିତ୍ର ପରଂପରା ବର୍ତ୍ତମାନ ଆରମ୍ଭ ହେଲାଣି। ଆଲୋଚକ ହେଲେ ମଧ୍ୟ କ୍ଷତି ନାହିଁ। ମୁଁ କହୁ ନାହିଁ ଯେ, କବି-ଲେଖକମାନେ ସମୀକ୍ଷକ-ଆଲୋଚକ ହୋଇପାରିବେ ନାହିଁ । କିନ୍ତୁ ସମୟ-ସାହିତ୍ୟ-ସଂସ୍କୃତିର ପ୍ରବାହ ସହ ସାହିତ୍ୟର ଗତିପଥକୁ ଯଦି ସେ ଅଧ୍ୟୟନ କରି ନ ଥିବେ ତେବେ ସେ କୌଣସି କାଳଖଣ୍ଡର ସାହିତ୍ୟକୁ ଆଲୋଚନା କରିପାରିବେ ନାହିଁ। ସାହିତ୍ୟର ସ୍ୱରୂପ, କାଳ ବିଭାଜନ ଓ ପୂର୍ବସୁରୀକୁ ନ ଚିହ୍ନିଥିବା ବ୍ୟକ୍ତି କେବେ ହେଲେ ସାହିତ୍ୟର ମୂଲ୍ୟାୟନ କରିପାରିବ ନାହିଁ। ଏଥି ପାଇଁ ଲୋଡ଼ା ଗଭୀର ଅଧ୍ୟୟନ ଓ ଦୁରଦୃଷ୍ଟି।

ଆପଣ ସମସ୍ତେ ଜାଣନ୍ତି ସାହିତ୍ୟଧାରା ସର୍ବଦା ପ୍ରବହମାନ। ଏ ପ୍ରବାହ ହିଁ ସାହିତ୍ୟକୁ ଶୁଦ୍ଧ କରେ, ସମୟପୋଯୋଗୀ କରି ସାଧାରଣ ମଣିଷ ପାଖରେ ପହଞ୍ଚାଏ। ସାହିତ୍ୟ ସର୍ବଦା ସମୟ-ସମାଜ-ସଂସ୍କୃତିର ମୂଳ ପିଣ୍ଡ ଉପରେ ନିଜକୁ ଠିଆ କରାଏ। ଯାହା ହୁଏ ସମକାଳର ସାହିତ୍ୟ। ତେଣୁ କରି ପ୍ରତିଟି ସମୟର ସାହିତ୍ୟ ସ୍ୱତନ୍ତ୍ର। ତେବେ ଆପଣମାନେ ପଚାରି ପାରନ୍ତି- 'ଏ ସ୍ୱତନ୍ତ୍ରତା ଆସେ କେଉଁଠୁ'? ଏ ପ୍ରଶ୍ନର ସିଧାସଳଖ ଉତ୍ତର ହେଉଛି – 'କବି ବା ଲେଖକର ମାନସମନ୍ଥନରୁ'।  କବି ବା ଲେଖକ ସଚେତନ ଭାବେ ଏସବୁକୁ ଅନୁଶୀଳନ କରି ସାହିତ୍ୟ ସୃଷ୍ଟି କରନ୍ତି। ତେଣୁ ସ୍ରଷ୍ଟା ଯଦି ସମୀକ୍ଷକ ଭୂମିକାରେ ରହିବେ ସାହିତ୍ୟର ଗୁଣବତ୍ତା ପରଖିବ କିଏ? ଆପଣମାନେ ଲକ୍ଷ୍ୟ କରୁଥିବେ ସାଂପ୍ରତିକ ସମୟରେ ଏମିତି ଅନେକ କାର୍ଯ୍ୟକ୍ରମ ଉଦ୍ଦେଶ୍ୟହୀନ ଭାବେ ଆୟୋଜନ କରାଯାଉଛି, କିଛି ଚର୍ଚ୍ଚିତ ଲୋକଙ୍କୁ ନିମନ୍ତ୍ରଣ କରି ନିଜ ଅନୁଷ୍ଠାନ ଓ ସଂସ୍ଥାର ପ୍ରଚାରପ୍ରସାର କରାଯାଉଛି। ଯାହା କେତେବେଳେ ମଧ୍ୟ ସାହିତ୍ୟର ବିକାଶର ପରିପନ୍ଥୀ ନୁହେଁ। ଏ ସବୁରୁ ଆମକୁ ମୁକ୍ତ ହୋଇ ଏକ ନୂତନ ପରଂପରାର ଶୁଭାରମ୍ଭ କରିବାକୁ ହେବ। ଜଣେ ଉପଯୁକ୍ତ ସମୀକ୍ଷକ ବା ଆଲୋଚକ ନିଜର ଜ୍ଞାନ ଓ ଅନୁଶୀଳନରୁ ସାହିତ୍ୟକୁ ପରଖେ, ଆଲୋଚନା କରେ ଓ ଗୋଟେ ଜାତୀୟ ସାହିତ୍ୟ ସୃଷ୍ଟି ନିମନ୍ତେ ଉପାଦାନ ସଂଗ୍ରହ କରି କବି ବା ଲେଖକର ସୃଷ୍ଟି ମାନସକୁ ପ୍ରଭାବିତ କରେ। ଓଡ଼ିଆ ସାହିତ୍ୟରେ ଏହାର ଯଥେଷ୍ଟ ଉଦାହରଣ ରହିଛି। ସମୟ ପୂର୍ବରୁ ଯଦି ଆମେ ସଚେତନ ନ ହେବା ତା' ହେଲେ ଆମ ପରବର୍ତ୍ତୀ ପିଢି ସାହିତ୍ୟ ଆଲୋଚନାର ଉପଯୁକ୍ତ ମାର୍ଗରୁ ବିଚ୍ୟୁତ୍ ହେଇ ଏକ ଜାରଜ ପରଂପରାକୁ ମାଧ୍ୟମ ଭାବେ ବାଛିନେବେ। ଯାହା କଦାପି ଅନୁକୂଳ ନୁହେଁ। ତେବେ ସମସାମୟିକ ଏହି ନୂତନ ପରଂପରା ବିଚିତ୍ର ବ୍ୟତିକ୍ରମ କି ନୁହେଁ ଏ ବିଚାର ଆପଣମାନଙ୍କର।

ଶେଷରେ ଆମର ଅନୁରୋଧ ରକ୍ଷା କରି ବରେଣ୍ୟ ସାରସ୍ୱତସାଧକ ତଥା ସମାଲୋଚକ ପ୍ରଫେସର କୃଷ୍ଣଚନ୍ଦ୍ର ପ୍ରଧାନ ମହୋଦୟ 'ବାଗୀଶ ବରେଣ୍ୟ'ର ସାକ୍ଷାତକାର୍ ନିମନ୍ତେ ସଦୟ ଅନୁମତି ଦେଇ କୃତାର୍ଥ କରିଥିବାରୁ ତାଙ୍କୁ ବିଶେଷ କୃତଜ୍ଞତା ଜଣାଉଛି। ଏହି ସଂଖ୍ୟାକୁ ସମୃଦ୍ଧ କରିଥିବା ସମସ୍ତ ବରେଣ୍ୟଙ୍କୁ ଅଭିନନ୍ଦନ ଜଣାଇ ଶୁଭେଚ୍ଛାର ସହ 'ବାଗୀଶ'ର ଦ୍ୱିତୀୟ ବର୍ଷ ପ୍ରଥମ ସଂଖ୍ୟା  ଆପଣମାନଙ୍କ ହାତରେ ନିବେଦନ କଲି।

ମୁଖ୍ୟ ସଂପାଦକ

BAGEESHA
ବାଗୀଶ
ଦ୍ୱିତୀୟ ବର୍ଷ, ସଂଖ୍ୟା - ୦୧ | ଜାନୁୟାରୀ-ଫେବୃୟାରୀ୨୦୨୪
Volume No. 02 | Issue No. 01 | Jan-Feb 2024
Refereed Peer-Reviewed Jornal

# ଏଇ ସଂଖ୍ୟାରେ




ପ୍ରଚ୍ଛଦ : ବିକେଶ ସାହୁ
ଚିତ୍ରଶିଳ୍ପୀ : ସୁଶ୍ରୀ ସିପ୍ରା ମହାପାତ୍ର

[ ପ୍ରଚ୍ଛଦରେ ସ୍ଥାନିତ ହୋଇଛି ବୀଣା। ଯାହା ଏକ ପ୍ରମୁଖ ଭାରତୀୟ ବାଦ୍ୟଯନ୍ତ୍ର। ଅନ୍ୟ ପକ୍ଷରେ ଏହା ମାତା ସରସ୍ୱତୀଙ୍କ ପ୍ରିୟ ବସ୍ତୁ। ଯାହା ଶାନ୍ତି ଓ ପ୍ରୀତିର ପରିଚାୟକ। ]



## ପ୍ରବନ୍ଧ ଓ ଆଲୋଚନା

୦୮ ।। **ବ୍ୟାସ ଓ ସାରୋଳାକୃତ ଯକ୍ଷ-ଯୁଧିଷ୍ଠିର ସମ୍ବାଦ : ଏକ ତୁଳନାତ୍ମକ ଅଧ୍ୟୟନ**
- ପ୍ରୀତମ୍ ରାଉତ

୧୪ ।। **୧୯୮୦ ପରବର୍ତ୍ତୀ ଚରିତ୍ରଭିତ୍ତିକ ଓଡ଼ିଆ କବିତା**
- କ୍ଷେତ୍ରମୋହନ ସାମଲ

୨୧ ।। **ସାଂପ୍ରତିକ ଓଡ଼ିଆ ଉପନ୍ୟାସରେ ଲୋକସଂସ୍କୃତିର ଅବକ୍ଷୟମୁଖୀ ଚିତ୍ର**
- ତୃପ୍ତିମୟୀ ଭୋଇ

୨୮ ।। **ଏକବିଂଶ ଶତାବ୍ଦୀର ଓଡ଼ିଆ ଗଳ୍ପରେ ଅତୀତପ୍ରୀତି**
- ଶୁଭଶ୍ରୀ ଜେନା

୩୫ ।। **ଶୂକର ମଣିଷକୁ ସକ୍ରେଟିସ୍‌ଙ୍କ ଶିକ୍ଷା**
- ଡ. ସ୍ୱପ୍ନାରାଣୀ ସିଂହ

## ସମାଲୋଚନା : ନୂଆ ଫର୍ଦ୍ଦ

୩୯ ।। **ଇକୋକ୍ରିଟିସିଜ୍ମ ବନାମ କୃପାସାଗର ସାହୁଙ୍କ ‘ଶେଷ ଶରତ’**
- ଡ. ରବୀନ୍ଦ୍ର କୁମାର ଦାସ

## ସମାଲୋଚନା : ପ୍ରସଙ୍ଗ ନୂଆ

୪୫ ।। **ଲୋହିତ କୋକିଳ : କବି ବ୍ରଜନାଥ ରଥ (ଦ୍ୱିତୀୟ ଭାଗ)**
- ଡ. ବିଜୟଲକ୍ଷ୍ମୀ ଦାଶ

## ବାଗୀଶ ବରେଣ୍ୟ

୪୯ ।। **ପ୍ରଫେସର କୃଷ୍ଣଚନ୍ଦ୍ର ପ୍ରଧାନ**ଙ୍କ ସହ ସ୍ୱତନ୍ତ୍ର ସାକ୍ଷାତକାର

## ବହିକଥା

୫୩ ।। ଉପେନ୍ଦ୍ର କୁମାର ପାଣିଗ୍ରାହୀଙ୍କ କବିତା ସଂକଳନ ‘ଉଜାଣି ଯମୁନା’

BAGEESHA
ବାଗୀଶ
ଦ୍ୱିତୀୟ ବର୍ଷ, ସଂଖ୍ୟା - ୦୧ | ଜାନୁୟାରୀ-ଫେବୃୟାରୀ ୨୦୨୪
Volume No. 02 | Issue No. 01 | Jan-Feb 2024
Refereed Peer-Reviewed Jornal
OPEN ACCESS
https://bageesha.in

# ବ୍ୟାସ ଓ ସାରୋଳାକୃତ ଯକ୍ଷ - ଯୁଧିଷ୍ଠିର ସମ୍ବାଦ : ଏକ ତୁଳନାତ୍ମକ ଅଧ୍ୟୟନ

■ ପ୍ରୀତମ୍ ରାଉତ
କଳାବିଭୂଷଣ ଗବେଷକ, ଓଡ଼ିଆ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

Article Received : 14.01.2024 | Accepted : 20.02.2024 | Published : 20.03.2024

**ସାରାଂଶ**

ମହାଭାରତ ଅନ୍ତର୍ଗତ ଯକ୍ଷ-ଯୁଧିଷ୍ଠିର ସମ୍ବାଦ ସେହିପରି ନୀତି-ଗର୍ଭକ କଥାବସ୍ତୁ ଉପରେ ଆଧାରିତ । ଏହାର କାହାଣୀ ଗ୍ରନ୍ଥନ ଏକାନ୍ତ କୌତୂହଳଦୀପ୍ତ ଅଟେ । ଚାରିଭାଇଙ୍କୁ ଆସନ୍ନ ମୃତ୍ୟୁ ମୁଖରୁ ଯକ୍ଷ କବଳରୁ ରକ୍ଷା କରିବାରେ ଯୁଧିଷ୍ଠିରଙ୍କ ସ୍ଥିତପ୍ରଜ୍ଞତା ପାଠକମାନଙ୍କୁ ଅତ୍ୟନ୍ତ ଚମତ୍କୃତ କରେ । ନିଜର ଦମ୍ଭପଣ ଓ ଆତ୍ମବଡ଼ିମା; ଅଜ୍ଞାତ ଶକ୍ତିଶାଳୀ ସତ୍ତା ନିକଟରେ କିପରି କ୍ଷଣକେ ଭାଙ୍ଗି ଚୂର୍‌ମାର ହୋଇଯାଏ ଏହା ଏକ ବିରାଟ ଶିକ୍ଷା । ଉଭୟ ବ୍ୟାସଦେବ ଓ ସାରୋଳା ଦାସଙ୍କ ମହାଭାରତରେ ଏ ପ୍ରସଙ୍ଗ ବିଦ୍ୟମାନ । ଉଭୟଙ୍କ ମହାଭାରତରେ ଏହି ବିଷୟ ସଂଘଟିତ ହୋଇଥିଲେ ହେଁ, ପ୍ରସଙ୍ଗ ବର୍ଣ୍ଣନାରେ ଅନେକ ତଫାତ ଦେଖିବାର ବିଷୟ । ଯକ୍ଷ ଯୁଧିଷ୍ଠିର ପ୍ରସଙ୍ଗ କେବଳ ପ୍ରଶ୍ନୋତ୍ତର ଆଦାନ ପ୍ରଦାନରେ ସଂଘଟିତ । ଯକ୍ଷଙ୍କ ପ୍ରଶ୍ନ ଓ ଯୁଧିଷ୍ଠିରଙ୍କ ସଚ୍ଛ ସୁଲଭ ସ୍ଥିତପ୍ରଜ୍ଞମତି - ନିସୃତ ସାର୍ବକାଳୀକ ଶାଶ୍ୱତ ଉତ୍ତର; ଜୀବନର ଅଳୀକତା-କ୍ଷଣଭଙ୍ଗୁରତା ସମ୍ପର୍କରେ ବିଷଦ ବ୍ୟାଖ୍ୟାନ ସହ ଅନେକ ଚିନ୍ତାଶୀଳ ପ୍ରଶ୍ନର ସମାଧାନ ଦେଇଅଛି ।

ଭାରତବର୍ଷ ଅନେକ ଋଷି ମହାମନୀଷୀ ନିଜର ଏକାଗ୍ର ତପୋନିଷ୍ଠ ସାଧନା ଫଳରେ ଅନେକ ଅସାଧ୍ୟ ତତ୍ତ୍ୱକୁ ନିମିଷକେ ସାଧନ କରିଥିବା କଥା, ଭାରତୀୟମାନଙ୍କ ପାଇଁ ବିସ୍ମୟପ୍ରଦ ନୁହେଁ। ଏହି ଋଷିମୁନି ପରମ୍ପରା ଭାରତବର୍ଷରେ ଅନନ୍ତ କାଳରୁ ଚାଲିଆସିଛି। ବ୍ୟକ୍ତିତ୍ୱର ବିକାଶ ଯେ ନିଜ ଅନ୍ତଃକରଣର ଉନ୍ନତିରେ ସମ୍ଭବପର, ଏହିକଥା ତାଙ୍କୁ ଭଲଭାବେ ଜଣାଥିଲା। ଋଷିକବି ପ୍ରସଙ୍ଗ ଛଳରେ ମାନବ ହିତାର୍ଥେ ସଦୁପଦେଶ ଦେବା ନିଜର ଏକ ନୈତିକ କର୍ତ୍ତବ୍ୟ ହିସାବରେ ବିବେଚନା କରୁଥିଲେ। କାବ୍ୟ-ପୁରାଣ-ସଂହିତା ସବୁଥିରେ ସଦୁପଦେଶର ସୁପ୍ରତୁଳ ବିଭାବ ପରିଲକ୍ଷଣୀୟ। ଗୁଣାଢ଼୍ୟଙ୍କ 'ବୃହତ୍ କଥା', ବିଷ୍ଣୁଶର୍ମାଙ୍କ 'ପଞ୍ଚତନ୍ତ୍ର', ପଣ୍ଡିତ ନାରାୟଣଙ୍କ 'ହିତୋପଦେଶ' ପ୍ରଭୃତି ଗଳ୍ପଗ୍ରନ୍ଥଗୁଡିକରେ ଉପଦେଶ ଦେବା ବିଧି ପ୍ରଚଳିତ ରହିଆସିଛି। "ମହାଭାରତ ପରି ଏକଲକ୍ଷ ଶ୍ଳୋକ ବିଶିଷ୍ଟ ଗ୍ରନ୍ଥରେ କେବଳ ଏକ ଚତୁର୍ଥାଂଶରେ ହିଁ ପାଣ୍ଡବ କୌରବ କାହାଣୀ ବର୍ଣ୍ଣନା କରାଯାଇଅଛି। ବାକି ତିନି ଭାଗରେ ଧର୍ମ, ସମାଜ, ରାଜନୀତି ଆଦି ନାନା ଉପଦେଶାତ୍ମକ ବିଷୟ ବର୍ଣ୍ଣିତ ହୋଇଅଛି ।୧। ବ୍ୟକ୍ତି ଜୀବନୋନ୍ମୁଖୀ ନୀତିଗର୍ଭକ ସାରକଥାମାନ ମହାଭାରତରେ ସୁପ୍ରତୁଳ,ଗୀତାକୁ ଦେଖ: ଭାରତୀୟ ଚିନ୍ତା-ଚେତନା ତଥା ଲକ୍ଷ ଲକ୍ଷ ବର୍ଷବ୍ୟାପୀ ପରମ୍ପରାଗତ ଅନୁଭବସିଦ୍ଧ ଦିବ୍ୟଚେତନାର ସମୁଜ୍ଜ୍ୱଳ ସାରାଂଶ। ଯାହା ଶତାବ୍ଦୀ ଶତାବ୍ଦୀର ବ୍ୟକ୍ତିମାନସକୁ ଆନ୍ଦୋଳିତ କରି ଆସୁଛି। ଏଥିରେ ବେଦ, ବେଦାନ୍ତ, ଉପନିଷଦ୍, କାବ୍ୟ ପୁରାଣ ତଥା ଭଗବତ୍ ଚେତନାର ସାରମର୍ମ ସବିକଳ୍ପଭାବେ ସମାହିତ।

ମହାଭାରତ ଅନ୍ତର୍ଗତ ଯକ୍ଷ-ଯୁଧିଷ୍ଠିର ସମ୍ବାଦ ସେହିପରି ନୀତି-ଗର୍ଭକ କଥାବସ୍ତୁ ଉପରେ ଆଧାରିତ। ଏହାର କାହାଣୀ ଗ୍ରନ୍ଥନ ଏକାନ୍ତ କୌତୂହଳଦୀପ୍ତ ଅଟେ। ଚାରିଭାଇଙ୍କୁ ଆସନ୍ନ ମୃତ୍ୟୁ ମୁଖରୁ ଯକ୍ଷ କବଳରୁ ରକ୍ଷା କରିବାରେ ଯୁଧିଷ୍ଠିରଙ୍କ ସ୍ଥିତପ୍ରଜ୍ଞତା ପାଠକମାନଙ୍କୁ ଅତ୍ୟନ୍ତ ଚମତ୍କୃତ କରେ। ନିଜର ଦମ୍ଭପଣ ଓ ଆତ୍ମବଡ଼ିମା; ଅଜ୍ଞାତ ଶକ୍ତିଶାଳୀ ସତ୍ତା ନିକଟରେ କିପରି କ୍ଷଣକେ ଭାଙ୍ଗି ଚୂର୍‌ମାର ହୋଇଯାଏ ଏହା ଏକ ବିରାଟ ଶିକ୍ଷା।

ଉଭୟ ବ୍ୟାସଦେବ ଓ ସାରୋଳା ଦାସଙ୍କ ମହାଭାରତରେ ଏ ପ୍ରସଙ୍ଗ ବିଦ୍ୟମାନ। ଉଭୟଙ୍କ ମହାଭାରତରେ ଏହି ବିଷୟ ସଂଘଟିତ ହୋଇଥିଲେ ହେଁ, ପ୍ରସଙ୍ଗ ବର୍ଣ୍ଣନାରେ ଅନେକ ତଫାତ ଦେଖିବାର ବିଷୟ। ଯକ୍ଷ ଯୁଧିଷ୍ଠିର ପ୍ରସଙ୍ଗ କେବଳ ପ୍ରଶ୍ନୋତ୍ତର ଆଦାନ ପ୍ରଦାନରେ ସଂଘଟିତ। ଯକ୍ଷଙ୍କ ପ୍ରଶ୍ନ ଓ ଯୁଧିଷ୍ଠିରଙ୍କ ସଚ୍ଛ ସୁଲଭ ସ୍ଥିତପ୍ରଜ୍ଞମତି - ନିସୃତ ସାର୍ବକାଳୀକ

ଶାଶ୍ୱତ ଉତ୍ତର; ଜୀବନର ଅଳୀକତା-କ୍ଷଣଭଙ୍ଗୁରତା ସମ୍ପର୍କରେ ବିଷଦ ବ୍ୟାଖ୍ୟାନ ସହ ଅନେକ ଚିନ୍ତାଶୀଳ ପ୍ରଶ୍ନର ସମାଧାନ ଦେଇଅଛି।

ବ୍ୟାସକୃତ ମହାଭାରତ ଅନୁଯାଇ ଘଟଣାଟିର ସାରାଂଶ ଏହିପରି - ଯୁଧିଷ୍ଠିର ସପରିବାର ଦ୍ୟୁତକ୍ରୀଡ଼ାରେ ପରାଭବ ଲଭିବାର ବିଷମୟ ପରିଣତି ସ୍ୱରୂପ ବାରବର୍ଷ ବନବାସ ଏବଂ ଏକବର୍ଷ ଅଜ୍ଞାତବାସ ରହଣି ଜନିତ ନିର୍ବାସନ ଦଣ୍ଡ ଭୋଗ କରିବାକୁ ପଡିଲା। ଏହି ସମୟାବଧିରେ ପାଣ୍ଡବପକ୍ଷଙ୍କ ଜୀବନ ନାଟିକାରେ ବହୁ ରୋମାଞ୍ଚକର ଘଟନା ଘଟିଥିବା ପ୍ରସଙ୍ଗ ବନପର୍ବରେ ବର୍ଣ୍ଣିତ। ଏକ ସମୟର କଥା ଯେତେବେଳେ ଯୁଧିଷ୍ଠିତ କାମ୍ୟକ ବନକୁ ତ୍ୟଜ୍ୟକରି ପରିବାର ସହ ଦ୍ୱୈତବନକୁ ଚାଲିଗଲେ। ସେଠାରେ ଦ୍ରୌପଦୀ ଏବଂ ଅନୁଜମାନଙ୍କ ସହ ସୁଖରେ ସମୟ ଅତିବାହିତ କରିବାକୁ ଲାଗିଲେ ।

"ଦିନକର କଥା ଦ୍ୱୈତବନର ଏକ ତପସ୍ୱୀ ଅରଣୀ କାଠ ରଖିଥିଲେ, ତାହାକୁ ଗୋଟିଏ ହରିଣ ନିଜ ସିଂଗରେ ଓଲଟପାଲଟ କରି ଖେଳୁଖେଳୁ ସେହି କାଠ ଦିଖଣ୍ଡ ଉକ୍ତ ହରିଣଟିର ସିଂଘରେ ଲାଗି ରହିଲା। ଫଳତଃ ସେହି ମୃଗ ଇତସ୍ତତଃ ଧାବମାନ କରି ଆଶ୍ରମଠାରୁ ଅନେକ ଦୂରକୁ ପଳାଇଗଲା। ଅରଣୀ ଓ ମନ୍ଥନଦଣ୍ଡ ଦୁହେଁ ନଥିବାର ଦେଖି ସେହି ତପସ୍ୱୀ ଅଗ୍ନିହୋତ୍ର ରକ୍ଷା ନିମିତ୍ତ ସତ୍ୱର ଯୁଧିଷ୍ଠିରଙ୍କ ଆଶ୍ରମକୁ ଗମନ କଲେ। ଅଜାତଶତ୍ରୁ ଯୁଧିଷ୍ଠିର ଭ୍ରାତାମାନଙ୍କ ସଂଗରେ ଅରଣ୍ୟ ମଧରେ ଉପବିଷ୍ଟ ହୋଇଥାନ୍ତି। ଏହି ସମୟରେ ବ୍ରାହ୍ମଣ ତାହାଙ୍କ ସମୀପକୁ ଶୀଘ୍ର ଆଗମନ କରି ସନ୍ତପ୍ତ ହୃଦୟରେ ଏହି କଥା କହିଲେ - 'ହେ ରାଜନ୍! ଆମ୍ଭର ଅରଣୀ ଓ ମନ୍ଥନ ଦଣ୍ଡ ଦୁହେଁ ବୃକ୍ଷରେ ସଂଲଗ୍ନ ହୋଇଥିଲା, ଏହି ସମୟରେ ଗୋଟିଏ ମୃଗ ଆସି ତାହାକୁ ସିଂଗରେ ଘେନି ଆଶ୍ରମରୁ ଅନ୍ୟତ୍ର ଚାଲିଗଲା। ଅତଏବ ହେ ପାଣ୍ଡବଗଣ! ଆପଣମାନେ ସେହି ମହାବେଗବାନ ମୃଗର ପାଦଚିହ୍ନ ଅନୁସାରେ ଅନୁସରଣ କରି ଆମ୍ଭର ଅରଣୀ ଓ ମନ୍ଥନ ଦଣ୍ଡ ମଧ୍ୟ ଆଣନ୍ତୁ, ଯଦ୍ୱାରା ଆମ୍ଭ ଅଗ୍ନହୋତ୍ରରେ ଯେପରି ବିଘ୍ନ ନହୁଏ। ଦ୍ୱିଜବରଙ୍କ ବାକ୍ୟ ଶ୍ରବଣ କରି କୌନ୍ତେୟ ଯୁଧିଷ୍ଠିର ସନ୍ତାପିତ ହୋଇ ଶର ଓ ଶରାସନ ଗ୍ରହଣ କରି ଭ୍ରାତୃଗଣଙ୍କ ସହିତ ଉକ୍ତ ମୃଗ ଅନ୍ୱେଷଣରେ ଅତିବେଗରେ ଗମନ କଲେ" ।୨। ମାତ୍ର ମୃଗର ସନ୍ଧାନ ପାଣ୍ଡବମାନେ ପାଇଲେ ନାହିଁ। ଶେଷରେ ଅତ୍ୟନ୍ତ ତୃଷାର୍ତ୍ତ ହୋଇ ଜଳର ସନ୍ଧାନ ପାଇଁ ନକୁଳକୁ ଆଦେଶ ଦେଲେ। ଏଥିମଧ୍ୟରେ ନକୁଳ ଜଳାଶୟର ସନ୍ଧାନ କରି ଜଳ ଆଣିବା ପାଇଁ ପ୍ରସ୍ଥାନ କଲେ ମାତ୍ର ଫେରିଲେ ନାହିଁ। ନକୁଳର ଫେରିବାରେ ବିଳମ୍ବ ଦେଖି କ୍ରମେ ସହଦେବ, ଅର୍ଜୁନ, ଭୀମ ମଧ୍ୟ ନକୁଳର ସନ୍ଧାନରେ ଯାଇ ଫେରିଲେ ନାହିଁ। ଏହି ସବୁ ବିଲକ୍ଷଣତା ଦେଖି ଯୁଧିଷ୍ଠିର ଚିନ୍ତା ପ୍ରକଟ କରିବାକୁ ଲାଗିଲେ। ଘଟନାରେ ସତ୍ୟାସତ୍ୟ ଜାଣିବା ପାଇଁ ଯାହା ଦେଖିଲେ ତହିଁରେ ହତବାକ୍ ହୋଇ ପଡିଲେ। ଇନ୍ଦ୍ରତୁଲ ଅନୁଜମାନେ ଅଚେତ ଅବସ୍ଥାପ୍ରାପ୍ତ ହୋଇ ମୃତବତ୍ ଜଳାଶୟ କୂଳରେ ପଡି ରହିଛନ୍ତି।

ବର୍ତ୍ତମାନ ସାରୋଳାକୃତ ମହାଭାରତରେ ଏହି ଉପାଖ୍ୟାନର ଘଟଣାକ୍ରମକୁ ନିମ୍ନରେ ଅନୁଧ୍ୟାନ କରାଯାଉ -

ପାଣ୍ଡବମାନେ ଲୋମଶ ଏବଂ ଭାରଦ୍ୱାଦଶ ଋଷିଙ୍କର ସାନ୍ନିଧରେ କେତେକାଳ ଅବସ୍ଥାନ କରି ବାମଦେବ ନାମକ ଏକ ବନ (ସଂସ୍କୃତ ମହାଭାରତରେ ଏହାର ନାମ ଦ୍ୱୈତ ବନ ଉଲ୍ଲେଖ ଅଛି)ରେ ପ୍ରବେଶ କଲେ। ବାମଦେବ ପର୍ବତରେ ଅବସ୍ଥାନ କରି ଯୁଝେଷ୍ଠି କୌଣସି ଜଳସ୍ଥାନ ନଦେଖି ତୃଷା କଷ୍ଟରେ ଅସହ୍ୟ ଯନ୍ତ୍ରଣା ଭୋଗକଲେ। ଅନୁଜ ଭୀମକୁ ଜଳ ଆନୟନର ବନ୍ଦୋବସ୍ତ କରିବା ପାଇଁ ଆଦେଶ ଦେଲେ। ଭୀମସେନ ଅନେକ ସ୍ଥାନ ଭ୍ରମିବା ଉତ୍ତାରୁ ଶେଷରେ ବାମଦେବ ପର୍ବତରୁ ପନ୍ଦରକୋଶ ଦୂରବର୍ତ୍ତୀ ଏକ ଜଳଥିବା ସ୍ଥାନର ସନ୍ଧାନ ପାଇଲେ। ମାତ୍ର ଜଳ ସକାଶେ ବ୍ରିକୋଦର ଯାଆନ୍ତେ ଆଉ ଫେରିଲେ ନାହିଁ। ତତ୍ପରେ ଅର୍ଜୁନ ମଧ୍ୟ ସେହି ଅନ୍ଧକ ସରୋବରକୁ ଯାଇ ଫେରିଲେ ନାହିଁ।

ଦୁଇ ମହାଭାରତର ଏହି ସମାନ ପ୍ରସଙ୍ଗର ପୃଷ୍ଠଭାଗକୁ ଲକ୍ଷ୍ୟ କରାଯାଉ। ବ୍ୟାସ-ମହାଭାରତରେ 'ପରାର୍ଥ ଜୀବନ ଶ୍ରେୟଂ'କୁ ପାଥେୟ କରି ଦ୍ୱିଜବରଙ୍କ ଆରଣୀକୁ ଆଣିବା ନିମିତ୍ତ ମୃଗ ପଛରେ ଅନୁଧାବନ କରି ନିଜ ଜୀବନକୁ ବିପନ୍ନ କଲେ। ମାତ୍ର ସାରୋଳା-ମହାଭାରତରେ ବାମଦେବ ପର୍ବତ ଆରୋହଣ ଜନିତ ଶ୍ରମ ଯୋଗୁଁ ଏପରି ତୃଷାର୍ତ୍ତ ହେଇ ଦଶା ଭୋଗକଲେ। ବ୍ୟାସ-ମହାଭାରତରେ ଜଳ ଆଣିବା ପାଇଁ ନକୁଳଙ୍କୁ ପ୍ରେରଣ କରିଛନ୍ତି ମାତ୍ର ସାରୋଳା-ମହାଭାରତରେ ଯୁଝେଷ୍ଠି ନିଜର ପରମ ଅନୁଗତ ଭୀମସେନଙ୍କୁ ଜଳ ସଂନ୍ଧାନର ଦାୟିତ୍ୱ ପ୍ରଥମେ ଦେଇଛନ୍ତି। ବ୍ୟାସ-ମହାଭାରତରେ ନକୁଳ ଯେତେବେଳେ ପୁଷ୍କରିଣୀରେ ଜଳକୁ ଅବଲୋକନ କରି ପାନ କରିବାକୁ ଉତ୍ସୁକ ହେଲାକ୍ଷଣି ଅନ୍ତରୀକ୍ଷରୁ ଏକ ସତର୍କବାଣୀ ଶୁଣାଗଲା। ଯକ୍ଷ କହିଲେ 'ହେ ପୁତ୍ର ମାଦ୍ରେୟ ତୁମ୍ଭେ ସାହସ କରନାହିଁ; ଆମ୍ଭେ ଏହି ଜଳକୁ ପ୍ରଥମେ ଅଧିକାର କରିଅଛୁ , ତୁମ୍ଭେ ଆଗେ ଆମ୍ଭ ପ୍ରଶ୍ନର ଉତ୍ତର ଦେଇ ପରେ ଜଳ ପାନକର ଓ ଜଳ ଘେନି ଯାଅ'। ନକୁଳ ଅତିଶୟ ତୃଷିତ ହୋଇଥିବାରୁ ସୁତରାଂ ସେହି ବାକ୍ୟପ୍ରତି ଅନାଦର କରି ସୁଶୀତଳ ଜଳ ପାନକଲେ। ମାତ୍ର ଜଳପାନ କଲାକ୍ଷଣି ସେ ଭୂପତିତ ହେଲେ।୩। ଏଠାରେ ପ୍ରସଙ୍ଗଟିର ତାତ୍ପର୍ଯ୍ୟ ଦୃଷ୍ଟିରୁ ବ୍ୟାସଦେବ ଏହାର ଗାମ୍ଭୀର୍ଯ୍ୟତାକୁ ପ୍ରଥମରୁ ହିଁ ରକ୍ଷାକରି ଅଛନ୍ତି ।

ମାତ୍ର ସାରୋଳା-ମହାଭାରତରେ ସେହି ଚେତାବନୀର ଇପ୍ସିତ ଭାବ-ମର୍ଯ୍ୟାଦା ରକ୍ଷା କରାଯାଇ ପାରିନାହିଁ। ଯେତେବେଳେ ପାଣ୍ଡୁକୁମର ଭୀମ ଜଳ ଆଣିବା ପାଇଁ ପୁଷ୍କରିଣୀ ସମୀପକୁ ଅଗ୍ରସର ହୋଇଛନ୍ତି, ପ୍ରଥମରୁ କୌଣସି ଶୂନ୍ୟ ସତର୍କବାଣୀ ନ ହୋଇ ପୋଖରୀ ମଧ୍ୟରେ ଏକ ସୁରଭି ବୃକ୍ଷଡାଳରେ ଧବଳ କୋମଳ ଭୂତଭବିଷ୍ୟ ଜ୍ଞାତା, ବେଦ ମନ୍ତ୍ର ପୁରାଣ ପାରଙ୍ଗମ ବକ ମହାତ୍ମା, ଭୀମଙ୍କୁ ସମ୍ବୋଧନ କରି ଦଣ୍ଡେ ସ୍ଥିର ହେବାପାଇଁ ବିନୟ ବାଣୀ ପ୍ରକାଶ କରିଛନ୍ତି, ସାରୋଳାଙ୍କ ଭାଷାରେ ତାହା ଏହିପରି- ଶ୍ରମେ ବ୍ରିକୋଦର ସେ ଜଳରେ ପଶଇ ଯାଇଂ/ ଧର୍ମବକ ବୋଇଲା ମହାତ୍ମା କ୍ଷଣକେ

ରହ ତୁହି। ୪୦/ କ୍ଷଣକେ ବିଶ୍ରାମକର ମୋହର ବଚନ ଶୁଣି/ ଜାତ ମହାତମା ହୋ ପିଉକିନା ପାଣି । ୪୧

ଧର୍ମବକର ଏହି କଥନ ପରିବେଷଣରେ ବୃତ୍ତାନ୍ତଟିର ଗାମ୍ଭୀର୍ଯ୍ୟତା ଯେ ପ୍ରଥମରୁ ଭଙ୍ଗ ହୋଇଛି। ତାହା ଏଠାରେ ସହଜେ ଅନୁମେୟ।

ସଂସ୍କୃତ ମହାଭାରତରେ ଯକ୍ଷ ସେତେବେଳ ପର୍ଯ୍ୟନ୍ତ ବକପକ୍ଷୀର ସ୍ୱରୂପକୁ ଆସି ନାହାନ୍ତି, ଯେତେବେଳ ପର୍ଯ୍ୟନ୍ତ ସ୍ୱୟଂ ଯୁଧିଷ୍ଠିରଙ୍କ ଆଗମନ ପୁଷ୍କରିଣୀକୁ ଘଟିନାହିଁ। ଅର୍ଜୁନ ପୁଷ୍କରିଣୀରେ ଅଦୃଶ୍ୟ ଚେତାବନୀ ଶୁଣି, ଚେତାବନୀ କର୍ତ୍ତା କିଏ ବୋଲି ଜାଣିବାକୁ ଚାହିଁଛନ୍ତି ଓ ସମ୍ମୁଖ ଯୁଦ୍ଧ ନିମିତ୍ତ ଆହ୍ବାନ ଦେଇଛନ୍ତି। ମାତ୍ର ଯକ୍ଷ ନିଜ ବାକ୍ୟରେ ନିଟୋଳ ରହି ସମ୍ମୁଖସ୍ଥ ଆବିର୍ଭାବ ହୋଇ ନାହାନ୍ତି। ଦୁର୍ଲଂଘ୍ୟ ସତର୍କବାଣୀର ବିଷମୟ ପରିଧିକୁ ଡେଇଁବାର ଅଭାବନୀୟ ପରିଣତି, ଯୁଧିଷ୍ଠିରଙ୍କ ଅନୁଜ ଭ୍ରାତାମାନଙ୍କୁ ଭୋଗ କରିବାକୁ ପଡିଛି। କ୍ରମଶଃ ଜଣେ ପରେ ଜଣେ ମୃତାହତ ହୋଇ ପୋଖରୀ କୂଳରେ ପଡିଛନ୍ତି। ସାରୋଳା ମହାଭାରତର ସୁରମ୍ୟ ମହାଜ୍ଞାନୀ ଧର୍ମବକ ପୁଷ୍କରିଣୀର ପୂର୍ବବୃତ୍ତାନ୍ତ ବଖାଣି ଏହାର ପରିଣାମଦର୍ଶୀ ଫଳାଫଳ ସଂବନ୍ଧରେ ଅବଗତ କରାଇ, ପାଣି ପିଇବାକୁ ବାରଣ କରିଛି।

ବୃତ୍ତାନ୍ତଟିର ସାରସ୍ୱରୂପ ଏହା ଯେ: ଲକ୍ଷେ ନରଶ୍ରେଷ୍ଠ ବ୍ରାହ୍ମଣ ଏହି ପୁଷ୍କରିଣୀର ଜଳ ପାନକରି ମୃତ୍ୟୁ ମୁଖରେ ପଡି ଅଛନ୍ତି। ତେଣୁ ଏହି ପୁଷ୍କରିଣୀଟିରେ ମହାପାପ ବ୍ରହ୍ମହତ୍ୟା ଦୋଷ ଲାଗିଅଛି। ତେଣୁ ଧର୍ମବକ ପାଣ୍ଡବମାନଙ୍କୁ ଜଳ ପିଇବା ସକାଶେ ବାରଣ କରିଅଛି। ମାତ୍ର ତୃଷାର୍ତ୍ତ ଭୀମ ଗଙ୍ଗା କାହିଁକି ପାପୀ ହେବ ବିଚାର କରି ଧର୍ମ ବକର ଉପଦେଶକୁ ପ୍ରତ୍ୟାଖ୍ୟାତ କରି ଜଳ ପାନକରିବା ଉତ୍ତାରେ ପ୍ରାଣତ୍ୟାଗ କଲେ। ସେହି ଅନୁକ୍ରମରେ ଯୁଧିଷ୍ଠିରଙ୍କ ଅନୁଜଭ୍ରାତାମାନେ ସତର୍କବାଣୀ ଅବଜ୍ଞାପୂର୍ବକ ପୋଖରୀ ଜଳ ପାନକରି ଚକ୍ଷୁହୀନ ଭାବେ ମୃତାହତ ହେଲେ।

ଆହୋ ମହତମା ଜନ୍ତୁଙ୍କର ଶ୍ରେଷ୍ଠ ମାନବ ଶ୍ରେଷ୍ଠ ଯେ ବ୍ରାହ୍ମଣ/ ଯେ ଗଙ୍ଗାର ପାଣିଖାଇ ନାଶ ଗଲେଣିଂ ଲକ୍ଷେ ଜଣ। ୪୨/ ସେହୁ ବ୍ରହ୍ମହତ୍ୟା ଦୋଷହୁଂ ଯେବେ ଅଛି ମହାପାପୀ / ଯେଥୁଂ ମହାତ୍ମା ତୁ ପାଣି ନା ପିଅ ଅଦ୍ୟାପି। ୪୩/ ଭୀମସେନ ବୋଇଲା ମୁହିଂ ଅଟଇ ତୃଷାର୍ଥୀ/ ଗଙ୍ଗା କିସ ଦୋଷୀ ଯେ ଅନୁବ୍ରତେ ବହନ୍ତି ।୪୪/ ଧର୍ମବକର ବଚନ ସେ କଲାକ ଦୂଷଣ/ ପାଣି ପିଅନ୍ତେ ଅନ୍ଧ ହୋଇଲା ବେନି ଲୋଚନ। ୪୫

ସାରୋଳାଙ୍କ ଧର୍ମବକ ପୋଖରୀର ବିଷାକ୍ତ ଜଳକୁ ଦାୟୀ କରି ଦୋଷ ଛଡା ହେଲାବେଳେ। ବ୍ୟାସ ମହାଭାରତରେ ଅଦୃଶ୍ୟ ସତ୍ତା ଯକ୍ଷ (ବଗ ରୂପରେ) ସ୍ୱୟଂ ପାଣ୍ଡବଙ୍କ ହତ୍ୟା ନିମିତ୍ତ ଦାୟୀ ବୋଲି ସ୍ୱକଣ୍ଠେ ଘୋଷଣା କରିଛି। ଯକ୍ଷ କହିଲେ, 'ଆମ୍ଭେ ବକ, ଶୈବାଳ ଓ ମତ୍ସ୍ୟ ଭୋଜନ କରୁ। ତୁମ୍ଭର କନିଷ୍ଠ ଭାଇଚାରି ଆମ୍ଭ ଦ୍ୱାରା ପ୍ରେତପତିଙ୍କ ବଶବର୍ତ୍ତୀ ହୋଇଅଛନ୍ତି। ହେ ରାଜପୁତ୍ର ! ଆମ୍ଭେ ପ୍ରଶ୍ନ କଲେ ଯେବେ ସେହି ପ୍ରଶ୍ନମାନଙ୍କର ତୁମ୍ଭେ ଉତ୍ତର ନ ଦିଅ ତେବେ ତୁମେ ମଧ ସେମାନଙ୍କର ସହଚର ହୋଇ ମୃତ୍ୟୁ ସଂଖ୍ୟାକୁ ଗୋଟିଏ ବର୍ଦ୍ଧିତ କରିବ। ୪। ସାରୋଳା ମହାଭାରତରେ ଯୁଝେଷ୍ଠି ଦ୍ରୌପଦୀଙ୍କ ସହ (ବ୍ୟାସ ମହାଭାରତରେ ଯୁଧିଷ୍ଠିର ଏକାକୀ ସରୋବର ନିକଟକୁ ଯାଇଛନ୍ତି ) ପୁଷ୍କରଣୀ ନିକଟରେ ଘଟନାର ବୃତ୍ତାନ୍ତ ଜାଣିବା ପାଇଁ ପହଞ୍ଚିଛନ୍ତି, ସେତେବେଳେ ବକ ଭାଇମାନଙ୍କ ମୃତ୍ୟୁର କାରଣ ସ୍ୱୟଂ ବୋଲି ସ୍ୱୀକାର ନକରି ପୁଷ୍କରିଣୀ ଉପରେ ସବୁ ଦୋଷ ଲଦି ଦେଇଛି। ମହାକବି ସାରୋଳା ଜାଣିଥିଲେ 'ବଗ' ଠକାମୀ ଓ ପ୍ରବଞ୍ଚନାର ଏକ ବୃହତ୍ ମିଥିକ୍ ଚରିତ୍ର। । 'ବକ ଧାର୍ମିକ' ରଢ଼ିଟି ଆମ ସମାଜରେ ବହୁ କାଳରୁ ପ୍ରଚଳିତ। ପଣ୍ଡିତ ବିଷ୍ଣୁଶର୍ମା ବଗର ଦୁର୍ବାର ଭୋଗଲାଳସା ଓ ପ୍ରବଞ୍ଚନା ଉପରେ 'ବକ କୁଳିରକ କଥା' ନାମକ ଏକ ଅନବଦ୍ୟ କାହାଣୀ ରଚନା କରିଛନ୍ତି ।୫।ସହୃଦୟ ପାଠକ ଏ ପ୍ରସିଦ୍ଧ କାହାଣୀ ସଂପର୍କରେ ପୂର୍ବରୁ ଭଲଭାବେ ଅବଗତ ଥିବାରୁ ଏଠାରେ ସେହି ଗଳ୍ପ ସଂପର୍କରେ ବିଶଦ ଆଲୋଚନା କରିବା ଏଠାରେ ଅସଂଗତ ହେବ। ତେଣୁ ମହାଭାରତରେ ଏହି ଉପାଖ୍ୟାନ (ଯକ୍ଷ-ଯୁଧିଷ୍ଠିର ସମ୍ବାଦ) ଗ୍ରଂଥନ ବେଳେ ମିଥିକ ବଗ ଚରିତ୍ରର ଅବତାରଣା କରିବା ଯୁକ୍ତିଯୁକ୍ତ ଅଟେ। କବି ସାରୋଳା ଦାସଙ୍କ ବଗର ପ୍ରବଞ୍ଚନାପୂର୍ଣ୍ଣ ଭାଷା ଅତ୍ୟନ୍ତ ଭାବୋଦ୍ଦୀପକ ଅଟେ।

ସେ ଧର୍ମବକ ବୋଇଲା ତୁ ଶୁଣ ହୋ ପୁରୁଷ/ ଚାରିକୂଳ ଚାରିଜଣ ଯେ ହୋଇଛନ୍ତି ନାଶ। ୮୪/ ଗୋରୁ ବ୍ରାହ୍ମଣେ ଯେ ଚାଣ୍ଡାଳ ଆଦି କରି/ ଅନେକ ହତ୍ୟାଯେଣ ଯେ ଜଳ ପ୍ରାଣୀଙ୍କ ପ୍ରାଣ ହାରି। ୮୫/ ନଜାଣିକରି ଯେଉଁ ଜନ ଯେ ଜଳ ପିଅଇ/ କୂଳକୁ ଉଠନ୍ତେଣ ଯେ କ୍ଷଣେ ହେଂ ନ ଜୀବଇ ।୮୬/ ଗୋରୁ ବ୍ରାହ୍ମଣ ହତ୍ୟାରୁ ଅଛଇ କି ଦୋଷ/ ଯେହା ଜାଣି ମହାତମା ଜଳରେ ଯାଇ ପଶ ।୮୭

ଘଟଣା କ୍ରମେ ଯୁଧିଷ୍ଠିର ଓ ଯକ୍ଷ ମଧ୍ୟରେ ସମ୍ଭାଷଣ ଘଟିଅଛି। ଯକ୍ଷ ଆତ୍ମଜ୍ଞାନ ସମ୍ବନ୍ଧରେ ଅନେକଗୁଡିକ ପ୍ରଶ୍ନ ଯୁଧିଷ୍ଠିରଙ୍କୁ ପଚାରିଛନ୍ତି ଏବଂ ଧୀମତାବାନ୍ ଯୁଧିଷ୍ଠିର ସେ ସବୁ ପ୍ରଶ୍ନ-ପ୍ରହେଳିକାକୁ ଅନନ୍ୟ ଉତ୍ତର ଦ୍ୱାରା ତହିଁର ସମାଧାନ କରି ଦେଇଅଛନ୍ତି। ଯକ୍ଷର ସର୍ତ୍ତ "ଆଗେ ମୋ ପ୍ରଶ୍ନର ଉତ୍ତର ଦିଅ ଓ ତଦ୍‌ପଶ୍ଚାତ୍ ପୋଖରୀ ପାଣି ପିଇପାରିବ ଓ ନେଇ ପାରିବ। ଏଠାରେ ଦେଖିବାର କଥା ଯେ ଉଭୟ ମହାକବି ଯକ୍ଷଙ୍କ ମୁଖରେ ପ୍ରଶ୍ନ ଓ ଯୁଧିଷ୍ଠିରଙ୍କ ମୁଖରେ ସେସବୁର ଉତ୍ତର କିପରି ଭାବରେ ଉପସ୍ଥାପିତ କରିଅଛନ୍ତି। ବ୍ୟାସମାହାଭାରତ କଥା ଯଦି ବିଚାର କରାଯାଏ ତେବେ ଯକ୍ଷ ଯୁଧିଷ୍ଠିରଙ୍କୁ ସର୍ବମୋଟ ୩୯ଟି ପ୍ରଶ୍ନ ପଚାରିଛନ୍ତି । ପ୍ରଥମ ୩୫ଗୋଟି ପ୍ରଶ୍ନ ଆତ୍ମଜ୍ଞାନ, ନୀତିତତ୍ତ୍ୱ କର୍ତ୍ତବ୍ୟ କରଣୀୟ ସଂପର୍କିତ ଏବଂ ଶେଷ ଚାରୋଟି ପ୍ରଶ୍ନ ଅନୁଜ-ଭ୍ରାତାମାନଙ୍କ ଉଦ୍ଦେଶ୍ୟରେ ଅଟେ। ଭଗବଦ୍ ଗୀତା ଏବଂ ଅଷ୍ଟବକ୍ର ଗୀତା ପରି ଯକ୍ଷ-ଯୁଧିଷ୍ଠିର ପ୍ରଶ୍ନୋତ୍ତର ସମ୍ବାଦ ଅତ୍ୟନ୍ତ ମହନୀୟ ଅଟେ। ଯାହାର ମୂଲ୍ୟବୋଧ ଶାଶ୍ୱତ ତଥା ସର୍ବକାଳୀକ। ଦିବ୍ୟାତ୍ମନ ବ୍ୟକ୍ତିସତ୍ତାର ଅନ୍ତଃକାରଣିକ ଅଭିଚିନ୍ତନର ଶ୍ରେଷ୍ଠ ପରିପ୍ରକାଶ ଏଠାରେ ଘଟିଅଛି। ଦେହରୁ ଆରମ୍ଭ କରି ଦେହାତୀତ ଏବଂ ଭୂମିରୁ ଭୂମା ଯାଏଁ ଯକ୍ଷଙ୍କ ପ୍ରଶ ଓ ଯୁଧିଷ୍ଠିରଙ୍କ ଉତ୍ତର ବ୍ୟାପ୍ତ। ଜାଗତିକ କଲ୍ୟାଣ ବିଧାନ

ନିମିତ୍ତ ଏହାର ଉପଯୋଗୀତା ଚିରନ୍ତନ ଅଟେ। ବିରାଟ ଆର୍ଯ୍ୟ ପୁରୁଷର ଚୈତନ୍ୟସତ୍ତା ଏହିପରି ଦିବ୍ୟଚେତନାରେ ସନ୍ନିବିଷ୍ଟ ହେବା ଯେ ସର୍ବାଦୌ ଆବଶ୍ୟକ, ତାହା ଆର୍ଯ୍ୟ ଋଷିଙ୍କ ବିଶେଷ ଅଭିପ୍ରାୟ ଅଟେ। ପାଠକମାନଙ୍କ ତୃଷା ନିବାରଣ ପାଇଁ ଏଠାରେ କେତେକ ପ୍ରଶ୍ନ ଓ ତାହାର ଉତ୍ତର ନିମ୍ନରେ ପ୍ରଦାନ କରାଗଲା।

"ଯକ୍ଷ ପଚାରିଲେ - "ଯେ ବୁଦ୍ଧିମାନ, ଯେ ଲୋକରେ ପୂଜିତ, ସର୍ବପ୍ରାଣୀ ଯାହାକୁ ମାନ୍ୟ କରନ୍ତି, ଯେ ଇନ୍ଦ୍ରିୟ ଦ୍ୱାରା ବିଷୟ ଭୋଗ କରନ୍ତି, ନିଶ୍ୱାସ ପ୍ରାଣତ୍ୟାଗ କରୁଥାନ୍ତି, କିନ୍ତୁ ଜୀବିତ ନୁହନ୍ତି, ଏପରି କିଏ ସେ ଅଛି କୁହ?"

ଧୀରମତି ଯୁଧିଷ୍ଠିର ଉତ୍ତର ଦେଉଛନ୍ତି - "ଯେଉଁ ବ୍ୟକ୍ତି ଦେବତା, ଅତିଥି ଓ ଭୃତ୍ୟଗଣ ଏବଂ ଆପଣାର ତୃପ୍ତି ପାଇଁ ସମ୍ପାଦନ ନକରନ୍ତି,ସେହି ବ୍ୟକ୍ତିଙ୍କର ନିଃଶ୍ୱାସ ବହୁଥିଲେ ହେଁ ସେ ଜୀବିତ ନଥିଲା ପ୍ରାୟ ହୋଇଥାନ୍ତି। ସଦସତ୍ ବିଚାର କରିବାର କ୍ଷମତା ଅଛି, ଯାହାଙ୍କର ବିପୁଳ ସୈନ୍ୟ ଥିବାରୁ, ଯେ ଏହି ଲୋକରେ ମାନ୍ୟ ହୁଅନ୍ତି, ଯାହାଙ୍କର ଦାନ କରିବାର ସାମର୍ଥ୍ୟ ଥିବାରୁ, ସମସ୍ତେ ଯାହାଙ୍କୁ ଆଶା କରନ୍ତି, ଏପରି ବ୍ୟକ୍ତି ଯେତେବେଳେ ଦେବତାଙ୍କ ଉଦ୍ଦେଶ୍ୟରେ ଦାନ, ଶ୍ରାଦ୍ଧ, ତର୍ପଣାଦି ଅତିଥିସେବା ନ କରନ୍ତି, ଉପଯୁକ୍ତ ଭୃତ୍ୟମାନଙ୍କୁ ସମୁଚିତ ଭରଣପୋଷଣ ନକରନ୍ତି, ଆପଣା ପେଟକୁ ସୁଦ୍ଧା ଭଲକରି ମୁଠାଏ ନ ଖାଆନ୍ତି କିମ୍ବା ଭଲକରି ଖଣ୍ଡେ ନ ପିନ୍ଧନ୍ତି ଏପରି ମନୁଷ୍ୟର ଜୀବନ ଧାରଣ ବୃଥା ଅଟେ ।"

ଯକ୍ଷ ପଚାରିଲେ "ପୃଥିବୀ ଅପେକ୍ଷା କିଏ ଗୁରୁତର? ଆକାଶ ଅପେକ୍ଷା କଏ ଉଚ୍ଚତର? ବାୟୁ ଅପେକ୍ଷା କିଏ ଶୀଘ୍ରଗାମୀ ଓ ତୃଣର ସଂଖ୍ୟା ଅପେକ୍ଷା କାହାର ସଂଖ୍ୟା ଅଧିକ?

ଯୁଧିଷ୍ଠିର ଉତ୍ତର ଦେଲେ - "ପୃଥିବୀ ଅପେକ୍ଷା ମାତା ଗୁରୁତରା, ଆକାଶଠାରୁ ପିତା ଉଚ୍ଚତର, ବାୟୁ ଅପେକ୍ଷା ମନ ଶୀଘ୍ରଗାମୀ ଏବଂ ତୃଣ ଅପେକ୍ଷା ଚିନ୍ତା ଅଧିକତର ଅଟେ ।"

ଯକ୍ଷ କହିଲେ " ଧର୍ମର ଶ୍ରେଷ୍ଠ ସ୍ଥାନ କିଏ? ଯଶର ଶ୍ରେଷ୍ଠ ସ୍ଥାନ କିଏ? ସ୍ୱର୍ଗର ଚରମ ସ୍ଥାନ କିଏ ଓ ସୁଖର ଚରମ ସ୍ଥାନ କିଏ?

ଯୁଧିଷ୍ଠିର କହିଲେ " ଧର୍ମର ଚରମ ସ୍ଥାନ ଦକ୍ଷତା, ଯଶର ଚରମ ସ୍ଥାନ ଦାନ, ସ୍ୱର୍ଗରର ସ୍ଥାନ ସତ୍ୟ ଓ ସୁଖର ଚରମ ସ୍ଥାନ ଶୀଳ ।"

ଯକ୍ଷ ପଚାରିଲେ "କିଏ ସୁଖୀ? ଆଶ୍ଚର୍ଯ୍ୟ କ'ଣ? ପଥ କିଏ? ସଂସାରର ବାର୍ତ୍ତା କଣ?

ଯୁଧିଷ୍ଠିର କହିଲେ " ହେ ଜଳଚର ଯେଉଁ ବ୍ୟକ୍ତି ଦିବସର ପଞ୍ଚମ ଅଥବା ଷଷ୍ଠ ଭାଗରେ ଶାକାନ୍ନ ପାକ ଓ ଆହାର କରି ସ୍ୱଗୃହରେ ବାସ କରନ୍ତି, ଋଣ କରନ୍ତି ନାହିଁ ଅଥବା ଧନୋପାର୍ଜନ ନିମିତ୍ତ ବିଦେଶ ଗମନ କରନ୍ତି ନାହିଁ ସେହି ବ୍ୟକ୍ତି ସୁଖୀ।

ଏ ସଂସାରରେ ପ୍ରାଣୀମାନେ ନିତ୍ୟନିତ୍ୟ ମରୁଅଛନ୍ତି କିନ୍ତୁ ଆଉ ଯେଉଁମାନେ ବଞ୍ଚି ରହିଅଛନ୍ତି ସେମାନେ ଚୀରଜୀବୀ ହେବାର ଆଶା କରନ୍ତି, ଏଥିରୁ ବଳୀ ଆଶ୍ଚର୍ଯ୍ୟ ଆଉ କଣ ଅଛି।

ତର୍କରେ କୌଣସି ବିଷୟର ନିର୍ଣ୍ଣୟ ହୁଏ ନାହିଁ। ବେଦମାନେ ଭିନ୍ନଭିନ୍ନ ଅର୍ଥାତ୍ ଏକ ପ୍ରକାର ନୁହନ୍ତି। ଋଷିମାନେ ନିଜନିଜ ବୁଦ୍ଧି ଅନୁସାରେ ଉପଦେଶ ଦିଅନ୍ତି। କୌଣସି ଋଷିଙ୍କର ବଚନ ପ୍ରମାଣ ନୁହେଁ, ଅର୍ଥାତ୍ ସର୍ବବାଦୀ ସମ୍ମତ ନୁହେଁ। ଧର୍ମର ଅର୍ଥ ଗୁହ୍ୟ ଅଟେ। ଅତଏବ ମହାଜନମାନେ ଯେଉଁ ପଥରେ ଗମନ କରନ୍ତି ଅର୍ଥାତ୍ ଯାହା ଆଚରଣ କରନ୍ତି ତାହା ହିଁ ପନ୍ଥା ।

ଏହି ସଂସାର ମହାଅଜ୍ଞାନର କଢେଇ ପ୍ରାୟ। ଏଥିରେ ପ୍ରାଣୀମାନଙ୍କୁ ନିକ୍ଷେପ କରି ସୂର୍ଯ୍ୟାଗ୍ନି ଦ୍ୱାରା ଦିବସରାତି କାଷ୍ଠକୁ ଜାଳି କାଳ ପାକ କରୁଅଛନ୍ତି। ମାସ ଏବଂ ଋତୁମାନଙ୍କୁ ଚଟୁକରି ସେହି ପ୍ରାଣୀମାନଙ୍କୁ ତହିଁରେ ଘାଣ୍ଟୁ ଅଛନ୍ତି। ଏହାକୁ ବାର୍ତ୍ତା ବୋଲି ଜାଣିବ। ।୬।

ଏହି ରୂପେ ଅନେକ ପ୍ରଶ୍ନ ଯୁଧିଷ୍ଠିରଙ୍କ ଆଗରେ ଯକ୍ଷଙ୍କ ଉପସ୍ଥାପିତ କରନ୍ତି। ସ୍ଥିତପ୍ରଜ୍ଞମତି ଯୁଧିଷ୍ଠିର ସେ ସବୁର ସୁନ୍ଦର ସମାଧାନ ଉତ୍ତର ମାଧମରେ ଦେଇଅଛନ୍ତି। ପରିଶେଷରେ ଯକ୍ଷ ପ୍ରୀତହୋଇ ଯୁଧିଷ୍ଠିରଙ୍କୁ ମୃତ ଚାରିଭାଇଙ୍କ ମଧ୍ୟରୁ ଗୋଟିଏ ଭାଇକୁ ଜୀବନଦାନ ଦେବା ପାଇଁ ପ୍ରସ୍ତାବ ଦେଇଛନ୍ତି। ଯୁଧିଷ୍ଠିର ତତ୍‌କ୍ଷଣେ ଜ୍ୟେଷ୍ଠ ମାଦ୍ରେୟ ନକୁଳକୁ ଜୀବତ କରିବାପାଇଁ କହିଛନ୍ତି। ଯୁଧିଷ୍ଠିରଙ୍କ ଏପରି ବିଚାର ଯକ୍ଷଙ୍କୁ ହତ ଚକିତ କରିଦେଇଛି। ଯକ୍ଷ ଯୁଧିଷ୍ଠିରଙ୍କୁ କହନ୍ତି 'ଯେହେତୁ ଭୀମ ଯୁଧିଷ୍ଠିରଙ୍କର ଅତି ପ୍ରିୟ ବୋଲି ପ୍ରତୀତ ହୋଇଥାନ୍ତି, ଏବଂ ସମସ୍ତ ପାଣ୍ଡବ ଯାହାଙ୍କର ବାହୁବଳକୁ ଆଶ୍ରୟ କରିଅଛନ୍ତି, ସେହି ଅର୍ଜୁନକୁ ତ୍ୟାଗକରି କି କାରଣରେ ବିମାତାପୁତ୍ର ନକୁଳକୁ ଜୀବିତ କରିବାପାଇଁ ଆପଣ କହୁଛନ୍ତି?'

ବର୍ତ୍ତମାନ ଯୁଧିଷ୍ଠିର ଯେଉଁ ଉତ୍ତର ରଖିଲେ ତାହା କାଳକାଳର ମହାଭାରତୀୟ ବିରାଟ ଆର୍ଯ୍ୟପୁରୁଷର ଶାଶ୍ୱତ ବିଚାର ଅଟେ। 'ଯେ ଧର୍ମକୁ ନଷ୍ଟ କରନ୍ତି, ଧର୍ମ ତାହାକୁ ନଷ୍ଟ କରନ୍ତି। ଯେ ଧର୍ମକୁ ରକ୍ଷା କରନ୍ତି ଧର୍ମ ମଧ୍ୟ ତାହାକୁ ରକ୍ଷା କରନ୍ତି। ଅତଏବ ଧର୍ମ ବିନଷ୍ଟ ହୋଇ ଆମ୍ଭମାନଙ୍କୁ ବିନଷ୍ଟ ନକରନ୍ତୁ, ଏହି ବୁଦ୍ଧିରେ ଆମ୍ଭେ ଧର୍ମତ୍ୟାଗ କରୁନାହୁଁ। ନୃଶଂସ ନହେବା ପରମ ଧର୍ମ, ଆମ୍ଭ ଅଭିମତରେ ପରମାର୍ଥ ଲାଭ ଅପେକ୍ଷା ମଧ୍ୟ ସେ ବଡ଼। ଅତଏବ ଆମ୍ଭେ ନୃଶଂସ ହେବାକୁ ଇଚ୍ଛା କରୁନାହୁଁ। ହେ ଯକ୍ଷ ନକୁଳ ଜୀବିତ ହୁଅନ୍ତୁ। ରାଜା ସର୍ବଦା ଧର୍ମଶୀଳ ବୋଲି ଲୋକେ ଆମ୍ଭଙ୍କୁ ଜାଣନ୍ତୁ। ଏଣୁକରି ଆମ୍ଭେ ଧର୍ମପଥରୁ ବିଚଳିତ ହେବୁ ନାହିଁ। ହେ ଯକ୍ଷ ନକୁଳ ଜୀବନ ଲାଭ କରନ୍ତୁ। ରାଜା ସର୍ବଦା ଧର୍ମଶୀଳ ଲୋକେ ଆମ୍ଭଙ୍କୁ ଜାଣନ୍ତୁ, ଏଣୁକରି ଆମ୍ଭେ ଧର୍ମପଥଠାରୁ ବିଚଳିତ ହେବୁନାହିଁ। ଆମ୍ଭ ପିତାଙ୍କର ଦୁଇପତ୍ନୀ କୁନ୍ତୀ ଓ ମାଦ୍ରୀ। ତେଣୁ ଦୁହେଁ ସୁପୁତ୍ରା ହୁଅନ୍ତୁ। ଅର୍ଥାତ୍ ଦୁହିଙ୍କର ଗୋଟିଏ ଗୋଟିଏ ପୁତ୍ର ଜୀବିତ ଥାନ୍ତୁ। ଆମ୍ଭର କୁନ୍ତୀ ଯେପରି ମାଦ୍ରୀ ମଧ୍ୟ ସେହିପରି ଅତଏବ ଆମ୍ଭେ ମାତୃମାନଙ୍କର ସମାନତା ଇଚ୍ଛା କରୁ ।' ।୭।

ଶେଷରେ ଯୁଧିଷ୍ଠିରଙ୍କର ଏହି ବିଚାରରେ ଯକ୍ଷ ଅଶେଷ ପ୍ରୀତ ହୋଇ କହିଲେ 'ହେ ଭରତ ଶ୍ରେଷ୍ଠ ଯେହେତୁ ତୁମ୍ଭେ ଅର୍ଥ ଓ କାମ ଅପେକ୍ଷା ଦୟା ଓ ସମତା ଅଧିକ ବୋଲି ତୁମର ଅଭିମତ, ତେଣୁ ତୁମର ସମସ୍ତ ଭାଇମାନେ ଜୀବିତ ହୁଅନ୍ତୁ'।

ପୁନଶ୍ଚ ଯକ୍ଷ ଯୁଧିଷ୍ଠିରଙ୍କୁ ଅନ୍ୟ ଏକ ବର ମାଗିବା ପାଇଁ କହନ୍ତେ ଯୁଧିଷ୍ଠିର ନିଃସ୍ୱାର୍ଥପର ଭାବରେ ନିଜ କ୍ଷତ୍ରି ବଚନ ରକ୍ଷା କରିବା ପାଇଁ ସେ ଦ୍ୱିଜବରଙ୍କ ଅପହୃତ (ହରିଣ ଦ୍ୱାରା) ଅରଣୀ ଓ ମନ୍ଥନ ଦଣ୍ଡ ନମିଳିବା ପର୍ଯ୍ୟନ୍ତ ତାହାଙ୍କ ଯଜ୍ଞାଗ୍ନି ନିର୍ବାପିତ ନହେବା ପାଇଁ ଇଚ୍ଛା ପ୍ରକାଶ କଲେ। କି ମହାନ ଆଦର୍ଶ! ବ୍ୟାସଦେବ, ଯୁଧିଷ୍ଠିରଙ୍କ ଚରିତ୍ର ନିର୍ମାଣରେ ଯେଉଁ ନିପୁଣତା ଓ ନିଖୁଣତା ଦେଖାଇଛନ୍ତି ତାହା ଅନକଳ୍ପିତପୂର୍ବ ଅଟେ। ଯକ୍ଷ-ଯୁଧିଷ୍ଠିର ସମ୍ବାଦ ବେଦବ୍ୟାସଙ୍କ ଅନନ୍ୟ ସ୍ୱର୍ଶରେ ଅମରତ୍ୱ ଲାଭ କରିଅଛି ଏହା ନିଃସନ୍ଦେହ। ଘଟଣାଟିର ଆରମ୍ଭରୁ ଶେଷଯାଏଁ ସବୁଠାରେ କାହାଣୀ ଗ୍ରନ୍ଥନର ଚମତ୍କାରିତା ତଥା ପାତ୍ର ଚରିତ୍ରମାନଙ୍କର ଗୁରୁଗାମ୍ଭୀର୍ଯ୍ୟପୂର୍ଣ୍ଣ ସ୍ୱାଭାବିକତା ଅକ୍ଷୁଣ୍ଣ ରହିଅଛି।

ବର୍ତ୍ତମାନ ସାରୋଳା-ମହାଭାରତକୁ ଦେଖାଯାଉ- ଯକ୍ଷ ଯୁଧିଷ୍ଠିରଙ୍କୁ ସମୁଦାୟ ୧୮ଟି ପ୍ରଶ୍ନ ପଚାରିଛନ୍ତି, ମାତ୍ର ପଶ୍ନଗୁଡ଼ିକରେ ଏତେଟା ଗାମ୍ଭୀର୍ଯ୍ୟ ରକ୍ଷା କରାଯାଇ ପାରିନାହିଁ। ବହୁ ଅବାନ୍ତର ପ୍ରଶ୍ନ ମଧ୍ୟ ଉପସ୍ଥାପିତ ହୋଇଅଛି, ତହିଁରୁ ବଳି ଯୁଝେଷ୍ଠିଙ୍କର ଉତ୍ତର ମଧ୍ୟ। ନିମ୍ନରେ କେତେଗୋଟି ଉଦାହରଣ ପ୍ରସ୍ତୁତ କରାଗଲା ।

ଧର୍ମବକ ବୋଇଲା ଆପଦ ପଡିଲେ କେ ପାର କରଇ/ ଯୁଝେଷ୍ଠି ବୋଇଲା ହୋ ଦୁର୍ଗା ସୁମରିଲେ ରକ୍ଷା ପାଇ ।୧୧୧/ ଧର୍ମବକ ବୋଇଲା ଶୁଣହୋ ମହାମତି/ କେତେକ ପାଦ ଅଟଇ ହାଦେ ୟେହ୍ନୁ ପୃଥ୍ୱୀ। ୧୧୬/ ଯୁଝଷ୍ଠି ଦେବେ ବୋଇଲେ ତୁ ବଡାଇ ଧାର୍ମିକ/ ପୃଥିବୀଯାକ ସର୍ବେ ବେନି ଯେ ପାଦେକ। ୧୧୭/ ଧର୍ମବକ ବୋଇଲା ଶୁଣସି ପୁରୁଷ/ କେତେ ତାରା ଉଦେ ହୁଅନ୍ତି ଆକାଶ। ୧୨୦/ ଧର୍ମବକର ବଚନେ ଯୁଝେଷ୍ଠି ବୋଇଲେ/ ଗଗନେ ବେନି ତାରା ସୁଗ୍ୟାନୀ କହିଲେ। ୧୨୧

ଏସବୁ ଅବାନ୍ତର ପ୍ରଶ୍ନୋତ୍ତର ସତ୍ତ୍ୱେ କେତେକ ସ୍ଥଳରେ କବି ସାରୋଳଦାସ ଧର୍ମବକ ମୁଖରେ ଯଥାର୍ଥ ପ୍ରଶ୍ନ ସହ ଯୁଧିଷ୍ଠିରଙ୍କ ମୁଖରେ ସାର୍ଥକ ଉତ୍ତର ମଧ୍ୟ ପ୍ରକାଶ କରିଛନ୍ତି ।

ଧର୍ମବକ ବୋଇଲା ବୁଝାଇ କହ ମୁକୁ/ କେବଣ ପୁରୁଷ ମିତ୍ର ହୋୟେ ପ୍ରବାସକୁ ।୧୦୨/ ଯୁଝେଷ୍ଠି ବୋଇଲେ ଆହୋ ଶୁଣ ଧର୍ମବକ/ ବିଦ୍ୟା ମଇତ୍ର ପ୍ରବାସକୁ ଶୁଣ ହୋ ଧାର୍ମିକ।୧୦୩/ ଧର୍ମବକ ବୋଇଲା ହୋ ତୁ ଅଟୁ ପଣ୍ଡିତ/ ଗୃହକୁ ମଇତ୍ର କେହୁ କହିବାକ ସତ୍ୟସତ୍ୟ ।୧୦୪/ ଯୁଝେଷ୍ଠି ବୋଇଲେ ସୁଲକ୍ଷଣା ଗୁଣବତୀ/ ଗୃହକୁ ମଇତ୍ର ହୋଇ ଆପଣା ଯୁବତୀ। ୧୦୫

ପରିଶେଷରେ ଯୁଧିଷ୍ଠିରଙ୍କ ପ୍ରଶ୍ନରେ ସନ୍ତୁଷ୍ଟ ହୋଇ ଯକ୍ଷ ଚାରିଭାଇ ମଧ୍ୟରୁ ଦୁଇଭାଇଙ୍କୁ ଜୀବନ୍ୟାସ ଦେବାପାଇଁ ପ୍ରସ୍ତାବ ପ୍ରଦାନ କରିଛନ୍ତି। ଦୌପଦୀ ଭୀମ ଅର୍ଜୁନଙ୍କୁ ଧରି ଏହି ଦୁଇଭାଇ ଜୀବିତ ହୁଅନ୍ତୁ ବୋଲି ଧର୍ମରାଜଙ୍କୁ ପ୍ରବର୍ତ୍ତାଇଛନ୍ତି, ମାତ୍ର ଧର୍ମବନ୍ତ ପୁରୁଷ ଯୁଝେଷ୍ଠି ନକୁଳ ଓ ସହଦେବ ଜୀବିତ ହୁଅନ୍ତୁ ବୋଲି ଚାହିଁଛନ୍ତି। ନିଜ ସହୋଦର ପ୍ରିୟ ଦୁଇଭାଇଙ୍କୁ ତ୍ୟାଗକରି ବିମାତା ପୁତ୍ରଙ୍କୁ କାହିଁକି ଜୀବିତ କରିବାକୁ ଚାହୁଁଥିବା ଯକ୍ଷଙ୍କ ଏହି ପ୍ରଶ୍ନରେ ଯୁଝେଷ୍ଠି କହିଛନ୍ତି ମଦନା ଦେବୀ (ମାଦ୍ରୀ) ନିଜର ଶେଷ ସମୟରେ ମୋ କୋଳରେ ଦୁଇପୁତ୍ରଙ୍କୁ ପ୍ରଦାନ କରି ଏହାଙ୍କ ପାଳନ ଭାର ମୋତେ ଦେଇଗଲେ। ଏହି ଦୁଇଭାଇ ମୋର ପୁତ୍ର ତୁଲ୍ୟ ଅଟନ୍ତି ତେଣୁ ଭୀମ,ଅର୍ଜୁନ ପଛେ ମରନ୍ତୁ ମାତ୍ର ଏ ଦୁଇଭାଇ ଜୀବନ ଲାଭ କରନ୍ତୁ।

'ଯୁଝେଷ୍ଠିଙ୍କ ମୁଖ ଚାହିଁ ବୋଇଲେ ଦ୍ରୋପତୀ/ ଭୀମ ଅର୍ଜୁନେ ଦେବ ତୋଳ ୟେ ଦୁହିନ୍ତି। ୧୬୮/ ୟେତେକ ବିଚାର କରିଣ ସେ ଦେବ ଧର୍ମସୁତ/ ଦ୍ରୋପତୀଙ୍କି ବୋଇଲେ ୟେ ନୋହୋଇ ଯୁଗତ ।୧୭୦/ ମଦନା ଦେବୀର ଗୋ ପ୍ରାଣ ପ୍ରଦୋଷ କାଳେ/ ନକୁଳ ସହଦେବନ୍ତ ଆଣି ଦିଲେ ମୋହୋର କୋଳେ। ୧୭୧/ ମରନ୍ତୁ ପଛେ ସେ ଭୀମ ଅର୍ଜୁନ ବେନି ଭ୍ରାଥ/ ଶ୍ରୀଭୁଜେ କୋଳକଲେ ଦେବ ନକୁଳ ସହଦେବନ୍ତ।

ଦୁଇଟି ବୃତ୍ତାନ୍ତରେ ଦୁଇ କବିଯାକ ଯୁଧିଷ୍ଠିରଙ୍କ ଚାରିତ୍ରିକ ମହିମାକୁ ପ୍ରଖ୍ୟାପିତ କରିବା ପାଇଁ କୌଣସି ଅବସର ଛାଡି ନାହାନ୍ତି। ତ୍ୟାଗ ହିଁ ଜୀବନ ଶ୍ରେଷ୍ଠଧର୍ମ ଏହା ହିଁ ଏହି ଦୁଇ ଉପାଖ୍ୟାନର ମହତ୍ତର ଶିକ୍ଷା ଅଟେ। ବ୍ୟାସ-ମହାଭାରତରେ ଏହି ବୃତ୍ତାନ୍ତରେ ଦ୍ରୌପଦୀଙ୍କ ଆଗମନ ଘଟିନାହିଁ, ମାତ୍ର ସାରୋଳା-ମହାଭାରତରେ ଯୁଧିଷ୍ଠିରଙ୍କ ସହ ଦ୍ରୌପଦୀଙ୍କ ଆଗମନ ବୃତ୍ତାନ୍ତଟିକୁ ଆହୁରି ଘଟଣାପ୍ରଦ କରିଅଛି। ସାଧାରଣ ନାରୀ ସୁଲଭ ଅନ୍ତଶ୍ଚେତନକୁ ଦ୍ରୋପଦୀ ମାଧ୍ୟମରେ ପ୍ରଖ୍ୟାପିତ କରାଯାଇଛି। ଯିଏ ନକୁଳ ସହଦେବକୁ ତ୍ୟାଗକରି ଭୀମ ଓ ଅର୍ଜୁନଙ୍କୁ ତତ୍କ୍ଷଣାତ୍ କୋଳରେ ଧରି ଏହି ଦୁହିଙ୍କୁ ଜୀବିତ କରିବା ପାଇଁ ଯୁଧିଷ୍ଠିରଙ୍କୁ କହିଛନ୍ତି। ଦୁଇଟିଯାକ ଉପାଖ୍ୟାନ ତ୍ୟାଗସର୍ବସ୍ୱ ଆବେଦନର ଅନଭାବିତପୂର୍ବ ନିଦର୍ଶନ ଅଟେ। ଦୁଇଟିଯାକ ଭିନ୍ନ ପରିସ୍ଥିତି ଓ ସମୟରେ ଲେଖାଯାଇଥିଲେ ହେଁ ଏହାର ଅନ୍ତଃ-ସମୀକରଣ ଏକ। ବ୍ୟାସଙ୍କ ଉପାଖ୍ୟାନ ଦାର୍ଶନିକ ମନସ୍ତତ୍ତ୍ୱକୁ ଆଧେୟକରି ଗଢ଼ି ଉଠିଥିବା ବେଳେ ସାରୋଳାଙ୍କ କାହାଣୀରେ ଗଳ୍ପ ସୁଲଭ କ୍ଷୁଦ୍ର ପ୍ରାଣତା ପ୍ରକାଶ ପାଇଛି। ବ୍ୟାସ-ମହାଭାରତ ପ୍ରକାରାନ୍ତରେ ମହାଭାରତୀୟ ଶାଶ୍ୱତ ଧର୍ମ ଓ ଦର୍ଶନକୁ ପ୍ରଖ୍ୟାପିତ କରିବା ଅଭିଲକ୍ଷ୍ୟରେ ରଚନା କରାଯାଇଥିଲା। ତେଣୁ ଗୀତାପରି ଏଥିରେ ଜଟିଳ ଜୀବନତତ୍ତ୍ୱର ସରଳ ସମୀକରଣ ରହିବା ସ୍ୱାଭାବିକ। ମାତ୍ର ସାରୋଳା ଦାସ ଜାଣିଥିଲେ ତାଙ୍କ ପାଠକ; ସଂସ୍କୃତ ଅଜାଣତ ଗ୍ରାମୀଣ ଜନତା, ଯେଉଁମାନେ ତତ୍ତ୍ୱ ଓ ତଥ୍ୟ ଅପେକ୍ଷା ରୋମାଞ୍ଚ କାହାଣୀଧର୍ମୀତା ଉପରେ ଗୁରୁତ୍ୱାରୋପ କରିଥାନ୍ତି। ତେଣୁ ତାଙ୍କୁ ସୁହାଇଲା ପରି ପ୍ରସଙ୍ଗ ଓ ଘଟନା ଚୟନ କରି ମହାଭାରତକୁ ପୁନଃ ଅନୁସର୍ଜନ କରି ଲେଖିବାକୁ ହେବ। ଅତଏବ ଦୁଇଟିଯାକ ବୃତ୍ତାନ୍ତର ଭାବାତ୍ମକ ଆବେଦନ ଯେ ଶାଶ୍ୱତ ଓ ମହାମାନବୀୟ ମୂଲ୍ୟବୋଧ ଉପରେ ଯେ ପର୍ଯ୍ୟବେଶିତ ଏହା ସ୍ୱୀକାର କରିବାକୁ ହେବ। ଇତି ।

ପାଠ୍ୟ ଟୀକା :


୧) ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ, ପୃଷ୍ଠା-୬୩୭୬

୨) ସଂସ୍କୃତ ମହାଭାରତ, ବନପର୍ବ, ୧୧୩ ଅଧ୍ୟାୟ, ଯକ୍ଷ-ଯୁଧିଷ୍ଠିର ସମ୍ବାଦ, ଶ୍ଳୋକ ସଂଖ୍ୟା: ୮ରୁ୧୫

୩) ତତ୍ରୈବ, ଶ୍ଳୋକ ସଂଖ୍ୟା:୧୧ରୁ୧୪

୪) ତତ୍ରୈବ, ଶ୍ଳୋକ ସଂଖ୍ୟା: ୨୯

୫) ପଞ୍ଚତନ୍ତ୍ର, ମିତ୍ରଭେଦ ଅଧ୍ୟାୟ, ସପ୍ତମ ଗଳ୍ପ

୬) ସଂସ୍କୃତ ମହାଭାରତ, ବନପର୍ବ, ୧୧୩ ଅଧ୍ୟାୟ, ଯକ୍ଷ-ଯୁଧିଷ୍ଠିର ସମ୍ବାଦ,ଶ୍ଳୋକ ସଂଖ୍ୟା: ୫୭, ୫୮, ୫୯, ୬୦, ୬୯, ୭୦, ୧୧୪, ୧୧୫, ୧୧୬, ୧୧୭, ୧୧୮

୭) ତତ୍ରୈବ-୧୨୮ ରୁ ୧୩୨


ସହାୟକ ଗ୍ରନ୍ଥ-ତାଲିକା:

୧) ମହାନ୍ତି, ଯତୀନ୍ଦ୍ର ମୋହନ(ସଂକଳକ), ସାରଳା ଦାସ ରଚନା ସମ୍ଭାର, ପ୍ରଥମ ସଂସ୍କରଣ, ବିଦ୍ୟା ପ୍ରକାଶନ, ଭୁବନେଶ୍ୱର,୨୦୧୦।

୨) ବେଦବ୍ୟାସ, ମହର୍ଷି, ମହାଭାରତ, ପନ୍ଦରତମ ମୁଦ୍ରଣ, ଗୀତାପ୍ରେସ୍, ଗୋରଖପୁର ।

୩) ଦାସ, ଶ୍ରୀଧର(ଅନୁବାଦକ), ପଞ୍ଚତନ୍ତ୍ର, ଦ୍ୱିତୀୟ ମୁଦ୍ରଣ, ଗ୍ରନ୍ଥମନ୍ଦିର, କଟକ, ୧୯୭୪ ।


●

BAGEESHA
ବାଗୀଶ
ଦ୍ୱିତୀୟ ବର୍ଷ, ସଂଖ୍ୟା - ୦୧ | ଜାନୁୟାରୀ-ଫେବୃୟାରୀ ୨୦୨୪
Volume No. 02 | Issue No. 01 | Jan-Feb 2024
Refereed Peer-Reviewed Jornal
https://bageesha.in
OPEN ACCESS

# ୧୯୮୦ ପରବର୍ତ୍ତୀ ଚରିତ୍ରଭିତ୍ତିକ ଓଡ଼ିଆ କବିତା

■ କ୍ଷେତ୍ରମୋହନ ସାମଲ
ଅଧ୍ୟାପକ, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ,
ସରକାରୀ ସ୍ୱୟଂ ଶାସିତ ମହାବିଦ୍ୟାଳୟ, ଅନୁଗୋଳ

Article Received : 13.02.2024 | Accepted : 20.02.2024 | Published : 20.03.2024

**ସାରାଂଶ**

ସାଧାରଣ ଘଟଣା ବା ବିଷୟ ବସ୍ତୁକୁ ନେଇ ଆଲୋଚନା କଲେ କିଛି ଅଞ୍ଚଳ ବା କିଛି ଘଟଣା ଉପରେ କେନ୍ଦ୍ରୀଭୂତ ହୋଇଛି କିନ୍ତୁ ଚରିତ୍ର କୁ ନେଇକି ଯେତେବେଳେ କବିତା ଲେଖା ଯାଇଛି ବା ଆଧୁନିକ କବିତା ବିଷୟରେ ଦେଖିଲେ ଚରିତ୍ର ଗୋଟେ ନିର୍ଦ୍ଦିଷ୍ଟ ଚରିତ୍ର ହେଇକି ରହୁ ନାହିଁ , ସେହି ଚରିତ୍ର ଆମେ ଦେଖିଥିବା ଆମେ ଜାଣିଥିବା ଏମିତିକି ବଞ୍ଚିଥିବା ଚରିତ୍ର ବି ସେ ପାଲଟି ଯାଉଛି, ତେଣୁ ସେହି ଚରିତ୍ର ସାଧାରଣ କରଣୀ ହେଉଛି । ଗୋଟେ ଚରିତ୍ର ଭିତରେ ଆଉ ସମସ୍ତ ଚରିତ୍ରକୁ ଦେଖାଇବାର ଯେଉଁ ପ୍ରୟାସ ହେଇଛି ତେଣୁ କବିତାର ଦୃଷ୍ଟିଭଙ୍ଗୀ ସେଇଠୁ ବିସ୍ତୃତ ହେଇଛି ।

ଆଧୁନିକ ଓଡ଼ିଆ କବିତା ବହୁ ବିବିଧତାର ଏକ ସୁନ୍ଦର ସମନ୍ୱୟ। ଉଭୟ ପ୍ରାଚ୍ୟ - ପାଶ୍ଚାତ୍ୟ ଚେତନାର ଉପଯୁକ୍ତ ବିନ୍ୟାସରେ ଏ ପରମ୍ପରା ହୋଇଉଠିଛି ନବୋନ୍ମେଷଶାଳିନୀ। ଏଥି ମଧ୍ୟରୁ ଗୋଟିଏ ହେଉଛି - "ଚରିତ୍ରଧର୍ମୀ ବା ଚରିତ୍ର ଭିତ୍ତିକ ଓଡ଼ିଆ କବିତା" ଆଞ୍ଚଳିକ ଚରିତ୍ର ଠାରୁ ଆରମ୍ଭ କରି ଆନ୍ତର୍ଜାତୀୟ ଚରିତ୍ର ପର୍ଯ୍ୟନ୍ତ ଓ ପୌରାଣିକ ଚରିତ୍ର ଠାରୁ ଆରମ୍ଭ କରି ସାଂପ୍ରତିକ ସମୟର ସ୍ଥିତିକୁ ନେଇ ଏ କବିତାରେ ପ୍ରକାଶ ପାଇଛି। ଆଧୁନିକ ମଣିଷର ସ୍ୱପ୍ନ, ସମ୍ଭାବନା, ସଫଳତା, ବିଫଳତା, ହା - ହୁତାଶ, ଜୀବନ ଯନ୍ତ୍ରଣା, ପ୍ରେମ କରୁଣା ଏବଂ ସାଂପ୍ରତିକ ସମୟର ଏହା ଏକ ଜ୍ୱଳନ୍ତ ଜଳଛବି।

ଏ ଦୃଷ୍ଟିରୁ ବିଚାର କଲେ ଆଧୁନିକ ଓଡ଼ିଆ କବିତାରେ ବହୁ ଚରିତ୍ରର ସମୟୋଜନ ଘଟିଛି। ବିଶେଷ କରି ୧୯୮୦ ପରବର୍ତ୍ତୀ ଓଡ଼ିଆ କବିତାରେ କୌଣସି ଏକ ଚରିତ୍ର ମାଧ୍ୟମ ଦେଇ ସମଗ୍ର ମାନବୀୟ ଚେତନାକୁ କାବ୍ୟ ରୂପ ଦେବାରେ ଓଡ଼ିଆ କବିମାନଙ୍କ ସଫଳତା ଆନ୍ତର୍ଜାତୀୟ ସ୍ତରକୁ ଉନ୍ନୀତ ହୋଇ ପାରିଛି। ଉକ୍ତ ଚରିତ୍ରମାନଙ୍କର ସମସ୍ୟା ଓ ସାମାଜିକ ସ୍ଥିତି ସହିତ ସେମାନଙ୍କର ମନୋଦଶା ଆବେଗ ଓ ପ୍ରତିକ୍ରିୟାକୁ ସମାନ୍ତରାଳ ଭାବରେ ପାଠକର ଚେତନା ସହିତ ଯୋଡ଼ିବାର ଏକ ଅଭିନବ ପ୍ରୟାସ ହୋଇଛି। ଉକ୍ତ ଚରିତ୍ର ମାଧ୍ୟମରେ କାବ୍ୟ ପାଠକ ଆବିଷ୍କାର କରିଛି ନିଜକୁ ଅଥବା ବୁଝିବାକୁ ଚେଷ୍ଟା କରିଛି ନିଜ ସହ ସମ୍ପର୍କିତ ଯେତେ ସବୁ ଚରିତ୍ରକୁ। ତେଣୁ ଏ କବିତାଗୁଡ଼ିକ ହୋଇ ଉଠିଛି ନିଜକୁ ଚିହ୍ନି - ଚିହ୍ନାଇବା ଓ ଆବିଷ୍କାର କରିବାର ଏକ କାବ୍ୟ ବା ଶବ୍ଦ ରୂପ।

୧୯୮୦ ପୂର୍ବବର୍ତ୍ତୀ କାଳରେ ପ୍ରେମ, ପ୍ରତାରଣା, ନୈରାଶ୍ୟ, ଇନ୍ଦ୍ରିୟ ସର୍ବସ୍ୱତାର ଚରିତ୍ର ପର୍ଯ୍ୟାପ୍ତ ଥିବାବେଳେ ୧୯୮୦ ପରବର୍ତ୍ତୀ କାଳରେ ପ୍ରେମରେ ତ୍ୟାଗ ଓ ଉତ୍ତୀର୍ଣ୍ଣ ଅନୁଭବ (Sublimation)ର ଚରିତ୍ର ଲକ୍ଷ୍ୟ କରାଯାଇଛି। ବିଷାଦରୁ ଅସ୍ତିବାଚକ ଦିଗକୁ କବି ଚେତନା ଉନ୍ମୁଖ ହୋଇଥିବାରୁ ଜୀବନର ଆଶାବାଦ ଓ ବିପୁଳ ସମ୍ଭାବନାର ଚିତ୍ର ବା ଚରିତ୍ର କବିତାରେ ରୂପାୟିତ ହେଲା। ସାମାଜିକ ପ୍ରତିବଦ୍ଧତା କ୍ଷେତ୍ରରେ ସ୍ଲୋଗାନ ସର୍ବସ୍ୱତା ନ ରହି, ରହିଲା ଆନ୍ତରିକ ସମ୍ବେଦନା, ବୀରତ୍ୱ, କରୁଣା, ନମ୍ର ପ୍ରତିବାଦ ଓ ସ୍ଥଳ ବିଶେଷରେ ଆଧ୍ୟାତ୍ମିକ ଉପଲବ୍ଧି ଚରିତ୍ର ଓ ଉତ୍ତରଣ ମଧ୍ୟରେ ପ୍ରତିଫଳିତ ହେଲା ଓ ଗ୍ରାମ୍ୟ ଜୀବନ, ଲୋକ ପରମ୍ପରା ସହ ମୂଲ୍ୟବୋଧର ଗଠନଶୀଳତାକୁ ନେଇ ଚିତ୍ରକଳ୍ପ ବା ଚରିତ୍ର ଭିତ୍ତିକ କବିତାମାନ ସୃଷ୍ଟି ହେଲା। ଏହି ଧାରାର ଗବେଷଣାର ଭାବ ପ୍ରବୋଧକ ସଫଳ ଚରିତ୍ରମାନଙ୍କୁ ନେଇ ଏକ ନୂତନ ଦିଗବଳୟକୁ ଉନ୍ମୋଚନ କରାଯାଇପାରେ।

୧୯୮୦ ପରବର୍ତ୍ତୀ କବିତା ବିଭିନ୍ନ ତତ୍ତ୍ୱାଶ୍ରୟୀ ହେବା ପରିବର୍ତ୍ତେ ନିଜସ୍ୱ ଉପଲବ୍ଧି ଠାରୁ ଅନୁପ୍ରେରଣା ଖୋଜିଲା। ଏ ସମୟର କବିତାରେ ଅସ୍ତିତ୍ୱବାଦ, ବାସ୍ତବବାଦ, ଅତିବାସ୍ତବବାଦ ଆଦି ରହିବା ଅନିବାର୍ଯ୍ୟ, ଏ ଧାରଣା ଅପସରିଗଲା। କବିର ନିଜସ୍ୱ ଅନୁଭୂତିର ଏକ ସ୍ୱାଭାବିକ ରୂପ ପରିପ୍ରକାଶ ଘଟିଲା। ଫଳ ସ୍ୱରୂପ କବିତା ହେଲା ଅଧିକତର

ସ୍ୱାଭାବିକା ପରମ୍ପରାବୋଧ ହେତୁ ଇତିହାସ, ପୁରାଣ ମଧ୍ୟ ଦେଇ ଲୋକସଂସ୍କୃତି କବିତାରେ ସ୍ୱୀକାର କରାଗଲା। ଗ୍ରୀକ୍, ରୋମାନ, ଇଂରାଜୀ ବା ଫରସୀ ଭାଷାରେ ସାହିତ୍ୟ କି ଇତିହାସ ନୁହେଁ ଆମରି ପୁରାଣ, ରାମାୟଣ, ମହାଭାରତ ମଧ୍ୟ ଦେଇ ଶାଶ୍ୱତ ମାନବିକ ମୂଲ୍ୟବୋଧକୁ ଖୋଜିବା କବିତାରେ ପ୍ରାଧାନ୍ୟ ବିସ୍ତାର କଲା। ତତ୍ ସହିତ ଦୈନନ୍ଦିନ ଜୀବନରେ ଘଟୁଥିବା ନିଷ୍ଠୁର ସତ୍ୟ ଘଟଣା ଓ ଚରିତ୍ରର ନିର୍ମମ ବ୍ୟବଚ୍ଛେଦରେ କବି ଓ ତା'ର ଭାବ ରାଜ୍ୟ ନିଜକୁ ସାମିଲ କଲା।

କିନ୍ତୁ ୧୯୮୦ ପରବର୍ତ୍ତୀ ଚରିତ୍ର ଭିତ୍ତିକ ଓଡ଼ିଆ କବିତା ଉଭୟ ଆତ୍ମିକ ଓ ଆଙ୍ଗିକ ଦୃଷ୍ଟିରୁ ନୂତନ ଚେତନାକୁ ବହନ କରିଛି। ଏ ସମୟର କବିତାରେ ବର୍ଣ୍ଣିତ ଚରିତ୍ରଗୁଡିକ ସାମୁହିକ ଚେତନାକୁ ପ୍ରତିଫଳନ କରୁଥିବା ଏକ ଏକ ବିଶେଷ୍ୟ ମାତ୍ର କୌଣସି ଏକ ଚରିତ୍ରକୁ କେନ୍ଦ୍ର କରି କାବ୍ୟ କବିତା ବା ସାହିତ୍ୟ ରଚନା ଓଡ଼ିଆ ସାହିତ୍ୟରେ ନୂଆ ନୁହେଁ। ତେବେ ଆଧୁନିକ ଓଡ଼ିଆ କବିତାରେ ପ୍ରତିଫଳିତ ଚରିତ୍ରମାନଙ୍କୁ ନିମ୍ନମତେ ବିଭାଗୀକରଣ କରାଯାଇପାରେ : ୧- ପୌରାଣିକ ବା ମିଥିକ୍ ଚରିତ୍ର, ୨- ନାରୀ ଚରିତ୍ର, ୩- ପୁରୁଷ ଚରିତ୍ର, ୪- ଐତିହାସିକ ଚରିତ୍ର, ୫- ନାମ ବିହୀନ (ନେପଥ୍ୟ) ଚରିତ୍ର (Pseudo character), ୬- ଦଳିତ ଚରିତ୍ର, ୭- ସାମ୍ୟବାଦୀ ବା ମାର୍କ୍ସବାଦୀ ଚରିତ୍ର, ୮- ମାନବେତର ଚରିତ୍ର।

(୧) ପୌରାଣିକ ବା ମିଥିକ୍ ଚରିତ୍ର: ପୌରାଣିକ ଓ କିମ୍ବଦନ୍ତୀ ଚରିତ୍ର ମଧ୍ୟ ଦେଇ ସାଂପ୍ରତିକ ମଣିଷର ସ୍ୱରୂପ ଉଦ୍ ଘାଟନ କରିବାର ପ୍ରକ୍ରିୟାରୁ ମିଥ୍ ର ବହୁଳ ପ୍ରୟୋଗ ଦେଖିବାକୁ ମିଳେ ଆଧୁନିକ କବିତାରେ। ଏହି ଧାରାରେ ରଚିତ ପ୍ରମୁଖ ମିଥିୟ ଚିତ୍ରଧର୍ମୀ କବିତାଗୁଡ଼ିକ ହେଉଛି- ପ୍ରତିଭା ଶତପଥୀଙ୍କ- 'ଶବରୀ', 'ରାବଣ,' ରମାକାନ୍ତ ରଥଙ୍କ- 'ଶ୍ରୀରାଧା', 'ଶ୍ରୀପଳାତକ', ଶ୍ରୀ ନିବାସ ଉଦ୍ଗାତାଙ୍କ- 'କୃଷ୍ଣା', ସୈରୀନ୍ଦ୍ର ବାରିକଙ୍କ- 'ଶକୁନି', 'ଦ୍ରୌପଦୀ', ଫନୀ ମହାନ୍ତିଙ୍କ- 'ଅହଲ୍ୟା', ଶତ୍ରୁଘନ ପାଣ୍ଡବଙ୍କ- 'ଦୁର୍ଯ୍ୟଧନଙ୍କ ରକ୍ତନଦୀ ସନ୍ତରଣ', ଶରତ ଚନ୍ଦ୍ର ପ୍ରଧାନଙ୍କ- 'ଯଯାତି', ମନୋରମା ମହାପାତ୍ରଙ୍କ- 'ବୈଦେହୀ ବିସର୍ଜିତା' , ଦିଲ୍ଲୀପ ଦାସଙ୍କ- 'ନୀଳ ମାଧବ', ସୁରେଶ୍ ପରିଡ଼ାଙ୍କ- 'କାହ୍ନୁ', ଚିନ୍ତାମଣି ବେହେରାଙ୍କ- 'ହେ ବୈଦେହୀ ଭୁଲିଯାଅ', ସୁଚିତ୍ରା ପାଣିଗ୍ରାହୀଙ୍କ- 'ଦେବକୀର ଆତ୍ମା', ସୀତାକାନ୍ତ ମହାପାତ୍ରଙ୍କ- 'ଯଶୋଦାର ଶୋକ', ଦୁର୍ଗା ମାଧବ ମିଶ୍ରଙ୍କ- 'ଗାନ୍ଧାରୀର ଆଶୀର୍ବାଦ', 'ଜଳନ୍ଧର ବଧ', ସୌଭାଗ୍ୟ କୁମାର ମିଶ୍ରଙ୍କ- 'ଇତି ସତ୍ୟଭାମା', ସେନାପତି ପ୍ରଦ୍ୟୁମ୍ନ କେଶରୀଙ୍କ- 'ପୁତନା'।

ରମାକାନ୍ତ ରଥଙ୍କର- 'ଶ୍ରୀରାଧା', ଚରିତ୍ରରେ କାବ୍ୟ ଚେତନା ଓ ଆଙ୍ଗିକ ଦୃଷ୍ଟି କୋଣରୁ ଓଡ଼ିଆ କାବ୍ୟ ଧାରାରେ ନୂତନ ଶୈଳୀର ପ୍ରତିଷ୍ଠା ହୋଇଛି। ଦୀର୍ଘ କବିତା ରଚନା କରିବା ସହ ଏହାକୁ ସମକାଳୀନ ପାଣିପାଗ ସହ ଯୋଡ଼ି ମୂଲ୍ୟ ନିର୍ଣ୍ଣୟ କରିବାରେ ରମାକାନ୍ତଙ୍କ କାବ୍ୟିକ ଉଦ୍ୟମ ସଫଳ ହୋଇଛି। ଶ୍ରୀରାଧା ସଙ୍କଳନର ସମସ୍ତ କବିତା ରାଧାଙ୍କ ଆଚରଣ ଓ ଉଚ୍ଚାରଣ ମାଧ୍ୟମରେ ତାଙ୍କର ପ୍ରେମକଳା ଓ କୃଷ୍ଣଙ୍କ ବ୍ୟକ୍ତିତ୍ୱ ସଂପର୍କରେ ବହୁ ତଥ୍ୟ ସେ ଉନ୍ମୋଚନ କରିଛନ୍ତି। କୃଷ୍ଣ କେବଳ ଜଣେ ବ୍ୟକ୍ତି ନୁହନ୍ତି ଗୋଟିଏ ବିପୁଳ ଶକ୍ତି ବୋଲି ତାଙ୍କର ପ୍ରତ୍ୟୟ ହୋଇଛି। କୁଳୀନ ଓ ଶାସ୍ତ୍ରୀୟ ମର୍ଯ୍ୟଦା ସହିତ କିପରି ବୈବାହିକ ଜୀବନ ପରବର୍ତ୍ତୀ ପର୍ଯ୍ୟାୟରେ ନିଜର ପ୍ରେମକୁ ନିଆଯାଇପାରେ, ତା'ର ମୂର୍ତ୍ତିମନ୍ତ ଉଦାହରଣ ହେଉଛି ଶ୍ରୀରାଧା।

ରମାକାନ୍ତଙ୍କ 'ଶ୍ରୀ ପଳାତକ' କାବ୍ୟରେ ଶ୍ରୀକୃଷ୍ଣଙ୍କ ପାଖରେ ସବୁକିଛି ଶକ୍ତି ସାମର୍ଥ୍ୟ ଥିଲେ ମଧ୍ଯ ସେ ମହାଭାରତ ଯୁଦ୍ଧକୁ ଚାହିଁଥିଲେ ବନ୍ଦ କରି ପାରିଥାନ୍ତେ କିନ୍ତୁ ବନ୍ଦ କରି ପାରିନାହାନ୍ତି, ଶ୍ରୀ ରାଧାଙ୍କୁ ହୃଦୟର ସହିତ ଭଲ ପାଇ, ନିଜର କରି ପାରୁନାହାନ୍ତି, ଯେତେ ସର୍ବ ଶକ୍ତିମାନ ହେଲେ ସୁଦ୍ଧା ନିଜର ଉତ୍ତର ପିଢ଼ିକୁ ସତ୍ ମାର୍ଗରେ ନେଇ ପାରିନାହାନ୍ତି। ଏଭଳି ଏ ସବୁ ଅକ୍ଷମତାକୁ ଲୁଚାଇବାକୁ ଯାଇ ସେ ପଳାୟନ କରୁଥିବା ଚରିତ୍ର ହେଉଛି ଶ୍ରୀପଳାତକ।

ସେନାପତି ପ୍ରଦ୍ୟୁମ୍ନ କେଶରୀଙ୍କ 'ପୁତନା' କବିତାରେ ନାରୀ ଚେତନାର ଅବ୍ୟକ୍ତ ବ୍ୟଥାକୁ ଏଥିରେ ପ୍ରକାଶ କରିଛନ୍ତି। ପୁତନା ନିଜେ କେବେ ମାଆ ହେବାର ସୌଭାଗ୍ୟ ପାଇନାହିଁ କିନ୍ତୁ କଂସର ଆଦେଶକୁ ଅନିଚ୍ଛା ସତ୍ତ୍ୱେ ପାଳନ କରିବାକୁ ଯାଇ ବିଷଭରା ସ୍ତନ୍ୟପାନ କରିବା ସମୟରେ ମାତୃତ୍ୱର ସ୍ୱର୍ଗୀୟ ସୁଖକୁ ଅନୁଭବ କରିପାରିଛି।

ଶ୍ରୀନିବାସ ଉଦ୍ଗାତାଙ୍କର 'କୃଷ୍ଣା' ଚରିତ୍ରରେ ଦ୍ରୌପଦୀଙ୍କ ସ୍ୱାମୀମାନଙ୍କ ପ୍ରତି ଭଲ ପାଇବା ଅଛି କିନ୍ତୁ ଅନ୍ତରଙ୍ଗ ବନ୍ଧୁ ଭାବରେ ଶ୍ରୀକୃଷ୍ଣଙ୍କୁ ସେ ସଦାସର୍ବଦା ନିଜ ପାଖରେ ପାଇବାର ଅଭିପ୍ସାକୁ ଏଠାରେ ପ୍ରକାଶ କରାଯାଇଛି।

ସୈରୀନ୍ଦ୍ର ବାରିକ 'ଶକୁନି' ଚରିତ୍ର ଭିତରେ ଯେଉଁ ପ୍ରତିଶୋଧ ପରାୟଣକୁ ଦେଖାଇଛନ୍ତି କିନ୍ତୁ କ୍ରୋଧ ଓ ପ୍ରତିଶୋଧ ପରାୟଣ ଭିତରେ ସେ ମାନବିକତାକୁ ଖୋଜୁଛି। ମହାଭାରତରେ ଶକୁନିକୁ ଖଳନାୟକ ଚରିତ୍ର ଭାବରେ ବର୍ଣ୍ଣନା କରାଯାଇଥିବା ବେଳେ ଶ୍ରୀ ବାରିକଙ୍କ ଶକୁନିକୁ ଏକ ସମ୍ବେଦନଶୀଳ ଚରିତ୍ର ଭାବରେ ଦେଖାଇଛନ୍ତି।

ଫନୀ ମହାନ୍ତିଙ୍କ 'ଅହଲ୍ୟା' ଚରିତ୍ରରେ ଗୋଟିଏ ନାରୀ ଚରିତ୍ର ଭିତରେ ଥିବା ବିଦ୍ରୋହ ଭାବନା ଯାହାକି ତା'ର ଭୁଲ ନଥାଇ ମଧ୍ଯ ତାହାକୁ ଦଣ୍ଡ ମିଳୁଛି, ତା ବିରୁଦ୍ଧରେ ଏକ ନିଃଶବ୍ଦ ପ୍ରତିବାଦ।

ଶତ୍ରୁଘ୍ନ ପାଣ୍ଡବଙ୍କ- 'ଦୁର୍ଯ୍ୟୋଧନଙ୍କ ରକ୍ତ ନଦୀ ସନ୍ତରଣ' ରେ ଏହି ଅହଂକାରୀ ଯୁଦ୍ଧଖୋର ପୃଥିବୀରେ ମହାଭାରତ ଯୁଦ୍ଧର ଶେଷ ପର୍ଯ୍ୟାୟର ମହାମାନୀ ଦୁର୍ଯ୍ୟୋଧନର ଋଦ୍ଧିତ ଆତ୍ମା ଜୀବନର ଶେଷ ସତ୍ୟକୁ ବୁଝିପାରିଛି ବୋଲି ଦର୍ଶାଇଛନ୍ତି। ସେହିପରି ପ୍ରତିଭା ଶତପଥୀଙ୍କ 'ଶବରୀ' ଚରିତ୍ରରେ ନାରୀ ହୃଦୟର ବାତ୍ସଲ୍ୟ ପ୍ରେମକୁ ଦେଖାଇଛନ୍ତି। ଏହିପରି ଭାବରେ ପୌରାଣିକ ଓ ମିଥିକ୍ ଚରିତ୍ର ଗୁଡ଼ିକର ବର୍ଣ୍ଣନା କରାଯାଇଛି।

(୨) ନାରୀ ଚରିତ୍ର : ନାରୀ ଚରିତ୍ରକୁ ଆଧାରକରି ଅନେକ କବିତା ଆମ ସାହିତ୍ୟ ପୃଷ୍ଠାରେ ସ୍ଥାନ ପାଇଛି ଯଥା:- ଭାନୁଜୀ

ରାଓଙ୍କ-ସ୍ମିତା ପାଟିଲ, ଦେବଦାସ ଛୋଟରାୟଙ୍କ- ମଲ୍ଲିକା, ଦିଲ୍ଲୀପ୍ କୁମାର ସ୍ୱାଇଁଙ୍କ- ମଲ୍ଲିକା, ପ୍ରସନ୍ନ କୁମାର ମିଶ୍ରଙ୍କ- ମନିକା, ସୌଭାଗ୍ୟ କୁମାର ମିଶ୍ରଙ୍କ- ସୁଚିତ୍ରା, ଦମୟନ୍ତୀ, ସୁନିଲ କୁମାର ପୃଷ୍ଟିଙ୍କ- ତନୁଲତା, ପ୍ରଦୀପ କୁମାର ବିଶ୍ୱାଳଙ୍କ- ଗୌତମୀ, ସୁରେନ୍ଦ୍ର ପାଣିଗ୍ରାହୀଙ୍କ- ସୋନାଲି ଗାଙ୍ଗୁଲି, ଶଶାଙ୍କ ପ୍ରିୟ ସଖାଙ୍କ- ରେବା ମାଝୀ, କମଳ କୁମାର ମହାନ୍ତିଙ୍କ - ରେବତୀ, ବଂଶୀଧର ମହାନ୍ତିଙ୍କ- ବିନୁ, ରବି ସିଂଙ୍କ- ତାପସୀ, ଛବିରାଣୀ, ରାଜେନ୍ଦ୍ର କିଶୋର ପଣ୍ଡାଙ୍କ- ଅନନ୍ୟା, ମନୋରମା ବିଶ୍ୱାଳ ମହାପାତ୍ରଙ୍କ- ଫାଲଗୁନ୍ ତିଥିର ଝିଅ, ବିନୋଦ ଚନ୍ଦ୍ର ନାୟକଙ୍କ- ନନ୍ଦାଦେବୀ, ଇଳାବୃତ୍ତ, ରସାନନ୍ଦ ସାହୁଙ୍କ- ପୁରବୀ ମହାନ୍ତି, ବିରଜା ବଳଙ୍କ- ସୁନୀତା ମେନନ୍, ବିଭୁଦତ୍ତ ମିଶ୍ରଙ୍କ- ଉର୍ବଶୀର ଚିଠି, ଫନୀ ମହାନ୍ତିଙ୍କ- ପ୍ରିୟତମା, ଓଁ ଈଶ୍ୱରୀ କବିକନ୍ୟାଙ୍କ- ପୁନଶ୍ଚ ଛବିରାଣୀ ଆଦି ନାରୀ ଚରିତ୍ରକୁ ନେଇ ଲିଖିତ ସଫଳ କବିତା।

ଭାନୁଜୀ ରାଓଙ୍କ- 'ସ୍ମିତା ପାଟିଲ' ଜଣେ ଚଳଚ୍ଚିତ୍ରର ନାୟିକା ସ୍ମିତା ପୁଣି କବି ଭାନୁଜୀ ରାଓଙ୍କର କାବ୍ୟ ନାୟିକା ଏଠାରେ ସ୍ମିତା ଯେଉଁ ଅଭିନୟ ବେଳେ ଖିଲ୍ ଖିଲ୍ ହସେ ପୁଣି ଠସ୍ ଠସ୍ କାନ୍ଦିପକାଇଥାଏ। ସ୍ମିତା ପାଟିଲ ଅସଲ ଜୀବନରେ ଯେଉଁ ଦୁଃଖ ଥାଏ ବା ଉଲ୍ଲାସ ଥାଏ ତାହା ପାଠକର ମାନସପଟ୍ଟରେ ଆଦୌ ଚିତ୍ରାୟିତ ହୁଏ ନାହିଁ। ଗୋଟିଏ ଚରିତ୍ରରେ ଯେପରି ପ୍ରଚାର ପ୍ରସାର ନିମନ୍ତେ ବିଭିନ୍ନ ଧରଣର ପୋଷ୍ଟର ରଖାଯାଇଛି ଓ ସେଠାରେ ସେ ପୋଷ୍ଟରରେ ସ୍ମିତା କହୁଥିବାର ଫୋଟଟି ଦିଆଯାଇଛି । ସେ ଫଟୋରେ ସ୍ମିତାର ଆଖି ଠାରୁ ଚିକଣ ମସୃଣ ଗାଲ ଦେଇ ଲୁହ ଧାର ଧାର ହୋଇ ବୋହିଯାଇଛି ଏହା ଦେଖି କବିଙ୍କ ମନରେ ପ୍ରଶ୍ନବାଚୀ ଉଙ୍କି ମାରିଛି। ନିଜ ଜୀବନକୁ ତୁଚ୍ଛ ମନେକରି କାଳର ଧାର ତୁମେ ସ୍ମିତା ସବୁ ଦୁଃଖକୁ ତୁମର କେବଳ ଦୂରକରି ଦେବି ନାହିଁ କହି ମୁଁ ହୃଦୟରେ ଧାରଣ କରିନେବି।

ଦେବଦାସ ଛୋଟରାୟଙ୍କ 'ମଲ୍ଲିକା' ହେଉଛି ପ୍ରାପ୍ତି ଓ ଅପ୍ରାପ୍ତିର ଦୋ-ଛକିରେ ଠିଆ ହୋଇ ଜୀବନର କାନଭାସ୍ ରେ ରଙ୍ଗ ଭରୁଥିବା ଏକନାୟିକା। ମଲ୍ଲିକା ନୀରବ ରହେ ନାହିଁ ମଲ୍ଲିକା ସବୁ ସଜାକୁ ସହିଯାଏ ନାହିଁ, ମଲ୍ଲିକା ରଙ୍ଗରେ ରଙ୍ଗରେ ଅନେକ ଅକୁହାକଥା କହିଯାଏ। ମଲ୍ଲିକା କିଏ? ମଲ୍ଲିକାକୁ ନେଇ କାହିଁକି ଲେଖାଯାଇଛି ଏତେ ଗୁଡ଼ାଏ କବିତା? ଆପଣଙ୍କର ପୁରୁଣା ପ୍ରେମିକାର କ'ଣ ଛଦ୍ମ ନାମ? ଭଳି ସେ ପଚାରିଲେ ଦେବଦାସ ଉତ୍ତର ଦିଅନ୍ତି ମଲ୍ଲିକା ଜଣେ ସାଧାରଣ ଝିଅର ଚରିତ୍ର। ପୁଣି ଏ ଦିଲ୍ଲୀପ କୁମାର ସ୍ୱାଇଁଙ୍କ 'ମଲ୍ଲିକା'ରେ ମଲ୍ଲିକା ଚରିତ୍ରଟି ପହଞ୍ଚିଲା ବେଳକୁ ଆଉ ଏକ ଗେଟଅପ ନେଇ ସାରିଥାଏ। ମଲ୍ଲିକାର ସ୍ୱାମୀ ଆଟାଜି ଧରି ଅଫିସ ଯାଏ ଓ ଫେରିଆସେ ଅଫିସ ଫେରନ୍ତା ସ୍ୱାମୀ ସକାଶେ ଯଦିଓ ବିଛଣା ଚାଦର ସଜା ହୋଇଥାଏ କିନ୍ତୁ ସେଠାରେ ମଲ୍ଲିକା ନଥାଏ ମଲ୍ଲିକା କେଉଁ ଏକ ତରୁଣର ପ୍ରେମରେ ମସଗୁଲ ହୋଇ ପଡୁଥାଏ।

ପ୍ରାଚୀନ ପ୍ରେମ କବିତାମାନଙ୍କରେ ପୂର୍ବଜନ୍ମ ଏ ଜନ୍ମ ସହ ଏକ ବର୍ଣ୍ଣନା ଯୋଡ଼ା ପ୍ରକାଶ ପାଉଥିବା ବେଳେ 'ମନିକାର ପ୍ରିୟ' ଏସବୁର ସ୍ୱଷ୍ଟବ୍ୟତିକ୍ରମ। ଆଧୁନିକ ପ୍ରେମ କବିତା ବର୍ତ୍ତମାନ ଓ ଏହାର ବିବିଧ ଅସଫଳତାକୁ ରୂପାୟନ କରନ୍ତି। ମନିକାର ସ୍ମୃତିକୁ ବର୍ତ୍ତମାନକୁ ଟାଣି ଆଣି ପୁଣି ବର୍ତ୍ତମାନକୁ ଲମ୍ବେଇ ଦିଆଯାଇଛି ଭବିଷ୍ୟତ ପର୍ଯ୍ୟନ୍ତ ଯେଉଁଠି ମନିକାର ମୃତ୍ୟୁରେ ପ୍ରେମର ଶେଷ ନାହିଁ। ପୁର୍ନଜନ୍ମର ପରିକଳ୍ପନା କରାଯାଇଛି। ଭାରତୀୟ ଦର୍ଶନରେ ଜନ୍ମିତ କ୍ରିୟା କର୍ମଦ୍ୱାରା ମଣିଷର ପୁର୍ନଜନ୍ମ ନିର୍ଦ୍ଧାରିତ ହୋଇଥାଏ। କିନ୍ତୁ ବୌଦ୍ଧଦର୍ଶନରେ 'କାମନାର ବିନାଶରେ ଦୁଃଖର ବିନାଶ'। ଯେଉଁଠି କାମନା ଓ ଜନ୍ମାନ୍ତର ପରିକଳ୍ପନାକୁ ଅସ୍ୱୀକାର କରାଯାଏ। ପ୍ରେମରେ ଶୋଷ ମେଣ୍ଟେନା, ବଢ଼େ। ଏଥିପାଇଁ ବାରମ୍ବାର ଜନ୍ମ ଗ୍ରହଣ କରିବାକୁ ପଡେ। କବି ପ୍ରସନ୍ନ କୁମାର ମିଶ୍ର ଯାହା ଏ ଜନ୍ମରେ ପ୍ରେମିକା ଠାରୁ ପାଇନାହାନ୍ତି ତାହା ଆଉ ଗୋଟେ ଜନ୍ମ ପାଇଁ କାମନା କରିଛନ୍ତି ଏହି ଆଶାବାଦ ମନିକାର ପ୍ରିୟରେ ଗୋଟିଏ ନୂତନ ଅଧ୍ୟାୟ ସୃଷ୍ଟି କରିଛନ୍ତି। ପ୍ରସନ୍ନ କୁମାର ମିଶ୍ରଙ୍କ 'ମନିକାର ପ୍ରିୟ'ର ମନିକା ଚରିତ୍ରକୁ ଗଢ଼ିବା ବେଳେ ଯେଉଁ ପ୍ରିୟତମାକୁ ମନେପକାଇଛନ୍ତି ସେହି ତ ମନିକା, ମନିକା ଏବେ ମନିକାର ପ୍ରିୟ ପାଖରେ ନାହିଁ ମନିକା ତା'ର ସଂସାର, ତା'ର ଜଞ୍ଜାଳରେ ବ୍ୟସ୍ତ କିନ୍ତୁ ମନିକା ଫେରିବାର ବାଟ ଚାହିଁରହିଥାନ୍ତି କବିତାରେ ମନିକା ଫେରିନାହିଁ ସେ ଭାବୁଛନ୍ତି ଯେ ଅଚାନକ ଚଳନ୍ତା ଟ୍ରେନରେ ମନିକା ସହ ଦେଖାହେବ ଓ ସେ ପ୍ରଥମେ କହିବେ ମନିକାକୁ ଯେ ତୁମେ ହଜିଯାଉଛ? ଏବଂ ଦେଖିଛନ୍ତି ମନିକାର ମଥାରେ ଥିବା ସିନ୍ଦୁର, ହାତରେ କାଚଚୁଡ଼ି ପାଦରେ ଅଳତା ଦେଇ ପରିବର୍ତ୍ତନ କରି କହିଛନ୍ତି ଯେ ମୁଁ ଲଂଘି ପାରୁନି ସାମାଜିକ ଶୃଙ୍ଖଳାର ଗାର ଏବଂ ପ୍ରେମିକା କହିବ ଯେ ତୁମ ଛୁଆପିଲା ସଂସାରକୁ ଛାଡି ତୁମେ ମୋ ଆଡେ ଆସିବ ବାସ୍ତବିକ ତାହା ପ୍ରସନ୍ନଙ୍କ ମନିକା ହିଁ କହିବ ।

ସୁନୀଲ କୁମାର ପୃଷ୍ଟିଙ୍କ ତନୁଲତା ଓଡ଼ିଆ କାବ୍ୟ ସଂସାରରେ ଏଭଳି ଏକ ସଞ୍ଜବତୀ ଯିଏ କାବ୍ୟମୋଦୀ ପାଠକ ହୃଦୟରେ ଜଳୁଥାଏ ଜଳି ଜଳି ଝରିଯାଏ। ପାଉଁଶ ହୋଇଗଲା ପରେ ବି କହେ ଭଲପାଏ ଭଲପାଏ, ଭଲପାରବାର ଏକ ନିମୋହି ସଳିତା - ତନୁଲତା ଏକ ଅନୁଢ଼ା କାବ୍ୟ ସତ୍ତା ପ୍ରେମ, ପ୍ରତ୍ୟାଶା ଓ ପ୍ରତ୍ୟୟ ବୋଧର ଏକ ଅଭୁଲା ବାର୍ତ୍ତା ସେଥିରେ ସେ ବର୍ଣ୍ଣନା କରିଛନ୍ତି ।

ତନୁଲତା ଓ କବିଙ୍କ ମଧ୍ୟରେ ପ୍ରେମ ଓ ବିରହ ପ୍ରତିଟି ଲୁହଟୋପାରେ ଏମିତି ଭାସେ ଯେମିତି ମଳା କବିତା ଯୋଡ଼ିଏ। ପରସ୍ପର ଅଲଗା ଅଲଗା ଦାମ୍ପତ୍ୟ ଜୀବନ ନିର୍ବାହ କରୁଥିଲେ ବି ତନୁଲତା ତା'ର ପାଣିଚୁଡ଼ିର ବ୍ୟସ୍ତ ହାତରେ ଏବେ ବି ଖୋଲିରଖେ ବାରିପଟ କବାଟ। କାରଣ ଭାରି ଏକ ମେଘ ରାତିରେ ଗାଲରେ ହାତ ଦେଇ ତନୁ ଘୁମେଇ ପଡ଼ିଥିବାବେଳେ ଯେବେ ଅଧଖୋଲା କାଠ ଝରକାରୁ କିରୋସିନ ଲଣ୍ଠନ ଆଲୁଅ ଛିଟିକି ପଡ଼ିଥିଲା, ଘରେ ଖେଳିଯାଇଥିଲା ଏକ ମୂକ ନୀରବତା, ବାହାରେ ହିଁ କବି ଡାକିଥିଲା: ତନୁ ! ବାରିପଟ କବାଟ ଖୋଲିଦିଅ। "ହଁ, ଏହା ବି ସତ ଯେ ତନୁ ଦିନେ କବି

ପାଖକୁ ଆସିଥିଲା ନିଜକୁ ଯାଚିଦେବା ପାଇଁ। ନିଜର ହୃଦୟକୁ ସମର୍ପି ଦେବା ପାଇଁ। ସେତେବେଳେ ପ୍ରାର୍ଥନା ବିଭୋର ଓଠ, ପୁଲକିତ ନଖ, ଅଥୟ ପାପୁଲି ଏବଂ ଲଜ୍ଜାରେ ଜଡ଼ସଡ଼ ତନୁ ମାଗିଥିଲା: ସେତେବେଳେ ମୋତେ ମୃତ୍ୟୁ ହିଁ ଦିଅ ।" ତନୁଲତା ଚରିତ୍ରରେ ସେ ବର୍ଣ୍ଣନା କରିଛନ୍ତି।

ରବି ସିଂଙ୍କ- ଛବିରାଣୀରେ ଏକ ଘଟଣା ଉପରେ ଲିଖିତ ଯାହାକି ୧୯୮୦ ମସିହା ଅକ୍ଟୋବର ୩ ତାରିଖରେ କଟକ ସହର ଠାରୁ ୨୫ କି.ମି. ଦୂର ବିଲୁଆଖାଇ ନଦୀଶଯ୍ୟାରେ ବିରିଡ଼ିର ବ୍ଲକସ୍ତରୀୟ ସାମ୍ବାଦିକ ନବକିଶୋର ମହାପାତ୍ରଙ୍କ ପତ୍ନୀଙ୍କୁ ଧର୍ଷଣକରି ହତ୍ୟା କରାଯିବା ପରେ ସେ ଘଟଣାକୁ ଜାତୀୟସ୍ତର ପର୍ଯ୍ୟନ୍ତ ନିଆଯାଇ ସେଥିରୁ ରାଜନୈତିକ ଫାଇଦା ହାସଲ କରିବା ପାଇଁ ଏକ ଚାଞ୍ଚଲ୍ୟକର ପ୍ରଚେଷ୍ଟା କରିଥିଲେ ପ୍ରାଦେଶିକ ଓ ଜାତୀୟସ୍ତରର ନେତୃମଣ୍ଡଳୀ ଏବଂ ନିର୍ବାଚନପନ୍ଥୀ ସୁବିଧାବାଦୀ ରାଜନୈତିକ ଦଳମାନେ। ପୂର୍ବରୁ ଓ ପରେ ସେହି ସମଗୋତ୍ରୀୟ ଅଧିକ ବିଭତ୍ସ ଘଟଣାରେ ସେମାନେ ନୀରବ ହେଇ ଯାଉଛନ୍ତି ତାହା ବର୍ଣ୍ଣନା କରିଛନ୍ତି।

(୩) ପୁରୁଷ ଚରିତ୍ର : ସାମ୍ପ୍ରତିକ ସମୟର ପୁରୁଷ ଚରିତ୍ରରେ ଦେଖାଯାଏ ପ୍ରସନ୍ନ କୁମାର ମିଶ୍ରଙ୍କ- ଟ୍ରକ୍ ଡାଲାରେ ସନାତନ, ଗୁରୁ ପ୍ରସାଦ ମହାନ୍ତିଙ୍କ- ସଞ୍ଜୟ ଓ ଧୃତରାଷ୍ଟ୍ର ସମ୍ବାଦ, ବିଶନ୍ ମହାନ୍ତି ପରି ଚରିତ୍ର, ଦୀପକ ମିଶ୍ରଙ୍କ- ଗୌର ଓ ମୋହନ ମାଷ୍ଟ୍ରେ, ରାଜେନ୍ଦ୍ର କିଶୋର ପଣ୍ଡାଙ୍କ- ଗୋଲାମ ଦାସ, ବୈରାଗୀ ଭୋଇ, ଅଖିଳ ନାୟକଙ୍କ- ସୌଭାଗ୍ୟ, ରମାକାନ୍ତ ରଥଙ୍କ- ସୁବାସ, ଭାରତ ମାଝୀଙ୍କ- ଚନ୍ଦ୍ରସେଣା, ଚିନ୍ତାମଣି ବେହେରାଙ୍କ- ଶ୍ରୀଧର ବାରିକ।

ଗୁରୁ ପ୍ରସାଦ ମହାନ୍ତିଙ୍କ ବିଶନ ମହାନ୍ତି ବୁଦ୍ଧ, ବିଶ୍ୱାବସୁ, ନବଗୁଞ୍ଜର ଚରିତ୍ର ଦେଇ ମହା ପରି ନିର୍ବାଣର ବୋଧିଦ୍ରୁମ ସଦୃଶ ଏକ ମିଥୀୟ ଚରିତ୍ର। କାବ୍ୟ ନାୟକର ଅସହାୟ ଜୀବସହ ଏ ଚରିତ୍ର ମାଧ୍ୟମରେ ବହୁଭାବ ପ୍ରତୀକିତ। ଜୀବନରେ ଅସଫଳତା, ଅନ୍ତର୍ଦ୍ୱନ୍ଦ ଓ ନିରୂପାୟତାର ଚିତ୍ର ଏହି ଚରିତ୍ର ମାଧ୍ୟମରେ ବେଶ୍ ସଫଳତାର ସହ ଅଙ୍କନ କରିଛନ୍ତି ଶ୍ରୀ ମହାନ୍ତି ଓ ଅନ୍ୟ ଏକ କବିତା ସଞ୍ଜୟ ଓ ଧୃତରାଷ୍ଟ୍ରରେ - କୁରୁକ୍ଷେତ୍ର ଯୁଦ୍ଧ ପରେ ସଞ୍ଜୟ ଓ ଧୃତରାଷ୍ଟ୍ର ଈଶ୍ୱରଙ୍କ ମୃତ୍ୟୁ ଓ ପ୍ରହେଳିକା ବିଷୟରେ ଆଲୋଚନା କରନ୍ତି, ସଞ୍ଜୟ ଜଣେ ଚତୁର ବୁଦ୍ଧିଜୀବୀ, ଧୃତରାଷ୍ଟ୍ର ଜଣେ ବିବେକହୀନ ରାଜା। କ୍ଷମତା ମୋହରେ ଅନ୍ଧ ଧୃତରାଷ୍ଟ୍ର ଈଶ୍ୱରଙ୍କ ଉପସ୍ଥିତିକୁ କିପରି ବୁଝିପାରନ୍ତି ନାହିଁ ତାହା ସଞ୍ଜୟ ଓ ଧୃତରାଷ୍ଟ୍ର ସମ୍ବାଦ କବିତା ମାଧ୍ୟମରେ କବି ବ୍ୟକ୍ତ କରିଛନ୍ତି।

ଚିନ୍ତାମଣି ବେହେରାଙ୍କ ଶ୍ରୀଧର ବାରିକ ଚରିତ୍ରରେ ମୟୂରଭଞ୍ଜର ବୈରାଟପୁର ମଧ୍ୟ ଇଂରାଜୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀଧର ବାରିକ ତା୧୯/୦୭/୮୦ ମସିହାରେ ବଜ୍ରପାତରେ ମୃତ୍ୟୁବରଣ କରିଛନ୍ତି। କବିତାଟି ତାଙ୍କ ଉଦ୍ଦେଶ୍ୟରେ ଲିଖିତ। ପ୍ରତ୍ୟେକ ଦିନ ସ୍କୁଲରେ ପ୍ରବେଶ କରିବା ସମୟରେ ତାଙ୍କର ଚାଲି ଚଳଣ ଓ ରଙ୍ଗ ଢଙ୍ଗ ଶୈଳୀ, ବେଶଭୂଷା ଏବଂ ରୂପ ଯୌବନର ସମ୍ପର୍କରେ କହିଛନ୍ତି ସେ ସାମାନ୍ୟ ନିରୀହ ବ୍ୟକ୍ତିତ୍ୱ ପରି ଶ୍ୟାମଳ ଆଖି ଦୁଇ ତରଳ ଅନଳ ପରି ଧୋତି ଆଉ ହାଫ୍ ସାର୍ଟ ଖଣ୍ଡେ ପିନ୍ଧି ସିଧା ସିଧା ପାହୁଣ୍ଡ ପକାଇ ଆସି ଥାଆନ୍ତି।

ପ୍ରସନ୍ନ କୁମାର ମିଶ୍ରଙ୍କ ଟ୍ରକ୍ ଡାଲାରେ ସନାତନ କବିତାରେ ସନାତନ ହେଉଛି ଆମ ସମୟର ଏକ ଅସହାୟ ବ୍ୟକ୍ତି ଯାହା ଭିତରେ ସବୁ ସାମର୍ଥ୍ୟ ସବୁ ସକଳ ସମ୍ଭାବନା ଥିଲେ ମଧ୍ୟ ସେ ସବୁକୁ ପ୍ରତିପାଦନ କରି ପାରୁନଥିବା ଏକ ଚରିତ୍ର ସେ ସମସ୍ତଙ୍କ ଭିଡ଼ ଭିତରେ ନିଜର ଅସ୍ତିତ୍ୱ ହରାଉ ଥିବା ଏକ ଦୀର୍ଘଶ୍ୱାସ।

କବିଙ୍କ ଉପରୋକ୍ତ ଶବ୍ଦରୋପଣରୁ ସନାତନର ସାର୍ବଜନୀନତା ଓ କାଳ-ଉତ୍ତୀର୍ଣ୍ଣତା ସମ୍ପର୍କରେ ପରିଚୟ ମିଳିଥାଏ। ନିଜକୁ ବାରମ୍ବାର କୁଶବିଦ୍ଧ କରି ପରିବାର ପୋଷଣ ସନାତନର ଦାୟିତ୍ୱ। ନିମ୍ନ ମଧ୍ୟବିତ୍ତ ପରିବାରର ନାୟକ। ବାପା ପାଇଁ ଅଫିମ, ମା' ପାଇଁ ବଟିକା, ଆଲୁଅ ପାଇଁ ମାଟି ତେଲ, ପେଟ ପାଇଁ ଦାନା, ଦେହ ପାଇଁ କନା ସଂଗ୍ରହରେ ତା'ର ଦିନ ଆସେ। ତଥାପି ସେ ପାରେନା, ଓଡ଼ିଶାର ପ୍ରାକୃତିକ ଭୂଗୋଳ, ରାଜନୈତିକ ସ୍ଲୋଗାନ୍, ଗଣତନ୍ତ୍ରର ସାନ୍ତ୍ୱନା ତାକୁ ବାନ୍ଧି ରଖି ପାରେନା, ମୂଳ ପାଇଁ ସେ ମାଟି ଛାଡ଼େ। ଏ ପ୍ରକାର ଅସହାୟ ବ୍ୟକ୍ତିର ଚରିତ୍ରକୁ ଦେଖାଇଛନ୍ତି।

ରାଜେନ୍ଦ୍ର କିଶୋର ପଣ୍ଡାଙ୍କ 'ବୈରାଗୀ ଭୋଇ' ଜୀବନର ହା ହୁତାଶ ବ୍ୟର୍ଥତା ବିଫଳତା ସତ୍ତ୍ୱେ ତାଙ୍କ କାବ୍ୟନାୟକ ବୈରାଗୀ ଆଶାବାଦୀ ମନ ନେଇ ଏଠାରେ ଉଜୁଡ଼ା ସମାଜରେ ଜୀବନକୁ ଝୁରୁଛି। ସେଇ ବୁଝିବାପଣ ହିଁ ତା'ର ଏକାନ୍ତ ନିଜର। କେହି କାହା ପାଇଁ ଦାୟୀ ହୁଏନା। ବୈରାଗୀ ଭୋଇ ରାଗେ। ପାପ କରେ। ତା ମୃତ୍ୟୁ କଥା ସେ ହିଁ ଜାଣେ। କାହାର ଧରମ ପୁଅ ନୁହଁ ସେ। ସେ ଚୋରି କରିନି | ଦାରୀ କରିନି | ନିଜର ଜୀବନକୁ ସେ କନ୍ଦଳମୟ ଜଳାପୋଡା ପଥରେ ଗଡାଇ ନିଏ, ସ୍ୱପ୍ନଦେଖେ ସେହି ବାସ୍ତବିକ ଚରିତ୍ରକୁ ଦର୍ଶାଇଛନ୍ତି।

(୪) ଐତିହାସିକ ଚରିତ୍ର: ଐତିହାସିକ ବା କିମ୍ବଦନ୍ତୀ ଚରିତ୍ର ଭାବରେ ଦେଖାଯାଏ- ମନୋଜ ଦାସଙ୍କ- 'କଳାପାହାଡ଼', ଜଗନ୍ନାଥ ଦାସଙ୍କ- ଗୋପବନ୍ଧୁ, ମନୋରମା ମହାପାତ୍ରଙ୍କ- ହୁସେନ୍ ରବି ଗାନ୍ଧୀ, ଗିରିବାଳା ମହାନ୍ତିଙ୍କ- ଶ୍ରୀମତୀ ଇନ୍ଦିରା ଗାନ୍ଧୀ, ସୁଚିତ୍ରା ପାଣିଗ୍ରାହୀଙ୍କ- ଗାନ୍ଧୀ, ଚିନ୍ତାମଣି ବେହେରାଙ୍କ -ଇନ୍ଦିରା ପ୍ରିୟଦର୍ଶନୀ ଏକ-ଶ୍ରଦ୍ଧାଞ୍ଜଳୀ, ପ୍ରସନ୍ନ ପାଟଶାଣୀଙ୍କ- ଗାନ୍ଧୀ, ଅଧ୍ୟାପକ ବିଶ୍ୱରଞ୍ଜନଙ୍କ- ଗାନ୍ଧୀ ମାହାତ୍ମ୍ୟ, ଦୀନନାଥ ପାଠୀଙ୍କ- ଗାନ୍ଧୀ ରୂପ, ଜଗନ୍ନାଥ ପ୍ରସାଦ ଦାସଙ୍କ- ଗାନ୍ଧୀ, ବିଚ୍ଛନ୍ଦ ଚରଣଙ୍କ- ବାପୁଜୀ ବିୟୋଗ।

ଚିନ୍ତାମଣି ବେହେରାଙ୍କ ଇନ୍ଦିରା ପ୍ରିୟଦର୍ଶନୀ ଏକ ଶ୍ରଦ୍ଧାଞ୍ଜଳୀ କବିତାରେ ଇନ୍ଦିରା ଗାନ୍ଧୀଙ୍କ ବୋମା ମାଡ଼ରେ ମୃତ୍ୟୁ ହୋଇଯିବା ଘଟଣା ସାରା ପୃଥିବୀରେ ଚହଳ ଖେଳିଯାଇଥିବା ସମୟରେ ସ୍ତବ୍ଧ ହୋଇପଡୁଛି ଭାରତବର୍ଷ ଏବଂ ତାଙ୍କର ଆଦର୍ଶ ମହନୀୟତାର ଗୋଟି ଗୋଟି କରି ବର୍ଣ୍ଣନା କରିଛନ୍ତି।

ଗିରିବାଳା ମହାନ୍ତିଙ୍କ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ଚରିତ୍ରରେ ଦେଖିବାକୁ ମିଳେ ଯେ ଇନ୍ଦିରାଗାନ୍ଧୀ ହେଉଛନ୍ତି ପାଞ୍ଚଟି

ଆକର୍ଷଣ ମଧ୍ଯରୁ ଗୋଟିଏ ଯାହାର ନିଜର ବିଶ୍ୱସ୍ତ ପରିଜନ ତାଙ୍କ ବିଶ୍ୱାସରେ ବିଷ ଦେଇଛି ସେହି ହତ୍ୟାକାରୀକୁ ଅତ୍ୟନ୍ତ ନିନ୍ଦା କରିଛନ୍ତି ଯାହା କବି ସ୍ୱପ୍ନରେ ମଧ ବିଶ୍ୱାସ କରି ନଥିଲେ ବୋଲି କହିଛନ୍ତି।

ଜଗନ୍ନାଥ ପ୍ରସାଦ ଦାସଙ୍କ ଗାନ୍ଧୀ ଚରିତ୍ରରେ ରାମରାଜ୍ୟର ସ୍ୱପ୍ନ ଦେଖୁଥିବା ଗୋଟିଏ ବାପର ସନ୍ତାନମାନଙ୍କର ଅଧୋଗତି, ନୈତିକତାର ଅବକ୍ଷୟ ଓ ତା' ଦେଶର ରାଜନୀତିକ ବିପର୍ଯ୍ୟୟ ନୂଆ ସମାଜ ଗଠନର ସ୍ୱପ୍ନ ଦେଖୁଥିବା ଗାନ୍ଧୀପ୍ରେମୀଙ୍କୁ ଆଜି ମିୟମ୍ରାଣ କରିଦିଏ। କୃତଘ୍ନତା ଓ ବିଶ୍ୱାସ ଘାତକତାର ବଳୟରେ ଆଜିର ସାଂପ୍ରତିକ ମଣିଷ ବନ୍ଦୀ ହୋଇଛି। ସ୍ୱପ୍ନଭଙ୍ଗରୁ ମୁକ୍ତି ପାଇଛି ନା ପ୍ରତାରଣାରୁ। ଗାନ୍ଧିଜୀଙ୍କ ଜୀବନାଦର୍ଶ ଓ ମୂଲ୍ୟବୋଧ ଠାରୁ ଆଜିର ମଣିଷ କିଭଳି ଦୂରେଇ ଯାଇଛି ତାହାକୁ କବି ଜଗନ୍ନାଥ ପ୍ରସାଦ ଦାସଙ୍କ 'ଗାନ୍ଧୀ' ଚରିତ୍ରରେ ଏହାର ମାର୍ମିକ ଦୃଷ୍ଟାନ୍ତ।

ପ୍ରସନ୍ନ ପାଟଶାଣୀଙ୍କ ଗାନ୍ଧୀ ଚରିତ୍ରରେ ଭାରତର ରାଜନୈତିକ ସ୍ୱାଧୀନତା ସହ ସ୍ୱାବଲମ୍ବନଶୀଳତା ଗାନ୍ଧିଜୀଙ୍କର ଆଦର୍ଶ। କଳ୍ପନାର କେନ୍ଦ୍ରବିନ୍ଦୁ ଅଲଗା, ତା' ସହ ନିଶା ନିବାରଣ, ଯୌତୁକ ପ୍ରଥାର ବିରୋଧ, ନୀଚ ସମାଜର କଲ୍ୟାଣ ଓ ଅସ୍ପୃଶ୍ୟତା ନିବାରଣ ତଥା ଦୁର୍ନୀତିର ବିରୋଧ ଆଦି ପ୍ରଗତିଶୀଳ ଚିନ୍ତାଧାରା ସହ ଶାରୀରିକ ଓ ମାନସିକ ଶ୍ରମର ସମନ୍ୱୟ ପାଇଁ ସେ ଆହ୍ୱାନ ଦେଇଥିଲେ।

(୫) ନାମ ବିହୀନ (ନେପଥ୍ୟ) ଚରିତ୍ର (Pseudo character) : ନାମ ବିହୀନ ବା ନେପଥ୍ୟ (କଳ୍ପିତ) (pseudo) ଭାବରେ ଦେଖାଯାଏ ହୃଷିକେଶ ମଲ୍ଲିକଙ୍କ- ଧାନ ସାଉଁଟା ଝିଅ, ପ୍ରସନ୍ନ କୁମାର ମିଶ୍ରଙ୍କ ଷଷ୍ଠ ମହଲାର ସ୍ତ୍ରୀ ଲୋକ, ଦିଲୀପ କୁମାର ସ୍ୱାଇଁଙ୍କ- ପ୍ରେମିକାର ସ୍ୱାମୀ ପାଇଁ, ମହୁଲପଡ଼ାର ମାଇପେମାନେ, ଭାରତ ମାଝୀଙ୍କ- ଅଗାଧୁ ଦୁଆରୀ, ବାବାଜୀ।

ପ୍ରସନ୍ନ କୁମାର ମିଶ୍ରଙ୍କ 'ଷଷ୍ଠ ମହଲାର ସ୍ତ୍ରୀ ଲୋକ' କବିତା ସଙ୍କଳନରେ ସେ ପାଞ୍ଚଟି ନାରୀ ସ୍ତବକକୁ ପାଞ୍ଚ ମନ ଓ ପଚିଶି ପ୍ରକୃତି ଭିତରେ ଉନ୍ମୋଚନ କରିଛନ୍ତି। 'ପୁନି' ନିମ୍ନ ବର୍ଗର ନାରୀ ଯିଏ ଜଠର ଯନ୍ତ୍ରଣାରେ ତ୍ରସ୍ତ- ସହରରେ ସ୍ୱାମୀକୁ ହରାଇ ବିପନ୍ନା 'ବେବି'ର ଦୁଃଖ ଅଭିଜାତ। ପ୍ରେମିକ ପରି କେହି ଜଣେ ଆଶା କରେ ସ୍ୱାମୀଠାରୁ। ପାଏନି। ନ ପାଉ। 'ସୁଷମା' କର୍ମଜୀବୀ ନାରୀର ସମସ୍ତ ମାନସିକତାକୁ ଉନ୍ମୋଚନ କରେ। ସେ ପାଏ ତା' ଅହଂକାରର ପୁରସ୍କାର। 'ପ୍ରିୟମ୍ବଦା' ସଂଘର୍ଷ କରେ ବଂଚିବା ପାଇଁ। ସମସ୍ତେ ଚାହାନ୍ତି ତା'ର ଦେହ। ସବୁ ମହୁମାଛି ଉଡ଼ି ଯାଆନ୍ତି ଝରକା ଦେଇ। ପ୍ରିୟମ୍ବଦା ଏକା ଏବଂ ଏକା ଏକା। 'ରାନୁ' ଏସବୁର ଊର୍ଦ୍ଧ୍ୱରେ। ତା'ର ରହିଛି ରୀତିମତ ଦୁଃଖ। କିନ୍ତୁ ଗୋଟାଏ ଆଦର୍ଶ ପାଖରେ ସେ ସମର୍ପିତା— ନାରୀମୁକ୍ତି ଆନ୍ଦୋଳନର ପ୍ରକୃତ କର୍ମୀ। ପାଞ୍ଚଟି ନାରୀ ଚରିତ୍ର ପଞ୍ଚମୁଖୀ ସୌନ୍ଦର୍ଯ୍ୟ ବିସ୍ତାର କରିଛନ୍ତି ସମଗ୍ର ସଂକଳନରେ।

ଷଷ୍ଠମହଲାରେ ଯେଉଁ ସ୍ତ୍ରୀ ଲୋକଟି ମିଳେ ସେ ସ୍ୱାମୀ ଛଡ଼ା ଓ ଦୁଇଟି ପିଲାର ମା'। ଯିଏ ନିଜ ପତିପାଇଁ ବ୍ୟଗ୍ର ଜଠର ଯନ୍ତ୍ରଣା ଉପଶମରେ ଅଭ୍ୟସ୍ତ। ଅତଏବ ଷଷ୍ଠଚେତନା କବି ଚେତନାର ଯେଉଁ ଉତ୍ତରିତ ଅଧ୍ୟାୟ ଉନ୍ମୋଚନ କରିବା କଥା ଏ ଶ୍ରମଜୀବୀ ମହିଳାଠାରେ କୌଣସି ଲକ୍ଷଣ ବା କ୍ଷମତା ନାହିଁ ଏହା ସ୍ପଷ୍ଟ। ଚେତନାର କାଠଗଡ଼ାରୁ ମୁକୁଳାଇ ଆଣି ଚିନ୍ତାକଲେ କବିତାର ସାମାଜିକ ଓ କଳା ମୂଲ୍ୟ ଉଚ୍ଚକୋଟୀର। ବିବାହ ପରେ ସନ୍ତାନ ଜନ୍ମ କରି ଗୃହସ୍ଥ ଜୀବନ ଛାଡ଼ି ପଳାୟନ କରିବାର ଏକ ଦାୟିତ୍ୱହୀନ ଭୂମିକା କବିତାରେ ରୂପପାଇଛି। ଏହି ଗୃହତ୍ୟାଗୀ ବୈରାଗୀମାନଙ୍କ ପାଇଁ ଏକ ସହଜିଆ ଗୃହସ୍ଥ ଦର୍ଶନ 'ପୁତ୍ର ନିବେଶି ପତ୍ନୀ ପାଶେ ତେବେ ଯେ ଚଳିବ ସନ୍ୟାସେ' ସବୁ ବେଳେ ଉତ୍ସାହ ଜୁଟାଇ ଆସିଛି। କବିତାରେ ଅବଶ୍ୟ ବୈରାଗୀ ହେବାର କୌଣସି ଲକ୍ଷଣ ପ୍ରକାଶପାଇ ନାହିଁ କିନ୍ତୁ ଶେଷ ଆଡ଼କୁ 'ଯଦୁଆ ଗେରୁଆ ପିନ୍ଧିବା' ଓ ପୁଅ ହେବାପରେ 'ବିଛଣାକୁ ନଯିବା' ସହ 'ଘରକଣରୁ ଚିଲମପାଇବା' ଆଦି ପ୍ରସଙ୍ଗ ଯଦୁଆ ବାବାଜୀ ହୋଇଯିବାର ଯଥେଷ୍ଟ ସମ୍ଭାବନା ସୃଷ୍ଟି କରୁଛି। ଏହା ହିଁ ଆମ ସମୟର ଦୁଃଖ। ଏକ ସାମାଜିକ ବ୍ୟାଧି। ସବୁ ପୁଅ ତ ଧର୍ମପଦ ନୁହଁନ୍ତି। ବାଡ଼ି ବରକୋଳି ଆଉ ବଳିଆ କୁକୁର ନେଇ ବାପାକୁ ଖୋଜିଯିବେ। ଯଦୁଆର ଯିବାପରେ 'ପୁନି'ର ଜୀବନ ବିପର୍ଯ୍ୟସ୍ତ ହୋଇ ପଡ଼ିଛି। ପୁଅ ଓ ଝିଅଙ୍କୁ ସାଙ୍ଗରେ ଧରି ଆସିଛି ସହରକୁ- ଷଷ୍ଠ ମହଲାକୁ। ଯଦୁଆ କେଉଁଠି ନାହିଁ। ସବୁଠି ଅଛି ଛଳନା ପରେ ଛଳନା- ଷଷ୍ଠ ମହଲା, କିନ୍ତୁ ପୁନି କେତେ ଅସହାୟ ହୋଇ ପଡ଼େ ନିଜ ପିଲାମାନଙ୍କ ପାଖରେ ତାହାକୁ ବର୍ଣ୍ଣନା କରାଯାଇଛି।

(୬) ଦଳିତ ଚରିତ୍ର: ଦଳିତ ଚରିତ୍ରରେ ଦେଖାଯାଏ ଯେ ଅନଗ୍ରସର ଓ ଅବହେଳିତ ଭାବରେ ବିବେଚିତ ହେଉଥିବା ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତିମାନଙ୍କର ବ୍ୟକ୍ତିତ୍ୱ ଓ ବ୍ୟବହାରର ଅଧିକାରକୁ ସାବ୍ୟସ୍ତ କରିବା ହେଉଛି ଦଳିତ ବା ଜାତି ବ୍ୟବସ୍ଥାର ଉଚ୍ଛେଦ, ଅସ୍ପୃଶ୍ୟତାର ବିଲୋପ, ଉଚ୍ଚ ବର୍ଗଙ୍କ ଆର୍ଥିକ ଶୋଷଣ ଓ ସାଂସ୍କୃତିକ ଆଧିପତ୍ୟର ଆଦିକୁ ଚିହ୍ନିତ କରିଥାଏ। ଦଳିତ ଚରିତ୍ର ଭାବରେ ଆଶୁତୋଷ ପରିଡ଼ାଙ୍କ- ଚଣ୍ଡାଳ, ରବି କୁମାର ହସନ୍ ଙ୍କ- ଠିଆ ଲଙ୍ଗଳା।

କବି କୁମାର ହସନ୍ ଙ୍କ ଠିଆ ଲଙ୍ଗଳା କବିତାରେ ଜାତି ଧର୍ମର ବାହାରେ ନିଜର ଅସ୍ତିତ୍ୱକୁ ଜାହିର କରୁଥିବା ଯିଏ ତା ବୁଡି ଅଞ୍ଚଳରେ ଦୁଃଖ ଓ ନିଜ ଗାଁଆକୁ ନେଇ ରହି ଥିବା ନିଷ୍ଟାଲିଜିଆରୁ ଖେଦି ଯାଉଛି ଲେଙ୍କୁ ମାଝୀର ସଂସାରକୁ ଦଳିତ ନାରୀର ସଂସାର ଓ ଜୀବନକୁ ନେଇ ଏକ ବଳିଷ୍ଠ ଉକ୍ତି ଏଥିରେ ବର୍ଣ୍ଣନା କରାଯାଇଛି।

ଆଶୁତୋଷ ପରିଡ଼ାଙ୍କ ଚଣ୍ଡାଳ କବିତାରେ ଦେଖାଇଛନ୍ତି ଯେ ଚଣ୍ଡାଳ ଭିତରେ ଏପରି ଏକ ମଣିଷର ଛବି ଯିଏ ଅନନ୍ତ ନିପୀଡନର ଗହ୍ୱର ଭିତରୁ ଅମିତ ସ୍ପର୍ଦ୍ଧାରେ ମୁଣ୍ଡ ଟେକି ଥିଲା ସମାଜରେ ସମସ୍ତ ନିର୍ଲଜ କାର୍ଯ୍ୟକୁ କରୁଥିଲା।

(୭) ସାମ୍ୟବାଦୀ ବା ମାକ୍ସବାଦୀ ଚରିତ୍ର : ସାମ୍ୟବାଦୀ ବା ମାକ୍ସବାଦୀ ହେଉଛି ଅର୍ଥନୈତିକ ସଙ୍କଟ, ଦୁର୍ନୀତି, ରାଜନୈତିକ ଦଙ୍ଗା, ଧର୍ମାନ୍ତରୀକରଣ, ସନ୍ତ୍ରାସବାଦ, ନକ୍ସଲବାଦ ଆନ୍ଦୋଳନ, ସାମ୍ପ୍ରଦାୟିକ ଅସହିଷ୍ଣୁ ମନୋବୃତ୍ତି ଆଦି ଏ ପରିପେକ୍ଷୀରେ

ଅନେକ କବିତା ଦେଖାଯାଏ ଯେପରିକି ଗୁରୁପ୍ରସାଦ ମହାନ୍ତିଙ୍କ- କମ୍ରେଡ ମାମୁଁ, ରବି ସିଂଙ୍କ- ସଇତାନ, ରାଜେନ୍ଦ୍ର କିଶୋର ପଣ୍ଡାଙ୍କ- ଗୋଲାମ ଦାସ।

ରାଜେନ୍ଦ୍ର କିଶୋର ପଣ୍ଡାଙ୍କ ଗୋଲାମ ଦାସ ଚରିତ୍ରରେ ଦେଖାଦେଇଛି ଭାରତୀୟ ରାଜନୀତିର ଘଡି ସନ୍ଧି ମୁହୂର୍ତ୍ତରେ ଜନ୍ମ ନେଇଛି ଗୋଲାମ ଦାସ ୧୯୭୫ ମସିହା ଜରୁରୀ କାଳୀନ ପରିସ୍ଥିତି ସମୟରେ ଭାରତର ପୃଷ୍ଠଭୂମି ଯେପରିକି ବାକ୍ ସ୍ୱାଧୀନତା ଠାରୁ ମଣିଷ ବଞ୍ଚିବା ସ୍ୱାଧୀନତା ହାତରୁ କ୍ଷୁର୍ଣ୍ଣ ହୋଇପଡିଛି। ମୁହଁରେ ତୁଣ୍ଡି ବାନ୍ଧିଲା ପରି ସବୁକିଛି ଦେଖୁଛନ୍ତି ତାର ପ୍ରତିବାଦ କରିବାର ସାହସ ନାହିଁ ଏହିପରି ଅସହାୟତାର ବ୍ୟବସ୍ଥା ବିରୋଧୀ ଚରିତ୍ର ଭାବରେ ଗୋଲାମ ଦାସଙ୍କୁ ଚିତ୍ରିତ କରାଯାଇଛି।

ଗୁରୁପ୍ରସାଦ ମହାନ୍ତିଙ୍କ- କମ୍ରେଡ୍ ମାମୁଁ କବିତାଟିରେ ବିପ୍ଳବୀ କବି ଅନନ୍ତ ପଟ୍ଟନାୟକଙ୍କ ବିଦ୍ରୋହାତ୍ମକ ଦୃଷ୍ଟିଭଙ୍ଗୀର ପର୍ଯ୍ୟାଲୋଚନା ହୋଇଛି। ସାମ୍ୟବାଦ, ଗାନ୍ଧୀବାଦ, ସମାଜବାଦ ପ୍ରତିଟି ଶବ୍ଦର ଅବତାରଣା ମାଧମରେ କବି ସୂଚାଇ ଦେବାକୁ ଚାହାନ୍ତି ଯେ କୌଣସି ବୈପ୍ଳବିକ ସ୍ଲୋଗାନରେ ପୁରୁଣା ପୃଥିବୀ ବଦଳି ନାହିଁ କି ବଦଳିବ ନାହିଁ। ତଥାପି କବିତାଟି ଦଳିତ, ପୀଡ଼ିତ, ଅବହେଳିତ ପ୍ରତି ସମ୍ବେଦନା, ମୁକ୍ତି ପିପାସୁ ମଣିଷ ପାଇଁ ବଳିଷ୍ଠ ଦ୍ୟୋତନା ସୃଷ୍ଟି କରିଛି। ତା'ର ସାନ୍ଦ୍ର, ନିବିଡ଼ କଳାତ୍ମକ ଆଲେଖ୍ୟ "କମ୍ରେଡ୍ ମାମୁଁ" କବିତା ଓ ତତ୍ସନ୍ନିହିତ ବିଦ୍ରୋହୀ କବିମାନଙ୍କ ପ୍ରତି ପ୍ରତିକ୍ରିୟା ପ୍ରକାଶ ପାଇଛି।

(୮) ମାନବେତର ଚରିତ୍ର : କବିତାରେ ମାନବ ଚରିତ୍ର ଭଳି ମାନବେତର ଚରିତ୍ରର ଭୂମିକା ଗୁରୁତ୍ୱପୂର୍ଣ୍ଣ ଯାହା ମଣିଷକୁ ଛାଡି ବା ମଣିଷ ଠାରୁ ଭିନ୍ନ ଚରିତ୍ର ଯାହା ମଧ୍ୟରେ ଗଛଲତା, ନଈ, ନାଳ, ବଣ, ପାହାଡ଼, ପଶୁପକ୍ଷୀ ସବୁକିଛି ଅନ୍ତର୍ଭୁକ୍ତ ଯଥା- ସୀତାକାନ୍ତ ମହାପାତ୍ରଙ୍କ ଚେର, କୁକୁଡ଼ା ଲଢ଼େଇ, ଲେମ୍ବୁଗଛ, ଚିନ୍ତାମଣି ବେହେରାଙ୍କ ବଣି, ବେଙ୍ଗ, ସାପ, ପେଚା, ବୁଢିଆଣୀ, ସୌଭାଗ୍ୟ କୁମାର ମିଶ୍ରଙ୍କ- ପ୍ରଜାପତି, ମାଛ, ଚଢ଼େଇ ଓ ହରିଣ, ଘୋଡ଼ା, ନଈକୂଳ, ଜଙ୍ଗଲ, ଚିଙ୍ଗୁଡ଼ି, ଗଛ, କଣ୍ଟାଲତା, ସୁଚିତ୍ରା ପାଣିଗ୍ରାହୀଙ୍କ- ଲୁହ, ବାଲିଘର, ବାଲିକୋଣାର୍କ, ଗିରିବାଳା ମହାନ୍ତିଙ୍କ- ଗୋଟିଏ କ୍ରମ ବିଲୁପ୍ତ ପ୍ରଜାତିର କଥା, ଓ ଈଶ୍ୱରୀ କବି କନ୍ୟାଙ୍କ- ଗଛ, ଅପର୍ଣ୍ଣା ମହାନ୍ତିଙ୍କ- ଏଣ୍ଡୁଅ, ବ୍ରହ୍ମାନନ୍ଦ ଦାସଙ୍କ- ତାଳଗଛ, କଇଁଛ ।

ସୀତାକାନ୍ତ ମହାପାତ୍ରଙ୍କ ଚେର କବିତାରେ ତାଙ୍କ ଜେଜେବାପାଙ୍କର ସ୍ମୃତି କବିଙ୍କ ରଚନାରେ ଜେଜେବାପାଙ୍କ ହାଡ଼ ମିଳେଇ ତାଙ୍କ ଜୀବନ ବୃକ୍ଷ ପାଇଁ ଚେରରେ ପରିଣତ ହୋଇଛି। ସେଇହିଁ ମୂଳ ସେଇହିଁ ପରିଚୟ (Identity)। ଘର ବୋଲି ଯେଉଁ ମାଟିର ଆକୃତିକୁ ଦେଖି ସେ ଏତେ ଅନ୍ତରଙ୍ଗତା ଅନୁଭବ କରନ୍ତି ତାହାହିଁ ଜେଜେବାପାଙ୍କ ସର୍ଜନ- କାଦୁଅ ପାଣି ଚକଟା ଚତୁଷ୍କୋଣାକାର ଧୂଳିଆପିଟା ଗଂଜାଏ ଘର। ତା'ପରେ ଆସେ ଅସଂଖ୍ୟ ପିଲାଦିନର ସ୍ମୃତି ଚିତ୍ରୋତ୍ପଳା ନଦୀ, ତାର ଶୂନଶାନ ବାଲିଚର, କଣ୍ଡିଆରେ ସୋରିଷ ଫୁଲର ଶୋଭା, କାଦୁଅ ଜେଜେଙ୍କ ପାଦର ଚିହ୍ନ, ଜେଜେଙ୍କ ବଂଶୀସ୍ୱର, ନଡ଼ିଆଗଛ ଛାଇରେ ସେ ସବୁଦିନପାଇଁ ଶୋଇ ଗଲେ। ଆଉ ଆଖି ଖୋଲିଲେନି। ଚିତ୍ରୋତ୍ପଳା ଯେତେ ଡାକିଲେବି ଆଉ ଶୁଣିଲେଣି ଏବେବି ତାଙ୍କୁ ଝୁରି ଝୁରି କବିଙ୍କ କାପ୍ତା- ମନ ଖରାବେଳେ ସେଇ ନଈ କୂଳରେ ବାହୁନି ବାହୁନି କାନ୍ଦି ବୁଲୁଚି। କବି କିନ୍ତୁ ଆଜି ଜୀବନଯୁଦ୍ଧରେ କ୍ଳାନ୍ତ ଚଢ଼େଇଟିଏ ପରି ନିଃଶବ୍ଦରେ ଘୁରିବୁଲୁଛି ଚିତ୍ରୋତ୍ପଳାର ସରୁଧାରରେ ତାଙ୍କ ପିଲାଦିନ ସମୟ ପାଣି ପରି ବୋହିଯାଇଛି। ସେ ଶୈଶବରୁ ମୃତ୍ୟୁଘଟିଛି ଯେଉଁଠି ଜେଜେ ବାପାଙ୍କ ଅସ୍ଥି ମାଟିର ଗହନ ଅତଳରେ ମିଶି ରହିଛି ତାହା ହିଁ ଚେର।

ବ୍ରହ୍ମାନନ୍ଦ ଦାସଙ୍କ ତାଳଗଛ କବିତା ସଂକଳନରେ କଇଁଛ କବିତାରେ କୁହାଯାଇଛି- କବି ଆମର ଅର୍ଥନୀତି ସମାଜ ବ୍ୟବସ୍ଥାର ଚିତ୍ର ପ୍ରଦାନ କରୁଥିବା ବେଳେ ନିଜ ଅସହାୟତାକୁ ଉନ୍ମୋଚନ କରିଛନ୍ତି। କବି ସବୁ ଜାଣିପାରେ କିନ୍ତୁ ନିଜ ଅକ୍ଷମତା ଓ ଅସହାୟତାର ଖୋଜିପାରେ କଇଁଛ ପରି ବନ୍ଦୀ ହୋଇ ରହେ ବାସ୍ତବିକରେ ଦେଖିଥିବା ଦୃଶ୍ୟକୁ ଆପଣେଇ ପାରେ ନାହିଁ ନିଜର ଅକ୍ଷମତା ହେତୁ ଏଠାରେ ବର୍ଣ୍ଣନା କରାଯାଇଛି ।

ସୌଭାଗ୍ୟ କୁମାର ମିଶ୍ରଙ୍କ ମାଛ କବିତାରେ ମାଛ ପୃଥିବୀ ପୃଷ୍ଠରେ ଜନ୍ମ ନେଇ ସାରିଲା ପରେ କିପରି ନିଜର ଅସ୍ତିତ୍ୱ ହରାଇଛି ବା ସାହାରା ଖୋଜୁଛି ଯେପରିକି ବିରାଟ ସମୁଦ୍ରରେ ଅସହାୟ ହୋଇ ଖାଲି ପହଁରୁଛି।

ସୀତାକାନ୍ତ ମହାପାତ୍ରଙ୍କ ଲେମ୍ବୁଗଛ ଚରିତ୍ରରେ ବଢ଼ିଉଠୁଥିବା ଲେମ୍ବୁ ଗଛକୁ ଦେଖି ବାପାଙ୍କ କଥା ମନେ ପଡ଼େ। ସେ କହୁଥିଲେ ମାଟିରୁ ଉପୁଜିଥିବା ଶସ୍ୟ ଖାଇ ଆମେ ଶିଶୁରୁ ବୃଦ୍ଧ ହେଉ। ଶେଷକୁ ମାଟି ଆମକୁ ଖାଇ ପୁନଶ୍ଚ ଆମ ପିଲାଙ୍କ ପାଇଁ ଗୁଳ୍ମ, ଶସ୍ୟ ଓ ଗଛ ଉପୁଜାଏ। ତେଣୁ ଲେମ୍ବୁଗଛକୁ ତାଙ୍କର ଅନୁରୋଧ ସେ ଆରଜନ୍ମରେ ପୁଣି ଜନ୍ମନେବାଯାଏ ସେ ଯେପରି ସେଇ ବାଡ଼ିରେ ସେମିତି ଥାଏ। ଲେମ୍ବୁଗଛ ମୃତ୍ୟୁଦୂତଙ୍କୁ ହୁଏତ କହିବ ଆଡ଼ବାଗିଆ ପିଲାଟିର ଅନୁରୋଧ ପାଇଁ ତାକୁ ବଂଚିରହିବାକୁ ହେବ। ଲେମ୍ବୁଗଛ ପରିଣତ ହୋଇଯାଇଛି ଯେପରି କହୁଛନ୍ତି।

ଚରିତ୍ର ଚିତ୍ରଣ ଦୃଷ୍ଟିରୁ ବିଚାର କଲେ ଉଭୟ କ୍ଷୁଦ୍ରଗଳ୍ପ ଓ ଉପନ୍ୟାସରେ ଲେଖକ ପାଇଁ ଚରିତ୍ର ସଂପର୍କରେ ଦୀର୍ଘ ବର୍ଣ୍ଣନାର ଅବସର ଥାଏ; କିନ୍ତୁ କବିତାର କଳେବର ସଂକ୍ଷିପ୍ତ ହୋଇଥିବା କାରଣରୁ ଚରିତ୍ର କିଛି ପଂକ୍ତି, ପ୍ରତୀକାତ୍ମକ, ଆଳଙ୍କାରିକ ଭାଷାର ପ୍ରୟୋଗ ମଧ୍ୟ ସୀମିତ ହେବାକୁ ବାଧ୍ୟ ହୋଇଥାଏ। ତେଣୁ କବିତାର ଚରିତ୍ର ସବୁବେଳେ ଛନ୍ଦ, ରୂପକ ଚିତ୍ରକଳ୍ପ ଆଶ୍ରିତ ଜଟିଳ ହୋଇପଡ଼େ। ଏହି ଦୃଷ୍ଟିରୁ ବିଚାର କଲେ ୧୯୮୦ ପରବର୍ତ୍ତୀ ଓଡ଼ିଆ କବିତାରେ ପ୍ରତିଫଳିତ ଚରିତ୍ର ସମୂହ ଜଟିଳତାକୁ ବହନ କରୁଥିଲେ ହେଁ ଉକ୍ତ ସମୟ ଖଣ୍ଡର ଜୀବନ ଜିଜ୍ଞାସା, ସୁଖ-ଦୁଃଖ, ଜଞ୍ଜାଳ-ଯନ୍ତ୍ରଣା, ପ୍ରାପ୍ତି-ଅପ୍ରାପ୍ତି, ବିଷାଦ-ବିଭଙ୍ଗ, ଭାବସତ୍ତାର ସଫଳ ଶବ୍ଦ ଲିପି। ଆଧୁନିକ ଓଡ଼ିଆ କବିତାର ମୂଲ୍ୟାୟନ ଦିଗରେ ଏହି ଚରିତ୍ରମାନଙ୍କ ଗବେଷଣା ନୂତନ ଦିଗବଳୟକୁ ଉନ୍ମୋଚନ କରିବ ବୋଲି ମୋର ଆଶା।

ସହାୟକ ଗ୍ରନ୍ଥସୂଚୀ:


୧) ଶତପଥୀ, ନିତ୍ୟାନନ୍ଦ। ସବୁଜରୁ ସାଂପ୍ରତିକ। ତୃତୀୟ ପ୍ରକାଶ। ଗ୍ରନ୍ଥ ମନ୍ଦିର, ବିନୋଦ ବିହାରୀ କଟକ। ୧୯୯୪।

୨) ସ୍ୱାଇଁ, ଦିଲ୍ଲୀପ କୁମାର। ନୂଆ କବିତାର ନକସା। ପ୍ରଥମ ପ୍ରକାଶ। ବିଜୟିନୀ ପବ୍ଲିକେଶନ, ଶଙ୍କରପୁର, ଆରୁଣାଦୟ ମାର୍କେଟ କଟକ। ୨୦୦୭।

୩) ଶତପଥୀ, ପ୍ରତିଭା। ଉତ୍ତର ଆଧୁନିକ ଓଡ଼ିଆ କବିତା। ଗ୍ରନ୍ଥ ମନ୍ଦିର, ବିନୋଦ ବିହାରୀ କଟକ। ୧୯୯୯

୪) ସ୍ୱାଇଁ, ଦିଲ୍ଲୀପ କୁମାର। ଉତ୍ତର ଆଧୁନିକ କାବ୍ୟଧାରା। ୨ୟ ପ୍ରକାଶ। ଚିତ୍ରୋତ୍ପଳା ପବ୍ଲିକେଶନ, ସାଲେପୁର କଟକ। ୨୦୧୪

୫) ଶତପଥୀ, ନିତ୍ୟାନନ୍ଦ। ସତୁରୀରୁ ସହସ୍ରାବ୍ଦୀ। ତୃତୀୟ ପ୍ରକାଶନ। ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ, ବିନୋଦ ବିହାରୀ କଟକ। ୨୦୨୧

୬) ପଣ୍ଡା, ନାରାୟଣ। ଆଧୁନିକ ଓଡ଼ିଆ କବିତାର ରୂପରେଖା। ପ୍ରଥମ ପ୍ରକାଶ। ବିଦ୍ୟା ପ୍ରକାଶନ, ବାଲୁବଜାର କଟକ। ୧୯୯୯

୭) ପାଣ୍ଡବ, ଶତ୍ରୁଘ୍ନ। ଆଧୁନିକ ଓଡ଼ିଆ କବିତା ପରିଚର୍ଚ୍ଚା। ଦ୍ୱିତୀୟ ପ୍ରକାଶ। ଫ୍ରେଣ୍ଡ ପବ୍ଲିସର୍ଶ, ବିନୋଦ ବିହାରୀ କଟକ। ୨୦୨୨

୮) ବେହେରା, ଚିନ୍ତାମଣି। ନିଜେ ନିଜର ପକ୍ଷୀ। ପ୍ରଥମ ପ୍ରକାଶ। ଅର୍ଯ୍ୟ ପ୍ରକାଶନ, ଲିଙ୍କ୍ ରୋଡ, କଟକ। ୧୯୯୬

୯) ଶତପଥୀ, ପ୍ରତିଭା। ଶବରୀ। ପ୍ରଥମ ପ୍ରକାଶ। ଓଡ଼ିଶା ବୁକ୍ ଷ୍ଟୋର, ବିନୋଦ ବିହାରୀ, କଟକ। ୧୯୯୧

୧୦) ପାଣିଗ୍ରାହୀ, ସୁଚିତ୍ରା। ଖୋଜୁଛି। ପ୍ରଥମ ପ୍ରକାଶ। ଅଗ୍ରଦୂତ, ବାଙ୍କା ବଜାର, କଟକ। ୨୦୧୧

୧୧) ସିଂ, ରବି। କେବଳ ସଂଗ୍ରାମ। ପ୍ରଥମ ପ୍ରକାଶ। ବିଦ୍ୟାପୁରୀ, ବାଲୁ ବଜାର, କଟକ। ୧୯୮୯

୧୨) ମିଶ୍ର, ପ୍ରସନ୍ନ କୁମାର। ମନିକାର ପ୍ରିୟ। ପ୍ରଥମ ପ୍ରକାଶ। ଆର୍ଯ୍ୟ ପ୍ରକାଶନ। ୧୯୯୭

୧୩) ରଥ, ରମାକାନ୍ତ। ପବନରେ ଚିତ୍ରାଙ୍କନ। ପ୍ରଥମ ପ୍ରକାଶନ। ଗ୍ରନ୍ଥ ମନ୍ଦିର, ବିନୋଦ ବିହାରୀ, କଟକ। ୨୦୧୪

୧୪) ସ୍ୱାଇଁ, ଦିଲୀପ କୁମାର। ଧାନଫୁଲ କାନଫୁଲ। ପ୍ରଥମ ପ୍ରକାଶ। ବିଜୟନୀ ପବ୍ଲିକେଶନ, ଶଙ୍କରପୁର ଆରୁଣଦୋୟ ମାର୍କେଟ, କଟକ। ୨୦୧୫

୧୫) ଉଦ୍‌ଗାତା, ଶ୍ରୀନିବାସ। କୃଷ୍ଣା। ପ୍ରଥମ ପ୍ରକାଶନ। କଟକ ଷ୍ଟୁଡେଣ୍ଟ୍ସ ଷ୍ଟୋର, ବାଲୁବଜାର। ୨୦୧୨

୧୬) ମିଶ୍ର, ପ୍ରସନ୍ନ କୁମାର। ଷଷ୍ଠ ମହଲାର ସ୍ତ୍ରୀ ଲୋକ। ଓଡ଼ିଶା ବୁକ୍ ଷ୍ଟୋର, ବିନୋଦ ବିହାରୀ, କଟକ। ପ୍ରଥମ ପ୍ରକାଶ। ୧୯୯୮

୧୭- ସାମ୍ନା ପତ୍ରିକା – ଫେମିନିଜମ୍


●

BAGEESHA
ବାଗୀଶ
ଦ୍ୱିତୀୟ ବର୍ଷ, ସଂଖ୍ୟା - ୦୧ | ଜାନୁୟାରୀ-ଫେବୃୟାରୀ ୨୦୨୪
Volume No. 02 | Issue No. 01 | Jan-Feb 2024
Refereed Peer-Reviewed Jornal
OPEN ACCESS
https://bageesha.in

# ସାଂପ୍ରତିକ ଓଡ଼ିଆ ଉପନ୍ୟାସରେ ଲୋକସଂସ୍କୃତିର ଅବକ୍ଷୟମୁଖୀ ଚିତ୍ର

■ ତୃପ୍ତିମୟୀ ଭୋଇ
ଅଧାପିକା, ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ, କୃଷ୍ଣଚନ୍ଦ୍ରପୁର, ଜଗସିଂହପୁର

Article Received : 14.02.2024 | Accepted : 25.02.2023 | Published : 20.03.2024

**ସାରାଂଶ**

ସଂସ୍କୃତିର ସଞ୍ଚରଣ ଏବଂ ସମୃଦ୍ଧି ନିମନ୍ତେ ସାହିତ୍ୟର ରହିଛି ବିଶେଷ ଭୂମିକା । ଏହି ମର୍ମରେ ସାମ୍ପ୍ରତିକ ଓଡ଼ିଆ ଉପନ୍ୟାସରେ ଲୋକସଂସ୍କୃତିର ଅବକ୍ଷୟକୁ ନେଇ ଔପନ୍ୟାସିକମାନେ ବିବିଧ ଉପନ୍ୟାସ ରଚନାର ପ୍ରଯତ୍ନ କରିଛନ୍ତି। ଏହି ଦୃଷ୍ଟିରୁ ଦେବେନ୍ଦ୍ର ମହାନ୍ତିଙ୍କ 'ବିପନ୍ନ ବିଗୁଲ'(୨୦୦୮), ଆଦିତେଶ୍ୱର ମିଶ୍ରଙ୍କ 'ଧନୁଯାତ୍ରା'(୨୦୧୨), 'ଗିତେ କହେ...'(୨୦୧୫), ବାସନ୍ତୀ ମହାନ୍ତିଙ୍କ 'ଦୂର ଆକାଶର ତାରା'(୨୦୨୧) ଆଦି ଉପନ୍ୟାସକୁ ଆଲୋଚନା କରାଯାଇପାରେ । ଉକ୍ତ ଉପନ୍ୟାସମାନଙ୍କରେ ସମାଜ, ସଂସ୍କୃତି ସଚେତକ କଥାକାର ଲୋକସଂସ୍କୃତିର ଅବକ୍ଷୟ ରୂପକୁ ଦେଖାଇବାର ପ୍ରଚେଷ୍ଟା କରିଛନ୍ତି । ଉପନ୍ୟାସର ଘଟଣା ପ୍ରବାହ ମଧ୍ୟରେ ସଚେତନତାର ବାର୍ତ୍ତା ଦେଇଛନ୍ତି । ଦ୍ରୁତ ବଜାରିକରଣ ଓ ବ୍ୟବସାୟିକ ମନୋବୃତ୍ତି ଆଜି ସମୟର ଦୁଇଟି ପ୍ରମୁଖ ସମସ୍ୟା । ଯାହାଫଳରେ ଆମର ସୁପ୍ରାଚୀନ ଲୋକସଂସ୍କୃତି ଓ ଐତିହ୍ୟ ସମ୍ପନ୍ନ ଲୋକକଳା ଧୀରେ ଧୀରେ ନିଜର ଗୌରବ ଓ ଅସ୍ତିତ୍ୱ ହରାଇବାକୁ ବସିଛି ଯାହାକୁ ଉପନ୍ୟାସ ମାଧ୍ୟମରେ ଆବିଷ୍କାର କରିବା ହିଁ ଏହି ନିବନ୍ଧର ମୁଖ୍ୟ କେନ୍ଦ୍ର ।

ଗୋଟିଏ ଜାତିର ସଂସ୍କୃତି, ପରମ୍ପରା, ବଞ୍ଚିବାର କଳା ଓ କାରିଗରୀକୁ ସଞ୍ଚରଣଶୀଳ କରେ ଲୋକ ସାହିତ୍ୟ। ଲୋକ ସାହିତ୍ୟରେ ହିଁ ସମାଜର ସବୁ ସ୍ତରର ମଣିଷମାନଙ୍କର ଅନ୍ତରର କଥା ରୂପାୟିତ ହୁଏ। ସେହି ରୂପାୟନ ଭିତରେ ଆଗାମୀ ପିଢ଼ି ତାର ସୁଦୀର୍ଘ ସଂସ୍କୃତି ଓ ପରମ୍ପରାକୁ ଚିହ୍ନେ। ଏହି ଧାରା ଅନୁରୂପ ଭାବରେ ପିଢ଼ି ପରେ ପିଢ଼ି ଗତିଶୀଳ ହୁଏ। ଗୋଟିଏ ଜାତି ନିଜ ସଂସ୍କୃତି ନିଜ ପରମ୍ପରାକୁ ନେଇ ହିଁ ପରିଚିତ ହୁଏ ଅନ୍ୟ ମାନଙ୍କଠୁଁ ଭିନ୍ନ ଭାବରେ ନିଜର ଅସ୍ତିତ୍ୱ ସୃଷ୍ଟି କରେ ସେ ସଂସ୍କୃତି ଭିତରେ ସେ ଖଞ୍ଜି ଦିଏ ତାର ଜୀବନ, ଜୀବନର ବିଭିନ୍ନ ରୂପ ରଙ୍ଗ। ସଂସ୍କୃତି ସହିତ ସେ ହୁଏ ଏକାତ୍ମ। ଭାରତ ଭଳି ଏକ ପଲ୍ଲି ବହୁଳ ଦେଶରେ ସଂସ୍କୃତିର ରୂପ ମଧ୍ୟ ବଦଳିଯାଏ ତେଣୁ କରି ତ ଭାରତୀୟ ଲୋକସଂସ୍କୃତିର ପରିସର ଅତ୍ୟନ୍ତ ବ୍ୟାପକ। ଏଠି ପଲ୍ଲି ଭେଦରେ, ଗୋଷ୍ଠୀ ଭେଦରେ, ଅଞ୍ଚଳ ଭେଦରେ ଗୋଟେ ଗୋଟେ ନୂତନ ସଂସ୍କୃତିର ଅବୟବକୁ ଆବିଷ୍କାର କରାଯାଇପାରେ। ଅନୁରୂପ ଭାବରେ ଓଡ଼ିଶା ଭଳି ଏକ ଆଦିବାସୀବହୁଳ ଦେଶରେ ମଧ୍ୟ ଏ ଅଭିବ୍ୟକ୍ତି ପ୍ରଯୁଜ୍ୟ। ଓଡ଼ିଶାର ପ୍ରତିପ୍ରାନ୍ତରେ ଲୋକସଂସ୍କୃତିର ବିବିଧ ବୈଚିତ୍ର୍ୟ ଠାବ କରାଯାଇପାରେ। ତଥାପି ଏହି ଲୋକସଂସ୍କୃତି ଏକ ଚିରନ୍ତନ ମୂଲ୍ୟବୋଧ ଓ ସାର୍ବକାଳିକ ଆବେଦନର ପ୍ରୟାଗ।

ସମୟ ଓ ସଭ୍ୟତାର ଅଗ୍ରଗତି ସବୁବେଳେ ପରିବର୍ତ୍ତନର ଦାୟାଦ। ସବୁ ପରିବର୍ତ୍ତନ ଭିତରେ କିଛି ନୂଆପଣକୁ ଆଦରିବା ଓ ଚିରାଚରିତ ଅମୂଳକ ଅଥବା ସ୍ପୃହାହୀନ ବିଷୟକୁ ପରିତ୍ୟାଗ କରିବା ଏକ ପ୍ରଥାସିଦ୍ଧ ନିୟମ। ସବୁ ବିଷୟରେ ନୂତନତା କିଛି ନୂଆ ଚିନ୍ତା, ଚେତନାର ଆଗୁସାର ସେଇ ନୂତନତା ଭିତରେ କିଛି ପୁରାତନ ବା ଯୁଗୀୟ ମାନଦଣ୍ଡ ଭିତରେ ନିଜର ଅସ୍ତିତ୍ୱ ହରେଇ ବସିଥିବା ବିଷୟ ହୁଏ ସର୍ବଦା ପରିତେର୍ଯ୍ୟ। ଅନୁରୂପ ଭାବେ ଲୋକସଂସ୍କୃତିର ସୁଦୀର୍ଘ ପ୍ରବାହରେ ଯେଉଁ ସବୁ ମୂଲ୍ୟାଙ୍କ ବା ମାନକ ରହିଆସିଥିଲା। ସେସବୁ ସମୟକ୍ରମେ ଯୁଗାନୁସାରୀ ଚେତନାର ଆଧାରରେ ନିଜକୁ ପରିବର୍ତ୍ତନ କରିବାକୁ ବାଧ୍ୟ ହେଲେ। ଲୋକସଂସ୍କୃତିର ବାହକ ଯଦିଓ ଏକ ଜନସମୁଦାୟ ତା' ବାଦ ସାହିତ୍ୟ ହିଁ ଗୋଟିଏ ଜାତି, ସଂସ୍କୃତି, ପରମ୍ପରାକୁ ନିଜ ପିଠିରେ ବୋହି ପହଞ୍ଚାଏ ଗୋଟେ ପିଢ଼ିରୁ ଆଉ ଗୋଟେ ପିଢ଼ି ପାଖରେ, ଗୋଟେ ଜାତିରୁ ଆଉ ଗୋଟେ ଜାତି ପାଖରେ। ତେଣୁକରି ତ ସାହିତ୍ୟ ମାଧ୍ୟମରେ ହିଁ ଗୋଟେ ଜାତିର ଜୀବନ ନାଟିକାକୁ ହୃଦୟଙ୍ଗମ କରାଯାଇପାରେ। ଅନୁରୂପ ତାହା ହିଁ ହୋଇଛି ସାମ୍ପ୍ରତିକ ଓଡ଼ିଆ ଉପନ୍ୟାସରେ।

ସଂସ୍କୃତିର ସଞ୍ଚରଣ ଏବଂ ସମୃଦ୍ଧି ନିମନ୍ତେ ସାହିତ୍ୟର ରହିଛି ବିଶେଷ ଭୂମିକା। ଅନ୍ୟ ଅର୍ଥରେ କହିବାକୁ ଗଲେ

–"ସଂସ୍କୃତିର ବିକାଶ ପଥରେ ସାହିତ୍ୟ ହେଉଛି ଏକ ଆଲୋକବର୍ତ୍ତିକା। ଅବକ୍ଷୟୀ ଓ ଅବସନ୍ନ ସମାଜ ଜୀବନର ସାହିତ୍ୟ ଆନୟନ କରେ ପ୍ରାଣ-ପ୍ରଚୋଦନାର ଅଭାବନୀୟ ପ୍ରେରଣା। ସେଥିପାଇଁ ସାହିତ୍ୟର ପ୍ରକୃତ ସ୍ୱରୂପ ହେଲା- ଯାହା ସମାଜ ସହିତ ଓତଃପ୍ରୋତ ଭାବରେ, ମଙ୍ଗଳମୟ ବନ୍ଧୁ ଭାବରେ ବିଦ୍ୟମାନ।"(୧) ଏହି ମର୍ମରେ ସାମ୍ପ୍ରତିକ ଓଡ଼ିଆ ଉପନ୍ୟାସରେ ଲୋକସଂସ୍କୃତିର ଅବକ୍ଷୟକୁ ନେଇ ଔପନ୍ୟାସିକ ବିବିଧ ଉପନ୍ୟାସ ରଚନାର ପ୍ରଯତ୍ନ କରିଛନ୍ତି। ଏହି ସବୁ ଉପନ୍ୟାସମାନଙ୍କ ମଧ୍ୟରେ ଦେବେନ୍ଦ୍ର ମହାନ୍ତିଙ୍କ 'ବିପନ୍ନ ବିଗୁଲ'(୨୦୦୮), ଆଦିତେଶ୍ୱର ମିଶ୍ରଙ୍କ 'ଧନୁଯାତ୍ରା'(୨୦୧୨), 'ଗିତେ କହେ...'(୨୦୧୫), ବାସନ୍ତୀ ମହାନ୍ତିଙ୍କ 'ଦୂର ଆକାଶର ତାରା'(୨୦୨୧) ଏ କ୍ଷେତ୍ରରେ ଆଲୋଚନାର ବିଶେଷ ଆବଶ୍ୟକତା ରହିଛି। ଉକ୍ତ ଉପନ୍ୟାସମାନଙ୍କରେ ସମାଜ, ସଂସ୍କୃତି ସଚେତକ କଥାକାର ଲୋକସଂସ୍କୃତିର ଅବକ୍ଷୟ ରୂପକୁ ଦେଖାଇବାର ପ୍ରଚେଷ୍ଟା କରିଛନ୍ତି। ଉପନ୍ୟାସର ଘଟଣା ପ୍ରବାହ ମଧ୍ୟରେ ସଚେତନତାର ବାର୍ତ୍ତା ଦେଇଛନ୍ତି। ଦ୍ରୁତ ବଜାରିକରଣ ଓ ବ୍ୟବସାୟିକ ମନୋବୃତ୍ତି ଆଜି ସମୟର ଦୁଇଟି ପ୍ରମୁଖ ସମସ୍ୟା। ଯାହାଫଳରେ ଆମର ସୁପ୍ରାଚୀନ ଲୋକସଂସ୍କୃତି ଓ ଐତିହ୍ୟ ସମ୍ପନ୍ନ ଲୋକକଳା ଧୀରେ ଧୀରେ ନିଜର ଗୌରବ ଓ ଅସ୍ତିତ୍ୱ ହରାଇବାକୁ ବସିଛି ଯାହାକୁ ଉପନ୍ୟାସ ମାଧ୍ୟମରେ ସାଧାରଣ ପାଠକ ପାଖରେ ପହଞ୍ଚାଇ ଏକ ଜନ ସଚେତନତା ସୃଷ୍ଟି କରିବା ହିଁ ଏହି ଉପନ୍ୟାସମାନଙ୍କର ପ୍ରମୁଖ ଉଦ୍ଦେଶ୍ୟ।

ଓଡ଼ିଶା ଲୋକସଂସ୍କୃତିର ଏକ ସମୃଦ୍ଧ ପୀଠସ୍ଥଳୀ। ଓଡ଼ିଆ ଲୋକସଂସ୍କୃତି ଏବଂ ଲୋକନାଟ୍ୟ ପରମ୍ପରାରେ ଲୀଳା, ରାସ, ଆଦିର ପ୍ରତ୍ୟକ୍ଷ ପ୍ରଭାବ ରହିଥିଲା। ସାମାଜିକ ଉନ୍ନତି ଓ ସଭ୍ୟତାର ବିକାଶରେ ଲୋକ ରୁଚିର ମଧ୍ୟ ପରିବର୍ତ୍ତନ ଅବଶ୍ୟମ୍ଭାବୀ ଯାହାର ଫଳସ୍ୱରୂପ ଓଡ଼ିଶାର ସୁପରିଚିତ ଲୋକନାଟ୍ୟ ପରମ୍ପରାର ଲୀଳା, ରାସ, ପୌରଣିକ ନାଟକ, ଗୀତିନାଟ୍ୟ ଆଜି ନିଜସତ୍ତା ହରେଇ ସାରିଲେଣି। କିନ୍ତୁ ଏହି ଲୋକନାଟ୍ୟ ପରମ୍ପରା ମଧ୍ୟରୁ କିଛି ଅଦ୍ୟାବଧି ନିଜ ସ୍ଥିତି ବଜାୟ ରଖିପାରିଥିଲେ ହେଁ ସେମାନଙ୍କ ମୂଳସ୍ୱରୂପ ଆଜି ପରିବର୍ତ୍ତନର ଆଢୁଆଳରେ ଲୁଚି ଯାଇଛି। ଜଣେ ପ୍ରକୃଷ୍ଟ ଉଦାହରଣ ଭାବରେ ଯାତ୍ରାକୁ ନିଆଯାଇପାରେ। ଯାତ୍ରା ଏକ ପ୍ରଦର୍ଶନୀ କଳା ଯାହାର ସ୍ଥିତି ସୁପ୍ରାଚୀନ। କିନ୍ତୁ ଆଜି ତାର ମୂଳସ୍ୱରୂପ ଖୋଜିବା ଆଜି ପ୍ରଯତ୍ନ ହେବ। ଆଧୁନିକ ସଭ୍ୟତାର ରୁଚିକୁ ନେଇ ନିଜକୁ ଆଧୁନିକ ଢଙ୍ଗରେ ଏବଂ ଆଧୁନିକ ଉପକରଣର ସାହାଯ୍ୟରେ ନିଜ କାୟାକଳ୍ପ ବଦଳେଇସାରିଛି ଯାତ୍ରା। ସୁସଜ୍ଜିତ ବିରାଟ ମଞ୍ଚ ଭଳିକି ଭଳି ଆଲୋକମାଳା, ରଙ୍ଗବେରଙ୍ଗର ଆଖି ଝଲସା ଆଲୁଅ, ଛାତି ଥରା ଡିଜେ ବକ୍ସ, ଆଧୁନିକ ରୂପଚର୍ଯ୍ୟା ଏସବୁ ଭିତରେ ଓଡ଼ିଆ ଯାତ୍ରାର ନୂତନ ଆତ୍ମାକୁ ଆବିଷ୍କାର କରନ୍ତି 'ବିପନ୍ନ ବିଗୁଲ'ଉପନ୍ୟାସର ଔପନ୍ୟାସିକ ଦେବେନ୍ଦ୍ର ମହାନ୍ତି। ଦୀର୍ଘ ୩୫ ବର୍ଷ ଧରି ଯେଉଁ ହରିପୁର ଯାତ୍ରାପାର୍ଟିକୁ ଅଧିକାରୀ ଚତୁରାନନ୍ଦ ସାମନ୍ତ ଓସ୍ତାଦ ତଥା ନିର୍ଦ୍ଦେଶକ ରଘୁନାଥ ଶତପଥୀ ଓ ସଙ୍ଗୀତଜ୍ଞ ରମାକାନ୍ତ ପରି ଦୁଇ ମେରୁଖୁଣ୍ଟକୁ ଧରି ଚଳେଇ ଆସିଥିଲେ ଯେତେବେଳେ ତାଙ୍କ ପୁତ୍ର ଚନ୍ଦ୍ରକାନ୍ତ ସହରରୁ ଯୁବ ନିର୍ଦ୍ଦେଶକ, ସଂଗୀତଜ୍ଞ ଓ ନୃତ୍ୟ ନିର୍ଦ୍ଦେଶକ ନୂତନ ମ୍ୟୁଜିକ ସେଟ, ବାଦ୍ୟ ଯନ୍ତ୍ର ପୁରୁଣା ଯାତ୍ରା ଶୈଳୀକୁ ଛାଡ଼ି ଇଂରାଜୀ ମ୍ୟୁଜିକର ସ୍ୱର ଦେଉଛି। ସେତେବେଳେ ଓସ୍ତାଦ ରଘୁନାଥ, ରମାକାନ୍ତ ପରି ଲୋକ ଅଦରକାରୀ ହୋଇପଡୁଛନ୍ତି। ସେଥିପାଇଁ ତ ରଘୁନାଥ ବାବୁ କ୍ଷୋଭ ପ୍ରକାଶ କରି କହୁଛନ୍ତି –"ଯେତେ ଯାହା କହିଲେ ବି ଯେତେ ଭଲ ହେଉ ପଛେ। ପୁରୁଣା ହଟିବ, ନୂଆ ଆସିବ। ଆମେ ଜାଣୁଛୁ, ଆମ ଯୁଗ ଶେଷ ହୋଇଗଲା। ଆମେ ବୁଢା ହେଲୁ। ଆମ କଥା, ଆମ କାମ, ସବୁ ପୁରୁଣା, ସବୁ ଅଚଳ ହେଇ ଯାଉଛି। ଆମମାନଙ୍କର ଅଭିନୟ ଶୈଳୀ, ସଙ୍ଗୀତ, ବାଦ୍ୟ ଯୁବଗୋଷ୍ଠୀ ଗ୍ରହଣ କରିବାକୁ ନାରାଜ।"(୨) ଏହା ସହିତ ସିନେମା ଆସିବା ଦ୍ୱାରା କିପରି ଯାତ୍ରା ଓ ଥିଏଟର ଗୁଡ଼ିକ ଲୋପ ପାଇଯାଉଛି ତାର ଚିତ୍ର ମଧ୍ୟ ଉପନ୍ୟାସରେ ପ୍ରତିଫଳିତ ହୋଇଛି।

ପରିବର୍ତ୍ତନ ଓ ବିବର୍ତ୍ତନର ମାର୍ଗ ଦେଇ ସାମାଜିକ ଜୀବନର ବିବର୍ତ୍ତିତ ବାସ୍ତବତାର ରୂପ ମନରେ କଷ୍ଟ ଦେଇଛି। ଯାହା ଉପନ୍ୟାସରେ ସମାଜ ସଚେତନ ସ୍ରଷ୍ଟା ପୁରୁଖା ଅଭିନେତା ରଘୁନାଥ ମୁହଁରେ ଯାତ୍ରାରସିକ ଉଦୟବାବୁ ନାମକ ଚରିତ୍ର ଆଗରେ କଥାଛଳରେ କୁହାଇଛନ୍ତି –"ଯୁଗ ତ ସେମିତି ହେଲାଣି। ଆମର ଯୁବକ ଯୁବତୀମାନଙ୍କ ରୁଚିବୋଧ ନିମ୍ନଗାମୀ ହେଲାଣି। ଫେର ସେମାନଙ୍କ ରୁଚିକୁ ଜଗି ହିଁ ଆମେ ଯାତ୍ରା ଭିତରକୁ ସେସବୁ ନେଇ ଆସିଲୁଣି। କାରଣ ଆମର ଅର୍ଥ ଦରକାର। ଲୋକେ ଆଉ ବହି ଉପରେ ଗୁରୁତ୍ୱ ଦେଉନାହାନ୍ତି। କିଛି ଫାଇଟିଂ, କିଛି ଅଶ୍ଳୀଳ ଦୃଶ୍ୟ, ଗୋଟେ ଯୋଡ଼େ ରେପ ସିନ, ଅଧା ଲଙ୍ଗୁଳି ଯୁବତୀ ମାନଙ୍କ ନାଚ, ଏତ ସବୁ ହେଇ ଗଲାଣି ଯାତ୍ରା। ଲୋକଙ୍କୁ ନୀତି ନୈତିକତା ଶିକ୍ଷା ଦେବା, ସଂସ୍କୃତି ସମ୍ବନ୍ଧରେ, ଐତିହ୍ୟ ସମ୍ବନ୍ଧରେ ସଚେତନ କରାଇବା, ଆଗେ ଲୋକନାଟ୍ୟଗୁଡ଼ିକର ଯେଉଁ ସବୁ ଉଦ୍ଦେଶ୍ୟ ଥିଲା, ସେସବୁ ତ କେଉଁ ଦିନରୁ ଗଲାଣି।"(୩) ଯାତ୍ରାର ବାର୍ତ୍ତମାନିକ ରୂପରେ ଔପନ୍ୟାସିକ ଦୁଃଖୀ।

ଆଦିତେଶ୍ୱର ମିଶ୍ରଙ୍କ'ଧନୁଯାତ୍ରା'(୨୦୧୨), 'ଗିତେ କହେ...'(୨୦୧୫) ଉପନ୍ୟାସ ଦ୍ୱୟ ଲୋକସଂସ୍କୃତି ଅବକ୍ଷୟର ଚିତ୍ର ବହନ କରୁଥିବା ଦୁଇଟି ପ୍ରମୁଖ ଉପନ୍ୟାସ। ଯହିଁରେ ସମୟକ୍ରମେ ସୁଦୀର୍ଘ ସମୟରୁ ପ୍ରଚଳିତ ସଂସ୍କୃତି କେମିତି ନିଜର ଅସ୍ତିତ୍ୱ ହରାଇଛି ଏବଂ ସମୟର ଗତିଧାରାରେ ନୂତନ ଉପାଦାନ ମାନଙ୍କର ଆଶ୍ରୟ ନେଇ ନିଜକୁ ନୂତନ ରୂପରେ ପ୍ରଦର୍ଶିତ କରୁଛି। ତାହା ଔପନ୍ୟାସିକ ଉକ୍ତ ଉପନ୍ୟାସ ଦ୍ୱୟରେ ଦର୍ଶାଇବାର ପ୍ରଚେଷ୍ଟା କରିଛନ୍ତି। ତେବେ ଏହି ପରିପ୍ରେକ୍ଷୀରେ ଆଲୋଚ୍ୟ ଉପନ୍ୟାସ ଦ୍ୱୟ ଭିତରେ ଦୁଇଟି ପ୍ରମୁଖ ଲୋକସଂସ୍କୃତିର ଅବକ୍ଷୟର ଚିତ୍ର ଦୃଷ୍ଟିକୁ ଆସେ ତାହା ଯଥାକ୍ରମେ ଧନୁଯାତ୍ରା ଓ ଅନ୍ୟଟି ଦଣ୍ଡଗୀତ। ଉପନ୍ୟାସକୁ ଲକ୍ଷ୍ୟ କଲେ ଜଣାଯାଏ ଉକ୍ତ ଦୁଇଟି ସଂସ୍କୃତିର ଅବକ୍ଷୟ

ପଛରେ ରହିଛି ବ୍ୟବସାୟିକ ମନୋବୃତ୍ତି ତତ୍ସହିତ ଏହାକୁ ମାଧ୍ୟମ କରି ବ୍ୟବସାୟିକ ବିଜ୍ଞାପନ ଓ ପ୍ରଚାର। ଯାହାର ଫଳସ୍ୱରୂପ ଏକ ସୁସମୃଦ୍ଧ ପରମ୍ପରା ନିଜର ମହତ୍ତ୍ୱ ଏବଂ ଗୌରବ ହରେଇ ବସୁଛି। ପୂର୍ବରୁ ଯେପରି ଭାବରେ ଏହି ଲୌକିକ ପରମ୍ପରା ମାନଙ୍କରେ ଆଧ୍ୟାତ୍ମିକ ସଙ୍ଗୀତ, ଲୋକ ନୃତ୍ୟ ଆଦିର ପରିବେଷଣ ଏହାର ସାତ୍ତ୍ୱିକ ବାତାବରଣକୁ ବଜାୟ ରଖୁଥିଲା; କିନ୍ତୁ ସମ୍ପ୍ରତି ଏଥିରେ ଦେଖାଦେଇଛି ଅନେକ ବ୍ୟତିକ୍ରମ। ସମୟର ଆବଶ୍ୟକତା ଓ ପ୍ରଯୁକ୍ତିବିଦ୍ୟାର ବହୁଳ ବ୍ୟବହାରରେ ପଥଭ୍ରଷ୍ଟ ବିଦେଶୀ ସଭ୍ୟତାର ଚାଟୁକାର ମାନଙ୍କୁ ସାମାନ୍ୟ ଆନନ୍ଦ ପ୍ରଦାନ ନିମିତ୍ତ ଏହି ମହାନ ସଂସ୍କୃତି ସବୁ ଶସ୍ତା ହିନ୍ଦୀ ଓ ସମ୍ବଲପୁରୀ ଗୀତ, ଅରୁଚିପୂର୍ଣ୍ଣ ନୃତ୍ୟ, ପାରମ୍ପରିକ ବସ୍ତ୍ର ବଦଳରେ ଆଶାଳୀନ ବସ୍ତ୍ର ପରିଧାନ ଏହାର ସାଂସ୍କୃତିକ ଗୌରବକୁ ବହୁମାତ୍ରାରେ ହାନି ଘଟାଇଛି।

ଏହି ପରିପ୍ରେକ୍ଷୀରେ ଆଦିତେଶ୍ୱର ମିଶ୍ରଙ୍କ 'ଧନୁଯାତ୍ରା' ଉପନ୍ୟାସ ଉପରେ ସାମାନ୍ୟ ଆଲୋକପାତ କରାଯାଇପାରେ। ବାସ୍ତବରେ ଔପନ୍ୟାସିକ ସାଂପ୍ରତିକ ସମୟର ଚଳମାନ ସମସ୍ୟାକୁ ନିଜ ଉପନ୍ୟାସ ମାଧ୍ୟମରେ ଉପସ୍ଥାପନ ପୂର୍ବକ ଏକ ଗଭୀର ବିଷୟ ପ୍ରତି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ପୃଥିବୀର ସବୁଠାରୁ ବଡ଼ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ରେ ପ୍ରତ୍ୟେକ ବର୍ଷ ଅନୁଷ୍ଠିତ ହେଉଥିବା 'ଧନୁଯାତ୍ରା' କାହାଣୀକୁ ଆଖି ଆଗରେ ରଖି ଏହି ଉପନ୍ୟାସର ପରିକଳ୍ପନା। ଧନୁଯାତ୍ରାର ବିଷୟବସ୍ତୁ ଯଦି ଆଲୋଚନା କରାଯାଏ ତେବେ କଂସ ଆୟୋଜିତ ଧନୁଯାତ୍ରାରେ ଗୋପପୁରରୁ ନିମନ୍ତ୍ରିତ ହୋଇ କୃଷ୍ଣ ବଳରାମଙ୍କର ମଥୁରା ଆଗମନ ଏବଂ କଂସ ନିଧନ ସହିତ ମଥୁରାବାସୀଙ୍କୁ କଂସର ଅନ୍ୟାୟରୁ ମୁକ୍ତ କରିବା ହିଁ ପୁରାଣ ବର୍ଣ୍ଣିତ ପ୍ରସଙ୍ଗ। ଯହିଁରେ କଂସ ଏକ ଖଳନାୟକ ଅନ୍ୟାୟୀ, କ୍ରୁର ଯାହାର ବିନାଶରେ ହିଁ ସାମାଜିକ ନିରାପତ୍ତା ସମ୍ଭବ କିନ୍ତୁ ଧନୁଯାତ୍ରାରେ ଏକ ଲୋକକୈନ୍ଦ୍ରିକ ବିଷୟବସ୍ତୁର ଉପସ୍ଥାପନା କରାଯାଇଛି ଯହିଁରେ କଂସ ମହାନାୟକ ମଥୁରାବାସୀଙ୍କର ଦୁଃଖ-ଦୁର୍ଦ୍ଦଶା ଓ ସମସ୍ୟାର ନିବାରଣ କର୍ତ୍ତା। ଏଠାରେ କହିବାର ଉଦ୍ଦେଶ୍ୟ ପୁରାଣ ବର୍ଣ୍ଣିତ କଂସ ପ୍ରଜାପୀଡ଼କ ଓ ଅନ୍ୟାୟୀ ହେବାବେଳେ ଧନୁଯାତ୍ରାର କଂସ ପ୍ରଜାପାଳକ। ପୁରାଣ ମଧ୍ୟରେ ବର୍ଣ୍ଣିତ କଂସ ଧନୁଯାତ୍ରାରେ ଜନଜୀବନର ପ୍ରତିନିଧିତ୍ୱ କରି ସାମାଜିକ ପ୍ରତିବଦ୍ଧତାର ପ୍ରମାଣ ଦିଏ ବର୍ତ୍ତମାନ ସମୟରେ। ଧନୁଯାତ୍ରାରେ ଏହି କଂସ ଚରିତ୍ରର ହୋଇଛି ନବନିର୍ମାଣ ଯିଏ ସମସ୍ତଙ୍କ ପାଇଁ ସାଜିଛି ଏକ ଜନନାୟକ। ଯାହାକୁ ସ୍ୱାଗତ କରିବା ପାଇଁ ସାରା ନଗ୍ର ଉତ୍କଣ୍ଠିତ। କିନ୍ତୁ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଧନୁଯାତ୍ରା ଉପନ୍ୟାସରେ ବର୍ଣ୍ଣିତ କାଂପାଳ ଚରିତ୍ର କଂସ ଭୂମିକା ଗ୍ରହଣ କରିଥିବା ଏକ ସାଧାରଣ ମଣିଷ। ତାର ବେଶଭୁଷା କଂସ ଭୂମିକାରେ ଅବତୀର୍ଣ୍ଣ ହେଲାବେଳେ ହୋଇଯାଏ ରାଜକୀୟ, ବିଭିନ୍ନ ଅଳଙ୍କାରରେ ବିଭୂଷିତ, ସୁବର୍ଣ୍ଣ ମୁକୁଟର ଶିରୀରେ ଉଲ୍ଲସିତ ହୋଇଉଠେ ତାର ମୁଖମଣ୍ଡଳ ସେ ହୁଏ ମଣିଷରୁ ଅସୁର ଯାହାର ନାମ କଂସାସୁର। କଂସ ଭୂମିକା ପୂର୍ବରୁ ଯା ପାଖରେ ଥାଏ କେବଳ ଫଟା ଦଦରା ଯୋତା ଯାହାକୁ ଆଠ ପୁରି ନଅ ବର୍ଷ ହେବ। ଅନୁରୂପ ଭାବରେ କାଂପାଳ କଂସ ପାଟ କରିବା ମଧ୍ୟ ସେତିକି ସମୟ। ଏହାହିଁ ସାମ୍ପ୍ରତିକ ସମୟର କଳାକାର ମାନଙ୍କର ଦୁଃସ୍ଥିତି। ଯାହା ଔପନ୍ୟାସିକ ଜଣେ ପ୍ରତ୍ୟକ୍ଷ ଦ୍ରଷ୍ଟା ଭାବେ ଉପନ୍ୟାସରେ ବର୍ଣ୍ଣନା କରିଛନ୍ତି। ସେମିତି ବର୍ତ୍ତମାନ ସମୟରେ ଲୋକ ସଂସ୍କୃତି ପ୍ରତି ଜନସାଧାରଣଙ୍କର ଆଗ୍ରହ ଓ ଉତ୍କଣ୍ଠା ମଧ୍ୟ ଧୀରେ ଧୀରେ କମିବାରେ ଲାଗିଛି। କଳାକାର ମାନଙ୍କର ଦୁଃସ୍ଥିତି ଏବଂ କାମଜଞ୍ଜାଳ ଭିତରେ ନିଜର କଳାର ପ୍ରଦର୍ଶନ ପାଇଁ ସେମାନଙ୍କ ପାଖରେ ସମୟର ଅଭାବ ଏମିତି କି ସେମାନଙ୍କ ପ୍ରତି ସମ୍ମାନ ସହୃଦୟତା ମଧ୍ୟ ସମାଜରୁ ଉଭେଇ ଗଲାଣି। ଲେଖକଙ୍କ ଭାଷାରେ– "ଓଃ... ଆଗପରି ଏଇ ଧନୁଯାତ୍ରାରେ କାହାରି ଆଗ୍ରହ ନାହିଁ। ନୀରବରେ ଉଗ୍ରସେନ ଏବେ ଗେଟ୍ ଡ୍ୟୁଟି କରି ଫେରିଲା ବାରଟା ଉପରେ। ମୁନ୍‌ସିପାଲଟିବାଲା ତାକୁ ଛାଡୁ ନଥିଲେ। ଆଉ ଚାରୁଣ, ମୁଷ୍ଟିକ ବି ତାଙ୍କ ପାନ ଦୋକାନପାଖ ଆଉ ଫୁଲଦୋକାନରେ ବିକାବିକି ସାରି ଫେରିଲେ ଏଇ ସାଢ଼େବାର ପାଖାପାଖି। ମନ୍ତ୍ରୀ ଶକ୍ରାଜିତ ତାଙ୍କ ସେଲୁନ ଦୋକାନରେ ବାଳ କାଟି କୁଟି ଏବେ ବେ ସଜ ହେଉଛନ୍ତି।"(୪) ଏଥିରେ ସ୍ପଷ୍ଟ ସୂଚନା ମିଳେ ଯେ କଳାକାରୀକତାର ଏଠି କୌଣସି ମୂଲ୍ୟ ନାହିଁ। ନା ଜନସାଧାରଣ ନା ପ୍ରଶାସନ ଏ କ୍ଷେତ୍ରରେ ସମସ୍ତେ ନିରବ ଯାହାର ଫଳସ୍ୱରୂପ କଳା ପ୍ରତି ଉତ୍ସାହ ଓ ଆଗ୍ରହ ଉଭୟ ଆଜିର ସମୟରେ ଅଭାବ।

କଳା ଓ ସଂସ୍କୃତି ଉଭୟ ଯଦି ନିରପେକ୍ଷ ନହୁଏ ତେବେ ଏହାର ଅବକ୍ଷୟ ସୁନିଶ୍ଚିତ କିନ୍ତୁ ବ୍ୟବସାୟିକ ମନୋବୃତ୍ତି ଆଜି ସମୟର ଏକ ପ୍ରମୁଖ ଶତ୍ରୁଭାବେ ଉଭାହୋଇଛି। ଏହି ବ୍ୟବସାୟିକ ମନୋବୃତ୍ତି ଯୋଗୁଁ ହିଁ ବିଶ୍ୱପ୍ରସିଦ୍ଧ ଧନୁଯାତ୍ରାର ମହତ୍ତ୍ୱ ଧୀରେ ଧୀରେ ହ୍ରାସ ହେବାରେ ଲାଗିଛି। ଉପନ୍ୟାସରେ କଂସ ଚରିତ୍ରରେ ଥିବା କାଂପାଳ ମଧ୍ୟରେ ଦେଖାଦେଇଥିବା ମାନସିକ ଚିନ୍ତା ଏହାକୁ ସ୍ପଷ୍ଟ କରେ-"ଦେଖିଚୁ, ଚିଟିଣ୍ଡା କଂସ ଗଣେଶ ତେଲିକୁ...ସେଇ ସାହୁ ବର୍ଗିଆ ୱୋ ଆଉ ଅରିଗାଁ କଂସ ସୁନୀଲ ଭୁଲିଆ, ମେହେର ବର୍ଗିଆ। ଖଚାଖଚ ମାଲ। ଗୋଟିଏ ଜାଗାରେ କ'ଣ ଆଉ ଏଇ ଧନୁଯାତ୍ରା ହେଉଚି। ପନ୍ଦର,କୋଡ଼ିଏ, ପଚିଶ ଜାଗାରେ ହେଲାଣି। ଇଏ ଯାତ୍ରାପାର୍ଟି ପରି ନାଚ XXX ସବୁ ଗୋଟେ କଣ୍ଟ୍ରାକ୍ଟ। ସବୁଠାରେ ଜୁଆପଟି, ମୀନାବଜାର, ମୌତ କା ଚୂଆଁ। ଏଇ ବାରଗଡ଼ିଆ କଂସକୁ ଛାଡ଼ି ସଭିଏଁ ମାଲେ ମାଲେ ହେଇଗଲେଣି। ଏଠି ବାରଗଡ଼ରେ ବାହାରିଲେ ନାଁ କମେଇବ ସତ। ଟିଭିରେ ଦିସିବ, କାଗଜରେ ଫଟୋ ବାହାରିବ ଦିନଦିନ। ଇଣ୍ଟରଭ୍ୟୁ ଦେଇ ଦେଇ ପାଟି ଥକି ଥକିଯିବ କିନ୍ତୁ ବାକି ଚାରଣା ନାଇଁ। ଧନୁଯାତ୍ରାକୁ ସଭିଏଁ ବ୍ୟବସାୟ କଲେ, ହେଲେ କାଂପାଳ କରିପାରିଲା ନାହିଁ।"(୫)

ଏହାବ୍ୟତୀତ ଧନୁଯାତ୍ରାରେ ଚାଲିଥିବା ପ୍ରହସନ ଧନୁଯାତ୍ରାର ଗୁରୁତ୍ୱ ଓ ମହତ୍ତ୍ୱକୁ ବହୁମାତ୍ରାରେ ହ୍ରାସ ଘଟେଇଛି। ବିବିଧ ସ୍ଥାନରେ ବିଭିନ୍ନ ସମୟରେ ମନୋରଞ୍ଜନ ଓ ବ୍ୟବସାୟିକ ଉଦ୍ଦେଶ୍ୟର ପରିପୂରଣ ପାଇଁ ଧନୁଯାତ୍ରାର

ଆୟୋଜନ କରାଯାଉଛି। ଯାହାଫଳରେ ଧନୁଯାତ୍ରାର ପ୍ରକୃତ ଗୌରବ ଏବଂ ମୂଳସ୍ୱରୂପ ଇଚ୍ଛାମତେ ପରିବର୍ତ୍ତନମାନ ଦେଖାଦେଇଛି। ଯେମିତି ଉପନ୍ୟାସରେ ଉଲ୍ଲେଖ କରାଯାଇଥିବା ବାଘବର ମଠର ବାବା ନିମ୍ବାର୍କ ଚରଣକୁ ରାଧମାଧବଙ୍କ ସ୍ୱପ୍ନାଦେଶ ପ୍ରସଙ୍ଗ। "ବାରଗାଡ଼ିଆ ଧନୁଯାତ୍ରା ପରି ତୁ ବାଘବରରେ ଗୋଟେ ଧନୁଯାତ୍ରା କର। ଆଉ ସେଇ ଧନୁଯାତ୍ରାରେ ଯେମିତି ହେଉ ବାରଗାଡ଼ିଆ କଂସକୁ ଡକା।"(୬) କହିବାର ଉଦ୍ଦେଶ୍ୟ ଯେଉଁ ବାରଗଡ଼ କଂସ କଥା ଏଥିରେ ଉଲ୍ଲେଖ କରାଯାଇଛି ସେ ବିଶ୍ୱପ୍ରସିଦ୍ଧ ଧନୁଯାତ୍ରାରେ ଅଭିନୟ କରୁଥିବା କଂସ ଯାହାକୁ ଦେଖିବା ପାଇଁ ସମସ୍ତଙ୍କ ମନରେ ଉତ୍ସୁକତା। ବିଭିନ୍ନ ଖବରକାଗଜ, ଟିଭିରେ ଏହି ଯାତ୍ରା ଆଉ କଂସର କୃତିତ୍ୱ ସମ୍ପର୍କରେ ଲେଖା ଓ ଫଟୋ ବାହାରୁଥିଲା ତେଣୁ ତାକୁ ପ୍ରତ୍ୟକ୍ଷ ଦର୍ଶନ ଥିଲା ସମସ୍ତଙ୍କ ଅଭିଳାଷ। ଅନ୍ୟ ପକ୍ଷରେ ଉପନ୍ୟାସରେ ବର୍ଣ୍ଣିତ କାଂପାଳ ମଧ ବାବା ନିମ୍ବାର୍କଙ୍କ କଥାରେ ଅବିଭୂତ ହୋଇଛି ଏବଂ ଅନେକ ନୂତନ ମଞ୍ଚ ପ୍ରାପ୍ତିର ଉନ୍ମାଦନାରେ ଉଲ୍ଲସିତ ହୋଇଛି। ଏହାହିଁ ହେଉଛି ତାର ଗୁରୁତ୍ୱ ଏବଂ ବାରଗଡ଼ ଧନୁଯାତ୍ରା ମହତ୍ତ୍ୱର ଗୌରବ ହ୍ରାସ ହେବାର ପ୍ରମୁଖ କାରଣ। ଆଲୋଚ୍ୟ ଉପନ୍ୟାସରେ ଔପନ୍ୟାସିକ ବିଶେଷ ଭାବରେ ସାମ୍ପ୍ରତିକ ସମୟର ବ୍ୟବସାୟିକ ମନୋବୃତ୍ତି ଏମିତି ଧନୁଯାତ୍ରା ଭଳି ଏକ ପ୍ରସିଦ୍ଧ ଲୋକକଳା ଓ ସଂସ୍କୃତିକୁ ଅବକ୍ଷୟ ଆଡ଼କୁ ଠେଲିଦେଇଛି। ତାହା ହିଁ ଉଲ୍ଲେଖ କରିଛନ୍ତି। ଏହା ସହ ଆଜିର ବିଜ୍ଞାନର ଅଗ୍ରଗତି ଯୋଗୁଁ ସିନେମା ବିଭିନ୍ନ ଟିଭି ଚେନାଲ ଇଣ୍ଟରନେଟର ବହୁଳ ବ୍ୟବହାର ଲୋକଙ୍କୁ ଓ ଯୁବପିଢ଼ିଙ୍କୁ କେମିତି ସଂସ୍କୃତି ଏବଂ ପରମ୍ପରାଠାରୁ ଦୂରେଇ ନେଇଛି ସେ କଥା ଲେଖକ ଉପନ୍ୟାସରେ ପ୍ରଶ୍ନବାଚୀ ସୃଷ୍ଟି କରିଛନ୍ତି। ଗୋଟେ ପଟେ ବାଘବର ଗାଁରେ ଧନୁଯାତ୍ରା ହେଉଥିବା ବେଳେ ଆର ପଟେ ଜୁଆ ପଚ୍ଚି, ନଙ୍ଗୁଳି ନାଚର ଆୟୋଜନ କରାଯାଇ ଧନୁଯାତ୍ରା ତୁଲାଯାଉଛି। ଏହା ହିଁ ଲୋକସଂସ୍କୃତିର ଅବକ୍ଷୟର ଚିତ୍ର।

ଧନୁଯାତ୍ରାରେ କଂସର ରାଜ୍ୟାଭିଷେକ ପରେ କଂସର ନଗର ପରିକ୍ରମା ଏକ ପ୍ରମୁଖ ଆକର୍ଷଣ ବା ରାଜା କଂସ ଯେତେବେଳେ ପରିଭ୍ରମଣରେ ଯାଉଛନ୍ତି ସେତେବେଳେ ଜଣେ ମହାନାୟକ ଭାବେ ଲୋକଙ୍କର ସୁଖ ସୁବିଧା ସହ ଜଣେ ପ୍ରକୃତ ସମ୍ରାଟଙ୍କ ଭଳି ପାରିପାର୍ଶ୍ୱିକ ପରିବେଶ ସୃଷ୍ଟି କରିଥାନ୍ତି କିନ୍ତୁ ସମ୍ପ୍ରତି ଯାହା କେବଳ ମନୋରଞ୍ଜନ ହୋଇଯାଇଛି ଯହିଁରେ ହିନ୍ଦୀ ସିନେମାର ଚାଲୁ ଗୀତ, ଗୀତରେ ପୁଣି ନଙ୍ଗଳା ନାଚବାଲା ଟୋକାଟୋକୀଙ୍କ ନୃତ୍ୟ ଏବଂ ଏହାକୁ ଦେଖିବାକୁ ଦର୍ଶକଙ୍କ ଭିଡ଼ ଯାହା ପୂର୍ବକଥିତ ଏକ ଆଧାତ୍ମିକ ବାତାବରଣକୁ ନଷ୍ଟ କରୁଛି। ଲେଖକଙ୍କ ଭାଷାରେ-"ନାଚବାଲା ଟୋକୀ ଦି'ଜଣ ଦେହରେ ପିନ୍ଧିଥିଲେ ଅତ୍ୟନ୍ତ ସଂକ୍ଷିପ୍ତ ପୋଷାକ ଯାହା ଷ୍ଟେଜ୍ ଉପରେ କିଛି ନ ପିନ୍ଧିବା ପରି ଦିଶୁଥିଲା ଥିଲା। ଛାତି ଉପରେ ମାଙ୍କଡ଼ସା ଜାଲ ପରି ବ୍ରା ଆଉ ଅଣ୍ଟା ତଳେ ସେମିତି ଜାଲପରି ପେଣ୍ଟି। ଖଟିଆ ଜାଡ଼ା ଲାଗେ ଗୀତ ଧାଡ଼ିରେ ଟୋକୀ ଦି'ଜଣ ଶୋଇ ପଡୁଥିଲେ ସେଇ ଟ୍ରାକ୍ଟର ଟ୍ରଲିର ମଞ୍ଚରେ ଆଉ ଟୋକା ଦି' ଜଣ ଯୋଉମାନେ ଅଣ୍ଟାରେ କେବଳ ପିନ୍ଧିଥିଲେ ଗୋଟେ ଗୋଟେ ଅଣ୍ଡରୱାର ସେମାନେ ଶୋଇବା ପୋଜ୍‌ରେ ଥିବା ଟୋକୀ ହଳକ ଜଙ୍ଘ ସନ୍ଧିରେ ଗୋଡ଼ ପୁରାଇ ହାତଦୁଇଟା ଫ୍ରକ କାଖ ପାଖକୁ ଲଗାଇ ଉଠବସ ହେଉଥିଲେ।"(୭) ସେହିପରି ପୂର୍ବରୁ ଯେଉଁ ଆଧାତ୍ମିକ ସାଂଗୀତିକ ବାତାବରଣ ସୃଷ୍ଟି କରାଯାଉଥିଲା ତା ବଦଳରେ ଶସ୍ତା ହିନ୍ଦୀ ଓ ସମ୍ବଲପୁରୀ ଗୀତ ଧନୁଯାତ୍ରାରେ ଦେଖିବାକୁ ମିଳୁଛି ଯେମିତିକି 'ଶର କାଇଲା..... ଖଟିଆ ଜାଡ଼ାଲାଗେ', 'ଏ ଗୁଲାପୀ ଗାଲି..... ମୋରୁ ଛାମୁକୁ ଛୁମା ଚାଲି' 'ସୁରୁ ନାଇଁ ବଲବୁ କଁଟିଆ ବିଛୁକେ' ଆଦି ଗୀତ। ଏହାସହିତ ଅଶ୍ଳୀଳ କଥାବାର୍ତ୍ତା ଓ ମାନସିକତା ଏକ ସାଂସ୍କୃତିକ ପରିବେଶକୁ କଳୁଷିତ କରୁଛି। ଯେପରି ଉପନ୍ୟାସରେ ପୁତନା ଶ୍ରୀକୃଷ୍ଣଙ୍କୁ କ୍ଷୀର ପିଆଉଥିବା ଦୃଶ୍ୟ ଅପେକ୍ଷା ତା ବର୍ତ୍ତୁଳ ସ୍ତନକୁ ଦେଖିବାକୁ ଲୋକଙ୍କ ମନରେ ବେଶୀ ଉତ୍ସୁକତା ଦେଖାଦେଇଛି ଏବଂ ଦଳେ ଭେଣ୍ଡା ସେହି ଗହଳି ଭିତରୁ କୁହାକୁହି ହେଉଥିଲେ "ବାପରେ ମାଇକିନାଟା ଚାରିଶ ଚାଳିଶ ଭୋଲଟ୍। ତା' ଦୁଧ ଲାଉ ପରିକା। ଛାତିରୁ ପଛକୁ ପିଠିରେ ଓହଳିବ। ଆଉ କହନା... କହନା...ଦୁଧ ଯଦି ଗୋଟେ ଭାତହାଣ୍ଡି କରିବ ସେଠେଇଁ ଦି' ତାମ୍ବି ଚାଉଳ ଫୁଟିବ।"(୮)

ବିଶ୍ୱପ୍ରସିଦ୍ଧ ଧନୁଯାତ୍ରାର ଆରମ୍ଭକୁ ନେଇ ମଧ ବିଭିନ୍ନ ଅନିମିୟତା ଦେଖାଦେଇଛି ମୁଖ୍ୟତଃ ଧନୁଯାତ୍ରା ଆରମ୍ଭ ହୁଏ ପୌଷମାସ ଶୁକ୍ଳପକ୍ଷ ପଞ୍ଚମୀରୁ ଏବଂ ପରିସମାପ୍ତି ହୁଏ ସେଇ ମାସ ପୂର୍ଣ୍ଣିମା ଦିନ ଏଗାର ଦିନ ଧରି ଏହି ଧନୁଯାତ୍ରା ମହୋତ୍ସବ ଚାଲିବା ହେଉଛି ନୀତି ସଂଗତ। କିନ୍ତୁ ବାଘବର ଗାଁରେ ତହସିଲଦାର ପରମିଶନ କେନ୍ସେଲ୍ କରିଦେଇଥିବାରୁ ଏହା ଏଗାର ଦିନ ନ ହୋଇ ଶୀଘ୍ର ସାରିବାକୁ ପଡ଼ିଛି। ଯାହା ଏକ ସୁଦୀର୍ଘ ପରମ୍ପରାକୁ ପ୍ରତିହତ କରାଗଲା। ବାସ୍ତବରେ ଆଦିତେଶ୍ୱର ମିଶ୍ରଙ୍କ 'ଧନୁଯାତ୍ରା'ଏକ ସାଂସ୍କୃତିକ ଅବକ୍ଷୟସୂଚକ ଆଇନା ଭଳି ସମସ୍ତଙ୍କୁ ସଂସ୍କୃତିର ଅବକ୍ଷୟ ରୂପ ଦେଖେଇଦେଇଛି। ଏହା ସହ କଳାକାରମାନଙ୍କର ଦୈନତା ଏବଂ ଲୋକସଂସ୍କୃତିର ବ୍ୟବସାୟୀକରଣ ଆଦି ଗୁରୁତ୍ୱପୂର୍ଣ୍ଣ ସମସ୍ୟା ଉପନ୍ୟାସରେ ରୂପ ପାଇଛି।

ଓଡ଼ିଶାର ଜନଜୀବନରେ ଅନେକ ଲୋକ ସାଂସ୍କୃତିକ ପରମ୍ପରା ଭିତରେ ଦଣ୍ଡ ନୃତ୍ୟ ଏକ ପରିଚିତ ଓ ଗୌରବଜ୍ଜ୍ୱଳ ସ୍ଥାନ ଅଧିକାର କରିଛି। ଧନୁଯାତ୍ରାର ଅନୁରୂପ ଦଣ୍ଡନୃତ୍ୟର ମଧ ରହିଛି ସାଂସ୍କୃତିକ ମୂଲ୍ୟବୋଧ। ଏହି ସାଂସ୍କୃତିକ ମୂଲ୍ୟବୋଧ ସମୟ ପ୍ରଭାବରେ ନିଜର ମୂଲ୍ୟ ହରେଇଛି। ଯେମିତି ବିଶ୍ୱପ୍ରସିଦ୍ଧ ଧନୁଯାତ୍ରାର ଅବକ୍ଷୟ ଚିତ୍ର ଔପନ୍ୟାସିକଙ୍କ ଧନୁଯାତ୍ରା ଉପନ୍ୟାସର ମୁଖ୍ୟ ପ୍ରସଙ୍ଗ ଅନୁରୂପ ଦଣ୍ଡ ନୃତ୍ୟ ଭଳି ସୁପ୍ରାଚୀନ ସଂସ୍କୃତିର ଅବକ୍ଷୟର ରୂପ ବହନ କରେ ଔପନ୍ୟାସିକଙ୍କ 'ଗୀତେ କହେ...' ଉପନ୍ୟାସ। ଯାହା ସମ୍ପର୍କରେ ପୂର୍ବରୁ ସୂଚନା ଦିଆଯାଇଥିଲା। ଉପନ୍ୟାସଟିର ଆରମ୍ଭ ହୁଏ- "ରା... ଅକ୍ଷରେ ରାଧା ନନୀ/ ରାସ କରୁଥିଲେ ଯେ/ ଧି... ଧିଆନରେ... କ... କଳ୍ପବଟ/ ନ.. ନନ୍ଦର ଚାଟ କରୁଥିଲେ ତହିଁ ନାଟ/ ରା-ଧି-କା ତିନି ଅକ୍ଷର ସଂପୂର୍ଣ୍ଣ ହୋଇଲା/ ଗୀତ କହେ

ଖଗେଶ୍ୱର ତୁଳସୀକଟାରେ ଘର..." (୯) ସମ୍ପୂର୍ଣ୍ଣ ଉପନ୍ୟାସ ଖଗେଶ୍ୱର ନାମକ ଜଣେ ଦଣ୍ଡ କବିର ଆତ୍ମକାହାଣୀ ଭାବେ ବର୍ଣ୍ଣିତ ହୋଇଛି। ଉପନ୍ୟାସର ପୃଷ୍ଠଭୂମି ତୁଳସୀକଟା ଗାଁ। ଉପନ୍ୟାସର ମୁଖ୍ୟ ଚରିତ୍ର ଖଗେ ଓରଫ୍ ଖଗେଶ୍ୱର ଯାର ପରିଚୟ ଫୁଲତୁଳିର ସ୍ୱାମୀ; ନାରାୟଣ ପଧାନର ବାଇଶ ବର୍ଷିଆ ହଳିଆ। ଯାହାର ରୂପାନ୍ତର ହୋଇଛି ଜଣେ କବି ଭାବରେ। "ହଁ କବି! ତାକୁ ତା ମାଇପକୁ କହିଦେବାକୁ ପଡ଼ିବ। ହଁ... ହଁ... ସେ କବି !! ପଛରେ ରହିଯାଇଛନ୍ତି ଛାଇ ଆଲୁଅ ଭିତରେ ରାଧା, କୃଷ୍ଣ, ଦୂତୀ ବାଣ୍ଟି ଆଉ ହରେକ ଚରିତ୍ର। ଶହ ଶହ ଦର୍ଶକ।"(୧୦) ସେଇ ଖଗେଶ୍ୱରର ଲେଖା ଗୀତ ଯେତେବେଳେ ପ୍ରଫୁଲ୍ଲ ଭଳିଆ ରାଧା ଦଣ୍ଡରେ ଗାଇଲା ତାର ସମ୍ମାନ ଆହୁରି ବଢ଼ିଯାଇଛି। ସେ ଆଉ ସାଧାରଣ ଖଗେଶ୍ୱର ହୋଇନାହିଁ। ସେ ହୋଇଯାଇଛି କବି ଖଗେଶ୍ୱର। ଖଗେଶ୍ୱର ଭାବୁଚି, "ସତରେ ସେ କ'ଣ କବି ହୋଇଗଲା? ସେ ଆଉ ତୁଳସୀକଟା ଗାଁର ନାରଣ ପଧାନର ହଳିଆ ଖଗେ ନୁହଁ। ସେ ଏଥର କବି ଖଗେଶ୍ୱର,, ଏମିତି ଛୋଟିଆମୋଟିଆ ନୁହଁ, ରେକର୍ଡ଼ କୀର୍ତ୍ତନର କବି ନୁହଁ, ରାଧାକୃଷ୍ଣ ଭେଟର କବି ଖଗେଶ୍ୱର ।"(୧୧)

ବାସ୍ତବିକ ଏହି ନୂତନ ରୂପାନ୍ତରଣ ଖଗେଶ୍ୱର ଭିତରେ ଏକ ବିରାଟ ପରିବର୍ତ୍ତନ ଆଣିଛି। ଉକ୍ତ ଉପନ୍ୟାସ ଔପନ୍ୟାସିକ ଖଗେଶ୍ୱର ଭଳି ଦଣ୍ଡଗୀତ ଲେଖୁଥିବା କବିଟିଏର ତଥାପି ପ୍ରାଧାନ୍ୟ ଦେଇଛନ୍ତି ଲୋକସାହିତ୍ୟର ସବୁଠାରୁ ପ୍ରଭାବଶାଳୀ ଦିଗ ହେଉଛି ଲୋକଗୀତ ଯହିଁରେ ସମୂହର ଚିନ୍ତାଚେତନା, ଅନୁଭବ, ଆବେଗର ରସାଣିତ ହୋଇ ପରିପ୍ରକାଶ ହୋଇ ପରିପ୍ରକାଶ ଘଟେ। କିନ୍ତୁ ଯେତେବେଳେ ସେଇ ଲୋକଗୀତ ନିଜର ସ୍ୱତନ୍ତ୍ରତା ହରାଏ ଅର୍ଥାତ ସମୟର ପରିବର୍ତ୍ତନ ଓ ପାଶ୍ଚାତ୍ୟ ସଂସ୍କୃତିର ଅନୁକରଣରେ ନିଜର ମୂଳସ୍ୱରୂପ ହରାଏ ସେତେବେଳେ ଏହା ହୋଇଯାଏ ଅନ୍ତଃସାର ଶୂନ୍ୟ। ଯାହା ପ୍ରତ୍ୟକ୍ଷ ଭାବରେ ଉପନ୍ୟାସରେ ପ୍ରତିଫଳିତ। ବିବର୍ତ୍ତନ ସବୁ ଯୁଗର ଏକ ପ୍ରମୁଖ ଉପାଦାନ। ସମୟର ଆବଶ୍ୟକତା ଓ ଗଣ ଚାହିଦାକୁ ଗୁରୁତ୍ୱ ଦେଇ କବିଟିଏ ଯେତେବେଳେ ଗୋଟେ ଗଣଧର୍ମୀ କଳାରେ ଉପାଦାନ ଖଂଜେ; ଏହି ଖଞ୍ଜିବା ଭିତରେ କେତେବେଳେ ସେ ଯେ ଅପାଂକ୍ତେୟ ହୋଇପଡ଼େ ତାହା ସେ ମଧ ଜାଣେ ନାହିଁ। ଲେଖକଙ୍କ ଭାଷାରେ-"ନୂଆ ବାଗରେ ନୂଆ ସୁରରେ ଲୋକ ଯାହା ଚାହୁଁଛନ୍ତି ତାହା ଲେଖିବାକୁ ହେବ। ସେ କଣ ପାରିବ?(୧୨)" ପ୍ରଯୁକ୍ତିବିଦ୍ୟାର ପ୍ରଭାବ ଏବଂ ପ୍ରସାର ଭିତରେ ହଜିଯାଇଛି ଦଣ୍ଡନାଚ ତା ଭିତରେ ଅପାଂକ୍ତେୟ ହୋଇଯାଏ ଜଣେ ଲୋକ କବି। ଉପନ୍ୟାସର କଥାକଳ୍ପନାର ଅଗ୍ରଗତି ସହିତ ଦଣ୍ଡକବି ଖଗେଶ୍ୱରର ଚାହିଦା ବଢ଼େ। ଖଗେଶ୍ୱରଠୁ ଗୀତ ନେବା ପାଇଁ ବିଭିନ୍ନ ପାଟିମାନଙ୍କର ଭିଡ଼ ଜମେ ଯାହା ପାଇଁ ଖଗେଶ୍ୱର ଗୀତ ଲେଖେ। ଗୀତ ସରିଲେ ତାଠୁ ପନ୍ଦର କୋଡ଼ିଏ ଟଙ୍କା ଖଗେଶ୍ୱର ଦକ୍ଷିଣା ପାଏ ତା' ସହ ସମ୍ମାନ। ପ୍ରତ୍ୟେକ ତାର ପାଦ ଛୁଇଁ ପ୍ରଣାମ ହୁଅନ୍ତି। ଖଗେଶ୍ୱରର ନାଁ ଚାରିଆଡ଼େ ପ୍ରଚାର ହୋଇଛି। ତା ଗୀତ ଶୁଣିବା ପାଇଁ ଦୂର ଦୂରାନ୍ତରରୁ ମାଇପେ ଦଉଡ଼ି ଆସିଛନ୍ତି ଛତାପିପଳ ଗାଁକୁ। ସପ୍ତାହେ ଦୁଇ ସପ୍ତାହ ଭିତରେ ଖଗେଶ୍ୱର ନାଁ ଟା ଚାରିଆଡ଼େ ପ୍ରଚାର ହେବାରେ ଲାଗିଛି। ସମସ୍ତେ ଖଗେଶ୍ୱରର ଗୀତରେ ହୋଇଛନ୍ତି ବିମୋହିତ। ଗୀତ ଭିତରେ ତିଆରି ହେଉଛି ଗୋଟେ ଗୋଟେ ଦୃଶ୍ୟ। ଗାଁ ଦାଣ୍ଡ ପାଲଟି ଯାଇଛି ଦ୍ୱାପର ଯୁଗର ଗୋପ। ଖଗେଶ୍ୱର ଗୀତ ପୂର୍ବରୁ ନାଁ କରା କବିମାନଙ୍କୁ ଟପିଯାଇଛି। ଲେଖକଙ୍କ କଥାରେ - 'ଧନ୍ୟ.. ଧନ୍ୟ.. କବି ତମେ ଧନ୍ୟ../ ଇହାଦେ କଣ ଆଗର ଦଣ୍ଡ ଅଛି? ଜାଣୁଛ ତ ସବୁ ଭେଂଗ୍ରେଜିଆ ହେଇ ଗଲାଣି। ଶଳା..କୋଉଠୁ କୋଉଠୁ ମିକ୍ସଚର ପାର୍ଟି ଆସି ଦଣ୍ଡକୁ ଆଉ କଣ ଦଣ୍ଡ କରି ରଖିଛନ୍ତି, ଚୋଦି ଦେଲେଣି ।'(୧୩)

ସମୟର ପରିବର୍ତ୍ତନ ବଦଳାଇ ଦେଇଛି ଖଗେଶ୍ୱରର ଜୀବନ, ଭାଗ୍ୟ ଓ ସ୍ଥିତି। ବଦଳୁଥିବା ସମୟ ଏବଂ ଯୁଗରୁଚିକୁ ଆଧାର କରି ଗୀତ ଫାନ୍ଦିପାରି ନାହିଁ ଖଗେଶ୍ୱର ଯାହାର ପରିଣାମ ଧୀରେ ଧୀରେ ତା'ର ଗୀତ ହୋଇଛି ଅଲୋଡ଼ା, ଆଖୋଜା। ତା' ଗୀତକୁ ଲୋକମାନେ ଆଉ ପସନ୍ଦ କରିନାହାନ୍ତି ତା ଜାଗାରେ ନୂଆ ନୂଆ କବିମାନେ ଗୀତ ଲେଖିଛନ୍ତି। ଯେଉଁମାନେ କି ଲୋକରୁଚିକୁ ଗୁରୁତ୍ୱ ଦେଇ ଚାଲୁ ଫିଲିମ୍ କି ସମ୍ବଲପୁରୀ ସ୍ୱରରେ ଗୀତ ବାନ୍ଧିବା ଆରମ୍ଭ କରିଛନ୍ତି। ଲେଖକଙ୍କ ଭାଷାରେ-"ଗୀତ ଝକାସ ନ ହେଲେ କଣ ଦଣ୍ଡ ଚାଲିବ? ତହିଁକୁ ଭଲ ପାର୍ଟିଅର କୁଟେଇ ମାଲ ଖଟେଇବା କଥା।"(୧୪) ଏବେ ଦଣ୍ଡଗୀତରେ ଆଉ ସେ ପ୍ରେମଭାବ ନାହିଁ ତା' ସ୍ଥାନ ନେଇସାରିଛି ଶୃଙ୍ଗାର। କୃଷ୍ଣ ଅନ୍ତପୁରକୁ ଯାଇ ରାଧାକୁ ହକାରିଲା ବେଳେ ପୁର ପଲ୍ୟଙ୍କର ଶୟନରୁ ଉଠି ରାଧା ଗାଉଛନ୍ତି, "ଏ ହେ.. ଇ ଫୁଲରେ ନାଇଁ ବାସ କଲା ଭଅଁରରେ.. ନାଇଁ ହ ଆଉ ନିରାଶ.. ଫିରି ଯା ..ଫେରିଯା ଗା ନୂଆ ଫୁଲର ସନ୍ଧାନେ ..ନାଇଁକର ମତେ ଆଉ ଆଶ... କଲା ଭଅଁରରେ.. ଶୋଷରେ କାହିଁ ହେଉ ଆତୁର ..ଛଳକି ଉଠେ ମୋର ଛାତିର ଦୁଇ କଳସ..।" (୧୫) ଅନୁରୂପ ଚାଲୁଗୀତମାନଙ୍କର ପ୍ରୟୋଗ ଦଣ୍ଡନାଚର ଗୌରବକୁ ବହୁ ମାତ୍ରାରେ ଅବକ୍ଷୟମୁଖୀ କରିଛି। ଯେଉଁ ପ୍ରାଚୀନ ପାରମ୍ପରିକ ଶ୍ରଦ୍ଧା ଓ ପ୍ରେମଭାବ ଦଣ୍ଡ ଭିତରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରୁଥିଲା ତାହା ହୋଇଯାଇଛି କେବଳ ମନୋରଞ୍ଜନ ଓ ଶୃଙ୍ଗାରଉଦ୍ଦୀପକ। ଏହା ଭିତରେ ଆଉ ଏକ ସମସ୍ୟା ହେଉଛି ବ୍ୟବସାୟିକ ମନୋବୃତ୍ତି ଯାହା କଳାତ୍ମକତା ଓ ସାଂସ୍କୃତିକ ମୂଲ୍ୟବୋଧ ହ୍ରାସ ପାଇଁ ମୂଳତଃ ଦାୟୀ। ଏମିତିକି ଲୋକବାଦ୍ୟ ବ୍ୟବହାର ବଦଳରେ ହାରମନୀ ଓ ପିଟିଏମ୍ ମାଇକର ଶବ୍ଦ ଏହାର ପରିବେଶକୁ ଶ୍ରୁତିକଟୁ କରିଦେଉଛି। ଲେଖକଙ୍କ ଭାଷାରେ- "ହଇ ହୋ.. ଦଣ୍ଡରେ ଗୋଟେ ହାରମନି କ'ଣ? ଆମର ତ ଫେମସ ଝଗଡୁଗାଡ଼ିଆ ଉଷାବତୀ ହରଣ ଗୀତ ନାଟକରେ ଏଯାଏଁ ସେଇ ମର୍ଦ୍ଦଳ ଚଳୁଚି। ଦଣ୍ଡରେ ବଇଁଶୀଆଳ ବଇଁଶୀ ଆଉ ଶୁଭୁନାଇଁ, ହାରମନୀର ସାରେଗାମା ତାକୁ ଖାଇ ଯାଉଚି। ଛାଡ଼.. ଛାଡ଼..।"(୧୬) ଏହା ଭିତରେ ଆଉ ଗୋଟେ ପ୍ରମୁଖ ସମସ୍ୟା ହେଉଛି ଦଳ ଦଳ ମଧ୍ୟରେ ପ୍ରତିଯୋଗିତା। ଯାହା କେବଳ

ଏହାର ଆଡ଼ମ୍ବର ବୃଦ୍ଧି କରୁଛି, କିନ୍ତୁ ଏ ଆଡ଼ମ୍ବର ଭିତରେ ଧୀରେ ଧୀରେ ଲୋପ ପାଉଛି ଏହାର ଅନ୍ତରାତ୍ମା।

ଦଣ୍ଡନାଟରେ ସାଧାରଣତଃ ପୁରୁଷମାନେ ନାରିବେଶରେ ଅଭିନୟ କରନ୍ତି କିନ୍ତୁ ବର୍ତ୍ତମାନ ଏ କ୍ଷେତ୍ରରେ ନାରୀମାନଙ୍କର ପ୍ରବେଶ ଘଟିଛି ଯାହାର ସ୍ପଷ୍ଟ ସୂଚନା ଦେବାକୁ ଯାଇ ଔପନ୍ୟାସିକ ରସିକ ପାର୍ଟିର କଥା ଉଲ୍ଲେଖ କରିଛନ୍ତି। ଯହିଁରେ ଚକମକି ଡିସ୍କୋ ଆଲୁଅରେ ପୂର୍ଣ୍ଣମାସୀର ଗୀତ ଓ ନାଚ ସାରା ଗାଁକୁ କମ୍ପେଇଦେଇଛି। ଲୋକମାନଙ୍କର ହୋ ହୋ ଚିତ୍କାରରେ ଫାଟି ପଡ଼ିଛି ଗାଁ ଦାଣ୍ଡ। ଲୋକ କୁହାକୁହି ହେଉଛନ୍ତି, "ମାଇପି ହେଲେ କଣ ହେବ? କି ନାଚ ନାଚୁଚି? ଏ ହେ.. ଜଙ୍ଘ ଯାଏଁ ..କିସିମି ନାଚଠୁଁ ବଳିଯିବ? ହଁ ହଁ.. ଦେଖ ସୁନ୍ଦରୀ ପଲଶା ଫୁଲ..ଶାଢ଼ୀ ଟେକୀ ଦେଲେ ହାବଡ଼ା ପୋଲ..।"(୧୭) ଯୁବପିଢ଼ିମାନଙ୍କର ଏହି ଅସଭ୍ୟ ଅଶ୍ଳୀଳ ବ୍ୟବହାର ଲୋକସଂସ୍କୃତି ଅବକ୍ଷୟର ପ୍ରମୁଖ କାରଣ ଯାହାର ଚିତ୍ର ଉପନ୍ୟାସରୁ ଲକ୍ଷ୍ୟ କରାଯାଇପାରେ। ସବୁପରେ ଖଗେଶ୍ୱର ହୋଇଛି ଅପାଂକ୍ତେୟ। ଦଣ୍ଡ ପାର୍ଟି ଭାଙ୍ଗିଯାଇଛି, ବିବିଧ ସମସ୍ୟା ଓ ଯୁଗରୁଚିର ଆବଶ୍ୟକତା ସହ ତାଳ ଦେଇପାରିନି ଖଗେଶ୍ୱର ଓ ତାର ଦଣ୍ଡଦଳ। ବାସ୍ତବିକ ଉପନ୍ୟାସରେ ଦଣ୍ଡ ସଂସ୍କୃତିର ଅବକ୍ଷୟ ପଛରେ ବିବିଧ କାରଣକୁ ଔପନ୍ୟାସିକ ଗଭୀର ଭାବରେ ଅଧ୍ୟୟନ କରି ଉପନ୍ୟାସରେ ଦେଖେଇଦେଇଛନ୍ତି।

ଲୋକସଂସ୍କୃତିର ଅନ୍ୟତମ ବିଭବ ଲୋକଗୀତ। ଗୋଷ୍ଠୀ ମଣିଷର ଚିନ୍ତା ଚେତନା ଓ ଅନୁଭବ ଆବେଗାନୁଭୂତିରେ ରସାଣିତ ହୋଇ ଏଥିରେ ପ୍ରକାଶିତ ହୋଇଥାଏ। 'ଗୀତକୁଡ଼ିଆ'ଓଡ଼ିଶାର ଦକ୍ଷିଣ ଓ ପଶ୍ଚିମାଞ୍ଚଳର ଏକ ଅନନ୍ୟ ପରମ୍ପରା। ଏହି ପରମ୍ପରାର ଏକ ଅନନ୍ୟ ଉଚ୍ଚାରଣ ହେଉଛି ବାସନ୍ତୀ ମହାନ୍ତିଙ୍କ 'ଦୂର ଆକାଶର ତାରା'(୨୦୨୧) ଉପନ୍ୟାସ। ସମ୍ପୂର୍ଣ୍ଣ ଉପନ୍ୟାସଟି ପ୍ରସିଦ୍ଧ ଗୀତକୁଡ଼ିଆଣୀ ଚଚରାଗୁଡ଼ାର ବେଳମତୀ ହରିଜନର ଆତ୍ମକାହାଣୀ। ସେଥିପାଇଁ ଉପନ୍ୟାସରେ ଔପନ୍ୟାସିକା ଲେଖିଛନ୍ତି –"ବେଳମତୀ ହରିଜନର ଜୀବନ କାହାଣୀ ଏହି ପୁସ୍ତକର ବିଷୟବସ୍ତୁ। ବେଳମତୀ ସହ ମୋର ନିବିଡ଼ ସମ୍ପୃକ୍ତି ଏପରି ଗୋଟିଏ ପୁସ୍ତକ ରଚନା କରିବା ପାଇଁ ମୋତେ ଅନୁପ୍ରେରିତ କରିଥିଲା। ଏ ଅଞ୍ଚଳର ସାଂସ୍କୃତିକ ଐତିହ୍ୟ ଓ ପରମ୍ପରାକୁ ପ୍ରତିନିଧିତ୍ୱ କରୁଥିବା ତା'ର ଜୀବନ କାହାଣୀ ଯେକୌଣସି ବିୟୋଗାନ୍ତ ଉପନ୍ୟାସ ଠାରୁ କମ୍ କରୁଣାକ୍ତ ନୁହେଁ। ଅକାଳରେ ସ୍ୱାମୀ ପୁତ୍ରକୁ ହରେଇ ସେ ସଙ୍ଗୀତ ଭିତରେ ନିଜ ଜୀବନର ଦୁଃଖ ଯନ୍ତ୍ରଣାକୁ ଭୁଲିବାକୁ ଚେଷ୍ଟା କରୁକରୁ ଦେଶୀୟା ସଂସ୍କୃତିର କିମ୍ବଦନ୍ତୀ ହୋଇରହିଗଲା। ତା' ଜିଭ ଅଗରେ ଝୁଲୁଥିଲା ଦେଶୀୟା ସଂସ୍କୃତିର ଶ୍ରୀ ସମ୍ପଦ। ସେ ଶ୍ରୀଅକ୍ଷର ବିବର୍ଜିତା ଥିଲା। କିନ୍ତୁ ତୁଣ୍ଡ ଖୋଲିଲେ ମାଆ ସରସ୍ୱତୀ ବିଜେ ହୋଇଯାଉଥିଲେ ତା' କଣ୍ଠରେ। ସେ ଗାଇ ଚାଲୁଥିଲା ଅନର୍ଗଳ। ଦିନ ଦିନ ରାତି ରାତି। ଅସରନ୍ତି ସଙ୍ଗୀତ। ପୁଷ ପୁନେଇ, ବାଲିଯାତ୍ରା, ମଣ୍ଡେଇ, ଚଇତି ପୁନେଇର ମହୋତ୍ସବ ହେଉ କି ଧାନ ରୋପିବା, ମହୁଲ ଗୋଟେଇବା କେନ୍ଦୁପତ୍ର କି ସରଗିଫୁଲ ତୋଳିବା ବେଳେ ହେଉ କିମ୍ବା ଦଶାଘର, ବାହାଘର, ଏକୋଇଶିଆ, କନ୍ୟା ବୟଃପ୍ରାପ୍ତ ହେବା ଲୋଡ଼ାପୂଣ୍ୟ, ସବୁଠି ଖୋଜା ପଡ଼େ ବେଳମତୀକୁ। ଜୀବିକାକୁ ସେ ତା' ଜୀବନ ସହ ଏମିତି ଏକାତ୍ମ କରିଦେଇଥିଲା ଯେ ଜଣାପଡ଼େନାହିଁ ତା'ର ବୃତ୍ତି ଓ ପ୍ରବୃତ୍ତି ଭିତରେ ଥିବା ଫରକ।"(୧୮)

ଗୀତକୁଡ଼ିଆ, ଗୀତକୁଡ଼ିଆଣୀ ପରମ୍ପରା ଦେଶୀୟା ସଂସ୍କୃତିର ମୂଳପିଣ୍ଡ। ଏସବୁ ବାଲିଯାତରା, ପୁଷପୁନେଇ, ଚଇତ ପର୍ବ ଗାଁ ପର୍ବପର୍ବାଣୀ ଭିତରେ ସୀମିତ ହୋଇରହିଯାଇଥିଲା। ବେଳମତୀ ବିଭିନ୍ନ ସ୍ଥାନରେ ଗୀତ ଗାଇ ତାକୁ ସାର୍ବଜନୀନ କରି ଦେଶୀୟା ଭାଷା ସଂସ୍କୃତିର ଚାରଣ କବୀ ରୂପେ ପରିଚିତ ହେଲା। ଦିଲ୍ଲୀ, କଟକ, କୋରାପୁଟ ବର୍ହମପୁର ଆଦି ବିଭିନ୍ନ ସ୍ଥାନରେ ଗୀତ ଗାଇ ମାନସମ୍ମାନ, ସମ୍ବର୍ଦ୍ଧନା ଏପରିକି ଶ୍ରେଷ୍ଠ କଳାକାରରେ ପୁରସ୍କୃତ ହୋଇଛି। ଉପନ୍ୟାସର କଥାଭାଗ ଆଗକୁ ବଢ଼ିଛି। କୋରାପୁଟ ଆଦିବାସୀ ସଂସ୍କୃତି ଗବେଷଣା କେନ୍ଦ୍ରର ଦୁଇଦିନିଆ ଆଦିବାସୀ ସଂସ୍କୃତି କର୍ମଶାଳା ଆୟୋଜନ କରାଯାଇଥିଲା। ଦ୍ୱିତୀୟ ଅଧିବେଶନରେ ସଂସ୍କୃତି ଗବେଷକ ବାଇମନ କ୍ରାଡ଼ାକା ଅବିଭକ୍ତ କୋରାପୁଟ ଜିଲ୍ଲାର ବିଭିନ୍ନ ଅଞ୍ଚଳର ଢେମସା ନାଚ ଉପରେ ଏକ ପ୍ରବନ୍ଧ ପାଠ କରିଥିଲେ। ଏ ପ୍ରବନ୍ଧରେ ଢେମସା ନାଚର ମୌଳିକତା ସମ୍ପର୍କରେ ପ୍ରାବନ୍ଧିକ ଆଲୋକପାତ କରିବା ସଙ୍ଗେ ସଙ୍ଗେ ଆଜିକାଲିର ଯୁବପିଢି ଢେମସା ନାଚକୁ କିପରି ହିନ୍ଦୀଗୀତ ଓ ନାଚ ଶୈଳୀରେ ନାଚୁଛନ୍ତି, ତା'ର ମୌଳିକତା ନଷ୍ଟ କରିଦେଉଛନ୍ତି, ତା'ର ତୀବ୍ର ସମାଲୋଚନା କରିଥିଲେ। ଯାହା ଔପନ୍ୟାସିକଙ୍କ ସଚେତନଶୀଳ ଦୃଷ୍ଟିକୋଣର ପରିଚାୟକ।

ବେଳମତୀ କ୍ରମେ ସ୍ୱାମୀ , ପୁତ୍ରକୁ ହରେଇ ସାରିଲା ପରେ ତାହାର ଏକମାତ୍ର ସାହାରା ହୋଇଛି ସଙ୍ଗୀତ। କିନ୍ତୁ ଅନୁଭବ କରିପାରିଛି –"ଚଇତି ପଡ଼ିଆରୁ ଭାସି ଆସୁଛି କୋଳାହଳ। ହିନ୍ଦୀ ସଙ୍ଗୀତର ତାଳରେ ଦେଶୀୟା ହିନ୍ଦୀ ସଙ୍ଗୀତର ତାଳରେ ଦେଶୀୟା ହିନ୍ଦୀ ଓ ଇଂଲିଶ ଶବ୍ଦର ମିଶାମିଶି ଗୀତ। ଶୁଣିଲା ବେଳକୁ ଦେହରେ ତୀର ଗଳିଯାଉଛି। କାନ ଅତଡ଼ା ଖାଇଯିବା ପରି ଲାଗୁଛି। ସତେ ଯେମିତି ଦ୍ରୁଡ୍ରୁମା। ପାହାଡ଼ ଉପରୁ ଗୁଦ ଗୁଦି ହେଇ ଖସିପଡୁଛି ପାତଳକୁ। ବେଳମତୀର କଲିଜା ଉପରେ ବାଜୁଛି ହାତୁଡ଼ି ପାହାର। ତା'କଳ୍ପନା ଚକ୍ଷୁରେ ଜୀବନ୍ତ ହେଇ ଉଠିଲା ଚଇତି ପଡ଼ିଆର ଦୃଶ୍ୟ। ଧାଙ୍ଗଡ଼ା ଧାଙ୍ଗଡ଼ୀଙ୍କର ଉଦ୍ଦଣ୍ଡ ନୃତ୍ୟ। ତା'ସମୟର ନୃତ୍ୟ ପରି ନୁହେଁ। ଆଉ ମହୁଲି ସଲପର ନିଶା ନୁହେଁ, ସବୁ ଇଂଗିଲିସି ନିଶା। ଢେମସା ନାଚ ଭିତରେ ପଶିଯାଉଛି ସିନେମା ନାଚ। ସାଇଲୋଡ଼ି ତ କେବେ ଠୁଁ ଚୁଲି କି ଗଲାଣି। ମାଇକିରେ ହିନ୍ଦୀ ଗୀତ ବାଜିଲେ ନାଚିବେ। ଏଥର ସବୁ ବୁଡିଯିବ। ଏଇ ଉଦବାର୍ଯ୍ୟ ଧାଙ୍ଗଡ଼ା ଧାଙ୍ଗଡ଼ୀମାନେ ନିଜ ମାଟିକୁ ଭୁଲିଲେ, ମାଆକୁ ନିନ୍ଦିଲେ। ନିଜର ସଂସ୍କୃତି ପରମ୍ପରାକୁ ଥଟ୍ଟା କଲେ। କେତେକାଳ ଆଉ ବଞ୍ଚିବ ଏ ସଂସ୍କୃତି? ତା'ର ସବୁ ପରିଚୟ ଲୁଚିଯିବ। ଯେକ ଅକଥିତ ବେଦନାବୋଧରେ ବିଚଳିତ ହୋଇପଡ଼ିଲା ବେଳମତୀ।"(୧୯) ଶେଷରେ ମଧୁମେହ, ଉଚ୍ଚ ରକ୍ତଚାପ

ରୋଗରେ ପୀଡ଼ିତ ହୋଇଛି ପଡ଼ିରହିଛି ଖଟିଆରେ। ଧୀରେ ଧୀରେ ଅପାଂକ୍ତେୟ ହୋଇପଡ଼ିଛି। ଏବଂ ମୃତ୍ୟୁ ଲଭିଚି। ଜଣେ ସ୍ୱୀକୃତି ପ୍ରାପ୍ତ କଳାକାର ଭାବରେ ପଲ୍ଲି ଠାରୁ ଦିଲ୍ଲୀ ପର୍ଯ୍ୟନ୍ତ ନିଜର କଳା ପ୍ରଦର୍ଶନ କଲା, ମାନସମ୍ମାନ ପାଇଲା ତଥାପି ମଧ ସରକାରଙ୍କ ଠାରୁ ଦୁସ୍ଥ କଳାକାର ଭତ୍ତାଟିଏ ମଧ ପାଇପାରିଲା ନାହିଁ।

ସାଂପ୍ରତିକ ଉପନ୍ୟାସ ଧାରାରେ ଏତାଦୃଶ ହାତଗଣତି ଉପନ୍ୟାସ ରଚିତ ହୋଇଛି। ଯହିଁରେ ଆମ ଲୋକ ସଂସ୍କୃତିର ଅବକ୍ଷୟର ଚିତ୍ର ଅତି ସ୍ୱଷ୍ଟ ଭାବେ ପ୍ରତୀୟମାନ। ଯାହା ଉପରୋକ୍ତ ଆଲୋଚନାରୁ ସ୍ୱଷ୍ଟ ହୁଏ।

ପ୍ରାନ୍ତଟୀକା :

୧. ପଣ୍ଡା, ଡକ୍ଟର ଚିତ୍ତରଞ୍ଜନ (ସଂ),ଓଡ଼ିଆ ଉପନ୍ୟାସ ସ୍ରଷ୍ଟାଙ୍କ କୃତି ଓ କୃତିତ୍ୱ, ଏ.କେ. ମିଶ୍ର, କଟକ, ପ୍ରଥମ ସଂସ୍କରଣ-୨୦୨୦, ପୃଷ୍ଠା-୪୫୬

୨. ମହାନ୍ତି, ଦେବେନ୍ଦ୍ର, ବିପନ୍ନ ବିଗୁଲ, ବିଦ୍ୟା, ଭୁବନେଶ୍ୱର, ପ୍ରଥମ ପ୍ରକାଶ-୨୦୦୮,ପୃଷ୍ଠା-୧୨୬

୩. ତତୈବ, ପୃଷ୍ଠା-୧୫୮

୪.ମିଶ୍ର, ଆଦିତେଶ୍ୱର, ଧନୁଯାତ୍ରା, ଡୁଡୁଲି ପ୍ରକାଶନୀ, ଭୁବନେଶ୍ୱର, ପ୍ରଥମ ସଂସ୍କରଣ-୨୦୧୨,ପୃଷ୍ଠା-୮

୫.ତତୈବ,ପୃଷ୍ଠା-୯

୬.ତତୈବ,ପୃଷ୍ଠା-୧୩

୭.ତତୈବ,ପୃଷ୍ଠା-୩୭

୮.ତତୈବ,ପୃଷ୍ଠା- ୬୭

୯.ମିଶ୍ର, ଆଦିତେଶ୍ୱର, ଗୀତେ କହେ...,ଡୁଡୁଲି ପ୍ରକାଶନୀ, ଭୁବନେଶ୍ୱର, ଦ୍ୱିତୀୟ ପ୍ରକାଶ-୨୦୨୨,ପୃଷ୍ଠା-୯

୧୦.ତତୈବ,ପୃଷ୍ଠା-୧୦

୧୧.ତତୈବ,ପୃଷ୍ଠା-୬

୧୨.ତତୈବ,ପୃଷ୍ଠା-୪୬

୧୩.ତତୈବ,ପୃଷ୍ଠା-୯

୧୪.ତତୈବ,ପୃଷ୍ଠା-୩୦

୧୫.ତତୈବ,ପୃଷ୍ଠା-୫୫

୧୬.ତତୈବ,ପୃଷ୍ଠା-୩୨

୧୭.ତତୈବ,ପୃଷ୍ଠା-୪୫

୧୮.ମହାନ୍ତି, ବାସନ୍ତୀ, ଦୂର ଆକାଶର ତାରା, ଅଗ୍ରଦୂତ, କଟକ, ପ୍ରଥମ ସଂସ୍କରଣ-୨୦୨୧,ନିଜକଥା

୧୯.ତତୈବ,ପୃଷ୍ଠା-୮

●

BAGEESHA
ବାଗୀଶ
ଦ୍ୱିତୀୟ ବର୍ଷ, ସଂଖ୍ୟା - ୦୧ | ଜାନୁୟାରୀ-ଫେବୃୟାରୀ୨୦୨୪
Volume No. 02 | Issue No. 01 | Jan-Feb 2024
Refereed Peer-Reviewed Jornal

# ଏକବିଂଶ ଶତାବ୍ଦୀର ଓଡ଼ିଆ ଗଳ୍ପରେ ଅତୀତପ୍ରୀତି

OPEN ACCESS
https://bageesha.in

■ ଶୁଭଶ୍ରୀ ଜେନା

କାଳାବିଭୂଷଣ ଗବେଷିକା, ଫକୀରମୋହନ ବିଶ୍ୱବିଦ୍ୟାଳୟ,
ବ୍ୟାସ ବିହାର, ବାଲେଶ୍ୱର

Article Received : 10.09.2023 | Accepted : 20.02.2024 | Published : 20.03.2024

**ସାରାଂଶ**

ସମସାମୟିକ ସମୟରେ ଗଳ୍ପ ପରଂପରାର ଅନେକ ଦିଗ ଦେଖାଯାଇ ଥିଲେ ମଧ୍ୟ ଅତୀତ ପ୍ରୀତିକୁ ଅନେକ ଲେଖକ ଗୁରୁତ୍ୱ ଦେଇଛନ୍ତି । ଚନ୍ଦ୍ରଶେଖର ନନ୍ଦଙ୍କ ଠାରୁ ଆରମ୍ଭ ହୋଇଥିବା ଏ ଧାରା ବର୍ତ୍ତମାନ ପର୍ଯ୍ୟନ୍ତ ଅନେକ ଲେଖକଙ୍କ ରଚନାରେ ଅବ୍ୟାହତ। ବ୍ୟକ୍ତି ବିଶେଷଙ୍କ ନିଜ ଜୀବନ ସଂପର୍କିତ ଘଟଣା, ଚରିତ୍ର ଓ ବିଭିନ୍ନ ମାନସିକତା ତଥା ଲେଖକର ଅତିପ୍ରିୟ ଅତୀତକୁ କେନ୍ଦ୍ର କରି ଗଳ୍ପ ଗୁଡ଼ିକ ରଚିତ । ଚରିତ୍ରମାନଙ୍କର ମନସ୍ତତ୍ତ୍ୱ ବିଶ୍ଳେଷଣ ପ୍ରସଙ୍ଗ ଗଳ୍ପକୁ ଅଧିକ ରସାଣିତ ଓ ବାସ୍ତବଧର୍ମୀ କରିଛି। ଅତୀତପ୍ରୀତିମୂଳକ ଗଳ୍ପଗୁଡ଼ିକରେ ଲେଖକଙ୍କର ବ୍ୟକ୍ତିଗତ ଜୀବନର ଘଟଣା, ତେଣୁ ତାହା ପାଠକଙ୍କୁ ଜୀବନ୍ତ ଓ ବାସ୍ତବଧର୍ମୀ ମନେହୁଏ । ଗଳ୍ପ ରଚନା ସମୟରେ ଭବିଷ୍ୟତକୁ ନେଇ ବହୁତ କମ୍ ଗଳ୍ପ ରଚନା କରାଯାଇଥିବା ବେଳେ ଅତୀତକୁ ନେଇ ଅନେକ ଗଳ୍ପ ରଚନା କରାଯାଇଛି; ହେଲେ ସମସ୍ତ ଗଳ୍ପକୁ ଅତୀତ ପ୍ରୀତି ମୂଳକ ଗଳ୍ପ କୁହାଯାଇ ପାରିବ ନାହିଁ । କାରଣ ଅନେକ ରଚନାରେ ପାଠକ ଉପଲବ୍ଧି କରିପାରେ ନାହିଁ ଯେ ତାହା ଲେଖକଙ୍କ ବ୍ୟକ୍ତିଗତ ଜୀବନର ଘଟଣା ହୋଇଥିବ କି ନାହିଁ । ଲେଖକ ଅନେକ ଘଟଣାର କଥାବସ୍ତୁ କାହା ଠାରୁ ଶୁଣି ବା ଚରିତ୍ର ସହିତ ଘନିଷ୍ଠ ସଂପର୍କ ଥିଲେ ମଧ୍ୟ ସେ ଫ୍ଲାସବ୍ୟାକ୍ ଶୈଳୀରେ ତାହାକୁ ରଚନା କରିପାରନ୍ତି । ତେଣୁ ସମସ୍ତ ଫ୍ଲାସବ୍ୟାକ୍ ଶୈଳୀର ରଚିତ ଗଳ୍ପ ଅତୀତ ପ୍ରୀତିମୂଳକ ଗଳ୍ପ ପର୍ଯ୍ୟାୟ ଭୁକ୍ତ କରାଯାଇ ପାରିବନାହିଁ ।

A feeling of pleasure, mind with sadness, when you think of happy time in the past. ଅତୀତପ୍ରୀତିର ଇଂରାଜୀ ଶବ୍ଦ Nostalgia. Nostalgia କହିଲେ ଆବେଗ ପୂର୍ଣ୍ଣ ସ୍ମୃତିର ସ୍ମରଣକୁ ବୁଝାଏ। Nostalgia କୌଣସି ବ୍ୟକ୍ତିରି ଅତୀତର ଆବେଗ ଭରା ସ୍ମୃତି ସମୂହ। Nostalgia ଶବ୍ଦ ଦୁଇଟି ଗ୍ରୀକ୍ ଶବ୍ଦ ସମନ୍ୱୟରେ ଗଠିତ। 'Nostas'ର ଅର୍ଥ 'homecoming' ଏବଂ 'algos'ର ଅର୍ଥ pain(ଯନ୍ତ୍ରଣା)। 'nostos' ଶବ୍ଦଟି ଗ୍ରୀକ୍ ସାହିତ୍ୟିକ ହୋମର ତାଙ୍କର ଓଡ଼ିଶୀ (odyssey) କାବ୍ୟରେ ବ୍ୟବହାର କରିଛନ୍ତି। ଓଡ଼ିଶସ୍ ଯୁଦ୍ଧ ଶେଷ କରିବାପରେ କିପରି ଘରକଥା ମନେପକାଇଥିଲେ ସେଇ ପ୍ରସଙ୍ଗରେ ଏ ଶବ୍ଦଟି ବ୍ୟବହୃତ ହୋଇଛି। ପରେ ଏହି ଶବ୍ଦର ବ୍ୟୁତ୍ପତ୍ତିଗତ ବିବର୍ତ୍ତନ ଘଟିଛି। ଡାକ୍ତରୀ ଗବେଷକ Jshannes Hoferଙ୍କର ଘର ପ୍ରତି ବ୍ୟାକୁଳତା, ମାନସିକ ଯନ୍ତ୍ରଣା ଆଦିକୁ ଲକ୍ଷ୍ୟ କରି ଏହି ଶବ୍ଦଟି ଗଠନ କରିଥିଲେ। ପରେ ଏହା ସାହିତ୍ୟରେ ଏକ ସାହିତ୍ୟିକ କୌଶଳ ବା ଶୈଳୀ ଭାବରେ ଅତୀତ ପ୍ରତି ମୋହ, ଦୁର୍ବଳତା ଏବଂ ତତ୍‌ଜନିତ ଆନନ୍ଦ ଓ ବିଷାଦ ଦର୍ଶାଇବା ପାଇଁ ପ୍ରୟୋଗ କରାଯାଇଛି। ସମୟ କ୍ରମେ ଶବ୍ଦର ଅର୍ଥରେ କିଛି ପରିବର୍ତ୍ତନ ଘଟିଥିଲେ ହେଁ ତାର ତାତ୍ପର୍ଯ୍ୟ ସାହିତ୍ୟ କ୍ଷେତ୍ରରେ ଏବେ ମଧ୍ୟ ଅବ୍ୟାହତ। ସାଧାରଣତଃ ଅତୀତର କୌଣସି ଘଟଣା, ବିଜୟ, ପ୍ରେମ ଅଥବା ସଂପର୍କକୁ ଆଧାର କରି ମନରେ ଅତୀତପ୍ରୀତି ଦେଖାଦିଏ। ଏହି କୌଶଳ ମାଧ୍ୟମରେ ପାଠକ ମନରେ ଅତୀତ ସ୍ମୃତି ରୋମନ୍ଥନର ଆନନ୍ଦ ଓ ବିଷାଦ ବୋଧକୁ ଉଜ୍ଜୀବିତ କରାଯାଇଥାଏ। ଅତୀତର ଖୁସି ମୁହୂର୍ତ୍ତ ବା ପିଲାଦିନର ମଧୁର ଓ ଆନନ୍ଦ ଦାୟକ ଘଟଣାକୁ ନେଇ ବର୍ତ୍ତମାନ ବିଳାପ କରିବାକୁ Nostalgia କୁହାଯାଏ। Nostalgia ବ୍ୟକ୍ତିଗତ ଜୀବନ ସହିତ ଜଡ଼ିତ ।

"ଅତୀତପ୍ରୀତିର ଇଂରାଜୀ ପ୍ରତ୍ୟୟ ନଷ୍ଟାଲ୍‌ଜିଆର ଜନକ ଫ୍ରେଡ଼େରିକ୍ ଜେମ୍‌ସନ୍। ଏହି ପ୍ରତ୍ୟୟ ଜରିଆରେ ପରାଧୁନିକତାର ଅଭିବ୍ୟକ୍ତିଗୁଡ଼ିକର ବିଶ୍ଳେଷଣ କରି ସେ କହିଲେ, ପରାଧୁନିକ ସାହିତ୍ୟରେ ଅତୀତର ଦୃଷ୍ଟାନ୍ତ, କାହାଣୀ,

ପ୍ରତୀକ, ଶବ୍ଦ ବ୍ୟଞ୍ଜନା ଆଦିର ସମକାଳିକ ଉପଯୋଗ କରି ଏହାକୁ ଏକ ସାଂସ୍କୃତିକ ଶୈଳୀ ଭାବରେ ଗ୍ରହଣ କରାଯାଇପାରେ ।" (ଆଚାର୍ଯ୍ୟ ଭାବାନନ୍ଦ, ସାହିତ୍ୟ କୋଷ, ପୃ – ୭୭)

Cambridge dictionary ଅନୁସାରେ ନଷ୍ଟାଲ୍‌ଜିଆର ଅର୍ଥ – "A feeling of pleasure and also slight sadness when you think about things that happened in the past." (ଅତୀତରେ ଘଟିଥିବା ଘଟଣା ଗୁଡ଼ିକ ବିଷୟରେ ଯେତେବେଳେ ତୁମେ ଚିନ୍ତା କର, ସେତେବେଳେ କିଛି ଆନନ୍ଦ ଅନୁଭବ ଏବଂ ସାମାନ୍ୟ ଦୁଃଖ ମଧ୍ୟ ଅନୁଭବ ହୋଇଥାଏ ।)

ଅତୀତପ୍ରୀତିମୂଳକ ଗଳ୍ପଗୁଡ଼ିକ ସର୍ବଦା ବାସ୍ତବ ସ୍ମୃତି ଉପରେ ପର୍ଯ୍ୟବେସିତ। ବାସ୍ତବରେ ପରିଣତ ବୟସ୍କମାନେ ଅତୀତର ଘଟଣା ଗୁଡ଼ିକୁ ବର୍ଣ୍ଣନା କରିବା ଅଧିକ ସହଜ ହୋଇଥାଏ। କାରଣ ସେତେବେଳେ ମସ୍ତିଷ୍କରେ ଅଧିକରୁ ଅଧିକ ଅତୀତ ସ୍ମୃତି ଜମାଟ ବାନ୍ଧିଥାଏ। ଚାରିପାଖର ପରିବେଶକୁ ପରିବର୍ତ୍ତନଶୀଳ ଅନୁଭବ କରି ଜଣେ ତାର ଅତିବାହିତ ହୋଇ ଯାଇଥିବା ଦିନ ଗୁଡ଼ିକୁ ଅଧିକ ଝୁରି ହୁଏ। ସେହି ଘଟଣାଗୁଡ଼ିକ ତାର ମାନସିକ ସ୍ତରରେ ଜାଗ୍ରତ ହୋଇ ଗଳ୍ପ ରଚନା ନିମନ୍ତେ ପ୍ରେରିତ କରେ। ତେଣୁ କୁହାଯାଇ ପାରେ ଅତୀତପ୍ରୀତିମୂଳକ ଗଳ୍ପଗୁଡ଼ିକ ସର୍ବଦା ବାସ୍ତବ ସ୍ମୃତି ଆଧାରିତ ହୋଇଥାଏ ।

ଅତୀତର ଏକ ନିର୍ଦ୍ଦିଷ୍ଟ କାଳଖଣ୍ଡ ବା ସମୟସୀମାର ଘଟଣାବଳୀ ନଷ୍ଟାଲଜିଆମୂଳକ ଗଳ୍ପର ଆଧାର ହୋଇଥାଏ। ଯଦି ଜଣେ ଲେଖକ ତାଙ୍କର ପରିଣତ ବୟସରେ ଅତୀତର କୌଣସି ଘଟଣା ସମ୍ବନ୍ଧରେ ସ୍ମୃତି ଚାରଣ କରନ୍ତି ତେବେ ସେହି ଘଟଣା ମଧ୍ୟରୁ ଯେଉଁଟି ଆକର୍ଷଣୀୟ ବା ରଚନା ଯୋଗ୍ୟ ହୋଇଥାଏ ସେପରି ଘଟଣାକୁ ଗାଳ୍ପିକ ଚୟନକରେ ଏବଂ ଗଳ୍ପଟିକୁ ନିଜର କଳ୍ପନା ଶକ୍ତିରେ ଆହୁରି ରସାଣିତ କରେ। ଏହି ଧରଣର ଗଳ୍ପ ନକାରାତ୍ମକ ଓ ଅସ୍ୱାଭାବିକ ଚିନ୍ତାଧାରା ବିଶିଷ୍ଟ ହୋଇଥିବାର ମଧ୍ୟ ଦୃଷ୍ଟିଗୋଚର ହୁଏ ।

ଅତୀତପ୍ରୀତି ଜଣେ ଲେଖକକୁ ସାହିତ୍ୟ ସୃଷ୍ଟି କରିବାପାଇଁ ଅଧିକ ପ୍ରେରଣା ଦେଇଥାଏ। ଲେଖକଙ୍କ ଜୀବନ କାଳ ମଧ୍ୟରେ ଘଟିଥିବା କୌଣସି ଘଟଣା ଯଦି ତାଙ୍କର ବାରବାର ସ୍ମୃତି ଗୋଚର ହୁଏ ସେତେବେଳେ ସେ ତାକୁ କାହାଣୀ ବା କବିତା ରୂପ ପ୍ରଦାନ କରିଥାନ୍ତି। କିନ୍ତୁ ପ୍ରବନ୍ଧରେ ଅତୀତପ୍ରୀତି ଦେଖା ଯାଏ ନାହିଁ। କାରଣ ପ୍ରବନ୍ଧ ଗୁଡ଼ିକର ସର୍ବଦା ଯୁକ୍ତି ଓ ତତ୍ତ୍ୱ ଉପରେ ଅଧିକ ଗୁରୁତ୍ୱ ଦିଆଯାଇଥାଏ। ଲେଖକ ଗଳ୍ପ ଓ କବିତାରେ ନିଜକୁ ମୁକ୍ତ କରି ବର୍ଣ୍ଣନା ଶୈଳୀ ମାଧ୍ୟମରେ ତାର ଭାବନାକୁ ବ୍ୟକ୍ତ କରିପାରେ। ଅତୀତପ୍ରୀତିକୁ ଲେଖକମାନେ ପାଠକ ମାନଙ୍କ ମଧ୍ୟରେ ପ୍ରତିକ୍ରିୟା ସୃଷ୍ଟି କରିବାକୁ ବ୍ୟବହାର କରନ୍ତି। ତଥାପି ଏକ ଉଦ୍ଦେଶ୍ୟ ସହିତ ନଷ୍ଟାଲଜିଆ ବ୍ୟବହାର କରିବା ସର୍ବୋତ୍ତମ। ଅତୀତର ଘଟଣାରୁ ଏକ ଖଣ୍ଡିତାଂଶ ଲେଖିବା ଅତ୍ୟନ୍ତ ସହଜ ଯାହା କେବଳ ପୁରୁଣା ସ୍ମୃତିକୁ ମନେପକାଇ ଦିଏ କିନ୍ତୁ ଜଣେ ଲେଖକ ମନେ ରଖିବା ଉଚିତ୍ ଯେ ସେ କେବଳ ସ୍ମୃତିକୁ କହୁନଥାଏ ତା ମାଧ୍ୟମରେ ଏକ କାହାଣୀର ସଂଯୋଗ କରି ପାଠକମାନଙ୍କ ପାଖରେ ବା ଧାରାଟିଏ ଉପସ୍ଥାପନା କରିଥାଏ ।

**ଆତ୍ମଜୀବନୀ, ଇତିହାସ ଓ ଅତୀତପ୍ରୀତି** – ଅତୀତପ୍ରୀତିମୂଳକ ଗଳ୍ପ ମଧ୍ୟରେ ଆତ୍ମଜୀବନୀର ଭୂମିକା ପରିଲକ୍ଷିତ ହୁଏ। ଆତ୍ମଜୀବନୀମୂଳକ ଗଳ୍ପରେ ଗାଳ୍ପିକ ନିଜ ଜୀବନର ପ୍ରାୟ ସମସ୍ତ ବା ବିଶେଷ ମୁହୂର୍ତ୍ତକୁ ସ୍ଥାନ ଦେଇଥାନ୍ତି। ଏଥିରେ ଗାଳ୍ପିକର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଆତ୍ମଜୀବନୀମୂଳକ ଗଳ୍ପ ଲେଖିବା ସମୟରେ ଲେଖକ ତାର ବିତାଇଥିବା ସମୟ ବା ଅତୀତକୁ ଫେରି ଗଳ୍ପ ରଚନା କରେ। ଆତ୍ମଜୀବନୀ ଓ ଅତୀତପ୍ରୀତିମୂଳକ ଗଳ୍ପ ମଧ୍ୟରେ ସୂକ୍ଷ୍ମ ପାର୍ଥକ୍ୟ ରହିଛି। ଅତୀତକୁ ସବୁ ସମୟରେ ଝୁରି ହୋଇ, ବିଶେଷ ଘଟଣାକୁ ବାରମ୍ବାର ମନେ ପକାଇ ଯେଉଁ ଗଳ୍ପ ରଚନା କରାଯାଏ ତାହାକୁ ଅତୀତପ୍ରୀତିମୂଳକ ଗଳ୍ପ କୁହାଯାଏ। ଅତୀତପ୍ରୀତିମୂଳକ ଗଳ୍ପରେ ଅତୀତ ପ୍ରତି ମୋହ ଏକ ଦୁର୍ବଳତା ପରିଲକ୍ଷିତ ହୁଏ। ଅତୀତରେ ଘଟିଥିବା ଘଟଣା, ଦୃଶ୍ୟ, ସ୍ଥାନ ବା ଚରିତ୍ରକୁ ଝୁରିବାର ଅନୁଭବ ସ୍ପଷ୍ଟ ଥାଏ। ଆତ୍ମଜୀବନୀ ମୂଳକ ଗଳ୍ପରେ ଲେଖକର ଆତ୍ମ ବିଶ୍ଳେଷଣ, ଆତ୍ମ ସଂଶୋଧନ ଓ ଆତ୍ମ ପ୍ରତିଷ୍ଠାର ଗୁରୁତ୍ୱ ଦେଖିବାକୁ ମିଳେ। ସତ୍ୟପ୍ରତି ନିଷ୍ଠା ଏବଂ ମମତ୍ୱବୋଧ ଆତ୍ମଜୀବନୀ ମୂଳକ ଗଳ୍ପରେ ପରିଲକ୍ଷିତ ହୁଏ। ସ୍ମୃତି ଓ ତଥ୍ୟକୁ ଆଧାର କରି ଲେଖକ ନିଜ ଅଭିଜ୍ଞତାର ଆଲୋଚନା ଓ ବିଶ୍ଳେଷଣ କରିଥାଏ ।

ଇତିହାସ ଘଟଣାତ୍ମକ ଅତୀତ। ଏହା ଅନୁଭବାତ୍ମକ ନୁହେଁ। ସମାଜବଦ୍ଧ ମନୁଷ୍ୟର ଅତୀତ-ଆଶ୍ରୟୀ ଓ ତଥ୍ୟନିଷ୍ଠ ଜୀବନ ବ୍ୟାଖ୍ୟା ହିଁ ଇତିହାସ। ସାଧାରଣ ବ୍ୟକ୍ତିର ଅସ୍ତିତ୍ୱ ଥାଏ କିନ୍ତୁ ଇତିହାସ ନଥାଏ। ବ୍ୟକ୍ତିର ବ୍ୟକ୍ତିତ୍ୱ ଯଦି ସାମାଜିକତାରେ ପରିଣତ ହୋଇଯାଏ ସେ ହୋଇଯାଏ ଇତିହାସ। ଇତିହାସ ମଧ୍ୟ ଦେଇ ତାର ସୃଷ୍ଟି ହୁଏ ଅତୀତ ବୋଧ। ଲେଖକ ତାର ବ୍ୟକ୍ତିତ୍ୱକୁ ରଚନା କରିବା ପାଇଁ ପଛକୁ ଫେରିଯାଇ ସେଇ କାଳଖଣ୍ଡରେ ଛିଡ଼ା ହୋଇଥାଏ। ସେହି କାଳ ଖଣ୍ଡରୁ ସେ ସଂଗ୍ରହ କରେ ଘଟଣା ଓ ଚରିତ୍ର। ସେ ସବୁବେଳେ ମୁଖ୍ୟ ଘଟଣା ବା ମୁଖ୍ୟ ଚରିତ୍ରକୁ ପ୍ରାଧାନ୍ୟ ଦେଇ ଗଳ୍ପ ରଚନା କରେ ନାହିଁ; ଗୌଣ ଚରିତ୍ର ଓ ଘଟଣାକୁ ନିଜ ରଚନା ଶୈଳୀରେ ଗୁରୁତ୍ୱ ଦେଇ ପାଠକ ସମ୍ମୁଖରେ ଉପସ୍ଥାପନ କରେ। ଲେଖକ ଐତିହାସିକ ଘଟଣାକୁ ନିଜ ରୁଚି ଅନୁସାରେ କିନ୍ତୁ ବଦଳାଇ ଦେଇ ପାରେ ନାହିଁ। ଇତିହାସର ଘଟଣା ମଧ୍ୟରୁ ଅନେକ କିଛି ଗ୍ରହଣ କରିପାରେ ଅନେକ କିଛି ବର୍ଜନ କରିପାରେ; ମାତ୍ର ସତ୍ୟ ଘଟଣାଠାରୁ ସଂପୂର୍ଣ୍ଣ ବିପରୀତକୁ ଯାଇ ନିଜ ରୁଚି ଅନୁସାରେ କଳ୍ପନାର ପ୍ରୟୋଗ କରିପାରିବେ ନାହିଁ। ଲେଖକର ଯଦି ଇତିହାସର ଚରିତ୍ର ବା ଘଟଣା ପ୍ରତି ଦୁର୍ବଳତା ନଥାଏ ତେବେ ତା ପାଖରେ ଇତିହାସ ପ୍ରୀତି ପରିଲକ୍ଷିତ ହେବ ନାହିଁ। ଇତିହାସର ଚରିତ୍ରମାନଙ୍କ ସହିତ ଲେଖକର ଅନ୍ତର୍ମନରେ ନିବିଡ଼ ସଂପର୍କ ରହିଥାଏ। ଚରିତ୍ରର କାର୍ଯ୍ୟାବଳୀକୁ ନିଜ

ଲେଖନୀ ମୁନରେ ଧରି ରଖି ସୁନ୍ଦର କାହାଣୀ ସୃଷ୍ଟି କରିପାରେ। ଲେଖକ ଐତିହାସିକ ଘଟଣାକୁ ଆବିଷ୍କାର କରି ଗଳ୍ପ ରଚନା କରେ; ତାହାକୁ କାଳକ୍ରମେ ବାସ୍ତବ ଇତିହାସ ବା ଐତିହାସିକ ପୁନର୍ଗଠନ କୁହାଯାଏ ।

ଓଡ଼ିଆ ଗଳ୍ପରେ ଅତୀତପ୍ରୀତିର ଧାରା – ଆଧୁନିକ ଓଡ଼ିଆ କ୍ଷୁଦ୍ରଗଳ୍ପ ରଚନାର ପ୍ରାରମ୍ଭିକ କାଳରୁ ଅତୀତପ୍ରୀତିମୂଳକ ଗଳ୍ପ ଦୃଷ୍ଟି ଗୋଚର ହୁଏ। ଓଡ଼ିଆ କ୍ଷୁଦ୍ରଗଳ୍ପର ପ୍ରତିଷ୍ଠାତା ଫକୀରମୋହନ ଏ ପ୍ରକାର ଗଳ୍ପ ରଚନା କରିନଥିଲେ ମଧ୍ୟ ତାଙ୍କର ସମସାମୟିକ ଗାଳ୍ପିକ ଚନ୍ଦ୍ରଶେଖର ନନ୍ଦଙ୍କ ରଚନାବଳୀରେ ଅତୀତପ୍ରୀତିମୂଳକ ଗଳ୍ପ ପ୍ରଥମେ ଦୃଷ୍ଟିଗୋଚର ହୁଏ। ସମସାମୟିକ ଗାଳ୍ପିକ ଦୟାନିଧି ମିଶ୍ର ଓ ଦିବ୍ୟସିଂହ ପାଣିଗ୍ରାହୀଙ୍କ ରଚନାରେ ମଧ୍ୟ ଅତୀତପ୍ରୀତିମୂଳକ ଗଳ୍ପ ଦେଖିବାକୁ ମିଳେ। ତେବେ ଏହି ପର୍ଯ୍ୟାୟରେ ରଚିତ ଅତୀତପ୍ରୀତିମୂଳକ ଗଳ୍ପର ପରିମାଣ ଦୃଷ୍ଟିରୁ କମ୍ ହୋଇଥିଲେ ମଧ୍ୟ ପରବର୍ତ୍ତୀ ପର୍ଯ୍ୟାୟର ଗାଳ୍ପିକମାନଙ୍କୁ ପ୍ରେରଣା ଯୋଗାଇ ପାରିଛି। ଚନ୍ଦ୍ରଶେଖର ନନ୍ଦଙ୍କ 'ମହାରାଣୀ ନୀଳାମ୍ବରୀ', 'ଦୟାନିଧି ମିଶ୍ରଙ୍କ ଆକର୍ଷଣ', ଦିବ୍ୟସିଂହ ପାଣିଗ୍ରାହୀଙ୍କ 'ଅମୃତ କଙ୍କଣ', 'ନିଶାବସାନ', 'ଶେଷ ଉପହାର', ଗୋଦାବରୀଶ ମହାପାତ୍ରଙ୍କ 'ଭଗୀ ଦାସଙ୍କ ଶାଢୀ', କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ 'ହୃଦୟ', ସଚ୍ଚିରାଉତ ରାୟଙ୍କ 'ଗୋଧୂଳିର ଆତ୍ମା', 'ମାଙ୍କଡ଼', ସୁରେନ୍ଦ୍ର ମହାନ୍ତିଙ୍କ 'କୃଷ୍ଣଚୂଡ଼ା', 'କ୍ଳାନ୍ତ ଚୈତାଳୀ', ଅଖିଳ ମୋହନ ପଟ୍ଟନାୟକଙ୍କ 'ଲ୍ୟାମ୍ପ ପୋଷ୍ଟର ଇତିକଥା', 'ଜଉଘର', ମହାପାତ୍ର ନୀଳମଣି ସାହୁଙ୍କ 'ବୀଣା ଓ ମୁଁ', 'ସହଜିଆ', 'ପ୍ରଥମ ପ୍ରଣୟ', 'ଚକାଭଉଁରୀ', କିଶୋରୀ ଚରଣ ଦାସଙ୍କ 'ଭଙ୍ଗା ଖେଳଣା', 'ଝରକା', 'ଅନେକ ଦିନର ସୂର୍ଯ୍ୟ', 'ଏବଂ ପ୍ରେମ', ମନୋଜ ଦାସଙ୍କ 'ଏକ ସୂର୍ଯ୍ୟାସ୍ତ', 'ସଂଗୋପନ କାହାଣୀ', 'ଧୂମ୍ରାଭ ଦିଗନ୍ତ', 'ଜହ୍ନରାତିର ସେତୁ', ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କ 'ଦଅଣିର ପରିଚୟ', 'କାକବାରତା', 'ଗହମ ଗୋଟି ଗଣତା' ଆଦି ଏହି ଜାତୀୟ।

ବିଂଶ ଶତାବ୍ଦୀଠାରୁ ଆରମ୍ଭ କରି ବର୍ତ୍ତମାନ ପର୍ଯ୍ୟନ୍ତ ରଚିତ ବିଶିଷ୍ଟ ଗାଳ୍ପିକଙ୍କ ଗଳ୍ପଗୁଡ଼ିକୁ ଏହି ପର୍ଯ୍ୟାୟରେ ଅତୀତପ୍ରୀତି ଦୃଷ୍ଟିରୁ ଉଲ୍ଲେଖ କରାଯାଇଛି। ଅତୀତପ୍ରୀତି ସାହିତ୍ୟରେ ବିଶେଷତଃ କଥାସାହିତ୍ୟରେ ଏକ ଶୈଳୀ(device) ଭାବରେ ପ୍ରୟୋଗ କରାଯାଏ। ପୂର୍ବୋକ୍ତ ଗଳ୍ପଗୁଡ଼ିକର ଆଲୋଚନା ମାଧ୍ୟମରେ ଏହା ସ୍ପଷ୍ଟ ହୁଏ ଯେ ଏହି କୌଶଳ ଅବଲମ୍ବନରେ ଶତାଧିକ ଗଳ୍ପ ରଚିତ। ଗଳ୍ପର ସଫଳତା ମୂଳରେ ଏହି ଶୈଳୀର ଭୂମିକା ସ୍ୱୀକାର୍ଯ୍ୟ।

ଏ ସମସ୍ତ ଗଳ୍ପ ମଧ୍ୟରୁ କିଛି ଗଳ୍ପରେ ଗାଳ୍ପିକଙ୍କର ନିଜ ଜୀବନର ଅତୀତ ଘଟଣା ରହିଥାଇପାରେ। ମାତ୍ର ଗଳ୍ପ ପାଠକରି ଏହା ଯେ ଗାଳ୍ପିକଙ୍କ ନିଜ ଜୀବନର ଘଟଣା ତାହା ନିଶ୍ଚିତ କରି କୁହାଯାଇପାରିବନି। କାରଣ ପ୍ରାୟ ସମସ୍ତ ଗଳ୍ପ ପରୋକ୍ଷଭାବେ ଗାଳ୍ପିକ ଜୀବନର କଥା ବ୍ୟକ୍ତ କରିଥାଇପାରେ। ପୁନଶ୍ଚ ଗାଳ୍ପିକଙ୍କ ନିଜ ଜୀନବର ସତ୍ୟ ଘଟଣାର ଆଭାସ ବା ଆଂଶିକ ଭାବ ଉପରେ କଳ୍ପନାର ମେଦ ମାଂସ ଓ ଚର୍ମର ଆବରଣ ଦେଇ ଏହାର ରୂପରଂଗ ଓ ମହକକୁ ଭିନ୍ନ ରୂପ ପ୍ରଦାନ କରିଥାଏ। ତେଣୁ ଏ ସମସ୍ତ ଗଳ୍ପରେ ପ୍ରାୟତଃ ଅତୀତ ସ୍ମୃତି ମାଧ୍ୟମରେ କଥାବସ୍ତୁ ଉପସ୍ଥାପିତ। ତେବେ ମହାପାତ୍ର ନୀଳମଣି ସାହୁ ଓ ଜଗଦୀଶ ମହାନ୍ତି ପରି କିଛି ଗାଳ୍ପିକଙ୍କ ଗଳ୍ପରେ ଅତୀତପ୍ରୀତି ସ୍ୱଷ୍ଟଭାବେ ଉଚ୍ଚାରିତ।

ଓଡ଼ିଆ ଗଳ୍ପରେ ଅତୀତକୁ ସ୍ମରଣ କରିବାର ଗୋଟେ ଧାରା ଚନ୍ଦ୍ରଶେଖର ନନ୍ଦଙ୍କଠାରୁ ଆରମ୍ଭ ହୋଇ ବର୍ତ୍ତମାନ ପର୍ଯ୍ୟନ୍ତ ଗତିଶୀଳ। ଗଳ୍ପ ଗୁଡ଼ିକୁ ବିଶ୍ଳେଷଣ କଲେ ଦେଖାଯାଏ ଯେ ଲେଖକ ଲେଖିକାମାନେ ଅତୀତର ସ୍ମୃତିଚାରଣକୁ ତାଙ୍କର କୌଶଳ ବା ଶୈଳୀ ଭାବରେ ଗ୍ରହଣ କରିଛନ୍ତି। ଅତୀତ ଉଦ୍ଭାସନ(ଫ୍ଲାସ୍‌ବ୍ୟାକ) ଏବଂ ଅତୀତପ୍ରୀତି ଦୁଇଟି ପୃଥକ କଥା। ଏହା ସମାନ ନୁହେଁ। ଅତୀତପ୍ରୀତିମୂଳକ ଗଳ୍ପ ଏବଂ ଅତୀତକୁ ସ୍ମରଣ କରି ଉପସ୍ଥାପନା ହେଉଥିବା ଗଳ୍ପ ଦୁଇଟି ଭିନ୍ନ ବିଷୟ, ଏହି ଦୁଇ ପ୍ରକାର ବିଷୟକୁ ନେଇ ଅନେକ ଓଡ଼ିଆ ଗଳ୍ପର ବିଷୟବସ୍ତୁ ପ୍ରକାଶିତ। ଅତୀତପ୍ରୀତି ବିଷୟବସ୍ତୁ ସହିତ ସଂପର୍କ ରଖିଥିବା ପ୍ରସଂଗ କିନ୍ତୁ ଅତୀତ ଉଦ୍ଭାସନ ବିଷୟକୁ ଉପସ୍ଥାପନ କରିବାର ଏକ ଶୈଳୀ। ଅତୀତପ୍ରୀତି ଆତ୍ମଜୀବନୀମୂଳକ ଗଳ୍ପ ନୁହେଁ। ସେଥିରେ ସତ ଘଟଣାକୁ ଉପସ୍ଥାପନ କରାଯାଏ, କଳ୍ପନାକୁ ଲେଖକ ଖୁବ୍ କମ୍ ଗ୍ରହଣ କରିଥାଏ। ଅତୀତପ୍ରୀତି ବାସ୍ତବ ଏବଂ ସତ କଥାକୁ ଗଳ୍ପର ଆଙ୍ଗିକରେ ଲେଖାଯାଉଥିବାରୁ ସେଠାରେ ସତକଥା ସହିତ ଅନ୍ୟ ଘଟଣାକୁ ମଧ୍ୟ ଲେଖକ ମିଶାଇ ଗଳ୍ପ ରଚନା କରେ ଯେଉଁଠି ଉଭୟ କଥାବସ୍ତୁକୁ ଅଲଗା କରାଯାଇ ପାରେ ନାହିଁ। ମାତ୍ର ପାଠକ ବା ସମାଲୋଚକ ମର୍ମେ ମର୍ମେ ଅନଭବ କରିପାରୁଥିବ ଯେ ଲେଖକର ଏହା ନିଜସ୍ୱ ଜୀବନର ଘଟଣା। ଏଥିରେ ସେ କେତେ ପରିମାଣରେ କଳ୍ପନା ମିଶାଇଛନ୍ତି, ତାହାକୁ ଅଲଗା କରିପାରେ ନାହିଁ। କିନ୍ତୁ ପାଠକ ଅନୁଭବ କରିପାରେ କିଛି ତାର ଅତୀତ କଥା ଏବଂ ଆଉ କିଛି ଗଳ୍ପକୁ ରୂପ ଦେବା ପାଇଁ ମିଶା ଯାଇଛି। ମାତ୍ର ଅତୀତ ଉଦ୍ଭାସନ ଶୈଳୀରେ ଲେଖକର ଜୀବନ ସହିତ କିଛି ସଂପର୍କ ବା ସଂପୃକ୍ତି ନଥାଇ ମଧ୍ୟ ଗଳ୍ପଟି ଲେଖାଯାଇପାରେ। ସଂପୂର୍ଣ୍ଣ କାଳ୍ପନିକ ଘଟଣାକୁ ଲେଖକ ଏପରି ଏକ ଶୈଳୀରେ ରଚନା କରିଥାଏ, ଯାହାକୁ ଅତୀତ ଉଦ୍ଭାସନ ଶୈଳୀ କୁହାଯାଏ। ଉପରୋକ୍ତ ଅଲୋଚନାରେ ରହିଥିବା ଗଳ୍ପ ଗୁଡ଼ିକରେ ସମ୍ଭବତଃ ଲେଖକର ଜୀବନର କୌଣସି ଏକ ଅଂଶର ନିଜସ୍ୱ ସଂପୂର୍ଣ୍ଣ ଘଟଣା ନଥାଇପାରେ। କେବଳ ଗଳ୍ପଗୁଡ଼ିକୁ ପଢ଼ି ଅନୁଭବ କରାଯାଇପାରେ। କାରଣ ଉନବିଂଶ ଶତାବ୍ଦୀରେ ଅନେକ ଲେଖକ ବର୍ତ୍ତମାନ ଜୀବିତ ନାହାନ୍ତି। ଅତୀତ ଉଦ୍ଭାସନ ଶୈଳୀରେ ଲେଖକ ଗୋଟିଏ ବିନ୍ଦୁରୁ ଆରମ୍ଭ କରି ଅତୀତକୁ ଫେରି ଦେଖେ ପୁଣି ବର୍ତ୍ତମାନକୁ ଆସି ଭବିଷ୍ୟତ ପର୍ଯ୍ୟନ୍ତ ମଧ୍ୟ ଗତିକରିପାରେ। ଅତୀତ ଉଦ୍ଭାସନ ଏକ ଶୈଳୀ ହୋଇଥିବା ବେଳେ ଅତୀତପ୍ରୀତି ବିଷୟବସ୍ତୁକୁ ଗୁରୁତ୍ୱ ଦିଏ। ରଚିତ ହୋଇଥିବା ଗଳ୍ପଗୁଡ଼ିକୁ ଲକ୍ଷ୍ୟ କଲେ ଦେଖାଯାଏ ଯେ ପଚାଶ ପ୍ରତିଶତ ବା ଅଧାରୁ ଅଧିକ ଗଳ୍ପରେ ଅତୀତ କଥାକୁ ମନେ

ପକାଯାଉଛି। ଏଗୁଡ଼ିକ ଫ୍ଲାସ୍‌ବ୍ୟାକ୍ ବା ଅତୀତ ଉଦ୍ଭାସନ ଶୈଳୀରେ ରଚନା କରାଯାଇଛି। ଏବଂ ଅନେକ ଗୁଡ଼ିଏ ଗଳ୍ପରେ ପ୍ରେମ ହେଉଛି ମୁଖ୍ୟ ବିଷୟ। ଅର୍ଥାତ୍ ପ୍ରେମିକ ପ୍ରେମିକା କଥା ବା ପ୍ରେମିକା ପ୍ରେମିକ କଥାକୁ ମନେ ପକାଉଛି। ଆଉ କିଛି ଗଳ୍ପରେ ଭାଇଭଉଣୀ, ବାପା ଝିଅ, ମାଆ ଝିଅକୁ ନେଇ ଅତୀତର ବିଷୟ ବର୍ଣ୍ଣନା ହେଇଥିବାର ଦେଖାଯାଉଛି। ଆଉ କିଛି ଗଳ୍ପରେ କୌଣସି ଏକ ଚରିତ୍ର ଯେ ଗଳ୍ପର ମୁଖ୍ୟ ଚରିତ୍ର ନୁହେଁ, ସେ ତୃତୀୟ ବ୍ୟକ୍ତି ହୋଇ ଅନ୍ୟର ଘଟଣାକୁ ମନେ ପକାଉଛି।

ଚନ୍ଦ୍ରଶେଖର ନନ୍ଦଙ୍କଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ଅତୀତପ୍ରୀତିମୂଳକ ଗଳ୍ପକୁ ବ୍ୟାଖ୍ୟା କଲେ ବା ବିଶ୍ଳେଷଣ କଲେ ଦେଖାଯାଉଛି, ଯେ ବହୁ ସଂଖ୍ୟକ ଗଳ୍ପକୁ ଗାଳ୍ପିକମାନେ ଅତୀତ ସ୍ମୃତି ବା ଅତୀତକୁ ମନେ ପକାଇବା ମାଧ୍ୟମରେ ଉପସ୍ଥାପନ କରିଛନ୍ତି। ଅତୀତପ୍ରୀତି ଓ ଫ୍ଲାସ୍‌ବ୍ୟାକ ଶୈଳୀ ଏକା କଥା ନୁହେଁ। ମହାପାତ୍ର ନୀଳମଣୀ ସାହୁ, ଜଗଦୀଶ ମହାନ୍ତି ଇତ୍ୟାଦିଙ୍କ ଗଳ୍ପରେ ଯେଉଁ ଭଳି ଭାବରେ ଅତୀତପ୍ରୀତି ଦେଖିବାକୁ ମିଳେ ଅନ୍ୟ ସମସ୍ତଙ୍କ ଗଳ୍ପରେ ସେହି ଭଳି ଦେଖାଯାଏ ନାହିଁ। ଏହି ଧରଣର ଗଳ୍ପ ପୂର୍ବରୁ ଯେଉଁଭଳି ପାଠକ ଆଦୃତି ଲାଭ କରିଥିଲା, ତାହା ବର୍ତ୍ତମାନ ମଧ୍ୟ ବଜାୟ ଅଛି। ଅତୀତପ୍ରୀତିକୁ ନେଇ ଗଳ୍ପ ରଚନା କରିବା ଏକ ପରଂପରା ଭାବେ ବର୍ତ୍ତମାନ ପର୍ଯ୍ୟନ୍ତ ଗତିଶୀଳ।

ଅତୀତପ୍ରୀତି ଆଧାରିତ ଗଳ୍ପର ବିଭାଗୀକରଣ – ଅତୀତପ୍ରୀତିମୂଳକ ଗଳ୍ପକୁ ଜୀବନର ତିନୋଟି ଅବସ୍ଥା ଭିତରେ ତିନିଭାଗରେ ବିଭକ୍ତ କରାଯାଇପାରେ। ଯଥା – (୧) ଶୈଶବ/ କୈଶୋର ଅବସ୍ଥା (୬-୧୧) (୧୨-୧୫), (୨) ଯୌବନ ଅବସ୍ଥା (୧୬-୪୦), (୩) ପରିଣତ/ ବୃଦ୍ଧାବସ୍ଥା (୪୦ରୁ ଊର୍ଦ୍ଧ୍ୱ)

ବହୁଗଳ୍ପରେ ଗାଳ୍ପିକ ନିଜ ମା', ଗାଁପ୍ରତି ଥିବା ମମତ୍ୱ ବୋଧ ବା ମାୟାକୁ ପ୍ରକାଶ କରିଛନ୍ତି। ତେଣୁ ଦ୍ୱିତୀୟ ବିଭାଗକୁ ମାତୃପ୍ରୀତି ଓ ଗ୍ରାମପ୍ରୀତି ଭାବରେ ଆଲୋଚିତ। ତୃତୀୟ ବିଭାଗରେ ଗାଳ୍ପିକମାନଙ୍କର ପୁରାଣ, ଇତିହାସ ପ୍ରତି ଥିବା ଭଲପାଇବା, ସମ୍ମାନ ଓ ଶ୍ରଦ୍ଧା ପ୍ରତିଫଳିତ ଗଳ୍ପଗୁଡ଼ିକୁ ଆଲୋଚନା ପରିସରକୁ ନିଆଯାଇଛି ।

(୧) ଶୈଶବ/ କୈଶୋର ଅବସ୍ଥା: ପିଲାଦିନର ସ୍ମୃତି ଅତି ଚମତ୍କାର। ପିଲାଦିନକୁ ସମସ୍ତେ ଝୁରି ହୁଅନ୍ତି। କେତେଗୁଡ଼ିଏ ଘଟଣା ଏମିତି ଘଟିଯାଇଥାଏ ଯେ, ତାହା ତାର ମାନସ ପଟରେ ଚିରଦିନ ପାଇଁ ଆଙ୍କି ହୋଇ ରହିଥାଏ। ଯାହାକୁ ସେ କେବେ ବିସ୍ମରି ଯାଏ ନାହିଁ। ଯେତେ ବଡ଼ ହୋଇଗଲେ ମଧ୍ୟ ସେହି ଦିନଗୁଡ଼ିକ ତାର ସେହି ଶୈଶବ ସ୍ମୃତି ସବୁ ତା ମାନସ ପଟରେ ଆଙ୍କି ହୋଇଯାଏ। ସେ ଅସୀମ ଖୁସି ଅନୁଭବ କରେ। ଯାହା ତାହାକୁ ବିହ୍ୱଳିତ କରିପକାଏ। ସେହି ମୁହୂର୍ତ୍ତଗୁଡ଼ିକୁ ମନେପକାଇ କ୍ଷଣିକ ଖୁସି ଅନୁଭବ କରେ ସତ ସେହି ମୁହୂର୍ତ୍ତକୁ ପୁନଶ୍ଚ ଫେରିବା ପାଇଁ ପ୍ରୟାସ କରେ କିନ୍ତୁ ଶେଷରେ ବିଫଳ ହୁଏ। କାରଣ ସେହି ଅତୀତ ଦିନଗୁଡ଼ିକଠାରୁ ସେ ବହୁ ଦୂରକୁ ଚାଲିଆସିଥାଏ। ସମୟ ତାକୁ ଆଣି ଅନେକ ଦୂର ଏକ ନୂତନ ସୋପାନରେ ପହଞ୍ଚେଇ ଦେଇଥାଏ।

ଜଗଦୀଶ ମହାନ୍ତି 'ଆହତ ଅର୍ଜୁନ', ତରୁଣକାନ୍ତି ମିଶ୍ର 'କୋମଳ ଗାନ୍ଧାର', ପ୍ରବୀଣା ମହାନ୍ତି 'ନୀରବ ନିକ୍ୱଣ', ଅଳକା ଚାନ୍ଦ, ରଶ୍ମି ରାଉଳ 'ଅନୁଚ୍ଚାରିତ', 'ଅବିବାହିତ ଝିଅର ଘର', 'ସମୟ' ଓ 'ପିଲାଦିନ', ଅନୀଲ କୁମାର ପାଢ଼ୀ, ବିଷ୍ଣୁ ସାହୁ, ଶଶାଙ୍କ ପ୍ରିୟସଖା, ସତ୍ୟବ୍ରତ ଦାସ ଇତ୍ୟାଦି ଲେଖକଙ୍କ ଗଳ୍ପରେ ଏହି ଧରଣର ଗଳ୍ପ ଦେଖିବାକୁ ମିଳେ। ଜଗଦୀଶ ମହାନ୍ତିଙ୍କର 'ଆହତ ଅର୍ଜୁନ' ଗଳ୍ପରେ ସଂଜୟର ପିଲାଦିନର ଅନେକ ସ୍ମୃତି ବର୍ତ୍ତମାନ ତାକୁ ବିଚଳିତ କରିପକାଏ। ବାପା ମାଆ ଏବଂ ଭାଇ ଭଉଣୀ ଆଠ ଜଣକୁ ନେଇ ତାଙ୍କ ପରିବାର। ସମସ୍ତଙ୍କ ସହିତ ଥିବା ଅନେକ ସ୍ମୃତି ତାଙ୍କର ମନେ ପଡ଼େ। ବର୍ତ୍ତମାନ ସମସ୍ତେ ସମସ୍ତଙ୍କଠାରୁ ଦୂରରେ। କାହାରି ସହିତ କେହି କଥାହେବା ପାଇଁ ମଧ୍ୟ ସମୟ ନାହିଁ। ଚିଠି ମଧ୍ୟ ଲେଖନ୍ତି ନାହିଁ। ସମସ୍ତେ କେବଳ ଅତୀତରେ କାଟିଥିବା ଦିନଗୁଡ଼ିକୁ ମନେ ପକାଇ ବଞ୍ଚନ୍ତି। "ତୁମେବି ପ୍ରତି ମୁହୂର୍ତ୍ତରେ ମୋ ଭଳି କିଛି ଗୋଟେ ଖୋଜିବୁଲ ? ପ୍ରତୀକ୍ଷାରେ ବସିଥାଅ ? ଅଥଚ କି ଟ୍ରାଜେଡ଼ି ଦେଖ। କେହି କାହାରିକୁ ପାଉନା। ଖାଲି ଅତୀତ ଉପରେ ନିର୍ଭର କରିବାକୁ ପଡ଼େ। ଆମେ ସବୁ ସୀମାହୀନ ଅତୃପ୍ତି ନେଇ ଜନ୍ମ ହେଇଛୁ ନା ? ସେଥି ପାଇଁ ବର୍ତ୍ତମାନଟା ଆମକୁ ସନ୍ତୁଷ୍ଟ କରିପାରେନା। ଆମେ ଅତୀତଜୀବୀ ହେଇ ରହିବାକୁ ସୁଖ ପାଉଁ ।" (ପୃ – ୧୮)

(୨) ଯୌବନ ଅବସ୍ଥା – ମଣିଷ ପରସ୍ପରକୁ ଭଲ ପାଇବା, ତା'ଠାରୁ ଦୂରେଇ ଯାଇ ପୁଣି କଷ୍ଟ ଅନୁଭବ କରିବା ସାଂପ୍ରତିକ ସମୟରେ ଅତି ସାଧାରଣ କଥା। ଯିଏ ଯାହାକୁ ଅଧିକ ଭଲ ପାଏ ସେ ଯେତେ ଦୂରେଇ ଗଲେ ମଧ୍ୟ ତାର ପ୍ରିୟ ବ୍ୟକ୍ତିସହିତ ବିତାଇଥିବା ମୂହୂର୍ତ୍ତମାନଙ୍କୁ ପାସୋରି ପାରେନାହିଁ। ତା'ର ଅବଚେତନ ମନରେ ସେହି ମୁହୂର୍ତ୍ତମାନ ଚିରକାଳ ପାଇଁ ରହିଯାଇଥାଏ। ସେହି ସମୃଦ୍ଧି ସହିତ ଜଡ଼ିତ କିଛି ସ୍ମୃତି ଦେଖିଲେ ସେ ଫେରିଯାଏ ତା'ର ଅତିବାହିତ ହୋଇଥିବା ଘଟଣାଗୁଡ଼ିକ ବା ଦିନଗୁଡ଼ିକ ପାଖକୁ। ଯୌବନ ଅବସ୍ଥାର ଗଳ୍ପଗୁଡ଼ିକୁ ଚାରି ଭାଗରେ ବିଭକ୍ତ କରାଯାଇ ପାରେ। ଯଥା : (କ) ଚାକିରି ଭିତ୍ତିକ, (ଖ) ଦାମ୍ପତ୍ୟ/ ପାରିବାରିକ, (ଗ) ପ୍ରେମ ପ୍ରଣୟ, (ଘ) ଅନ୍ୟାନ୍ୟ।

(କ) ଚାକିରି ଭିତ୍ତିକ – ଜଗଦୀଶ ମହାନ୍ତିଙ୍କ 'ଖୋର୍ଦ୍ଧା ଲୁଙ୍ଗି ପିନ୍ଧା ଲୋକର ଠିକଣା', ଶଶାଙ୍କ ପ୍ରିୟସଖାଙ୍କ 'କାଠହଣାର ବାଲଡ଼', ବିଷ୍ଣୁ ସାହୁଙ୍କର 'ସ୍ୱାତୀ ଥାଏ ଯେଉଁ ସହରରେ', ମନୋଜ ମଂଜରୀ ମିଶ୍ରଙ୍କ 'ଚୈତନ ସାର୍', ରଶ୍ମି ରାଉଳଙ୍କ 'କିଆଫୁଲ' ଆଦି ଗଳ୍ପ ଏହି ପର୍ଯ୍ୟାୟ। ରଶ୍ମି ରାଉଳଙ୍କ 'କିଆଫୁଲ' ଗଳ୍ପରେ ମେଘା ମହାନ୍ତି ତାଙ୍କ ଝିଅ ପାଖରେ ନିଜ ଭଲପାଇବା ବିଷୟରେ ବର୍ଣ୍ଣନା କରିଛନ୍ତି। ଚାକିରି ପାଇଁ ଇଣ୍ଟରଭ୍ୟୁଓ ଦେବାକୁ ଯାଇଥିଲି ସେଠାରେ ମନ୍ଥନ ଦାସ ସହିତ ମୋର ଦେଖା ହୋଇଥିଲା। ଯିଏ ମୋର ଇଣ୍ଟରଭ୍ୟୁଓ ନେଇଥିଲେ। ଆସିବା ସମୟରେ ଟ୍ରେନ୍‌ରେ ସେ ମୋତେ ତାଙ୍କ ଅଂଚଳରେ

ବିକ୍ରି ହେଉଥିବା କିଆଫୁଲ କିଣି ଦେଇଥିଲେ। ବହୁତ କଥା ବାର୍ତ୍ତା ଆମ ଭିତରେ ହୋଇଥିଲା। ସେ ମୋତେ ସେଠାରେ ଚାକିରି କରିବା ପାଇଁ ଅନୁରୋଧ ମଧ୍ୟ କରିଥିଲେ ହେଲେ ମୁଁ ସେଠାରେ ଚାକିରି କଲି ନାହିଁ। ପୂର୍ବରୁ ଆକାଶ ବାଣୀରୁ ନିଯୁକ୍ତି ଆସିଯାଇଥିଲା। ଦୁଇବର୍ଷ ଚିଠି ମାଧ୍ୟମରେ କଥାବାର୍ତ୍ତା ହେଇଛୁ, ଥରେ ମଧ୍ୟ ଦେଖା ହୋଇଛି। କିଛି ଦିନ ପରେ ଶୁଣିବାକୁ ପାଇଥିଲି ଯେ ସେ ଟ୍ରେନ୍ ଚଢୁଥିବା ସମୟରେ ହାତ ଖସି ଯିବାରୁ ଖସି ପଡ଼ି ଚାଲିଗଲେ। ସେହି କିଆଫୁଲ ଗୋଟେ ବହି ଭିତରେ ରହିଥିଲା ଏବେ ଝିଅ ହାତରେ ଧରିଛି।

(ଖ) ଦାମ୍ପତ୍ୟ/ପାରିବାରିକ – ଅରବିନ୍ଦ ରାୟଙ୍କର 'ଦେହାତୀତ' ଗଳ୍ପରେ ଅଧ୍ୟାପକ ପ୍ରଣବ ମହାପାତ୍ର ଦାମ୍ପତ୍ୟ ଜୀବନରେ ଘଟିଥିବା ଘଟଣାକୁ ଝୁରି ହୋଇ ଅମିତାଭ ଓ ପ୍ରଶାନ୍ତ ପାଖରେ କହୁଛନ୍ତି। ଅଧ୍ୟାପକ ବିଶ୍ୱରଂଜନଙ୍କ 'ସ୍କୁଲ୍ ଝିଅର ଚିଠି ଓ ଚକୋଲେଟ୍' ଗଳ୍ପରେ ପ୍ରିୟରଂଜନ ସ୍କୁଲ୍ ଝିଅଟିର ଚିଠି ପଢୁ ପଢୁ ଫେରି ଯାଇଥିଲେ ତାଙ୍କ ବୈବାହିକ ଜୀବନକୁ। ତାଙ୍କ ମୁଣ୍ଡ ବାଳର ରଙ୍ଗ ଧଳା ହେବାପରେ ବି ସ୍କୁଲଝିଅଟି ତାଙ୍କୁ ଭଲ ପାଇ ଚିଠି ଲେଖୁଛି; ହେଲେ ଯାହାକୁ ବିବାହ କରିଥିଲେ ସେ ତାଙ୍କୁ ବୁଝିପାରି ନାହିଁ। ତିନି ବର୍ଷର ଝିଅକୁ ଅରୁଣିମା ନେଇ ଚାଲି ଯାଇଥିଲା ପ୍ରିୟରଂଜନର ସାଙ୍ଗ ଅରିନ୍ଦମ ପାଖକୁ। ସେବେଠାରୁ ପ୍ରିୟରଂଜନ ଏକା ଏକା ଜୀବନ ବିତାଇଛନ୍ତି। ସ୍କୁଲ୍ ଝିଅଟିର ଭଲପାଇବା ତାଙ୍କୁ ଫେରାଇ ନେଉଯାଉଥିଲା ତାଙ୍କର ଦାମ୍ପତ୍ୟ ଜୀବନକୁ।

(ଗ) ପ୍ରେମପ୍ରଣୟମୂଳକ – ଅନୀଲ କୁମାର ପାଢ଼ୀଙ୍କର 'କିଛି କିଛି ସମୁଦ୍ର' ଗଳ୍ପରେ ମିଲି ସହିତ ଅତୀତରେ ଘଟିଥିବା ଚିତ୍ର ଆଜିବି ମନେ ପକାନ୍ତି। ମିଲି ସହିତ ପୁରୀରେ ଭେଟ ହୋଇଥିଲା। ସେଇ ଠାରେ ତାର ମୃତ୍ୟୁ। ଏବେବି ସମୁଦ୍ରକୂଳେ ଏକାଏକା ବସି ବିତେଇଥିବା ଘଟଣାକୁ ମନେ ପକାନ୍ତି। ପବିତ୍ର ପାଣିଗ୍ରାହୀଙ୍କର 'ପ୍ରେମିକା ସହରରେ ପାଦଥାପି ଦେଲେ', 'ତୁମେ ଆଜିକାଲି ଏତେ ଅନ୍ୟ ମନସ୍କ କିଆଁ ପିନାଲୀ ?', 'ଅନେକ ଭିତରୁ ଏକ ପ୍ରେମ ଗଳ୍ପ' ଓ 'ତନୁତୀର୍ଥ' ଗଳ୍ପ ଗୁଡ଼ିକ ଯୌବନ କାଳର ପ୍ରେମ ପ୍ରଣୟ ମୂଳକ। 'ତନୁତୀର୍ଥ' ଗଳ୍ପରେ ଗଳ୍ପନାୟକ ମୁଖ୍ୟ ଚରିତ୍ର ହୋଇ ବର୍ଣ୍ଣନା କରିଛନ୍ତି। ପିନାଲୀ ସହିତ ଥିବା ସଂପର୍କକୁ ମନେ ପକାଇଛନ୍ତି। ଅନେକ ବର୍ଷ ବିତି ଯାଇଥିଲେ ମଧ୍ୟ ପିନାଲୀ ସହିତ ଗଢ଼ି ଉଠିଥିବା ଏକ ଆକର୍ଷଣର ସଂପର୍କ ଏବେ ମଧ୍ୟ ତାଙ୍କ ମନକୁ ଦୋହଲାଇ ଦିଏ।

(ଘ) ଅନ୍ୟାନ୍ୟ – ଦେବାଶିଷ ପାଣିଗ୍ରାହୀଙ୍କ 'ବାଉଁଶ ରାଣୀ' ଗଳ୍ପରେ ଗାଳ୍ପିକ ପଚିଶ ବର୍ଷ ତଳର ଘଟଣାକୁ ବର୍ଣ୍ଣନା କରିଛନ୍ତି। ଆସାମର କଟ୍‌ନ କଲେଜରେ ଆୟୋଜିତ ଅଲ୍ ଇଣ୍ଡିଆ ୟୁଥ୍ ଫେଷ୍ଟିଭାଲ୍‌ରେ ସଂଗୀତା ସହିତ ଦେଖା। ଗୌହାଟିର ସମସ୍ତ ସ୍ଥାନର ପରିଚୟ ଏବଂ ଆସାମ ସହିତ ଜଡ଼ିତ ଥିବା କିମ୍ବଦନ୍ତୀକୁ ସଂଗୀତା ବର୍ଣ୍ଣନା କରିଚାଲିଥାଏ। ସଂଗୀତାର ସବୁଠାରୁ ସୁନ୍ଦର ଅଭିଭାଷଣ ଥିଲା ବାଉଁଶ ଉପରେ। ବାଉଁଶ ସହିତ ଜଡ଼ିତ ଥିବା ସମସ୍ତ ଦେଶର ଇତିହାସ ସେଦିନ କହିଥିଲା। ଗାଳ୍ପିକ ପଚିଶ ବର୍ଷ ପରେ କହନ୍ତି; "ଆମେ ତିନି ବନ୍ଧୁ ଥ୍ରୀ ମସ୍କେଟିଅର୍ସ ଏକାଠି ହେଉ, ଆସାମ ସୁନ୍ଦରୀ ବାଉଁଶରାଣୀ ସଂଗୀତା ସାଇକିଆ ବିଷୟରେ ହିଁ କେବଳ କଥା ହେଉ। ସେ ଏକତରଫା ହେଉ, ତିନି ମାଙ୍କଡ଼ଙ୍କ ପାଇଁ ସବୁଦିନ ସଂଗୀତା ଯେ ଗଳାର ରତ୍ନମାଳା ହେଇ ରହିବ ଏବଂ ଆମେ ବଞ୍ଚିଥିବା ପର୍ଯ୍ୟନ୍ତ ତାର ତିନି ଅଘୋଷିତ, କିନ୍ତୁ ସର୍ବଶ୍ରେଷ୍ଠ ପ୍ରେମିକପ୍ରବର ହେଇ ରହିବୁ, ସେ ବିଷୟରେ ଆମ ମନରେ ତିଳେ ମାତ୍ର ସନ୍ଦେହ ନ ଥାଏ ।" (ପୃ – ୨୫)

(ଙ) ପରିଣତ/ବୃଦ୍ଧାବସ୍ଥା – ପରିଣତ ବୟସର ମଣିଷ ନିଜକୁ ଏକା ଅନୁଭବକରେ। ସେହି ସମୟରେ ଏକା ବଂଚିବାକୁ ଚାହୁଁ ନଥିଲେ ମଧ୍ୟ ଏକା ବଂଚିବାକୁ ହୁଏ। ଏକାଏକା ବସି ରହି ସେମାନେ ଅନେକ କଥା ଚେତନ ଓ ଅବଚେତନ ସ୍ତରରେ ଭାବି ହୁଅନ୍ତି। ସେ ଭବିଷ୍ୟତ କଥା ନଭାବି ଅତୀତର ଦିନଗୁଡ଼ିକୁ ଅଧିକ ମନେ ପକାଇ ସେହି ଦିନଗୁଡ଼ିକୁ ଝୁରି ହୁଅନ୍ତି। ଅତୀତ ତାର ଅଭୁଲା ସ୍ମୃତି ହୋଇ ଅବଚେତନ ସ୍ତରରେ ବସାବାନ୍ଧି ରହିଥାଏ ଓ ଉପଯୁକ୍ତ ଅନୁକୂଳ ପରିବେଶ ପାଇଲେ ତାହା ଚେତନ ସ୍ତରକୁ ଚାଲିଆସେ। ଏହି ପରିଣତ ବୟସର ଚିତ୍ର ଜଗଦୀଶ ମହାନ୍ତ, ପ୍ରବୀଣା ମହାନ୍ତି, ପବିତ୍ର ପାଣିଗ୍ରାହୀ, ଅମରେଶ ବିଶ୍ୱାଳ, ଦେବାଷିଶ ମହାପାତ୍ର ଇତ୍ୟାଦି ଗାଳ୍ପିକଙ୍କ ଗଳ୍ପରେ ଦେଖିବାକୁ ମିଳେ।

ଦେବାଶିଷ ମହାପାତ୍ରଙ୍କ 'ପ୍ରିୟତମାକୁ ପତ୍ର' ଗଳ୍ପରେ ନଚିକେତା ଜୀବନରେ ସୁଚେତାର ଭୂମିକାକୁ ଗୁରୁତ୍ୱ ଦେଇଛନ୍ତି। ସୁଚେତାଙ୍କ ମୃତ୍ୟୁ ପରେ ନଚିକେତା ତାଙ୍କୁ ଅଧିକ ଝୁରି ହେଉଛନ୍ତି। ତାଙ୍କ ସହିତ ପିଲାଦିନରୁ ଥିବା ସଂପର୍କ ଏବଂ ପ୍ରିୟତମା ଉଦ୍ଦେଶ୍ୟରେ ଲେଖିଥିବା ପ୍ରଥମ କବିତାଠାରୁ ଗଳ୍ପଟି ଆରମ୍ଭ। ସବୁଦିନ କବିତା ଲେଖିବା ପାଇଁ ଦେଇଥିବା ପ୍ରତିଶ୍ରୁତିକୁ ସେ ବାରମ୍ବାର ମନେପକାନ୍ତି। ତମେ କହିଥିଲ – "ନଚିକେତା ! ତୁମେ କବିତା ଲେଖା କେବେ ବି ଛାଡ଼ିବନି। ଜୀବନର ଯେତେ ଜଞ୍ଜାଳରେ ବି ତୁମେ କବିତାର ସାହାରାରେ ଜୀଇଁ ରହିବ। ତୁମେ ଜାଣ ! ଏ ପୃଥିବୀରେ ବଂଚି ରହିଥିବା ପ୍ରତିଟି ମଣିଷର ହୃଦୟରେ କବିତାର ଅଫୁରନ୍ତ ରସର ଗୋଟେ ଟିକି ଝରଣା ଅହରହ ବହିଚାଲିଛି, ଅଥଚ କି ନିର୍ବୋଧ ଆଜିର ମଣିଷ ।" (ପୃ- ୪୬୯) ପ୍ରିୟତମାକୁ ଦେଇଥିବା ପ୍ରତିଶ୍ରୁତିକୁ ନଚିକେତା ପୂରଣ କରିକରି ପୌଢ଼ ଅବସ୍ଥାରେ ପାଦଦେଇ କହନ୍ତି; "ମୋ କାନ ପାଖରେ ବାଳ ଧୂସର ହୋଇଗଲାଣି, ଅଥଚ ତୁମେ ମୋ ପାଇଁ ରହିଛ ଯେମିତି ମଲ୍ଲିକାର ସ୍ତବକ ପରି ଧଳାଶାଢ଼ି ପିନ୍ଧି ଅନୂଢ଼ା ଚିରନ୍ତନ କିଶୋରୀ ହୋଇ ।" (ପୃ-୪୭୦)

॥ ୨ ॥

(କ) ଗ୍ରାମପ୍ରୀତି – ବର୍ତ୍ତମାନ କ୍ଳାନ୍ତିକର ସହରରେ ଗାଁର କୋମଳ ମଧୁର ସ୍ମୃତି ଗାଳ୍ପିକଙ୍କ ଚେତନାରେ ମରୁଦ୍ୟାନଟିଏ ପାଲଟି ଯାଇଛି। ଅତୀତରେ ଯେଉଁ ଗାଁ ଛବିଟିଏ ପରି ଦିଶୁଥିଲା ତାହା ବସ୍ତୁବାଦର ଆଘାତରେ କ୍ରମେ ଖଣ୍ଡବିଖଣ୍ଡିତ ହୋଇ ପଡୁଥିବାରୁ ଗାଳ୍ପିକ ଏକ ମର୍ମନ୍ତୁଦ ଦୁଃଖରେ ବିଚଳିତ ହୋଇ ଯାଇଛନ୍ତି। ବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ମଣିଷ

ହୋଇଛି ନଗର ଆଭିମୁଖୀ। ନଗରର ମୋହ ତାକୁ ଶାନ୍ତି ଦେଇପାରୁନାହିଁ। ବରଂ ତାକୁ ବିଛିନ୍ନ କରି ଦେଉଛି ଗାଁରୁ, ସଂସ୍କୃତିରୁ ଓ ଐତିହ୍ୟରୁ। ତା ଭିତରେ ନିଃଶେଷ କରି ଦେଉଛି ସ୍ନେହ, ପ୍ରୀତି ଓ ମମତାକୁ। ସତୁରି ଦଶକରୁ ପୁଣିଥରେ ଗାଁ ଓ ପରଂପରା ପ୍ରତି ପ୍ରକାଶ ପାଇ ଆସିଛି ଶ୍ରଦ୍ଧା। ସେ ପୁଣି ଖୋଜିବାକୁ ଆରମ୍ଭ କରିଛି ଗାଁର ସୁନ୍ଦର ପରିବେଶ ଓ ମାଆର ପବିତ୍ରକୋଳ। ପ୍ରବୀଣା ମହାନ୍ତି, ଭୂପେନ୍ ମହାପାତ୍ର'୧୯୯୭', ଶଶାଙ୍କ ପ୍ରିୟସଖା 'ପବନର ସାରେ ଗାମା', ବିଷ୍ଣୁ ସାହୁ 'ଗୋଟେ କୁନି ଲୋକର ଅଭ୍ୟୁଦୟ', ଗୌରହରି ଦାସଙ୍କ 'ଘର', କବିତା ବାରିକଙ୍କ 'ଯେ ପକ୍ଷୀ ଉଡ଼େ ଯେତେ ଦୂର' ଇତ୍ୟାଦି ଲେଖକଙ୍କ ଗଳ୍ପରେ ଗ୍ରାମ ପ୍ରୀତି ଦେଖିବାକୁ ମିଳେ। ପ୍ରବୀଣା ମହାନ୍ତିଙ୍କ 'ଦଶରା' ଗଳ୍ପଟିରେ ଲେଖିକା ନିଜେ ଚରିତ୍ର। ତାଙ୍କ ପିଲା ଦିନରେ ବିତାଇଥିବା ଘଟଣା ଓ ଗ୍ରାମ କଥାକୁ ସେ ମନେପକାନ୍ତି। ଘରଆଗରେ ହେଉଥିବା ଦଶରା ପୂଜା କଥା ତାଙ୍କର ଅଧିକ ମନେପଡ଼େ। ତାଙ୍କର ଖୁବ୍ ବଡ଼ ପରିବାରଟିଏ ଥିଲା ଭାଇ ଭଉଣୀ ଆଠ ଜଣ। ଭାଇ ଚାରି, ଭଉଣୀ ଚାରି। ଦଶରାରେ ଗାଁକୁ ଯାଇ ହସଖୁସିରେ କଟାନ୍ତି ହେଲେ ଏଥର ସେ ନଯାଇ ପାରିବାରୁ ତାଙ୍କର ଗାଁ କଥା ଅଧିକ ମନେ ପଡୁଛି। ଯାହାକୁ ସେ ଗଳ୍ପ ମାଧ୍ୟମରେ ବର୍ଣ୍ଣନା କରିଛନ୍ତି।

(ଖ) ମାତୃପ୍ରୀତି – ପିଲାଦିନରୁ ମାଆ କୋଳରେ ବଡ଼ହୋଇ ତାର ଆଙ୍ଗୁଠି ଧରି ଚାଲିଶିଖିଛୁ। ମାଆ ସହିତ ଜଡ଼ିତ ଥାଏ ଅନେକ ସ୍ମୃତି। ମାଆର ମମତା ପିଲାମାନଙ୍କୁ ଛନ୍ଦି ରଖିଥାଏ ତା'ର ପଣତକାନିରେ। ଯେତେ ଦୂରରେ ରହିଲେ ମଧ୍ୟ ତା ସହିତ ଜଡ଼ିତ ହସ କାନ୍ଦ, ସୁଖ ଦୁଃଖ, ମାନ ଅଭିମାନ, ରାଗରୁଷା, ସ୍ନେହ ମମତାକୁ ଝୁରି ହୁଅନ୍ତି। ପ୍ରବୀଣା ମହାନ୍ତି 'ଦୁଃଖ ପାସୋରା ଝିଅ', 'ଆଲୋକିତ ଅନ୍ଧାର' ଓ 'ମାତୃରୂପେଣ ସଂସ୍ଥିତା', ହିରଣ୍ମୟୀ ମିଶ୍ର 'ଝିଅର ମା', ଅଜୟ ସ୍ୱାଇଁ 'ବୋଉ ଓ ବିଲେଇ' ଓ 'ମାଟି, ପାଣି, ପବନ', କୃପାସାଗର ସାହୁ 'ମା', କନକ ପଟ୍ଟନାୟକ 'ଗଙ୍ଗଶିଉଳୀ', ମନୋଜ ମଂଜରୀ ମିଶ୍ରଙ୍କ 'ଜନ୍ମଦାତ୍ରୀ' ପ୍ରଭୃତି ଲେଖକଙ୍କ ଗଳ୍ପରେ ମାତୃପ୍ରୀତି ସମ୍ବଳିତ ଗଳ୍ପ ଦେଖିବାକୁ ମିଳେ। କନକ ପଟ୍ଟନାୟକଙ୍କ 'ଗଙ୍ଗଶିଉଳୀ' ଗଳ୍ପରେ ଆଶୁତୋଷ ବୋଉର ମୁଖାଗ୍ନି ଦେଇ ବସିଥାଏ। ବୋଉର ଜଳୁଥିବା ଜୁଇକୁ ଦେଖି ନିସଙ୍ଗତାର ଛାୟା ଭିତରେ ସେ ଫେରିଯାଉଥାଏ ପିଲାଦିନକୁ। ପିଲାଦିନରୁ ବାପା ମାଆ, ସାଙ୍ଗ ସାଥୀ, ଆତ୍ମୀୟ ସ୍ୱଜନ ସବୁ ପରିଚୟରେ ସେ କେବଳ ତା ବୋଉକୁ ପାଇଛି। ଅନେକ ଦୁଃଖ କଷ୍ଟ ଅପମାନ ସବୁ ସହି ମୋତେ ଇଂଜିନିୟର କରିପାରିଥିଲା, ହେଲେ ଗୋଟେ ଦିନ ବୋଉକୁ ଖୁସି କରିପାରି ନଥିଲା ସିଏ। ପଚାଶ ବର୍ଷ ଗାଁରେ ରହିଥିଲେ ମଧ୍ୟ ଆପଣାର ବୋଲି କେହି ନଥିଲେ ତା'ର। ଅଭିଷେକ ସହିତ ସଂପର୍କ ରଖି ଶେଷ ସମୟରେ ବିବାହ କରିପାରିନଥିଲା ବୋଉ। ସେହି ଅଭିଷେକ ଥିଲା ତା' ବାପା; ଯାହାର ପରିଚୟ ବୋଉ କେବେ ସମାଜ ସାମ୍ନାରେ ଦେଇପାରିନି। କେବଳ ଅପମାନ ସହିଚାଲିଥିଲା। ପୁଅ ଆସିବା ଖବର ଶୁଣି ଖୁସି ହୋଇ ଯାଇଥିବା ବୋଉ ଶେଷ ଚିଠି ପଢ଼ି ମରିଯାଇଛି। ଆଶୁତୋଷ ନିଜେ ଅନୁତାପ କରିଛି "ଭ୍ରୁଣ ହତ୍ୟା ନକରି ପୁଅକୁ ଜନ୍ମ ଦେଇ କଣ୍ଟକିତ ପଥରେ ରକ୍ତାକ୍ତ ହୋଇ ପୁଅକୁ ମଣିଷ ପରି ମଣିଷ କରି ଗଢ଼ିବାର ଫଳ କଣ ଏଇୟା?" (ପୃ -୭୮)

(ଗ) ଇତିହାସପ୍ରୀତି – ଇତିହାସର ଘଟଣା ସେ ପର୍ଯ୍ୟନ୍ତ ନଥାଏ ଯେ ପର୍ଯ୍ୟନ୍ତ ଐତିହାସିକ ତାକୁ ସୃଷ୍ଟି କରିନଥାଏ ଇତିହାସର ଅର୍ଥ ବିଶ୍ଳେଷଣ। କାରଣ ଐତିହାସିକ ଅତୀତର ନୁହେଁ, ବର୍ତ୍ତମାନର। ବର୍ତ୍ତମାନରେ ଥାଇ ଅତୀତର ଘଟଣାକୁ ରୂପ ପ୍ରଦାନ କରିଥାଏ। ସ୍ରଷ୍ଟା ଇତିହାସର ସମସ୍ତ ଚରିତ୍ରକୁ ଗ୍ରହଣ କରେ ନାହିଁ। ନିଜର ରୁଚି ବା ପସନ୍ଦ ଅନୁସାରେ ଚରିତ୍ର ଗ୍ରହଣ କରେ। ସ୍ରଷ୍ଟା ଇତିହାସରୁ କଥାବସ୍ତୁ ଓ ଚରିତ୍ର ଚୟନ କରି ଗଳ୍ପ ରୂପ ଦିଏ ସତ, ହେଲେ ସେ ଐତିହାସିକ ସତ୍ୟ ଘଟଣାକୁ ନିଜର ରୁଚି ଅନୁସାରେ ବଦଳାଇ ଦେଇ ପାରେ ନାହିଁ। ଇତିହାସର ଘଟଣା ସାଧାରଣତଃ ଅତୀତ। ଏହା ଅନୁଭାବାତ୍ମକ ନୁହେଁ। ମନୁଷ୍ୟ ସାମାଜିକ ହେଲେ ହିଁ ତା'ର ଇତିହାସ ଆସେ। ଇତିହାସ ମଧ୍ୟ ଦେଇ ସୃଷ୍ଟି ହୁଏ ଅତୀତବୋଧ। ଇତିହାସ ପରି କିମ୍ବଦନ୍ତୀ ମଧ୍ୟ ସାହିତ୍ୟକୁ ଜୀବନ୍ତ କରେ। ଜାତିର ବିଶେଷ ବିଶେଷ ଘଟଣା ଗୁଡ଼ିକ ହୋଇଯାଏ କିମ୍ବଦନ୍ତୀ। ସ୍ରଷ୍ଟାର ପୁରାଣ, ମିଥ୍, କିମ୍ବଦନ୍ତୀ ଓ ଇତିହାସର ଘଟଣା ପ୍ରତି ଯଦି ଭଲପାଇବା ନଥାଏ ତା ହେଲେ ସେ ସେହି ଚରିତ୍ରମାନଙ୍କୁ ନେଇ ଗଳ୍ପ ସୃଷ୍ଟି କରିପାରିବ ନାହିଁ। ଇତିହାସକୁ ଭଲପାଉଥିବା ବ୍ୟକ୍ତି ହିଁ ଅତୀତର ଘଟଣାକୁ ବର୍ତ୍ତମାନରେ ଥାଇ ବର୍ଣ୍ଣନା କରିପାରିବ। ସେହି ନ୍ୟାୟରେ ଅନେକ କଥାକାର ଗଳ୍ପ ଓ ଉପନ୍ୟାସ ସୃଷ୍ଟିକରି ଅତୀତକୁ ଅତ୍ୟନ୍ତ ରୋମାଂଚକର ଓ ଜୀବନ୍ତ ରୂପେ ଆମ ସମ୍ମୁଖରେ ଉଦ୍‌ଭାସିତ କରିଛନ୍ତି।

ଅଭୟ ଦ୍ୱିବେଦୀଙ୍କ 'ସାବରମତୀର ସନ୍ଥ' ଗଳ୍ପରେ ଗାନ୍ଧୀଙ୍କର ସାବରମତୀ ଆଶ୍ରମର ଦୃଶ୍ୟ ବର୍ଣ୍ଣନା କରିଛନ୍ତି। ବହୁ ସଂକ୍ଷେପରେ ଗାନ୍ଧୀଙ୍କର ଆଦର୍ଶ ଓ ନୀତି ଉଲ୍ଲେଖ। ଗୁଜୁରାଟରେ କିଛି ଦିନପରେ ଗାନ୍ଧୀଙ୍କୁ ହେୟ ମନେକରି ସର୍ଦ୍ଦାର ପଟେଲଙ୍କୁ ଗୁରୁତ୍ୱ ଦେଇଛନ୍ତି ଲୋକମାନେ। ଗାନ୍ଧୀ, ନେହେରୁ ଓ ପଟେଲଙ୍କର ଚିନ୍ତାଧାରା ଯେ ଗୋଟିଏ ଥିଲା ତାହା ଗଳ୍ପ ମାଧ୍ୟମରେ ଦର୍ଶାଇଛନ୍ତି। ଏହି ଗଳ୍ପଟିରେ ଗୁଜୁରାଟର ଦଙ୍ଗା ହେବା ପରେ ସାବରମତୀ କିପରି ରକ୍ତାକ୍ତ ହୋଇଯାଇଥିଲି। ତାହା ଗାଳ୍ପିକ ଦେଖାଇଛନ୍ତି। ଅହିଂସାର ପିଣ୍ଡସ୍ଥଳୀରେ ହିଂସାର କାଣ୍ଡ ଏବଂ ବାସ୍ତବରେ ଗାନ୍ଧୀଙ୍କ ଚେତନା ଲୀନ ହେବାକୁ ଯାଉଛି ।

ଆଲୋଚନା ପରିସରକୁ ଲକ୍ଷ କଲେ ସ୍ୱଷ୍ଟ ଅନୁଭୂତ ହୁଏ ଯେ ବ୍ୟକ୍ତି ସମାଜ ଭିତରେ ବାସ କରୁଥିଲେ ମଧ୍ୟ ସେ ନିସଙ୍ଗ ଓ ଏକାକୀ ଅନୁଭବ କରୁଛି। ସ୍ୱାଧୀନତା ପୂର୍ବରୁ ପରିବାର ମଧ୍ୟରେ ବ୍ୟକ୍ତି ଯେଉଁପରି ଭାବରେ ଜୀବନ ଅତିବାହିତ କରୁଥିଲା; ସ୍ୱାଧୀନତା ପରେ ଏଥିରେ ବ୍ୟତିକ୍ରମ ଘଟିଲା। ସମସ୍ତଙ୍କ ମନରେ ଉଚ୍ଚ ହେବାର ଆଶା ଆସ୍ତେ ଆସ୍ତେ ତାକୁ ନିଜ ପରିବାର ଓ ପ୍ରିୟଜନଠାରୁ ଦୂରେଇ ଦେବାରେ ଲାଗିଲା।

ସେ ହୋଇଯାଇଛି ଏକା। ବ୍ୟକ୍ତିର ବର୍ତ୍ତମାନର ନିସଙ୍ଗତା ସ୍ୱତଃ ତାକୁ ଠେଲି ନେଉଛି ଅତୀତକୁ। ସେ ଅତୀତର ଘଟଣାକୁ ଭାବି କିଛି ସୁଖ ଅନୁଭବ କରୁଥିବା ବେଳେ କିଛି ଦୁଃଖ ମଧ ଅନୁଭବ କରିଥାଏ। ଅତୀତରେ ବିଚରଣ କରିବା ସାଧାରଣତଃ ସ୍ୱତଃସ୍ଫୂର୍ତ୍ତ। ଏକାକୀ ଥିବାବେଳେ ମନ ବାରମ୍ବାର ଫେରିଯାଏ ଶୈଶବ, ଯୌବନକୁ, ଖୋଜେ ମନର ଅନ୍ତରଂଗ ମଣିଷଙ୍କୁ। ମନର ଦର୍ପଣରେ କେବେ ମା', ବାପା, ବନ୍ଧୁ ଓ କେବେ ପ୍ରେମିକା ଉଙ୍କିମାରେ। ଏଯାବତ୍ ଯେତେ ଅତୀତପ୍ରୀତିମୂଳକ ଗଳ୍ପ ରଚନା କରାଯାଇଛି ତନ୍ମଧ୍ୟରୁ ନାରୀ ଲେଖକଠାରୁ ପୁରୁଷ ଲେଖକର ପରିମାଣ ଅଧିକ ଦେଖିବାକୁ ମିଳେ। ପୁରୁଷ ଲେଖକଙ୍କ ରଚନାରେ ଅତୀତପ୍ରୀତି ବହୁ ପରିମାଣରେ ଓ ସଫଳତା ଲଭିଥିବା ଅନୁଭୂତ ହୁଏ। ନାରୀ ଅପେକ୍ଷା ପୁରୁଷ ସମାଜରେ ଅଧିକ ଏକାକୀ ଜୀବନଯାପନ କରୁଛି। ଲେଖିକା ମାନଙ୍କର ଯେ ଅତୀତର ସ୍ମୃତି ନାହିଁ ଏପରି ନୁହେଁ, ସେମାନେ ନିଜ ନିଜ ପରିବାରକୁ ନେଇ ଏତେ ବ୍ୟସ୍ତ ରହିଯାନ୍ତି ଯେ ଏକାକୀ ଜୀବନଯାପନ କରିବାକୁ ସମୟ ପାଆନ୍ତି ନାହିଁ। ସେହି ତୁଳନାରେ ଦେଖିଲେ ପୁରୁଷମାନେ ଅନେକ ବର୍ଷ ହେଉ ବା ଅନେକ ଦିନ ହେଉ ନିଜ ଆତ୍ମିୟ ସଜ୍ଜନଙ୍କଠାରୁ ଦୂରେଇ ରହି ଏକାକୀ ଅନୁଭବ କରିଥାନ୍ତି। ପୁରୁଷମାନେ ଏ ସମୟରେ ତାଙ୍କର ଅତୀତରେ ଘଟିଥିବା ସୁଖଦ ଦୁଃଖଦ ସ୍ମୃତିକୁ ମନେ ପକାଇ ସୁଖ ଅନୁଭବ କରନ୍ତି ଏବଂ ଦୁଃଖ ମଧ ଅନୁଭବ କରନ୍ତି।

ସଂପ୍ରତି ଓଡ଼ିଆ ଗଳ୍ପ ସାହିତ୍ୟରେ ଅତୀତପ୍ରୀତିକୁ ନେଇ ଅଧିକାଂଶ ଗଳ୍ପ ରଚନା କରାଯାଇଛି। ବିଷୟବସ୍ତୁକୁ ଅବଲୋକନ କଲେ ଦେଖିବାକୁ ମିଳେ ଅତୀତପ୍ରୀତି ଓ ଅତୀତ ସ୍ମୃତି ଚାରଣ ଏବଂ ଶୈଳୀ ଭାବରେ ଅତୀତ ଉଦ୍ଭାସନ। ପରସ୍ପର ସୂକ୍ଷ୍ମାତିସୂକ୍ଷ୍ମ ଭାବରେ ଜଡ଼ିତ। ଅତୀତ ଉଦ୍ଭାସନ ଶୈଳୀ ପାଠକ ମନରେ ସତ୍ୟର ପ୍ରତ୍ୟୟ ସୃଷ୍ଟି କରୁଥିବା ବେଳେ ଅତୀତ ସ୍ମୃତିଚାରଣ ସୁଖ ଦୁଃଖକୁ ଆଣି ଭେଟି ଦେଇଥାଏ। ଅତୀତପ୍ରୀତିମୂଳକ ଗଳ୍ପ ରଚନା ହୋଇ ଓଡ଼ିଆ ସାହିତ୍ୟ ଭଣ୍ଡାରକୁ ସମୃଦ୍ଧ କରିବା ସହିତ ନିଜେ ମଧ ସମୃଦ୍ଧି ପଥରେ ଅଗ୍ରସର ହେଉଛି।

ସହାୟକ ଗ୍ରନ୍ଥସୂଚୀ :

୧. ବାରିକ, ବନଜବାସିନୀ, ଓଡ଼ିଆ ଗଳ୍ପରେ ନବଚେତନ, ଅଗ୍ରଦୂତ, କଟକ, ୨୦୧୭।

୨. ମିଶ୍ର, ଦୀନବଂଧୁ, ସାଂପ୍ରତିକ ଓଡ଼ିଆ କ୍ଷୁଦ୍ରଗଳ୍ପ : ସୃଷ୍ଟି ଓ ସ୍ରଷ୍ଟା, ଆର୍ଯ୍ୟ ପ୍ରକାଶନ, ବାଦାମବାଡ଼ି, କଟକ, ୨୦୦୪।

୩. ଶତପଥୀ, ନିତ୍ୟାନନ୍ଦ, ଗଳ୍ପ ଓ ଗାଳ୍ପିକ, ଓଡ଼ିଶା ବୁକ୍ସ ଷ୍ଟୋର, କଟକ, ୧୯୮୭।

୪. ସାମଲ, ବୈଷ୍ଣବ ଚରଣ, ଓଡ଼ିଆ କ୍ଷୁଦ୍ରଗଳ୍ପର ଇତିହାସ (ପ୍ରଥମ ଭାଗ), ବୁକ୍ସ ଏଣ୍ଡ ବୁକ୍ସ, କଟକ, ୧୯୯୦।

୫. ସାମଲ, ବୈଷ୍ଣବ ଚରଣ, ଓଡ଼ିଆ ଗଳ୍ପ : ଉନ୍ମେଷ ଓ ଉତ୍ତରଣ, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ, ୧୯୯୮।

୬. ସାମଲ, ବୈଷ୍ଣବ ଚରଣ, ଓଡ଼ିଆ କ୍ଷୁଦ୍ରଗଳ୍ପର ଇତିବୃତ, ଫ୍ରେଣ୍ଡସ୍ ପବ୍ଲିଶର୍ସ,କଟକ, ୨୦୧୯ ।

●

BAGEESHA
ବାଗୀଶ
ଦ୍ୱିତୀୟ ବର୍ଷ, ସଂଖ୍ୟା - ୦୧ | ଜାନୁୟାରୀ-ଫେବୃୟାରୀ ୨୦୨୪
Volume No. 02 | Issue No. 01 | Jan-Feb 2024
Refereed Peer-Reviewed Jornal
OPEN ACCESS
https://bageesha.in

# ଶୂକର ମଣିଷକୁ ସକ୍ରେଟିସ୍‌ଙ୍କ ଶିକ୍ଷା

■ ଡ. ସ୍ୱପ୍ନାରାଣୀ ସିଂହ

ସହକାରୀ ପ୍ରଫେସର, ଓଡ଼ିଆ ବିଭାଗ, ବିଶ୍ୱଭାରତୀ,
ଶାନ୍ତିନିକେତନ, ପଶ୍ଚିମବଙ୍ଗ

Article Received : 04.01.2024 | Accepted : 20.02.2024 | Published : 20.03.2024

**ସାରାଂଶ**

ଓଡ଼ିଶାର ସକ୍ରେଟିସ୍ ଭାବେ ପରିଚିତ ବିଶିଷ୍ଟ ଗବେଷକ, ସାହିତ୍ୟିକ ଏବଂ ଶିକ୍ଷାବିତ୍ ଚିତ୍ତରଞ୍ଜନ ଦାସ ବାସ୍ତବିକ ଚିନ୍ତା, ଚେତନା ଦୃଷ୍ଟିରୁ ଯେ, ଏହି ଦାର୍ଶନିକଙ୍କ ସମକକ୍ଷ କହିବା ଅତ୍ୟୁକ୍ତି ହେବନାହିଁ। ଶ୍ରୀଯୁକ୍ତ ଦାସ ଏହି ଜାତିର ମଣିଷମାନଙ୍କର ସୂକ୍ଷ୍ମ ଦୃଷ୍ଟିକୁ ଉନ୍ମୋଚନ କରିବା ସହ, କୌଣସି ବି ପ୍ରସଙ୍ଗକୁ ଏକ ସାମଗ୍ରିକ ଦୃଷ୍ଟିଭଙ୍ଗୀ ଦେଇ ଦେଖିବାର ପ୍ରତ୍ୟୟ ସୃଷ୍ଟି କରିଯାଇଛନ୍ତି। ଏତଦ୍ ଭିନ୍ନ ଶ୍ରୀ ଅରବିନ୍ଦଙ୍କ ଜୀବନ ଓ ଦର୍ଶନ ଚିତ୍ତରଞ୍ଜନଙ୍କ ମଧ୍ୟରେ ଏକ ନୂତନ ଦୃଷ୍ଟିଭଙ୍ଗୀକୁ ଉନ୍ମୋଚନ କରିଥିଲା। ମଣିଷ ଭିତରେ ସୁପ୍ତ ମାନବିକତା ଏବଂ ମାନବରୁ ମହାମାନବ ମଧ୍ୟର ଯାତ୍ରା ଜନିତ ଦର୍ଶନକୁ ସେ ନିଜ ଜୀବନର ଆଦର୍ଶ ଭାବେ ଗ୍ରହଣ କରି, ସମଗ୍ର ମାନବ ସମାଜର କଲ୍ୟାଣ ନିମନ୍ତେ ଏହାର ପ୍ରଚାର ଦିଗରେ ବ୍ରତୀ ହୋଇଉଠିଥିଲେ। ମାତ୍ର ଉକ୍ତ ଆଲୋଚନା ଏକ ସାଧାରଣ ସ୍ତରରେ ବଞ୍ଚୁଥିବା ଶୂକର ତୁଲ୍ୟ ମଣିଷମାନଙ୍କୁ ସକ୍ରେଟିସ୍ ତୁଲ୍ୟ ଚିତ୍ତରଞ୍ଜନଙ୍କର ଶିକ୍ଷା ସଂପର୍କିତ ଆଲୋଚନା। ସଂପ୍ରତି ମଣିଷର ଜୀବନ କିପରି ଅଛି ଏବଂ ତାହା ପ୍ରକୃତରେ କିପରି ହେବା ଉଚିତ୍ ଯାହାକୁ କେନ୍ଦ୍ରକରି ଦାର୍ଶନିକ ସକ୍ରେଟିସ୍ କେତେକ ମତ ଦେଇଥିଲେ। ତାହା ଅତ୍ୟନ୍ତ ସରଳ ଓ ସୁନ୍ଦର ଭାବେ ଶ୍ରୀଯୁକ୍ତ ଦାସ ଏହି ଜାତିର ପ୍ରତ୍ୟେକଟି ମଣିଷଙ୍କ ପାଖରେ ଉପଲବ୍ଧ କରିଯାଇଛନ୍ତି ।

ଦେବା, ଦେବୀ, ଗନ୍ଧର୍ବ, ପରୀ ଓ ଅପ୍‌ସରୀଙ୍କ ସାମ୍ରାଜ୍ୟରେ ଦାସ ଭାବେ ପ୍ରତୀତ ହେଉଥିବା ମଣିଷଙ୍କ ମଧ୍ୟରେ ଏକ ସମୟରେ ଏକ ଚେତନାର ଜାଗରଣ କରିବାକୁ ଯାଇ, ନିଜର ଜୀବନକୁ ବଳି ଦେଇ ଦେଇଥିଲେ ସକ୍ରେଟିସ୍। ମଣିଷ କାହାର ଦାସ ନୁହେଁ ସେ ନିଜେ ହେଉଛି ସମ୍ରାଟ। ସେ ଏକ ସାଧାରଣ ଜୀବ ନୁହେଁ, ତା ଭିତରେ ଲୁଚି ରହିଛି ଅନନ୍ତ ସମ୍ଭାବନା। ବୈଜ୍ଞାନିକ ଦୃଷ୍ଟିକୋଣରୁ ଅଥବା ଡାରଉଇନ୍‌ଙ୍କର Natural Selection (୧)ଦୃଷ୍ଟିରୁ ବିଚାରକଲେ ଏହି ମଣିଷ ସମାଜର ଉତ୍ପତ୍ତି ଏକ ବିବର୍ତ୍ତନ କ୍ରମରେ ହୋଇଛି। ତେଣୁ ଏହି ଯାତ୍ରାର ପ୍ରାରମ୍ଭରେ ଥିବା ପଶୁ ଅନେକ ସଂଘର୍ଷ ଏବଂ ଜେନେଟିକ୍‌ସ୍‌ର ପରିବର୍ତ୍ତନ ଫଳରେ ଆଜି ମଣିଷରେ ରୂପାନ୍ତରିତ ହୋଇଛି। ମାତ୍ର ଏହି ପ୍ରାରମ୍ଭର ପଶୁ ଏବଂ ଆଜିର ମଣିଷ ଭିତରେ ଅନେକ ବିବର୍ତ୍ତନ ସତ୍ତ୍ୱେ, କିଛି ଗୁଣାବଳୀଗତ ସାମଞ୍ଜସ୍ୟ ତାହା ଅବଶ୍ୟ ପୂର୍ବପିଢି ଠାରୁ ରକ୍ତଗତ ସୂତ୍ରରେ ହେଉପଛେ, ଅବ୍ୟାହତ ରହିଅଛି। ଯାହାଦ୍ୱାରା ମଣିଷ ବାହ୍ୟ ପରିବର୍ତ୍ତନ ସତ୍ତ୍ୱେ ଅର୍ନ୍ତନିହିତ ଦୃଷ୍ଟିରୁ ବିଚାରକଲେ ତାର ନାଡ଼ଟି କିନ୍ତୁ ଲାଗିରହିଛି ତାର ସେହି ପୂର୍ବପିଢିର ପଶୁ ମଧ୍ୟରେ। ଆଉ ଯେଉଁ ନାଡ଼ଟିକୁ କାଟିବାର ଆବଶ୍ୟକତା ରହିଛି। କାରଣ ହଜାର ହଜାର ବର୍ଷର ବିବର୍ତ୍ତନ ପରେ ମଣିଷ ଯେଉଁ ସ୍ତରରେ ପହଁଚିଛି ସେଠି ଆଉ ସେ ସାଧାରଣ ଜୀବ ହୋଇ ରହିନାହିଁ। ତେଣୁ ଏହି ଅସାଧାରଣ ଜୀବ ମଧ୍ୟରେ ଲୁଚିରହିଥିବା ଅସାଧାରଣ ଶକ୍ତି ଓ ଜ୍ଞାନକୁ ଚିହ୍ନିବାର ଆବଶ୍ୟକତା ରହିଛି। ସକ୍ରେଟିସ୍‌ଙ୍କ ତୁଲ୍ୟ ଶ୍ରୀଯୁକ୍ତ ଦାସ ମଧ୍ୟ ମଣିଷ ଭିତରେ ଲୁଚି ରହିଥିବା ଏହି ଅର୍ନ୍ତନିହିତ ଜ୍ଞାନ ଓ ତାହାର ଗାରିମାକୁ ବୁଝିପାରିଛନ୍ତି। ତେଣୁ ସକ୍ରେଟିସ୍‌ଙ୍କ ତୁଲ୍ୟ ସେ ମଧ୍ୟ ଏହି ବାର୍ତ୍ତା ପ୍ରଚାର କରିଛନ୍ତି ଯେ, ଜ୍ଞାନ ଆମକୁ ବାହାରୁ ନୁହେଁ, ଜ୍ଞାନ ଆମ ଭିତରେ ହିଁ ରହିଛି। 'Knowledge is with us' (୨) ତେଣୁ ଯେ ପ୍ରକୃତ ଶିକ୍ଷକ ସେ ଛାତ୍ରକୁ ଜ୍ଞାନ ଦେଇନଥାଏ। ଛାତ୍ର ଭିତରେ ଲୁଚି ରହିଥିବା ଜ୍ଞାନକୁ ବାହାରକୁ ଆଣିବାକୁ ଉଦ୍ୟମ କରିଥାଏ। ଚିତ୍ତରଞ୍ଜନ ଦାସ ମଧ୍ୟ ଥିଲେ ଏହିଭଳି ଜଣେ ଶିକ୍ଷକ ଯିଏ କହୁଥିଲେ ପ୍ରତିଟି ଶିଶୁ ସ୍ୱତନ୍ତ୍ର, ପ୍ରତିଟି ଶିଶୁ ସର୍ଜନଶୀଳ ତାକୁ କେବଳ ଏକ ମୁକ୍ତ ପରିବେଶ ମିଳିବା ଦରକାର। ତେଣୁ କିଶୋର ମାନଙ୍କ ମଧ୍ୟରେ ଲୁଚି ରହିଥିବା ସର୍ଜନାତ୍ମକ ଚିନ୍ତାଧାରାକୁ ବାହାରକୁ ଆଣିବାପାଇଁ ସେ ଆରମ୍ଭ କରିଥିଲେ

'ନବପଲ୍ଲବ' ଶିବିର। ସକ୍ରେଟିସ୍‌ଙ୍କ ଭଳି ତାଙ୍କ ଦୃଷ୍ଟିରେ ମଧ୍ୟ, ଶିକ୍ଷକ ଏବଂ ଦାଇମା ଏକ ଓ ଅଭିନ୍ନ। ଦାଇମା ଯେପରି ଶିଶୁ ଜନ୍ମରେ ସହାୟକ ହୋଇଥାଏ। ସେହିପରି ଶିକ୍ଷକ ମଧ୍ୟ ବ୍ୟକ୍ତି ଭିତରେ ଲୁଚିଥିବା ଜ୍ଞାନକୁ ବାହାରକୁ ଆଣିବାରେ ସହାୟକ ହୋଇଥାଏ। ଅବଶ୍ୟ ଏ ଦୃଷ୍ଟିକୋଣରୁ ଚିତ୍ତରଞ୍ଜନ କେବଳ ଶିଶୁ କିମ୍ବା କିଶୋରମାନଙ୍କର ଗୁରୁ ନଥିଲେ। ସେ ସବୁ ବୟସର ମଣିଷ ମାନଙ୍କ ଭିତରେ ଜ୍ଞାନକୁ ଉପଲବ୍ଧ କରିବା ସହ, ତାକୁ ବାହାରକୁ ଆଣିବାକୁ ଉଦ୍ୟମ କରିଥିଲେ। ମନସ୍ତତ୍ତ୍ୱରେ ଗଭୀର ପ୍ରବେଶ ଥିବା ହେତୁ ମନସ୍ତତ୍ତ୍ୱବିତ୍ Jean Piagetsଙ୍କର 'Cognitive Development' ଭଳି ତତ୍ତ୍ୱରେ ଏହି ମନସ୍ତତ୍ତ୍ୱବିତ୍ –" Children's are little scientist" (୩,୪) ଭଳି ଚେତନାକୁ ଯେପରି ଭାବେ ପ୍ରଚାରିତ କରିଛନ୍ତି, ତାହାକୁ ଆହୁରି ବୃହତ୍ତ ଦୃଷ୍ଟିକୋଣରୁ ଉପଲବ୍ଧି କରିଛନ୍ତି ଶ୍ରୀଯୁକ୍ତ ଦାସ ।

ବ୍ୟକ୍ତିକୁ ତାର ଅର୍ନ୍ତନିହିତ ବ୍ୟକ୍ତିତ୍ୱ ଓ ଚେତନା ସହିତ ପରିଚିତ କରାଇବା ସହ। ପ୍ରତ୍ୟେକ ପ୍ରସଙ୍ଗକୁ ଏକ ସାମଗ୍ରୀକ ଦୃଷ୍ଟିଭଙ୍ଗୀ ଦେଇ ଦେଖିବାର ପ୍ରତ୍ୟୟ ସୃଷ୍ଟି କରିଥିବା ବିଶିଷ୍ଟ ପ୍ରାବନ୍ଧିକ ଚିତ୍ତରଞ୍ଜନ ଦାସଙ୍କୁ ଗ୍ରୀକ୍ ଦାର୍ଶନିକ ସକ୍ରେଟିସ୍‌ଙ୍କ ସହ ତୁଳନା କରାଗଲେ ମଧ୍ୟ, ଅନେକ କ୍ଷେତ୍ରରେ ଚିତ୍ତରଞ୍ଜନ ଦାସ କିନ୍ତୁ ସକ୍ରେଟିସ୍‌ଙ୍କୁ ମଧ୍ୟ ଅତିକ୍ରମ କରିଯାଇଥିବା ମନେହୁଏ। ସାଧାରଣତଃ ସକ୍ରେଟିସ୍‌ଙ୍କ ଭଳି ଗ୍ରୀକ୍ ଦାର୍ଶନିକ ମାନେ ଯେପରି ପ୍ଲାଟୋ ଏବଂ ଆରିଷ୍ଟୋଟଲ ମଧ୍ୟ ନିଜ ଜ୍ଞାନକୁ ବିଦ୍ୱାନମାନଙ୍କର ସହାୟତାରେ ଆଦାନ ପ୍ରଦାନ କରୁଥିଲେ। ମାତ୍ର ଚିତ୍ତରଞ୍ଜନ ଦାସଙ୍କ ଜ୍ଞାନ ଓ ଶିକ୍ଷା କୌଣସି ନିର୍ଦ୍ଦିଷ୍ଟ ସ୍ତରକୁ କେନ୍ଦ୍ରକରି ଗତିଶୀଳ ନଥିଲା। ଏହି ସମାଜର ପ୍ରତ୍ୟେକଟି ମଣିଷ ଭିତରେ ଯେ କିଛି ସମ୍ଭାବନା ଲୁଚିରହିଛି ଏବଂ ଯା।ହାକୁ ବାହାରକୁ ଆଣିବାର ଆବଶ୍ୟକତା ରହିଛି ତାହାକୁ ଉପଲବ୍ଧ କରିଥିଲେ ଶ୍ରୀଯୁକ୍ତ ଦାସ। ତେଣୁ ଅତ୍ୟନ୍ତ ସଂକ୍ଷିପ୍ତ ପରିଧି ମଧ୍ୟରେ ବଞ୍ଚୁଥିବା ମଣିଷ ମାନଙ୍କୁ ଏହି ସଂକ୍ଷିପ୍ତତା ମଧ୍ୟରୁ ବାହାର କରିବାପାଇଁ ବା ଶୂକର ମଣିଷ କିପରି ସକ୍ରେଟିସ୍‌ରେ ପରିଣତ ହୋଇପାରିବ ସେ ସଂପର୍କରେ କେତେକ ସୂଚନା ଦେଇଛନ୍ତି ଶ୍ରୀଯୁକ୍ତ ଦାସ। ତେଣୁ ସେ ମଧ୍ୟ ସକ୍ରେଟିସ୍‌ଙ୍କର ବାଣୀ- "A dissatisfied Socrates is much honoured by the society than a satisfied pig." (୫) ତୁଲ୍ୟ କହିଛନ୍ତି- "ଆପଣାର ତତ୍କାଳିକ ସନ୍ତୋଷ ଓ ପ୍ରାପ୍ତି ଗୁଡ଼ିକ ଭିତରେ ଆପଣାକୁ ଜାକିଜୁକି ରଖିଥିବା ମଣିଷ- ଶୂକରଟି ଜୀବନକୁ କେଡ଼େ ଅଳ୍ପ ଭିତରେ ନ ବଞ୍ଚୁଥାଏ! ଜୀବନର ବ୍ୟାସ ଏବଂ ପ୍ରସ୍ଥ ଗୁଡ଼ିକ ବିଷୟରେ ସିଏ ପ୍ରକୃତରେ କେତେ ଅଳ୍ପ ନ ଜାଣେ! ସେହି ମଣିଷ ହେଉଛି ସତକୁ ସତ ନିର୍ବୋଧ ମଣିଷ। ଯିଏ ନିର୍ବୋଧ , ଯିଏ ଘୁଷୁରି ପରି ଏହି କାଦୁଅ ଗୁଡ଼ାକ ଭିତରେ ସନ୍ତୁଷ୍ଟ ହୋଇ ରହିଛି ଓ କାଦୁଅ ଗୁଡ଼ାକୁ କେତେ ନା କେତେ ଭଲ ପାଉଛି, ସିଏ ଅସଲ ମଣିଷଟିଏ ହୋଇପାରିବା ବିଷୟରେ ହୁଏତ କୌଣସି ଖବର ରଖିବାକୁ ଇଚ୍ଛା କରୁନାହିଁ। ଏହି ଗାର ଗୁଡ଼ିକ ଭିତରୁ ଅଧିକକୁ ମନ କରିବାକୁ ସିଏ ନ୍ୟାୟତଃ ଏକ ମିଛଚାଷ ବୋଲି ବିଚାର କରୁଛି। ସିଏ ନିଜ ପାଖଟିରେ ଏପରି ନିବୁଜ ହୋଇ ରହିଛି ଯେ ଆଉ ସମ୍ଭାବନାଟି ବିଷୟରେ ମୋଟେ କିଛିହେଲେ ଦେଖିପାରୁନାହିଁ। ସମ୍ଭବତଃ ସିଏ ସକ୍ରେଟିସ୍‌ର ଅସନ୍ତୋଷଟାକୁ ହିଁ ଦେଖୁଛି, ସକ୍ରେଟିସ୍‌କୁ ଆଦୌ ଦେଖି ପାରୁନାହିଁ। ଅପର ପକ୍ଷରେ, ଅନ୍ୟ କିସମର ମଣିଷଟିଏ ତା ଆଡ଼କୁ ଅନାଇ ଘୁଷୁରିଟାକୁ ଅବଶ୍ୟ ଦେଖୁଛି- ଘୁଷୁରିଟା ଭିତରେ ଅସଲ ମଣିଷଟିକୁ ମଧ୍ୟ ଦେଖି ପାରୁଛି। ମଣିଷଟିଏ ସବା ଆଗ ସୁଖ ଏବଂ ସନ୍ତୋଷ ଇଚ୍ଛା କରିଛି ବୋଲି ଏକ ଅନୁରୂପ ମାର୍ଗକୁ ଆଦରି ନେଇ ଘୁଷୁରି ହୋଇ ରହିଛି। ମାତ୍ର ସିଏ ମନ କରିଥିଲେ ମଣିଷବି ହୋଇ ପାରିଥାନ୍ତା। ଅସଲ ଅସନ୍ତୋଷ ଗୁଡ଼ିକର ଐଶ୍ୱର୍ଯ୍ୟକୁ ଚିହ୍ନିଥିଲେ ସିନା ମଣିଷ ହୋଇ ପାରିଥାନ୍ତା! ଘୁଷୁରି ହେବାକୁ କେବେହେଲେ ମନ କରିନଥାନ୍ତା । ସିଏ ଏହି ଅଳ୍ପ ଭିତରେ କଦାପି ବାନ୍ଧିହୋଇ ରହିଯାଇ ନଥାନ୍ତା! ।" (ଶୂକର ଓ ସକ୍ରେଟିସ୍- ପୃ- ୧୫୪) ଏହିଭଳି ପଂକ୍ତିକୁ ଦୃଷ୍ଟିରେ ରଖି ବିବେଚନା କଲେ ଜଣାଯାଏ ଯେ, ସଂସାରରେ ମଣିଷ ମାନଙ୍କୁ କେନ୍ଦ୍ରକରି ଆଜି ଏତେ ବିଭାଗୀକରଣ ରହିଛି ଯେ ପ୍ରକୃତରେ ମଣିଷବୋଲି କହିଲେ କାହାକୁ ବୁଝାଯିବ ତାହା ଏକ ପ୍ରଶ୍ନବାଚୀ। ଯାହାକୁ ଗାଳ୍ପିକ ଗୋଦାବରୀଶ ମହାପାତ୍ର ତାଙ୍କର ଏକ ଗଳ୍ପ 'ପୃଥିବୀରେ ମଣିଷ ଅଛନ୍ତି?' ରେ ସ୍ୱର୍ଗ ମର୍ତ୍ତ୍ୟର ମିଥ୍ ମାଧ୍ୟମରେ ବ୍ୟଙ୍ଗ କରିଛନ୍ତି। ଗାଳ୍ପିକ ବିଂଶ ଶତାବ୍ଦୀରେ ମଣିଷର ସ୍ଥିତି ତଥା ସାମାଜିକ ପରିବେଶ ଓ ପରିସ୍ଥିତିକୁ ଅତ୍ୟନ୍ତ ଜୀବନ୍ତ ଭାବେ ପ୍ରତିଫଳିତ କରିଛନ୍ତି। ପ୍ରକୃତପକ୍ଷେ ଆଜି ପୃଥିବୀରେ ମଣିଷ ନାହାନ୍ତି। କାରଣ ପ୍ରତ୍ୟେକ ମଣିଷ ଆଜି ଆଉ ମଣିଷ ହୋଇ ନ ରହି ନିଜ ସ୍ୱାର୍ଥପାଇଁ କୌଣସି ନା କୌଣସି ଜାତି ଓ ଦଳର ଅର୍ନ୍ତଭୁକ୍ତ ହୋଇଛନ୍ତି- "ଯାହାକୁ ଦେଖିଲି ତାଙ୍କୁ ପଚାରିଲି- ମହାଶୟ, ଆପଣ କିଏ?"/ଉତ୍ତର ମିଳିଲା- "ମୁଁ ବାମପନ୍ଥୀ",/ ଏ ଭଳି ପ୍ରତ୍ୟେକଙ୍କୁ ପଚାରିଲି-/ "ଆପଣ"?/"ମୁଁ ଦକ୍ଷିଣ ପନ୍ଥୀ",/ "ଆପଣ"? / "ଉଗ୍ରପନ୍ଥୀ"।/ "ଆପଣ"? / "ଅନୁଗ୍ରହ ପନ୍ଥୀ"।/ "ଆପଣ"?/ "ତଟସ୍ଥ ପନ୍ଥୀ"/ "ଆପଣ"? / "ସାମ୍ୟବାଦୀ"/ "ଆପଣ"?/ "ଅରାଜକ ବାଦୀ"/ "ଆପଣ"?/ "ପ୍ରଲେଟେରିଆନ"/ "ଆପଣ"?/ "ବଳସେବୀ"/ "ଆପଣ"?/ "ହରିଜନ ସେବକ" (ଈଶ୍ୱରଙ୍କ ପାଖକୁ ଚିଠି - ପୃ- ୭-୮)

ମାତ୍ର ଚିତ୍ତରଞ୍ଜନ ଦାସଙ୍କ ମତରେ ବୃହତ୍ତ ଦୃଷ୍ଟିକୋଣରୁ ଏହି ମଣିଷ ଜାତିଟିକୁ ଦୁଇ ଦଳରେ ବିଭକ୍ତ କରାଯାଇପାରେ। ଗୋଟିଏ ଦଳର ମଣିଷ ଯେଉଁମାନେ ହେଉଛନ୍ତି ପଶୁମାନଙ୍କର ଏକ ପରିବର୍ତ୍ତିତ ସଂସ୍କରଣ। ପଶୁମାନେ ଯେପରି ପେଟପୁରା ଖାଇବା ଏବଂ ସୁଖନିଦ୍ରା ଖୋଜିଥାଆନ୍ତି। ସେହିପରି ଏହି ଶ୍ରେଣୀର ମଣିଷମାନେ ମଧ୍ୟ ସୁଖ କହିଲେ କ୍ଷଣସନ୍ତୋଷ ବା କ୍ଷଣୋପଭୋଗକୁ ବୁଝିଥାଆନ୍ତି। ଏମାନଙ୍କର ପରିଧି ଯେପରି ସଂକ୍ଷିପ୍ତ ଚିନ୍ତାଧାରା ମଧ୍ୟ ସଂକ୍ଷିପ୍ତ। ପ୍ରକୃତରେ ଏହି ଶ୍ରେଣୀର ମଣିଷମାନେ ବଡ଼ ସଂକ୍ଷିପ୍ତତା ମଧ୍ୟରେ ବଞ୍ଚିଥାଆନ୍ତି। ଅଳ୍ପରେ ହିଁ ଏମାନେ ସନ୍ତୁଷ୍ଟ ହୋଇ ଯାଆନ୍ତି। ଏହି ଅଳ୍ପ ଅବଶ୍ୟ ଜ୍ଞାନ ଦୃଷ୍ଟିରୁ ହିଁ ଉପଯୋଗୀ। ନଚେତ୍ ଅର୍ଥ ଏବଂ ସାମୟିକ ସୁଖକୁ

କେନ୍ଦ୍ରକରି ଏମାନେ ଅଳ୍ପରେ ସନ୍ତୁଷ୍ଟ ହେବା ସମ୍ଭବ ନୁହେଁ। ଘୁଷୁରି ଯେପରି ବିଷ୍ଠା ଓ କାଦୁଅରେ ନଷର ପସର ହେବାକୁ ପରମ ଆତ୍ମୋପଲବ୍ଧି ବୋଲି ମନେ କରିଥାଏ। ସେହିପରି ଏହି ପର୍ଯ୍ୟାୟର ମଣିଷ ମଧ୍ୟ ନାନା ପ୍ରଲୋଭନ ଏବଂ ପ୍ରୟୋଜନ ପାଇଁ ନିଜର ବିବେକକୁ ବଳିଦେଇ ଏକ ପ୍ରକାର ଗୁଳାରେ ଚାଲିବାକୁ ଆତ୍ମୋପଲବ୍ଧି ମନେ କରିଥାଆନ୍ତି। କାରଣ ଏହି ଗୁଳାରୁ ବାହାରି ଧରାବନ୍ଧା ରଢୀବାଦୀ ନିତିନିୟମକୁ ଅତିକ୍ରମ କରି ଏକା ଚାଲିବାର ସତ୍‌ସାହାସ ଏମାନଙ୍କ ପାଖରେ ନଥାଏ। ମାତ୍ର ଯିଏ ଗୁଳାରୁ ବାହାରି ଏକା ଚାଲିବାକୁ ଆରମ୍ଭକରେ ସେମାନଙ୍କୁ କିନ୍ତୁ ଏହି ଘୁଷୁରି ପର୍ଯ୍ୟାୟର ମଣିଷମାନେ ସମାଲୋଚନା କରିବାକୁ ଭୁଲିନଥାଆନ୍ତି। "ଆମେ ସାଧାରଣ ମଣିଷମାନେ, ଯେଉଁମାନେ ଗୁଳାରେ ଚାଲୁଛୁ, ଆମେ ଏହି ଅନ୍ୟ କାଟର ମଣିଷମାନଙ୍କୁ ସତେ ଅବା ବାଇଆ ବୋଲି ବିଚାର କରୁ, ବୋକା ବୋଲି ଭାବୁ। ଆମେ ସର୍ବଦା କେଡ଼େ ସୁଖରେ ଥାଉ, ବିଚରା ସେମାନେ ମିଛଟାରେ ଦୁଃଖ ପାଉଛନ୍ତି ବୋଲି ସତେ ଅବା ଭାରି ଦୟାର୍ଦ୍ର ହେଲାଭଳି ଦେଖାଇହେଉ। ତଥାପି, ସେହି ଅବାଗିଆ ଓ ଦୁଃସାହସୀମାନଙ୍କ ବିଷୟରେ ଆଉ କିଛି କରି ହେବନାହିଁ ଏବଂ ତେଣୁ ସେମାନଙ୍କୁ ସେମାନଙ୍କର ଦୁଃଖ ଭିତରେ ହିଁ ଛାଡ଼ିଦେଇ ଆଗକୁ ଆମ ନିଜ ସୁଖର ପ୍ରଚୋଦନା ଗୁଡ଼ିକ ଅନୁସାରେ ବାହାରିଯିବା ବ୍ୟତୀତ ଆମଦ୍ୱାରା ଆଉ କିଛିହେଲେ କରି ହେବନାହିଁ ବୋଲି ନିଷ୍ପତ୍ତି କରିନେଉ। ମାତ୍ର ସୁଖ ଓ ସନ୍ତୋଷ ବିଷୟରେ ଯେ ସଂସାରରେ ଭିନ୍ନ ଭିନ୍ନ ପ୍ରକାରର ଧାରଣା ଥାଇପାରେ ଏବଂ ସେହି ଅନୁସାରେ ପୃଥିବୀରେ ଯେ ଭିନ୍ନ ଭିନ୍ନ କିସମର ମଣିଷ ମଧ୍ୟ ଅବଶ୍ୟ ରହିପାରନ୍ତି, ଆମେ ସେ କଥା ଆଦୌ ଚିନ୍ତା କରି ପାରୁନାହିଁ। (ଶୂକର ଓ ସକ୍ରେଟିସ୍- ପୃ- ୧୫୨) ଏହି ଶ୍ରେଣୀର ମଣିଷମାନଙ୍କୁ ସକ୍ରେଟିସ୍ ସମାଲୋଚନା କରି କହିଛନ୍ତି- "You only know how to feed the belly and how to have deep sleep, you can' not understand the problem of philosophy." (୬)। ଏହି ଦଳକୁ ବାଦ୍ ଦେଲେ ସୀମିତ ହେଲେ ମଧ୍ୟ, ପୃଥିବୀରେ ଆଉ ଗୋଟିଏ ଦଳର ମଣିଷମାନେ ଦେଖାଯାଆନ୍ତି। ଯେଉଁମାନେ ଏକ ପ୍ରକାରର ଅସନ୍ତୋଷ ଗୋଷ୍ଠୀ। ଅବଶ୍ୟ ଏହି ଅସନ୍ତୋଷ କେବଳ ଜ୍ଞାନକୁ ହିଁ କେନ୍ଦ୍ରକରି ଗତିଶୀଳ। ଏମାନେ ଏକ ସୀମିତ ପରିଧି ମଧ୍ୟରେ ବାସକରିପାରି ନଥାଆନ୍ତି କି ଅଳ୍ପରେ ସନ୍ତୁଷ୍ଟ ହୋଇପାରିନଥାଆନ୍ତି। ସେମାନଙ୍କ ଭିତରେ ଆହୁରି କ'ଣ ସାମର୍ଥ୍ୟ ଅନ୍ତର୍ଗୁପ୍ତ ହୋଇ ରହିଥାଏ କି କଣ କେଜାଣି ସତକୁ ସତ ସୁଖୀ ହୋଇପାରିବାକୁ ଅର୍ଥାତ୍ ନିଜ ଜୀବନରେ ଏକ ଯଥାର୍ଥ ପରିପୂର୍ଣ୍ଣତା ବୋଧ ସମ୍ଭବ କରିବାକୁ ସେମାନେ ସାଧାରଣ ପର୍ଯ୍ୟାୟର ମଣିଷଠାରୁ ଅନେକ ଅଧିକ ଲୋଡ଼ିବାରେ ଲାଗିଥାଆନ୍ତି। ତେଣୁ ଏହି ପର୍ଯ୍ୟାୟର ମଣିଷ କୌଣସି ଧାଡ଼ି ଅଥବା ଗୁଳା ଭିତରେ ନିଜର ଅସ୍ତିତ୍ୱକୁ ଅଥବା ବିବେକ ହରାଇ ଦେବାକୁ ଅପରାଧ ମଣିଥାଆନ୍ତି। ସେମାନେ ନିଜକୁ ସମ୍ମାନର ଦୃଷ୍ଟିରେ ଦେଖନ୍ତି ଓ ସେଥିପାଇଁ ଅନ୍ୟ ମଣିଷମାନଙ୍କ ଭଳି ଗୋଟିଏ ଚିରାଚରିତ ସହଜ ବାଟଟିକୁ ଆଦରି ପାରନ୍ତିନାହିଁ। ଏହି ପର୍ଯ୍ୟାୟର ମଣିଷ ହୁଏତ ଦିନେ ବିଷ ସହିତ ସାଲିସ୍ କରିପାରନ୍ତି ହେଲେ ନିଜ ବିବେକର ଗଳାଚିପି ପଙ୍କ ଓ ବିଷ୍ଠା ସହିତ ସାଲିସ୍ କରିପାରିନଥାଆନ୍ତି। ତେଣୁ ସ୍ଥୂଳ ଦୃଷ୍ଟିରୁ ଏକା ଚାଲିଥିବା ଏହି ଶ୍ରେଣୀର ମଣିଷ ମାନଙ୍କୁ ସୂକ୍ଷ୍ମ ଦୃଷ୍ଟିରୁ ଦେଖିଲେ ଏମାନେ ସମଗ୍ର ସଂସାରକୁ ନିଜ ସାଥିରେ ଧରି ଚାଲିଥାଆନ୍ତି। "ବିଚରା ସକ୍ରେଟିସ୍ ତା ଭାଗ୍ୟରେ ସନ୍ତୋଷ ବୋଲି ମୋଟେ କିଛି ଲେଖା ହୋଇନାହିଁ। ଭାଗ୍ୟବାନ ସକ୍ରେଟିସ୍, ସମଗ୍ର ଜଗତକୁ ସତେ ଅବା ଆପଣାର କାନ୍ଧ ଉପରେ ରଖି ସିଏ ବାଟ ଚାଲି ବାହାରିଛି। କେବଳ ଆପଣା ନିମନ୍ତେ ସୁଖ ଲୋଡ଼ୁଥିବା ଘୁଷୁରିମାନେ ଏହି ସଂସାରରେ ତଥାପି ନିଃସଂଗ ହୋଇ ରହିଛନ୍ତି। ସେମାନେ ନିଃସଙ୍ଗତା ସହିତ ରମଣ କରୁଛନ୍ତି। XXX ସକ୍ରେଟିସ୍ କଦାପି ନିଃସଂଗ ଅନୁଭବ କରେନାହିଁ ଏବଂ ତେଣୁ ନିଃସଂଗତାକୁ ଆଳକରି ତାକୁ କେବେହେଲେ କୌଣସି ଗେହ୍ଲା ଦର୍ଶନ ଭିତରେ ଭୁଲି ରହିବାକୁ ପଡ଼େନାହିଁ। ସଂସାରକୁ ସାଙ୍ଗରେ ଧରି ବାଟ ଚାଲୁଥିବାରୁ ସକ୍ରେଟିସ୍‌କୁ ଆଦୌ କୌଣସି ନିଃସଂଗତା ଗ୍ରାସ କରିପାରେ ନାହିଁ। ତା ଆଗରେ ସର୍ବଦା କେତେ ନା କେତେ ବାଟ ବାକୀ ରହିଥାଏ, ବାଟର ଆକର୍ଷଣ, ସଙ୍ଗର ଆକର୍ଷଣ ତାକୁ ନିଃସଂଗତାରୁ ବଞ୍ଚାଇ ରଖିଥାଏ। ଘୁଷୁରିମାନେ ହିଁ ସନ୍ତୋଷପରେ ସନ୍ତୋଷ ଭୁଞ୍ଜିବେ ବୋଲି ସଂସାରରେ ସତେ ଅବା ସବୁଥାନରୁ ଡୋର ଛିଣ୍ଡାଇ ନିଃସଂଗହୋଇ ରହିଥାନ୍ତି, ଆପଣା ପାଖରେ ଭାରି ଅରକ୍ଷିତ ହୋଇ ଦିଶୁ ଥାଆନ୍ତି। ଡୋର ଛିଣ୍ଡାଇଥିବା ମଣିଷ ନିଃସ୍ୱ ଓ ନିଃସଙ୍ଗ ହେବନାହିଁ ତ ଆଉ କିଏ ହେବ? ମାତ୍ର ଅପର ପକ୍ଷରେ, ଏକ ସକ୍ରେଟିସ୍‌ର ଅସନ୍ତୋଷ ହେଉଛି ଅଧିକରୁ ଅଧିକ ଡୋର ବାନ୍ଧିବାର ଏକ ବ୍ୟାକୁଳତା ଏବଂ ସେହି ବ୍ୟାକୁଳତା ଜନିତ ଅସନ୍ତୋଷ। ସେହି ଅସନ୍ତୋଷରେ ହିଁ ଆମ ସଂସାରର ଯାବତୀୟ ସୁସ୍ଥତାର ବୀଜ ନିହିତ ହୋଇ ରହିଛି। ସେହି ଅସନ୍ତୋଷ ହିଁ ବାହାର ସହିତ ଭିତରକୁ ଯୋଡ଼ିରଖିବାରେ ଏବଂ ଭିତର ସହିତ ବାହାରକୁ ଯୋଡ଼ି ରଖିବାରେ ଜନନୀ ପରି କାର୍ଯ୍ୟ କରୁଛି ।" (ଶୂକର ଓ ସକ୍ରେଟିସ୍ - ପୃ- ୧୫୯)

ସଂପ୍ରତି ବିଶ୍ୱରେ ପ୍ରଥମ ପର୍ଯ୍ୟାୟର ମଣିଷ ମାନଙ୍କର ସଂଖ୍ୟା ଦୃତ ଗତିରେ ବଢୁଥିଲେ ମଧ୍ୟ, ଏହି ଦ୍ୱିତୀୟ ପର୍ଯ୍ୟାୟର ମଣିଷମାନେ କେବେହେଲେ ଲୁପ୍ତ ହୋଇଯିବେ ନାହିଁ। ପ୍ରତିଟି ମଣିଷ ଭିତରେ ଯେପରି ଶୂକର ରହିଛି ସେହିପରି ରହିଛି ସକ୍ରେଟିସ୍। ଆଜି ନିଜ ସ୍ୱାର୍ଥପାଇଁ ଯେପରି କିଛି ମଣିଷ ନିଜ ଭିତରେ ଲୁଚି ବସିଥିବା ସକ୍ରେଟିସ୍‌ଙ୍କୁ ବିଷ ପାନ କରାଇ ଶୂକରର ଆଶ୍ରୟ ଲୋଡୁଛନ୍ତି। ସେହିପରି ଆଉ କିଛି ଶୂକର ଭିତରୁ ସକ୍ରେଟିସ୍‌ର ଆହ୍ୱାନକୁ ଶୁଣିବା ସହ ତାକୁ ବାହାରକୁ ଆଣୁଛନ୍ତି। ତେଣୁ ଏହିରୂପେ ଗୋଟିଏ ପଟରେ ରହିଛି ଶୂକର ଓ ଅନ୍ୟ ପଟେ ରହିଛି ସକ୍ରେଟିସ୍। ଗୋଟିଏ ପଟରେ ରହିଛି ସନ୍ତୋଷ ଓ ଅନ୍ୟ ପଟରେ ଅସନ୍ତୋଷ। ଏହା ମଣିଷ ଉପରେ ନିର୍ଭରକରେ ସେ ସନ୍ତୋଷ ବାଟରେ ରହିବ ନା ଅସନ୍ତୋଷ।

ସେ ନିଜ ଭିତରେ ଲୁଚି ବସିଥିବା ଶୂକରର ଆହ୍ୱାନକୁ ଶୁଣିବ ନା ସକ୍ରେଟିସ୍‌ଙ୍କର। ସେ ଶୂକର ହେବ ନା ସକ୍ରେଟିସ୍ ।

ସଂକେତ ସୂଚୀ :


1. Henry, Devin (September 2006). “Aristotle on the Mechanism of Inheritance”. Journal of the History of Biology. 39 (3): 425–455. doi:10.1007/s10739-005-3058-y. S2CID 85671523.

2. https://www.thecollector.com/all-i-know-is-that-i-know-nothing-socrates/

3. Sellers, P. Douglas; Machluf, Karin; Bjorklund, David F. (2018), “The Development of Evolutionarily Adaptive Individual Differences: Children as Active Participants in Their Current and Future Survival”, The SAGE Handbook of Personality and Individual Differences: Volume II: Origins of Personality and Individual Differences, London: SAGE Publications Ltd, pp. 203–217, doi:10.4135/9781526451200.n12, ISBN 978-1-5264-4518-6, retrieved 2020-10-14

4. ^ Schacter, Daniel L (2009). Psychology. Catherine Woods. pp. 430. ISBN 978-1-4292-3719-2.

5. https://academic.oup.com/book/4489/chapter/146543164

https://yourstory.com/2017/03/29-quotes-by-plato


●

ALOCHANA
ସମାଲୋଚନା
ନୂଆ ଫର୍ଦ୍ଦ

ଦ୍ୱିତୀୟ ବର୍ଷ, ସଂଖ୍ୟା - ୦୧ | ଜାନୁଆରୀ-ଫେବୃୟାରୀ ୨୦୨୪
Volume No. 02 | Issue No. 01 | Jan-Feb 2024
Refereed Peer-Reviewed Jornal

BAGEESHA
ବାଗୀଶ
https://bageesha.in
OPEN ACCESS

# ଇକୋକ୍ରିଟିସିଜ୍ମ ବନାମ କୃପାସାଗର ସାହୁଙ୍କ 'ଶେଷ ଶରତ'

■ ଡ. ରବୀନ୍ଦ୍ର କୁମାର ଦାସ
ସହଯୋଗୀ ପ୍ରଫେସର, ଓଡ଼ିଆ ବିଭାଗ,
ବିଶ୍ୱଭାରତୀ, ଶାନ୍ତିନିକେତନ

"

ସାଇବେରିଆରୁ ଆସିଥିବା ସାରସ-ସାରସୀ ପ୍ରସଙ୍ଗ ରହିଛି। ସାରସ-ସାରସୀ ସାଇବେରିଆରୁ ଉଡ଼ି ଉଡ଼ି ଆସି ଚିଲିକାରେ ପହଞ୍ଚିଛନ୍ତି। କିଛିଦିନ ପରେ ହଠାତ୍ ସାରସ ଦେଖିଛି ସାରସୀ କୁଆଡ଼େ ଅନ୍ତର୍ହିତ ହୋଇଯାଇଛି। ଦୁଃଖର କଥା ହେଉଛି କାଳିଜାଇ ପାହାଡ଼ରେ ଯେଉଁ ପିକ୍‌ନିକ୍ ପାର୍ବଣ ଚାଲିଥିଲା, ସେଇଠି ସାରସୀକୁ ଶିକାର କରି ତା'ର ମାଂସ ଗରାଖମାନଙ୍କୁ ପରିବେଷଣ କରାଯାଉଥିଲା। ତେଣୁ ସାରସୀ ମାଂସ ଭକ୍ଷଣ କରୁଥିବା ଲୋକଟି କହିଛି, "ଦେଖ, କେତେ ଚମତ୍କାର ଗୋଡ଼। ଗୋଟେ ମଡ଼େଲର ଗୋଡ଼ ପରି ଲମ୍ବା, ପୁଣି ଏକ ଷୋଡ଼ଶୀ ଜଙ୍ଘ ପରି ମୁଲାୟମ।" ସେହି ସାରସୀର ଗୋଡ଼ରୁ ମାଂସତକ ଚାଟି ସଫାକରି ଖାଇଛନ୍ତି ସେଠିକାର ପର୍ଯ୍ୟଟକମାନେ ଏବଂ ତାଙ୍କ ଭିତରୁ ଜଣେ କହିଛି, "ଏଇ କଅଁଳିଆ ମାଂସ ପାଇଁ ତୋ ପାଖକୁ ବାରମ୍ବାର ଆସିବୁ ଚିଲିକା ସୁନ୍ଦରୀ।"

"

ସାହିତ୍ୟ ଉତ୍ତରର ହେଉ କି ଦକ୍ଷିଣର, ପୂର୍ବର ହେଉ କି ପଶ୍ଚିମର ସବୁଥିରେ ଅଳ୍ପ ବହୁତେ ପରିବେଶ ବା ପ୍ରକୃତିର ଚିତ୍ର ପ୍ରଦତ୍ତ। ଭାରତୀୟ ସାହିତ୍ୟରେ ଯଦି ଆମେ ଦେଖିବା ତେବେ ବେଦ, ଉପନିଷଦ, ପୁରାଣ ପ୍ରଭୃତିରେ ପ୍ରକୃତିର କଥା ରହିଛି। ସେହିଭଳି ପାଶ୍ଚାତ୍ୟ ସାହିତ୍ୟରେ ମଧ୍ୟ ପ୍ରକୃତିର ଚିତ୍ର ବର୍ଣ୍ଣନା ହୋଇଥିବାର ଲକ୍ଷ୍ୟ କରାଯାଏ। ରୋମାଣ୍ଟିକ୍ ଯୁଗରେ ପ୍ରକୃତିକୁ ନେଇ କବିମାନେ ବହୁ ଧରଣର କବିତା ରଚନା କରିଛନ୍ତି। ସେହିଭଳି ଯଦି ଆମେ ଓଡ଼ିଆ ସାହିତ୍ୟକୁ ଦେଖିବା ତେବେ ଲୋକସାହିତ୍ୟଠାରୁ ଆରମ୍ଭ କରି ଚର୍ଯ୍ୟାସାହିତ୍ୟ, ସାରଳା ସାହିତ୍ୟ, ପଞ୍ଚସଖା ସାହିତ୍ୟ, ଭଞ୍ଜଯୁଗୀୟ ସାହିତ୍ୟ, ରାଧାନାଥ ଯୁଗୀୟ ସାହିତ୍ୟ, ସତ୍ୟବାଦୀ ଯୁଗୀୟ ସାହିତ୍ୟ ଆଦିରେ ପ୍ରକୃତିର ବର୍ଣ୍ଣନା ରହିଥିବାର ଜାଣିପାରିବା। ତେବେ ଏଠାରେ ଗୋଟିଏ କଥା ଭଲ ଭାବରେ ମନେରଖିବା ଦରକାର ଯେ ଇକୋକ୍ରିଟିସିଜ୍ମରେ ଯେଉଁ ଭୌତିକ ପରିବେଶ ଏବଂ ସାହିତ୍ୟ ମଧ୍ୟସ୍ଥ ପାରସ୍ପରିକ ସଂପୃକ୍ତିର କଥା କୁହାଯାଇଛି ତାହା ମୁଖ୍ୟତଃ ସାଂପ୍ରତିକ ପ୍ରଦୂଷିତ ବିଶ୍ୱକୁ କେନ୍ଦ୍ରକରି ବାଖ୍ୟାୟିତ। ଏହି ସାଂପ୍ରତିକ ବିଶ୍ୱ ବର୍ତ୍ତମାନ ଭୀଷଣ ଭାବେ ସଙ୍କଟାପନ୍ନ। ଏଠାରେ ତାପମଣ୍ଡଳ, ଜୈବମଣ୍ଡଳ, ବାୟୁମଣ୍ଡଳ, ଜଳମଣ୍ଡଳଠାରୁ ଆରମ୍ଭ କରି ବୈଷୟିକମଣ୍ଡଳ ପର୍ଯ୍ୟନ୍ତ ସବୁଥିରେ କ୍ରମଶଃ ଗୋଟିଏ ମହାପ୍ରଳୟର ସଙ୍କଟାପନ୍ନତା ଦେଖାଦେଇଛି। ଅର୍ଥାତ୍ ବର୍ତ୍ତମାନ ଆମେ ଯେଉଁ ବିଶ୍ୱରେ ବାସ କରୁଛୁ ସେ ବିଶ୍ୱ ପୂର୍ବର ବେଦ, ଉପନିଷଦ ବା ପ୍ରାଚୀନ ଗ୍ରୀକ୍ ସାହିତ୍ୟ ବା ଇଂରାଜୀ ସାହିତ୍ୟ ବା ଲାଟିନ୍ ସାହିତ୍ୟ ବା ଇଲିଆଡ଼, ଓଡ଼େଶୀ ବା ଡିଭାଇନ୍ କମେଡ଼ି ବା ରାମାୟଣ, ମହାଭାରତ, ଅଭିଜ୍ଞାନ ଶାକୁନ୍ତଳମ୍, ସାରଳା ମହାଭାରତ ବା ହଦ୍ରକୈନ୍ଦ୍ରିକ ଅଞ୍ଚଳରେ ବାସ କରି ପ୍ରକୃତିର ଗୁଣଗାନ କରିଥିବା ୱାର୍ଡସ୍‌ୱାର୍ଥ, କଲେରିଜ୍ ପ୍ରମୁଖଙ୍କ ସାହିତ୍ୟରେ ବର୍ଣ୍ଣିତ ବିଶ୍ୱ ଭଳି ଆଦୌ ନୁହେଁ ।

ଗୋଟେ ସମୟ ଥିଲା ମଣିଷର କଳାକୃତିରେ ପ୍ରକୃତିର ରୂପ ପ୍ରସ୍ଫୁଟିତ ହୋଇଉଠିଥିଲା। ଏହି ପ୍ରସ୍ଫୁଟନ ମୁଖ୍ୟତଃ ଦୁଇ ପ୍ରକାରର ଥିଲା। ଗୋଟିଏ ହେଉଛି ପ୍ରକୃତିର ଦୁର୍ବିପାକଜନିତ ରୂପର ଏବଂ ଅନ୍ୟଟି ପ୍ରକୃତିର ନାନ୍ଦନିକ ବା ସୌନ୍ଦର୍ଯ୍ୟାତ୍ମକ ବା କାନ୍ତ ରୂପର ଚିତ୍ରଣ। ଅନେକ ରଚନା ରହିଛି ଯେଉଁଥିରେ ଲେଖକମାନେ,

କବିମାନେ ପ୍ରକୃତିର ଏହି ଦ୍ୱିବିଧ ଚିତ୍ରକୁ ଆଙ୍କିଛନ୍ତି। ତା'ପରେ କିଛି କିଛି ସାହିତ୍ୟରେ; ବିଶେଷ କରି – ମଧ୍ୟଯୁଗୀୟ ସାହିତ୍ୟରେ ଯେଉଁଥିରେ ନାୟକ, ନାୟିକାଙ୍କର ମିଳନ, ବିରହ ଆଦିକୁ ଉଜ୍ଜୀବିତ କରିବାପାଇଁ ବା ପ୍ରାଞ୍ଜଳ କରିବା ପାଇଁ ପ୍ରକୃତିର ସାହାଯ୍ୟ ନିଆଯାଇଛି। ତା'ପରେ ଆମେ ଯେତେବେଳେ ଆମ ଓଡ଼ିଆ ସାହିତ୍ୟରେ ରାଧାନାଥ ଯୁଗ, ସତ୍ୟବାଦୀ ଯୁଗ ବା ସବୁଜ ଯୁଗ ଭିତରେ ପତ୍ରିଫଳିତ ପ୍ରକୃତିର କଥା ବିଚାର କରୁ, ସେତେବେଳେ ମଧ୍ୟ ପ୍ରକୃତି ଆଜି ଭଳି ସଙ୍କଟାପନ୍ନ ହେଇଥିବାର ଲକ୍ଷ୍ୟ କରାଯାଏ ନାହିଁ ।

ତେବେ ଏହି ପ୍ରବନ୍ଧରେ ମୁଁ ସ୍ପଷ୍ଟ କରିଦେବାପାଇଁ ଚାହୁଁଛି ଯେ, ଇକୋକ୍ରିଟିସିଜନ୍ମ ବା Eco-Criticism – ଯାହାକୁ ଓଡ଼ିଆରେ ପରିବେଶକୈନ୍ଦ୍ରିକ ସମାଲୋଚନାବାଦ ବା ସବୁଜ ଅଧ୍ୟୟନ କୁହାଯାଏ, ଏଥିରେ ମୁଖ୍ୟତଃ ସାଂପ୍ରତିକ ବିଶ୍ୱର ମଣିଷକୃତ ସଙ୍କଟର କଥାକୁ ଅଧିକ ଗୁରୁତ୍ୱ ଦିଆଯାଏ। ଏହି ମଣିଷକୃତ ସଙ୍କଟ ଦ୍ୱାରା କିଭଳି ଆମେ ସମଗ୍ର ପୃଥିବୀବାସୀ (ମଣିଷ, କୀଟପତଙ୍ଗ, ଗଛଲତା ଇତ୍ୟାଦି) କ୍ରମଶଃ ଏକ ମହାସଂକଟ ଆଡ଼କୁ ଦ୍ରୁତଗତିରେ ଧାବିତ ହେଉଛୁ ତାର ଚିତ୍ର ରହିଥାଏ ।

ଏହି ସଙ୍କଟ ପଶ୍ଚାତ୍‌ରେ ଥିବା ବିଭିନ୍ନ କାରଣ, ଏହି ସଙ୍କଟକୁ କେମିତି ନିରାକରଣ କରାଯାଇପାରିବ ବା ପାରିବେଶିକ ବିପର୍ଯ୍ୟୟରେ କିପରି ସଂଶୋଧନ ଅଣାଯାଇପାରିବ, ସେଥିପାଇଁ କବି, ଲେଖକମାନେ କେମିତି ସଚେତନ ହେବେ ଏବଂ ସେମାନେ ନିଜ ନିଜ କବିତାରେ କେମିତି ପରିବେଶ ସମ୍ବନ୍ଧୀୟ ସଚେତନତା ସୃଷ୍ଟି କରିପାରିବେ - ସେହିସବୁ ପ୍ରସଙ୍ଗ ପରିବେଶକୈନ୍ଦ୍ରିକ ସମାଲୋଚନାବାଦରେ ରହିଥାଏ ।

ତେଣୁ ପରିବେଶକୈନ୍ଦ୍ରିକ ସମାଲୋଚନାବାଦ କହିଲେ ଆମେ ରାଧାନାଥ ରାୟଙ୍କ 'ଚିଲିକା'କୁ ବୁଝିବା ନାହିଁ। ଆମେ ବୁଝିବା କୃପାସାଗରର ସାହୁଙ୍କ 'ଶେଷ ଶରତ' ଉପନ୍ୟାସରେ ଚରିତ୍ର ଭାବରେ ଉଭା ହୋଇଥିବା ଚିଲିକାକୁ। ରାଧାନାଥ ରାୟଙ୍କ 'ଚିଲିକା' ଥିଲା ନୈସର୍ଗିକ ସୌନ୍ଦର୍ଯ୍ୟର ଗନ୍ତାଘର। ଏହି ଚିଲିକା ୧୮୯୧ ମସିହାରେ ରଚିତ ହୋଇଥିବା ଚିଲିକା। ଯେଉଁ ଚିଲିକାରେ ଋତୁମାନଙ୍କର ବିଳାସ ଲକ୍ଷ୍ୟ କରାଯାଏ। ଫୁଲ, ଫଳ, ଗଛ, ଲତା, ବିହଙ୍ଗ, ବିହଙ୍ଗୀର ରଙ୍ଗସ୍ଥଳୀ ଭାବରେ ରାଧାନାଥ ରାୟ ଚିଲିକାକୁ ବର୍ଣ୍ଣନା କରିଛନ୍ତି। କିନ୍ତୁ ଆମେ ଯଦି କୃପାସାଗର ସାହୁଙ୍କ 'ଶେଷ ଶରତ'କୁ ପାଠ କରିବା ତେବେ ଏଥିରେ ସେ ୧୯୯୯ ମସିହାର ଚିଲିକାକୁ ଉପନ୍ୟାସ ରଚନାର କେନ୍ଦ୍ର ଭାବରେ ଗ୍ରହଣ କରିଥିବାର ଦେଖିବା। ମୁଁ ଏଠି କହିରଖିବା ପାଇଁ ଚାହେଁ ଯେ 'ଶେଷ ଶରତ' ଉପନ୍ୟାସଟି ୨୦୦୬ ମସିହାରେ ପ୍ରଥମେ ପ୍ରକାଶିତ ହୋଇଥିଲା; କିନ୍ତୁ ତା' ପୂର୍ବରୁ ୧୯୯୯ ମସିହାରେ ପ୍ରତିବେଶୀ ପତ୍ରିକାର ପୂଜା ସଂଖ୍ୟାରେ 'ଶେଷ ଶରତ' ଶୀର୍ଷକରେ ଗୋଟିଏ ଦୀର୍ଘ ଗଳ୍ପ ପ୍ରକାଶ କରିଥିଲେ କୃପାସାଗର ସାହୁ। ସେହି ଗଳ୍ପର ପରବର୍ତ୍ତୀ ସଂପ୍ରସାରିତ ରୂପ ହେଉଛି ତାଙ୍କର ଏହି 'ଶେଷ ଶରତ' ଉପନ୍ୟାସ। ତେବେ ଏଠାରେ ଗୋଟିଏ କଥା ଆମେ ଲକ୍ଷ୍ୟ କରିପାରିବା ଯେ, ୧୮୯୨ରୁ ୧୯୯୯ ଦୀର୍ଘ ୧୦୭ ବର୍ଷ ପରେ ଚିଲିକା ସେ "ଉତ୍କଳ-କମଳା-ବିଳାସ-ଦୀର୍ଘିକା/ମରାଳ ମାଳିନୀ ନୀଳାମ୍ବୁ-ଚିଲିକା"ର ଆଉ ଚିଲିକା ହୋଇ ରହିନାହିଁ। ଚିଲିକା ଆଉ ପ୍ରକୃତିର ଆଲେଖ୍ୟଶାଳିକା ହୋଇରହିନାହିଁ। ଚିଲିକା ଆଉ ବିହଙ୍ଗ, ବିହଙ୍ଗୀଙ୍କର ଅଭୟ ଆଶ୍ରୟସ୍ଥଳ ହୋଇରହିନାହିଁ। ଚିଲିକା ଏବେ ପ୍ରଦୂଷିତ। ତା'ର ଜଳମଣ୍ଡଳ ପ୍ରଦୂଷିତ। ପୂର୍ବପରି ଏଠିକୁ ଆଉ ହଜାର ହଜାର ସଂଖ୍ୟାରେ ପକ୍ଷୀମାନେ ଆସୁନାହାନ୍ତି। ଏଠି ପକ୍ଷୀମାନଙ୍କୁ ଅବାଧ ଶିକାର କରାଯାଉଛି। ପକ୍ଷୀମାନଙ୍କୁ ଶିକାର କରି ସେମାନଙ୍କ ମାଂସକୁ ନେଇ ବିଭିନ୍ନ ହୋଟେଲ୍‌ରେ ରନ୍ଧାଯାଇ ପର୍ଯ୍ୟଟକମାନଙ୍କୁ ପରଷା ଯାଉଛି। ଚିଲିକାରେ ଚିଙ୍ଗୁଡ଼ିଘେର କରାଯାଇଛି। ଫଳରେ ସେଠି ବିଭିନ୍ନ ପ୍ରକାର ରାସାୟନିକ ପଦାର୍ଥ ମିଶିବାଫଳରେ ଚିଲିକାର ଜଳ ପ୍ରଦୂଷିତ ହୋଇଯାଇଛି।

ଏହି ଯେଉଁ ପ୍ରଦୂଷିତ ଚିଲିକା - ଯାହା ମଣିଷକୃତ; ସେହି ମଣିଷକୃତ ପାରିବେଶିକ ସଙ୍କଟର କଥା ଇକୋକ୍ରିଟିସିଜ୍ମ କହେ ବା Green Studies କହେ ।

ପରିବେଶକୈନ୍ଦ୍ରିକ ସମାଲୋଚନାବାଦରେ ସର୍ବଦା ସାହିତ୍ୟ ଏବଂ ପରିବେଶ ମଧ୍ୟରେ ଅନ୍ତଃସମ୍ପୃକ୍ତି ରକ୍ଷା କରିବା କଥା କୁହାଯିବା ସହିତ ସାହିତ୍ୟ ମାଧ୍ୟମରେ ପ୍ରକୃତିକୁ କିପରି ନିରାପତ୍ତା ପ୍ରଦାନ କରିହେବ; ତା'ର ପ୍ରେରଣା ସାହିତ୍ୟର ପାଠକମାନଙ୍କ ମଧ୍ୟରେ କିପରି ସଞ୍ଚରିତ କରିହେବ ଏବଂ ସାହିତ୍ୟକୁ ପ୍ରାକୃତିକ ନିରାପତ୍ତାର ଏକ ପ୍ରତିରକ୍ଷାକାରୀ ଅସ୍ତ୍ର ଭାବରେ କିଭଳି ଗ୍ରହଣ କରାଯାଇପାରିବ, ସେ ସମ୍ପର୍କରେ ଧ୍ୟାନ ଦିଆଯାଇଥାଏ। ଜୈବ ଦୁର୍ଭାଗ୍ୟ ବା ଦୁର୍ଯୋଗ ବା ଯାହାକୁ ଇଂରାଜୀରେ "Bio-Disaster" ବୋଲି କୁହାଯାଏ, ଏହି ଜୈବ ବିପତ୍ତିକୁ ଦୂର କରିବା ପାଇଁ Eco-Criticismରେ ବିଭିନ୍ନ ପ୍ରକାରର ଉଦ୍ୟମ କରାଯାଇଥାଏ। ଯଥା – ସାମ୍ପ୍ରତିକ ବିଶ୍ୱରେ ଯେଉଁ ବିଶ୍ୱତାପନ ବୃଦ୍ଧି ପାଉଛି; ଯେଉଁଭଳି ଭାବରେ ଜଙ୍ଗଲ ନଷ୍ଟ ହୋଇଯାଇଛି; ଜଳମଣ୍ଡଳ ପ୍ରଦୂଷିତ ହୋଇଯାଇଛି, ଜୈବମଣ୍ଡଳରେ ଆଉ ପୂର୍ବ ଭଳି କେମିତି ଜୈବବିବିଧତା ନାହିଁ; ଅନେକ ପଶୁପକ୍ଷୀ ଆସ୍ତେ ଆସ୍ତେ ପୃଥିବୀ ପୃଷ୍ଠରୁ ଲୋପ ପାଇଗଲେଣି ଇତ୍ୟାଦି ।

ନୃକୈନ୍ଦ୍ରିକ ଆଧିପତ୍ୟ ହିଁ ଏହି ଧରଣର ଜୈବବିପତ୍ତି ସୃଷ୍ଟି କରିବାର ମୁଖ୍ୟ କାରଣ ସାଜିଛି। କଳକାରଖାନା, ଶିଳ୍ପବିପ୍ଳବ ବା ବୈଷୟିକ ଜ୍ଞାନବିଜ୍ଞାନର ଦ୍ରୁତ ଅଭିବୃଦ୍ଧି ଫଳରେ କିଭଳି ପାରିବେଶିକ ବିଧ୍ୱଂସନ ସୃଷ୍ଟି ହେଉଛି ସେ ସମ୍ପର୍କରେ ବିଚାର ବିଶ୍ଳେଷଣ କରିଥାଏ। ଏହି ସମାଲୋଚନାବାଦ ବା ଅଧ୍ୟୟନରେ ପରିବେଶଜନିତ ସଙ୍କଟକୁ କେନ୍ଦ୍ର କରି ବିଭିନ୍ନ ଯୁକ୍ତି ଉପସ୍ଥାପନ କରାଯାଏ। ପରିବେଶ ବିନା କେମିତି ଆମେ ଏକ ଆସନ୍ନ ମହାପ୍ରଳୟର ଆଁ ଭିତରକୁ ଟାଣି ହୋଇଯିବା, ସେ ସମ୍ପର୍କରେ ଚେତାବନୀ ପ୍ରଦାନ କରାଯାଇଥାଏ। ପରିବେଶର ସଂରଚନା, ତା'ର ଧ୍ୱଂସ, ସେହି ଧ୍ୱଂସକୁ ଦୂର କରିବାପାଇଁ ବିଭିନ୍ନ ପ୍ରକାରର ସବୁଜ ଆଭ୍ୟାସିକତା (ଯଥା – ଗଛ ଲଗେଇବା, ଜଙ୍ଗଲ ସୃଷ୍ଟି କରିବା, କଳକାରଖାନାରୁ ନିର୍ଗତ ବିଷାକ୍ତ ଗ୍ୟାସ୍ ଇତ୍ୟାଦିକୁ

ନିୟନ୍ତ୍ରଣ କରିବା, ଚାଷଜମିରେ କୀଟନାଶକ ଔଷଧ, ସାର ପ୍ରଭୃତି ନ ଦେଇ କମ୍ପୋଷ୍ଟ ସାର ବା ଜୈବ ସାର ଦେବା) ଇତ୍ୟାଦି ଉପରେ ଗୁରୁତ୍ୱ ଦିଆଯାଇ ସଚେତନତା ସୃଷ୍ଟି କରିବା ପାଇଁ ଚେଷ୍ଟା କରାଯାଇଥାଏ ।

୧୯୬୨ ମସିହାରେ ରାଚେଲ୍ କାର୍ସନ୍ (Rachel Carson) ନାମ୍ନୀ ଜଣେ ଲେଖିକା, ତାଙ୍କର "Silent Spring" ନାମକ ଗ୍ରନ୍ଥରେ ଉଲ୍ଲେଖ କରୁଛନ୍ତି ଯେ,ସେ କହିବା ପାଇଁ ଚାହୁଁଛନ୍ତି ଯେ "ଗୋଟିଏ ଦିନ ଥିଲା ଯେଉଁଦିନ ଆମେରିକାର ଛାତିରେ ଗୋଟିଏ ସହର ଥିଲା। ଯେଉଁଠି ଜୀବନ ସବୁ ଗୋଟିଏ ସଂଗତିପୂର୍ଣ୍ଣ ବାତାବରଣ ଭିତରେ ପରିଚାଳିତ ହେଉଥିଲେ ଏବଂ ଲାଗୁଥିଲା ସମସ୍ତେ ଗୋଟିଏ ଗ୍ରାମ୍ୟ ଆନ୍ତରିକତାଯୁକ୍ତ ସହାବସ୍ଥାନ ଭିତରେ କାଳାତିପାତ କରୁଛନ୍ତି ଏବଂ ଲାଗୁଥିଲା ଯେମିତି ସେଇ ସହରରେ ଏକ ସମୃଦ୍ଧ ଶସ୍ୟକ୍ଷେତ୍ର ରହିଛି, ସବୁଜ ପ୍ରାନ୍ତର ରହିଛି, ଶୃଗାଳମାନେ ପାହାଡ଼ ଭିତରେ ଲୁଚିରହି ଭୁକୁଛନ୍ତି, ହରିଣମାନେ ଚୁପ୍‌ଚାପ୍ ବୁଲୁଛନ୍ତି, ବିଭିନ୍ନ ପ୍ରକାରର ଫୁଲ, ଅକଳନ୍ତି ପକ୍ଷୀ ରହିଛନ୍ତି, ତା'ସହିତ ଶୀତଳ ଝରଣା ଝରୁଛି ।" (ଉଦ୍ଧୃତି Ecocriticism by Greg Garrard, Page-2)

କିନ୍ତୁ ହାୟ ! ଏସବୁ ଆଜି ଆଉ ନାହିଁ। ତେଣୁ ଏଇ ଯେଉଁ "ଏସବୁ ଆଜି ଆଉ ନାହିଁ", ଏହାର ଅର୍ଥ ହେଉଚି କାହିଁକି ନାହିଁ? କାରଣ ମଣିଷ ସର୍ବଭୁକ ପାଲଟିଯାଇ ଏସବୁକୁ ନଷ୍ଟ କରିଦେଇଛି। ତେଣୁ ଆଜିର ସେଇ ପ୍ରାକୃତିକ ସୌନ୍ଦର୍ଯ୍ୟ ଏବଂ ସଂଗତି କୁଆଡ଼େ ଉଭେଇ ଯାଇଛି। ମଣିଷର ଆସୁରିକତା ତଥା ବର୍ବରତାଯୁକ୍ତ ଲୋଭାତୁରତା ପାଇଁ ଏହିଭଳି ଘଟିଛି। ଏହା ଏକ ଉତ୍କଣ୍ଠାମସବକ୍ଷ ସମୟ। ଏହି ସମୟରେ ଯେଉଁ ସାହିତ୍ୟ ରଚନା କରାଯିବ, ସେଥିରେ ଏହି ପାରିବେଶିକ ବିଧ୍ୱଂସନର କାରଣ, ତା'ର ନିରାକରଣ ବା ତା'ର ସଂଶୋଧନ ଇତ୍ୟାଦିର ଚିତ୍ର ରିହବ। ଗଳ୍ପ, ଉପନ୍ୟାସ, ନାଟକ, ଚଳଚ୍ଚିତ୍ରଠାରୁ ଆରମ୍ଭ କରି ବିଜ୍ଞାପନ, ସମ୍ବାଦ ପ୍ରଭୃତିରେ ମଧ୍ୟ ଏହି କଥା ରହିବ। କେବଳ ସେତିକି ନୁହେଁ, ବିଦ୍ୟାଳୟ, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ, ସଭା-ସମିତି, ବିଭିନ୍ନ ପ୍ରକାରର ପାଠଚକ୍ର, ସମ୍ମିଳନୀ, କର୍ମଶାଳା ଆଦିରେ ମଧ୍ୟ ଏହି ବିଷୟରେ ସମସ୍ତଙ୍କୁ ସଚେତନ କରିବା ପାଇଁ ଉଦ୍ୟମ କରାଯିବ। ତେଣୁ ସବୁଜ ବିନ୍ୟାସ ବା ସବୁଜ ବିସ୍ତାରଣ ପାଇଁ ମଣିଷ ଭିତରେ ଗୋଟିଏ ନୈତିକ ପ୍ରତିବଦ୍ଧତା ସୃଷ୍ଟି ହେବା ଆବଶ୍ୟକ। ଏହା ଏକ ରାଜନୈତିକ ରଣକୌଶଳ ମଧ୍ୟ ହେବା ଉଚିତ୍। ଫଳରେ ପ୍ରଶାସନ ମାଧ୍ୟମରେ ମଧ୍ୟ ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇପାରିବ। ପୃଥିବୀର ଜଣେ ବିଖ୍ୟାତ ପରିବେଶକୈନ୍ଦ୍ରିକ ସମାଲୋଚକ ହେଉଛନ୍ତି ଗ୍ରେଗ୍ ଗେରାର୍ଡ (Greg Garrard)। ସେ କହୁଛନ୍ତି ଯେ, "ପ୍ରଦୂଷଣ ହେଉଛି ପାରିବେଶିକ ସମସ୍ୟା ବା ସଙ୍କଟର ମୁଖ୍ୟ କାରଣ। ତେଣୁ ଏଇ ପ୍ରଦୂଷଣ ସର୍ବଦା ପର୍ଯ୍ୟାବରଣକୁ ନଷ୍ଟବିନଷ୍ଟ କରିଦିଏ। ଏହା ଏକ ବିଭ୍ରାନ୍ତିକର ଅବସ୍ଥା। ଏହି ବିଭ୍ରାନ୍ତିକର ପ୍ରକ୍ରିୟାକୁ ମଣିଷ ହିଁ ସୃଷ୍ଟି କରିଛି ।" (ପୃ-୬)

ଠିକ୍ ଏହିଭଳି ଏକ ଚେତାବନୀ ମୂଳକ ଘୋଷଣାନାମା ରହିଛି କବି ବିରଜା ବଳଙ୍କ 'ବିରଳ ପ୍ରଜାତି' କାବ୍ୟ ଗ୍ରନ୍ଥରେ। ସେ ଭୂମିକାରେ କହୁଛନ୍ତି, "ଏ ବିରଳ ପ୍ରଜାତି କେବଳ ମଣିଷ। ମଣିଷ ବିକାଶର ଆଳରେ ପ୍ରାକୃତିକତାକୁ ନଷ୍ଟ କରୁଥିବା ମଣିଷ। ସ୍ୱାଧୀନତା ନାମରେ ମଣିଷର ପରିଭାଷାକୁ ସଙ୍କୁଚିତ କରି ରଖଉଥିବା ମଣିଷ। ଜ୍ଞାନବିଜ୍ଞାନକୁ ଭୁଲ ବାଟରେ ପରିଚାଳିତ କରୁଥିବା ମଣିଷ। ନିଜେ ବଞ୍ଚୁଥିବା ଜଗତ ଆଡ଼କୁ ମହାବିପତ୍ତିକୁ ଓଟାରି ଆଣୁଥିବା ମଣିଷ। ବିକାଶ ଆଳରେ ଉଦ୍ଭିଦ, ଖଣିଜ, ବଣଜାତ, ପଦାର୍ଥକୁ ନଷ୍ଟ କରୁଥିବା ମଣିଷ। ମଣିଷର ଉଦାରୀ ଓ ବଜାରୀ ଜୀବନଚର୍ଯ୍ୟା ସାମାଜିକ ଓ ଆର୍ଥନୀତିକ ସ୍ତରରେ ଯେତିକି ପରିବର୍ତ୍ତନ ଆଣିଛି, ସାଂସ୍କୃତିକ କ୍ଷେତ୍ରରେ ଆଣିଛି ସେତିକି କ୍ଷୟ। ଆଜି ପ୍ରକୃତି ଯେତିକି ସଙ୍କଟାପନ୍ନ, ଜନଜୀବନ ସହିତ କବିତା ବି ସେତିକି ସଙ୍କଟାପନ୍ନ। ପ୍ରକୃତି ଓ କବିତା ପାଇଁ ଏହା ଏକ ସଙ୍କଟ କାଳ ।" ତେଣୁ ଏଠି ମଧ୍ୟ ସେହି ଚେତାବନୀ ରହିଛି।

ଏଠି କୁହାଯାଉଛି, "Human actions are damaging the planets basic life support systems." ପୁଣି ଏକଥା ମଧ୍ୟ କୁହାଯାଉଛି ଯେ, "Human as the oppression and the environment as the oppressed." – ଅର୍ଥାତ୍ ମଣିଷମାନେ ହେଉଛନ୍ତି ଅତ୍ୟାଚାରୀ ଏବଂ ଅତ୍ୟାଚାରିତ ବା ନିପୀଡ଼ିତ ହେଉଛି ପ୍ରକୃତି। ଅର୍ଥାତ୍ ପ୍ରକୃତିକୁ କିଭଳି ମଣିଷ ପୀଡ଼ା ଦେଉଛି ଏବଂ ଏହି ପୀଡ଼ା ଦେଉଥିବା ମଣିଷ ହିଁ ଏଥିପାଇଁ ମୁଖ୍ୟ କାରକ ସାଜିଛି, ସେ କଥା କୁହାଯାଉଛି ।

ତେଣୁ ୧୯୮୦ରେ ଆମେରିକାରେ ଏବଂ ୧୯୯୦ରେ ଇଂଲଣ୍ଡରେ ଯେଉଁ ପରିବେଶକୈନ୍ଦ୍ରିକ ସମାଲୋଚନାବାଦୀ ଆନ୍ଦୋଳନ ଆରମ୍ଭ ହୋଇଥିଲା, ତାହା ଆସ୍ତେ ଆସ୍ତେ ସମଗ୍ର ବିଶ୍ୱର ବୁଦ୍ଧିଜୀବୀ ତଥା ଜନସାଧାରଣଙ୍କୁ ପ୍ରଭାବିତ କରିସାରିଲାଣି। ସାହିତ୍ୟ ଏବଂ ଭୌତିକ ପରିବେଶ ମଧ୍ୟରେ ସଂପୃକ୍ତିମୂଳକ ଅଧ୍ୟୟନକୁ ବିଶ୍ୱାୟିତ କରାଇବା ପାଇଁ ୧୯୮୦ରେ Cheryll Burgess Glotfelty ପ୍ରଫେସର Harold Fromm ସହିତ ମିଶି ପ୍ରୟାସ କରିଥିଲେ। ୧୯୯୬ ମସିହାରେ ସେମାନଙ୍କ ଯୁଗ ସଂପାଦନାରେ 'The Ecocriticism Reader : Landmarks in Literary Ecology' ଗ୍ରନ୍ଥ ପ୍ରକାଶ ପାଇଲା। ଏହି ଗ୍ରନ୍ଥରେ ଏକ ଦୀର୍ଘ ମୁଖବନ୍ଧରେ ecocriticism ଶବ୍ଦଟି ସମ୍ଭବତଃ ୧୯୭୮ ମସିହାରେ William Rueckert ସର୍ବପ୍ରଥମେ ବ୍ୟବହାର କରିଥିଲେ ବୋଲି କୁହାଯାଇଛି। Rueckertue 'Literature and Eeology : An Experiment in Literay Eeology' ପ୍ରବନ୍ଧଟି ମଧ୍ୟ ଏହି ଗ୍ରନ୍ଥରେ ସ୍ଥାନିତ ହୋଇଛି। ୱିଲିୟମ୍ ରୁଏକାର୍ଟ ତାଙ୍କ ପ୍ରବନ୍ଧରେ କହୁଛନ୍ତି ଯେ, "ବର୍ତ୍ତମାନ ଯେଉଁ ପାରିବେଶିକ ସମସ୍ୟା ବା ସଙ୍କଟ ଦେଖାଦେଇଛି, ଏଥିରେ ମାନବ ସଭ୍ୟତା ହିଁ ପ୍ରାକୃତିକ ସମ୍ପଦକୁ ଧ୍ୱଂସ କରୁଛି ଏବଂ ସେ ବୁଝିପାରୁନି ଯେ ମାନବ ସମ୍ପ୍ରଦାୟ ମଧ୍ୟ ଏହାଦ୍ୱାରା ଧ୍ୱଂସର ଆଁ ଭିତରକୁ ଟାଣି ହୋଇଯାଉଛି। ତେଣୁ

ଏହା ଏକ ପ୍ରକାରର ଆତ୍ମବିଧ୍ୱଂସନମୂଳକ ବା ଆତ୍ମଘାତୀମୂଳକ ପ୍ରକ୍ରିୟା। ପ୍ରକୃତି ପ୍ରତି ମଣିଷର ଏଇ ଯେଉଁ ବିରୋଧାଭାସ, ଏହା ଆଦୌ ଯୁକ୍ତିସଙ୍ଗତ ନୁହେଁ" ।(ପୃ-୧୦୫)

ଏବେ ନମୁନା ଭାବରେ Ecocritismକୁ ଆଧାରକରି କୃପାସାଗର ସାହୁଙ୍କ ଶେଷ ଶରତକୁ ଆଲୋଚନା କରାଯାଉ। ବିଶେଷକରି କୃପାସାଗର ସାହୁଙ୍କର 'ଶେଷ ଶରତ' ଉପନ୍ୟାସ ସେଇ ଧରଣର ଏକ ସାହିତ୍ୟ କୃତି। ଏହି ଉପନ୍ୟାସଟି ୨୦୦୯ରେ ଓଡ଼ିଶା ସାହିତ୍ୟ ଏକାଡେ଼ମୀ ପୁରସ୍କାର ପାଇଛି। ଏଇ ଉପନ୍ୟାସଟିର ପୃଷ୍ଠଭୂମି ଏହିପରି – "ପୁରୀର ଜଣେ କବିବନ୍ଧୁଙ୍କ ଘରେ ମଧ୍ୟାହ୍ନ ଭୋଜନରେ ମାଂସ ସେବନ କରି ପରିତୃପ୍ତ ହେଲାପରେ ସେ ସୂଚନା ଦେଲେ ଏହା ଚିଲିକାର ଏକ ପର୍ଯ୍ୟଟକ ପକ୍ଷୀର ମାଂସ ।"(ଚିଲିକା : ଏକ ପ୍ରେମକାହାଣୀ ପୃ:୫)। ଏହି ମାଂସ ଭକ୍ଷଣର ପ୍ରତିକ୍ରିୟା ତଥା ପ୍ରାୟଶ୍ଚିତ୍ତ ସ୍ୱରୂପ କୃପାସାଗର ସାହୁ ପ୍ରଥମେ ଦୀର୍ଘଗଳ୍ପ ଆକାରରେ କୃତିଟିକୁ ଲେଖିଥିଲେ ଏବଂ ତା'ପରେ ଏହା ଉପନ୍ୟାସର ରୂପ ନେଇଛି ଏବଂ ୨୦୦୬ରେ ପ୍ରକାଶ ପାଇଛି। ଏହି ମାନବୀୟ ଚରିତ୍ର, ଅଣ-ମାନବୀୟ ଚରିତ୍ର ରହିଛନ୍ତି। ମାନବୀୟ ଚରିତ୍ର ଭାବରେ ହ୍ୟାରି କ୍ରିଷ୍ଟେନ୍, ତାଙ୍କ ସ୍ତ୍ରୀ, ତାଙ୍କର ଦୁଇଟି ପିଲା, ତାଙ୍କର ଗବେଷକ ଛାତ୍ର, ତା' ସହିତ ଚିଲିକା ଅଞ୍ଚଳରେ ଥିବା କେତେକ ବାସିନ୍ଦା। ଅପର ପକ୍ଷରେ ଅଣମାନବୀୟ ଚରିତ୍ର ଭାବରେ ଚିଲିକାର ଜଳମଣ୍ଡଳ ଏବଂ କାନାଡ଼ାର ଓଣ୍ଟାରିଓ ହ୍ରଦ ଆଦିର ଜଳମଣ୍ଡଳକୁ ନିଆଯାଇପାରେ। ଏହା ସହିତ ସାରସ-ସାରସୀ, ମାଲାଡ଼ ଡକ୍, ସି-ଗଲ, ହଂସ-ହଂସରାଳୀ, କିଙ୍ଗଫିସର୍, ମାଛରଙ୍କା, ମାଟିଆଚିଲ, ଶଙ୍ଖାଖାଇ, ଡାହୁକ, କଜଳପାତି, ବତକ ପ୍ରଭୃତିଙ୍କୁ ଚିତ୍ରଣ କରାଯାଇଛି। ତେବେ ଏଠାରେ ହ୍ୟାରି କ୍ରିଷ୍ଟେନ୍ ଜଣେ ବିହଙ୍ଗ ବିଦ୍ୟାବିଶାରଦ। ସେ ପକ୍ଷୀମାନଙ୍କ ଉପରେ ଗବେଷଣା କରନ୍ତି। ପକ୍ଷୀମାନଙ୍କର ବିଭିନ୍ନ ପ୍ରକାରର ଗୁଣଧର୍ମ ତଥା ବିଶେଷତ୍ୱଙ୍କୁ ନେଇ ତାଙ୍କର ବିଭିନ୍ନ ପୁସ୍ତକ ରହିଛି। ତା' ସହିତ ସେ ଦେଶବିଦେଶରେ ଏଇ ପକ୍ଷୀମାନଙ୍କର ପ୍ରସଙ୍ଗକୁ ବିଭିନ୍ନ ପାଠଚକ୍ର, ସମ୍ମିଳନୀ, କର୍ମଶାଳା ମାଧ୍ୟମରେ ଉପସ୍ଥାପନ କରନ୍ତି। ବିଶେଷକରି ବିଭିନ୍ନ ପ୍ରକାରର ପକ୍ଷୀମାନେ କେମିତି ଗୋଟିଏ ଦେଶରୁ ଆଉ ଗୋଟିଏ ଦେଶକୁ ଦେଶାନ୍ତରୀ ହୁଅନ୍ତି, ଗୋଟିଏ ଜଳମଣ୍ଡଳରୁ ଆଉ ଗୋଟିଏ ଜଳମଣ୍ଡଳକୁ ଯାଆନ୍ତି ଏବଂ ସାମ୍ପ୍ରତିକ ପରିପ୍ରେକ୍ଷୀରେ ଏହି ପକ୍ଷୀମାନଙ୍କ ବିଚରଣ ବ୍ୟବସ୍ଥାରେ କିଭଳି ମଣିଷକୃତ ସଂକଟ ଦେଖାଦେଇଛି। ଆଦି ସଂପର୍କରେ ତାଙ୍କର ଗବେଷଣା।

ହ୍ୟାରି କ୍ରିଷ୍ଟେନ୍ ଚିଲିକାରେ ଆସି ଡାକବଙ୍ଗଳାରେ ରହି ଭୁଷଣ୍ଡପୁର, କାଲୁପଡ଼ା ଘାଟ ପ୍ରଭୃତିରେ କିଭଳି ପକ୍ଷୀମାନଙ୍କୁ ଚିଲିକାରୁ ଧରି ବିକ୍ରି କରାଯାଏ, ସେସବୁ ଶୁଣିଛନ୍ତି। ଏମିତିକି ବାଲୁଗାଁ ଠାରୁ ରମ୍ଭା ଯାଏଁ ସବୁଆଡ଼େ ବାଉଁଶର ଖୁଣ୍ଟି ପୋତାଯାଇଛି ଏବଂ ତାରଜାଲିରେ ବାଡ଼ ସୃଷ୍ଟି କରାଯାଇ ପକ୍ଷୀମାନଙ୍କୁ ରୀତିମତ ଶିକାର କରାଯାଉଛି। ତେଣୁ ସେ ଦେଖିଛନ୍ତି, ଚିଲିକା ହ୍ରଦର ଯେଉଁ ସୌନ୍ଦର୍ଯ୍ୟ ଓ ବିଶାଳତା ତାହା ଆସ୍ତେ ଆସ୍ତେ କ୍ଷୟ ହୋଇଯାଉଛି। ଧୀରେ ଧୀରେ ଚିଲିକାର ଜଳପତ୍ତନ ଆଶଙ୍କାତୀତ ଭାବେ ହ୍ରାସ ପାଉଛି। ଦୟା, ଭାର୍ଗବୀ ଆଦି ନଦୀର ଅବବାହିକାରେ ଜଙ୍ଗଲ ଧ୍ୱଂସ କରାଯାଉଥିବା ଯୋଗୁଁ ମୃତ୍ତିକା କ୍ଷୟ ହୋଇ ଚିଲିକା ପୋତି ହୋଇପଡୁଛି। ସମୁଦ୍ର ସହ ସଙ୍ଗମ ସ୍ଥଳ ଅରଖ କୁଦାରେ ମୁହାଣର ଆକାର ହ୍ରାସ ଘଟିଥିବା ଯୋଗୁଁ ଯଥେଷ୍ଟ ଜଳ ପ୍ରବେଶ କରିପାରୁନାହିଁ। ତେଣୁ କାନାଡ଼ାରୁ ଆସି ଏହି ବିହଙ୍ଗ ବିଶାରଦ ଜଣକ ଚିଲିକାର ପରିବେଶ ସୁରକ୍ଷା ପାଇଁ ଅଣ୍ଟା ଭିଡ଼ିଛନ୍ତି। ମୁଖ୍ୟମନ୍ତ୍ରୀ ଏବଂ ବନବିଭାଗ ମନ୍ତ୍ରୀଙ୍କୁ ସାକ୍ଷାତ କରିବାପାଇଁ ସେ ସ୍ଥିର କରିଛନ୍ତି। ବମ୍ବେର Natural History Societyକୁ ଯାଇ ସେଠିକାର କର୍ମକର୍ତ୍ତାଙ୍କ ପରାମର୍ଶ ନେଇଛନ୍ତି। ଚିଲିକାର ବିଶାଳକାୟ ଦୀର୍ଘିକାର ପାଣି କାହିଁକି ପ୍ରଦୂଷିତ ହୋଇଯାଇଛି, ସେ ସମ୍ପର୍କରେ ସେ ଗବେଷଣା ଚଳାଇଛନ୍ତି। ଗାଇଡ୍ ସହାୟତାରେ ଚିଲିକାର ବିଭିନ୍ନ ସ୍ଥାନ ଭ୍ରମଣ କରିଛନ୍ତି। ଚିଲିକାର ଇତିହାସ ସଂଗ୍ରହ କରିଛନ୍ତି। ୧୯୭୧ର ରାମସର କନ୍‌ଭେନ୍‌ସନ୍‌ର ସ୍ୱାକ୍ଷର କର୍ତ୍ତା ହିସାବରେ ଚିଲିକା ଜଳାଞ୍ଚଳର ସୁରକ୍ଷା ଭାରତବର୍ଷର ନାଗରିକମାନଙ୍କର ଦାୟିତ୍ୱ ଥିଲା। ୧୯୮୭ ମସିହାରେ ଚିଲିକାକୁ ଏକ ଅଭୟାରଣ୍ୟ ଭାବରେ ଘୋଷଣା କରାଯାଇଥିଲା। କିନ୍ତୁ, ଏସବୁ ସତ୍ତ୍ୱେ ହ୍ୟାରି କ୍ରିଷ୍ଟେନ୍ ଦେଖିଛନ୍ତି ଯେ ଚିଲିକା ପରିବେଶର ସୁରକ୍ଷା ପାଇଁ କୌଣସି ଆଖିଦୃଶିଆ କାମ କରାଯାଇନାହିଁ। ଚାରିଆଡ଼େ ବୁଢ଼ୀଆଣି ଜାଲପରି ମାଛମରା ଜାଲସବୁ ଘେରା ଯାଇଛି। ଅନେକ ସ୍ଥାନରେ ଚିଙ୍ଗୁଡ଼ି ଚାଷ ପାଇଁ ଘେରିବନ୍ଧ କରାଯାଇଛି ।

କ୍ରିଷ୍ଟେନ୍ Bombay Natural History Society ଗବେଷକମାନଙ୍କ ସହିତ ମିଶି ଚିଲିକାରେ ପକ୍ଷୀଗଣନା କରିଛନ୍ତି। ଚିଲିକାରେ ପକ୍ଷୀଗଣନାର ପରିସଂଖ୍ୟାନ ଅନୁସାରେ ଯେଉଁଦିନ ପକ୍ଷୀଗଣନା କରାଯାଇଥିଲା – ସେଦିନ ତିନି ଲକ୍ଷ ବିଦେଶୀ ପକ୍ଷୀ ଥିଲେ, ଏକ ଲକ୍ଷ କୋଡ଼ିଏ ହଜାର ଭାରତୀୟ ପକ୍ଷୀ ଏବଂ ଏକ ଲକ୍ଷ ଦଶହଜାର ସ୍ଥାନୀୟ ପକ୍ଷୀ ଥିଲେ। କ୍ରିଷ୍ଟେନ୍ ଆଶ୍ଚର୍ଯ୍ୟ ହୋଇଛନ୍ତି ଯେ ଏତେ କମ୍ ପକ୍ଷୀ ଚିଲିକାକୁ ଆସୁଛନ୍ତି କାହିଁକି? ପୂର୍ବରୁ ତିରିଶ ଲକ୍ଷ ପକ୍ଷୀ ଚିଲିକାକୁ ଆସୁଥିଲେ। ସେମାନେ ଗଲେ କୁଆଡ଼େ? ସେ ଦେଖିଛନ୍ତି ଯେ ଚିଲିକାର ସର୍ବାଙ୍ଗୀନ ଉନ୍ନତି ପାଇଁ କାଗଜପତ୍ରରେ ବହୁତ କିଛି କରାଯାଇଛି; କିନ୍ତୁ ପ୍ରକୃତରେ ସତସତିକା ଉଦ୍ୟମ କିଛି କରାଯାଇନାହିଁ। ଏଠି ବାଗ୍‌ଦା ଚିଙ୍ଗୁଡ଼ି ପାଇଁ ଯେଉଁମାନେ ଲିଜ୍ ନେଇଛନ୍ତି ସେମାନେ ସରକାରଙ୍କଠାରୁ ଅନୁମତି ମଧ୍ୟ ପାଇଛନ୍ତି। ଚିଙ୍ଗୁଡ଼ି ଚାଷର ମୁନାଫାକୁ ଆଖିଆଗରେ ରଖି ଚିଲିକାରେ ଚିଙ୍ଗୁଡ଼ି ମାଫିଆ ସବୁ ପଶୁଛନ୍ତି। ବେପାରୀମାନେ କଟକରୁ, କଲିକତାରୁ, ବିଶାଖାପାଟଣା ବନ୍ଦରରୁ ଆସି ଶହ ଶହ ଯନ୍ତ୍ରଚାଳିତ ନୌକା ଦ୍ୱାରା ପଇଁତରା ମାରି ଚିଙ୍ଗୁଡ଼ି ଚାଷ କରୁଛନ୍ତି ।

ହ୍ୟାରି କ୍ରିଷ୍ଟେନ୍‌ଙ୍କର ପର୍ଯ୍ୟବେକ୍ଷଣ ଆହୁରି ଗଭୀର ହୋଇଛି। ସେ ଥରେ ଦେଖିଛନ୍ତି ଯେ ଗୋଟିଏ ହୋଟେଲରେ ଏକ ନର୍ଦ୍ଦମାଥିବା ଜାଗାରେ କୁକୁଡ଼ା ପର ସହିତ କିଛି ନୀଳ ସବୁଜ ପର ପଡ଼ିଛି। ସେ ଏହି ନୀଳ ସବୁଜ ପରଗୁଡ଼ିକ କେଉଁ

ପକ୍ଷୀର ହୋଇପାରେ ସେଥିପାଇଁ ଜାଣିବାକୁ ଚେଷ୍ଟା କରିଛନ୍ତି ଏବଂ ଦେଖିଛନ୍ତି ଯେ ସେହି ହୋଟେଲରେ ଗେଣ୍ଡି ବତକମାନଙ୍କୁ ବନ୍ଧା ହୋଇ ରଖାଯାଇଛି। ଫାଶ ପକେଇ ସେମାନଙ୍କୁ ସକାଳୁ ଧରାଯାଇ ଗରାଖମାନଙ୍କୁ ରାନ୍ଧିକି ଦିଆଯାଉଛି। ଏମିତିକି ଏଇ ପକ୍ଷୀଶିକାରକୁ ବିରୋଧ କରିବାକୁ ଯାଇ କ୍ରିଷ୍ଟେନ୍ ମାର୍‌ପିଟ୍‌ର ଶିକାର ହୋଇଛନ୍ତି। ହୋଟେଲର ମାଲିକମାନେ ଗୁଣ୍ଡା ଲଗେଇ ତାଙ୍କୁ ଦମନ କରିବା ପାଇଁ ଚେଷ୍ଟା କରିଛନ୍ତି; କିନ୍ତୁ ସେ ପଛଘୁଞ୍ଚା ଦେଇନାହାନ୍ତି। କ୍ରିଷ୍ଟେନ ଭାବିଛନ୍ତି ଯେ ଏଥିପାଇଁ ଜନତାଙ୍କ ଭିତରେ ସଚେତନତା ସୃଷ୍ଟି କରାଯିବ ଉଚିତ। ସେମାନେ ସଂରକ୍ଷିତ ପକ୍ଷୀମାନଙ୍କର ମାଂସଭକ୍ଷଣ ବନ୍ଦ କଲେ ଏ ଅବୈଧ ବ୍ୟାପାର ବନ୍ଦ ହେବ। ସେଥିପାଇଁ ସେ ବିଭିନ୍ନ ସମ୍ବାଦପତ୍ର ଓ ପତ୍ରପତ୍ରିକାକୁ ନିଜର ସୁଚିନ୍ତିତ ମତାମତ ପଠାଇଛନ୍ତି।

ପରିବେଶକୈନ୍ଦ୍ରିକ ସମାଲୋଚନାବାଦୀମାନେ ଯେଉଁ କଥା କହନ୍ତି, ଏହି ଉପନ୍ୟାସରେ ସେହି ପ୍ରସଙ୍ଗକୁ କୃପାସାଗର ସାହୁ ସିଧାସଳଖ ବର୍ଣ୍ଣନା କରୁଛନ୍ତି। ତେଣୁ ଏଠି ଆମେ ଦେଖୁଛୁ ଯେ ଚିଲିକାରେ ପକ୍ଷୀ ଶିକାର ବନ୍ଦ କରିବାପାଇଁ କ୍ରିଷ୍ଟେନ୍ ଭଳି ଗବେଷକମାନେ ସଚେତନତା ସୃଷ୍ଟି କରୁଛନ୍ତି। ସମ୍ବାଦପତ୍ର ପତ୍ରିକାକୁ ଲେଖାମାନ ପଠାଉଛନ୍ତି। ଏହା ହେଉଛି ଏକ ପରିବେଶକୈନ୍ଦ୍ରିକ ସମାଲୋଚନାବାଦୀ ପ୍ରକ୍ରିୟା ।

ଉପନ୍ୟାସର ଶେଷ ଭାଗରେ ସାଇବେରିଆରୁ ଆସିଥିବା ସାରସ-ସାରସୀ ପ୍ରସଙ୍ଗ ରହିଛି। ସାରସ-ସାରସୀ ସାଇବେରିଆରୁ ଉଡ଼ି ଉଡ଼ି ଆସି ଚିଲିକାରେ ପହଞ୍ଚିଛନ୍ତି। କିଛିଦିନ ପରେ ହଠାତ୍ ସାରସ ଦେଖିଛି ସାରସୀ କୁଆଡ଼େ ଅନ୍ତର୍ହିତ ହୋଇଯାଇଛି। ଦୁଃଖର କଥା ହେଉଛି କାଳିଜାଇ ପାହାଡ଼ରେ ଯେଉଁ ପିକ୍‌ନିକ୍ ପାର୍ବଣ ଚାଲିଥିଲା, ସେଇଠି ସାରସୀକୁ ଶିକାର କରି ତା'ର ମାଂସ ଗରାଖମାନଙ୍କୁ ପରିବେଷଣ କରାଯାଉଥିଲା। ତେଣୁ ସାରସୀ ମାଂସ ଭକ୍ଷଣ କରୁଥିବା ଲୋକଟି କହିଛି, "ଦେଖ, କେତେ ଚମତ୍କାର ଗୋଡ଼। ଗୋଟେ ମଡ଼େଲର ଗୋଡ଼ ପରି ଲମ୍ବା, ପୁଣି ଏକ ଷୋଡ଼ଶୀ ଜଙ୍ଘ ପରି ମୁଲାୟମ ।" ସେହି ସାରସୀର ଗୋଡ଼ରୁ ମାଂସତକ ଚାଟି ସଫାକରି ଖାଇଛନ୍ତି ସେଠିକାର ପର୍ଯ୍ୟଟକମାନେ ଏବଂ ତାଙ୍କ ଭିତରୁ ଜଣେ କହିଛି, "ଏଇ କଅଁଳିଆ ମାଂସ ପାଇଁ ତୋ ପାଖକୁ ବାରମ୍ବାର ଆସିବୁ ଚିଲିକା ସୁନ୍ଦରୀ।"

ସାରସ ସାରସୀକୁ ଖୋଜିଛି; ପାଇନାହିଁ। କ୍ରିଷ୍ଟେନ୍ ଦେଖିଛନ୍ତି ସାରସ ମ୍ରିୟମାଣ ହୋଇ ପଡ଼ିରହିଛି। ତା'ର ଦେହ ଧୀରେ ଧୀରେ ଶିଥିଳ ହୋଇଆସୁଛି। କ୍ରିଷ୍ଟେନ୍ ମଧ୍ୟ ପିକ୍‌ନିକ୍ ସ୍ଥାନର ଚତୁର୍ପାଶ୍ୱର ଖୋଜି ବୁଲିଛନ୍ତି। ତାଙ୍କର ଆଶଙ୍କା ସତ୍ୟରେ ପରିଣତ ହୋଇଛି, ଯେତେବେଳେ ସେ ସାରସୀର ଲମ୍ବା ଗୋଡ଼ର ହାଡ଼ ଦୁଇଟିକୁ ଆବିଷ୍କାର କରିଛନ୍ତି ଗୋଟିଏ ବୁଦା ମୂଳରେ। ସେତେବେଳେ ସେ ଜାଣିଛନ୍ତି ସାରସ ଏଭଳି କାହିଁକି ମ୍ରିୟମାଣ।

ଚିଲିକାକୁ ଏକ ଆଦର୍ଶ ପକ୍ଷୀ ବିହରଣ ସ୍ଥଳ କରିବାର ସ୍ୱପ୍ନ ଦେଖୁଥିଲେ କ୍ରିଷ୍ଟେନ୍। "ଚିଲିକାର ପର୍ଯ୍ୟଟକ : ସାରସ" ଶୀର୍ଷକ ତାଙ୍କର ଥେସିସ୍‌ର ପାଣ୍ଡୁଲିପି ପ୍ରାୟ ସରି ସରି ଆସୁଥିଲା। ସବୁ ସତ୍ତ୍ୱେ ସାରସ ଆଉ ସାରସୀଙ୍କର ଯେଉଁ ବିଚ୍ଛେଦ, ତାକୁ ସହ୍ୟ କରିପାରୁନଥିଲେ ହ୍ୟାରି କ୍ରିଷ୍ଟେନ୍। ସେ କହି ଉଠିଥିଲେ, "ହେ ଏ ରାଜ୍ୟର ନିଷାଦଗଣ ! ତମେ ହତଭାଗ୍ୟ। ତୁମ ଜାତି ହତଲକ୍ଷ୍ମୀ। ତମର ପୈଶାଚିକ କର୍ମ ଯୋଗୁଁ ବଙ୍ଗୋପସାଗର ଗର୍ଭରୁ ଦିନେ ମାଡ଼ିଆସିବ ମହାବାତ୍ୟା। ହଜିଯିବ ନୀଳହ୍ରଦ ତା'ର ସର୍ବଗ୍ରାସୀ ନୀଳିମା ମଧ୍ୟରେ। ପାଶ୍ୱର୍ବର୍ତ୍ତୀ ନଦୀ ସବୁ ପ୍ରବଳା ହେବେ। ପର୍ବତ ପ୍ରମାଣ ସବୁ ମାଟିରେ ନିଶ୍ଚିହ୍ନ ହୋଇଯିବ ଏ ବିଶାଳ ଦୀର୍ଘିକା। ଆକାଶରୁ ଉଲ୍‌କା ଖସି ଧ୍ୱଂସ କରିଦେବ ନଳବନକୁ ଏକ ଦୁର୍ବାର ଦାବାଗ୍ନିରେ। ଏ ହତଭାଗ୍ୟ ଜାତିର ଏସବୁ ପାଇବାର ଅଧିକାର ନାହିଁ। ଏହାର କପାଳରେ ଲେଖା ନାହିଁ ନୀଳାମ୍ବୁ ଚିଲିକା, ଲେଖା ନାହିଁ ଚିଲିକାର ପର୍ଯ୍ୟଟକ ପକ୍ଷୀ।"(ଶେଷ ଶରତ-୧୧୭) ତେଣୁ ଏହିଭଳି ଏକ ଆବେଗଶୀଳ ଅବସ୍ଥାରେ ହ୍ୟାରି କ୍ରିଷ୍ଟେନ୍ ମଧ୍ୟ ମ୍ରିୟମାଣ ହୋଇପଡ଼ିଛନ୍ତି। ଚିଲିକାରେ ପକ୍ଷୀମାନଙ୍କ ଉପରେ ଗବେଷଣା କରୁ କରୁ ସେ ତାଙ୍କ ପତ୍ନୀ ସାରାକୁ ବି ହରେଇଛନ୍ତି। ହ୍ୟାରି କ୍ରିଷ୍ଟେନ୍ ଗବେଷଣା ପାଇଁ କାର୍ଯ୍ୟବ୍ୟସ୍ତ ଥିବା ସମୟରେ ତାଙ୍କର ପତ୍ନୀ ହ୍ୟାରି କ୍ରିଷ୍ଟେନ୍‌ଙ୍କର ଛାତ୍ର ଗବେଷକ ରୋବୋର୍ଟ କୋଜିଏଲକୁ ବିବାହ କରିଛି। ତେଣୁ ଗୋଟିଏ ଦିଗରେ ପାରିବାରିକ ଦୁର୍ଗତି ଏବଂ ଆଉ ଗୋଟିଏ ଦିଗରେ ସାରସ ସାରସୀଙ୍କ ମୃତ୍ୟୁ ହ୍ୟାରି କ୍ରିଷ୍ଟେନ୍‌ଙ୍କୁ ଅଧିକରୁ ଅଧିକ ଭାବପ୍ରବଣ କରିଛି। ସେ ମର୍ମନ୍ତୁଦ ଯନ୍ତ୍ରଣାରେ ଛଟପଟ ହୋଇଛନ୍ତି। ଉପନ୍ୟାସର ଶେଷରେ କୁହାଯାଇଛି, "କିନ୍ତୁ ଆଉ ଆସିବନି ଶରତ, ଆଉ ହସିବନି ନୀଳାମ୍ବୁ ଚିଲିକା, ଆଉ ତା'ର ଆକାଶରେ ଉଡ଼ିବେନି ବକାଳିକା ମାଳିକା। (ପୃ-୧୧୭)

ଅତଏବ ପରିବେଶକୈନ୍ଦ୍ରିକ ସମାଲୋଚନାବାଦ ବା ସବୁଜ ଅଧ୍ୟୟନ ସବୁବେଳେ ଏହିଭଳି ପ୍ରସଙ୍ଗକୁ ଅବତାରଣା କରେ। ଏଥିରେ ଭୌତିକ ପରିବେଶ ଏବଂ ସାହିତ୍ୟ ମଧ୍ୟରେ ଗୋଟିଏ ସମନ୍ୱୟ ପ୍ରତିଷ୍ଠା କରାଯାଏ। ଏଠି ଚେତାବନୀ ପ୍ରଦାନ କରାଯାଏ ପ୍ରକୃତିକୁ ଧ୍ୱଂସ କରୁଥିବା ମଣିଷକୁ ସଚେତନ କରିବା ପାଇଁ ଚେଷ୍ଟା କରାଯାଏ। ସେଥିପାଇଁ ବିଭିନ୍ନ ପ୍ରକାରର ପ୍ରାୟୋଗିକ ଉଦ୍ୟମ ମଧ୍ୟ କରାଯାଏ। କେବଳ କାଗଜ କଲମରେ ନୁହେଁ, ଜନସଚେତନତା ସୃଷ୍ଟି କରିବା ପାଇଁ ଲୋକମାନଙ୍କ ଭିତରେ ପାରିବେଶିକ ସମ୍ପ୍ରୀତି ତଥା ଶ୍ରଦ୍ଧାଶୀଳତା ସଂପ୍ରସାରଣ କରିବା ପାଇଁ ବିଭିନ୍ନ ପ୍ରକାରର ସଭାସମିତି କରାଯାଏ। ଚଳଚ୍ଚିତ୍ରଠାରୁ ଆରମ୍ଭ କରି ବିଜ୍ଞାପନ, ଦୂରଦର୍ଶନ, ସାହିତ୍ୟ କୃତି ପ୍ରଭୃତିରେ ମଧ୍ୟ ପାରିବେଶିକ ସଚେତନତା ସୃଷ୍ଟି କରିବା ପାଇଁ ଉଦ୍ୟମ କରାଯାଏ। ଯାହା କୃପାସାଗର ସାହୁଙ୍କ 'ଶେଷ ଶରତ'ରେ ଆମେ ଲକ୍ଷ୍ୟ କରୁ। ହୁଏତ ସେ ହ୍ୟାରି କ୍ରିଷ୍ଟେନ୍ ନାମକ କାଳ୍ପନିକ ଚରିତ୍ରକୁ ଏଠାରେ ଆଣିଛନ୍ତି। ସାରସ-ସାରସୀକୁ ଏ ଉନ୍ୟାସରେ ଆଣି ଚିତ୍ରଣ କରିଛନ୍ତି। କିନ୍ତୁ, ଏହି ଚିତ୍ରଣ କାଳ୍ପନିକତାଯୁକ୍ତ ହେଲେ ମଧ୍ୟ ନିରାଟ ସତ୍ୟ ।

ଚିଲିକାକୁ ନେଇ ଯେଉଁ ସଙ୍କଟ ଦେଖାଦେଇଛି, ଏ ସଂକଟ କେବଳ ଓଡ଼ିଶାର ଜଳମଣ୍ଡଳର ସଂକଟ ନୁହେଁ। ପୃଥିବୀର ଯେତେ ଜଳମଣ୍ଡଳ ରହିଛି, ଯେଉଁଠି ପକ୍ଷୀଠାରୁ ଆରମ୍ଭ କରି

ସ୍ଥଳଚର ଆକାଶଚର ପକ୍ଷୀମାନେ ବିଚରଣ କରନ୍ତି, ସେସବୁ ଜଳମଣ୍ଡଳର ଅବସ୍ଥା ଠିକ୍ ଚିଲିକା ପରି। ସେଥିପାଇଁ ଏ 'ଶେଷ ଶରତ' ଉପନ୍ୟାସ କେବଳ ଓଡ଼ିଶାର ଗୋଟିଏ ପରିବେଶ ସଚେତନତା ସୃଷ୍ଟିକାରୀ ସାହିତ୍ୟ ନୁହେଁ, ଏହା ସମଗ୍ର ବିଶ୍ୱ ପାଇଁ ସଚେତନତା ବା ଚେତାବନୀ ସୃଷ୍ଟି କରୁଥିବା ଏକ ସମକାଳୀନ ପ୍ରାମାଣିକତା ସଂପାଦନକାରୀ ସାହିତ୍ୟକୃତି। କାରଣ ଏ ସମସ୍ୟା କେବଳ ଭାରତର ନୁହେଁ, ଏହା କାନାଡ଼ାର ବି। ଏହା ରୁଷିଆର ବି। ଏହା ଆମେରିକାର ବି। ଯଦି ଏହିଭଳି ସମସ୍ୟା ଅବ୍ୟାହତ ହୋଇ ରହେ, ତେବେ ମଣିଷ ମଧ୍ୟ ସେହି ଅଣମାନବୀୟ ପରିମଣ୍ଡଳ ଭଳି ଅବକ୍ଷୟୀଷ୍ଣୁତାର ଗର୍ଭରେ ଲୀନ ହୋଇଯିବ। ଏଠି ମହାପ୍ରଳୟ ମାଡ଼ିଆସିବ। ସେଥିପାଇଁ ବ୍ୟକ୍ତିଗତ ସ୍ତରଠାରୁ ଆରମ୍ଭ କରି ବିଶ୍ୱଜନୀନ ସ୍ତର ପର୍ଯ୍ୟନ୍ତ ଏକାନ୍ତ ସଚେତନ ପ୍ରୟାସ ଲୋଡ଼ା। ଚିଲିକାକୁ ନେଇ, ପକ୍ଷୀମାନଙ୍କୁ ନେଇ ହ୍ୟାରି କ୍ରିଷ୍ଟେନ୍ ଯେଉଁଭଳି ସ୍ୱପ୍ନ ଦେଖିଛନ୍ତି, ସେହିଭଳି ସ୍ୱପ୍ନ ତଥା ବ୍ୟାବହାରିକ ଉଦ୍ୟମ ପ୍ରତ୍ୟେକ ପୃଥିବୀବାସୀ ଦେଖିବା ଏବଂ ସଂପାଦନ କରିବା ଉଚିତ୍। ନ ହେଲେ, ଏ ପୃଥିବୀ ଦିନେ ଧ୍ୱଂସର ଗର୍ଭରେ ଲୀନ ହୋଇଯିବ। ନା ଥିବ ଇତିହାସ, ନା ଥିବ ସଂସ୍କୃତି, ନା ଥିବ ମଣିଷକୃତ ବିପର୍ଯ୍ୟୟର ଆଧିପତ୍ୟ ବିସ୍ତାରକାରୀ ଇସ୍ତାହାର !


ସହାୟକ ଗ୍ରନ୍ଥସୂଚୀ :

୧. Garrard, Greg (2000) Eeocriticism, Abingdon, Routledge, (2013)

୨. Nayar, Pramod K., Contemporany Literary and Cultural Theory. First Impression, Noida (U.P.) Pearson, 2012.

୩. Cuddon, J.A., Literary Terms and Literary Theory. 4th Edition, London, Pernguin, 1998.

୪. Glot Felty, Cheryll & Fromm Harold, The Ecocriticism Reader: Landmarks in Literary Ecology first Impression, Georgia, University of Georgia, 1996

୫. ଦାସ,ରବୀନ୍ଦ୍ର କୁମାର, ପରିବେଶ କୈନ୍ଦ୍ରିକ ସମାଲୋଚନାବାଦର କାଠ ଗଡ଼ାରେ ଏକବିଂଶ ଶତାବ୍ଦୀର ଓଡ଼ିଆ କବିତା (ଉତ୍ତର ଆଧୁନିକ ସମାଲୋଚନାବାଦର କାଠ ଗଡ଼ାରେ ଓଡ଼ିଆ , ପ୍ରଥମ ପ୍ରକାଶ, ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ, ବିନୋଦ ବିହାରୀ, କଟକ, ୨୦୧୭

୬. ସାହୁ, କୃପାସାଗର, ଶେଷ ଶରତ। ତୃତୀୟ ପ୍ରକାଶ, ଭୁବନେଶ୍ୱର, ୨୦୧୩


●

ALOCHANA
ସମାଲୋଚନା
ପ୍ର ସ ଙ୍ଗ ନୂ ଆ

ଦ୍ୱିତୀୟ ବର୍ଷ, ସଂଖ୍ୟା - ୦୧ | ଜାନୁୟାରୀ-ଫେବୃୟାରୀ୨୦୨୪
Volume No. 02 | Issue No. 01 | Jan-Feb 2024
Refereed Peer-Reviewed Jornal

BAGEESHA
ବାଗୀଶ
OPEN ACCESS
https://bageesha.in

# ଲୋହିତ କୋକିଳ : କବି ବ୍ରଜନାଥ ରଥ (ଦ୍ୱିତୀୟ ଭାଗ)

■ ଡ. ବିଜୟଲକ୍ଷ୍ମୀ ଦାଶ
ସହଯୋଗୀ ପ୍ରଫେସର, ଓଡ଼ିଆ ବିଭାଗ,
ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ

“

କବି ବ୍ରଜନାଥଙ୍କ କବିତା ସମକାଳୀନ ବାସ୍ତବତା ରୂପାୟନ। ସମାଜନିଷ୍ଠ ଓ ମାନବିକ ସମ୍ବେଦନଶୀଳତାର ପରିପ୍ରକାଶ। ସ୍ୱାଧୀନତା ପରବର୍ତ୍ତୀ ଭାରତବର୍ଷରେ ପରିଲକ୍ଷିତ ଅଭାବ, ଦାରିଦ୍ର୍ୟ, ଶୋଷଣ କଷଣ, ଶାସନତନ୍ତ୍ରର ଶଠତା ବିରୋଧରେ କବିଙ୍କର ଆଭିମୁଖ୍ୟ କବିଙ୍କୁ ଯେତିକି ପ୍ରଭାବିତ କରିଛି, ପାଶ୍ଚାତ୍ୟ ଭୋଗବାଦୀ ସଭ୍ୟତାର ଉଲଂଗ ସଂକ୍ରମଣରେ କବି ସେତିକି ବ୍ୟଥାତୁର ହୋଇଉଠିଛନ୍ତି। କବିଙ୍କ କବିତାରେ ସମାଜର ବାସ୍ତବବାଦୀ ରୂପଚିତ୍ର, ପୁଞ୍ଜିବାଦ, ସାମନ୍ତବାଦ ବିରୋଧି ଆଭିମୁଖ୍ୟ, ମାନବିକ ଭାବନା, ପୁରାତନ ସ୍ଥାନରେ ନୂତନ ଯୁଗ ନିର୍ମାଣର ଅଭିପ୍ସା ବ୍ରଜନାଥଙ୍କ କବିତାକୁ ଏକ ନୂତନ ଆୟତନ ପ୍ରଦାନ କରିଛି। ବ୍ରଜନାଥଙ୍କ କାବିକ୍ୟ ପ୍ରତିଭାକୁ ସମ୍ମାନ ଜଣାଇ ହାସ୍ୟ ବ୍ୟଙ୍ଗର ଅମର କଥାଶିଳ୍ପୀ 'ଫତୁରାନନ୍ଦ' ଲେଖିଥିଲେ– "ବ୍ରଜବାବୁ! ମୋ ବିଚାରରେ ଆପଣ ହେଉଛନ୍ତି ଓଡ଼ିଶାର 'ଲୋହିତ କୋକିଳ'।"

”

ଦେଶରେ ଜରୁରୀକାଳୀନ ପରିସ୍ଥିତି ଜାରି ହେବା ପରେ ଦେଶର ସୁପ୍ରିମ୍‌କୋର୍ଟ ଜନସାଧାରଣଙ୍କ ମୌଳିକ ଅଧିକାରକୁ ନେଇ ହବିୟସ୍ କରପସ୍ କହିଲେ; "During Internal Emergency the citizen has lost the right to life and property." ସେ ସମୟରେ ଦେଶର ନାଗରିକଙ୍କୁ କୁକୁର ତୁଲ୍ୟ ହେୟ ମୂଲ୍ୟହୀନ ବୋଲି କହି ପ୍ରତିପାଳିତ କରାଗଲା। ଭାରତର ବୁଦ୍ଧିଜୀବୀ ଗୋଷ୍ଠୀର ବିପୁଳାଂଶ ସରକାର ସପକ୍ଷରେ ଥିଲେ। ପ୍ରେସ୍ ସେନ୍‌ସିଓର୍‌ସିପ୍ ଲାଗୁ ହେଲାପରେ ଲେଖକ ଓ କବିମାନେ ସ୍ଥାଣୁ ପାଲଟିଗଲେ। ୧୯୭୫ ମସିହା ପୂଜାସଂଖ୍ୟା 'ଆସନ୍ତା କାଲି'ରେ କବି ବ୍ରଜନାଥଙ୍କ 'କୁକୁର ହେବା ସପକ୍ଷରେ' କବିତା ପ୍ରକାଶ ପାଇଥିଲା। ଯାହାକି 'ନିଃଶବ୍ଦ ପ୍ରତିବାଦ' ସଂକଳନରେ ସ୍ଥାନିତ ହୋଇଥିଲା। ଏମର୍‌ଜେନ୍‌ସି ସମୟରେ ସରକାରଙ୍କୁ ଚ୍ୟାଲେଞ୍ଜ କରିବାକୁ ବ୍ୟଙ୍ଗାତ୍ମକ ଶୈଳୀରେ ବ୍ରଜନାଥ ଲେଖିଲେ–

"ନୀତି, ଅନୀତି ବା ଲୋକ ଲଜ୍ଜାକୁ ଭୟ/ ନଥିବା ମୋହର, ସବୁ କରିଥିବି ଜୟ ।/ ରୁଚି ଓ ଅରୁଚି, ଯେତେ ଯାହା ସବୁ ଭୁଲି/ ମହା ଆରାମରେ ପାରିବି ତ ମୁହିଁ ବୁଲି ।/ ବିରାଟ ଭୁଲ ମୁଁ କରିଛି ମଣିଷ ହୋଇ/ ନିଉଛଣା ପଣେ କେହି କି ମୋ ସରି ନାହିଁ?/ ଜଗତେ କୁଆଡ଼େ ମୁଁ ଏକ ଶ୍ରେଷ୍ଠ ଜୀବ/ ମୋ ଠାରୁ କି କେହି ଏତେ ହୀନିମାନ ଥିବ? XXX କିଛି ନ ହେଲେ ବି କୁକୁର ପାରୁଛି ଭୁକି/ ଦୁଇ ପାଦ ତଳେ ଲାଞ୍ଜ ତଳକୁ ଜାକ ।/ କିନ୍ତୁ ସେତକ ସ୍ୱାଧୀନତା କାହିଁ ମୋର/ ପାଟି ଫିଟାଇଲେ ଲାଠି ଓ ଗୁଳି ହିଁ ସାର ।" ('କୁକୁର ହେବା ସପକ୍ଷରେ', 'ନିଃଶବ୍ଦ ପ୍ରତିବାଦ', ପୃ.୧୦)

ଏହା ବ୍ୟତୀତ ଜରୁରୀ ପରିସ୍ଥିତିକୁ ନେଇ କବି ଚାଟୁକାରର ଉକ୍ତି, 'ମୌନ ମୁଖର', 'ଅନ୍ଧ ଦେଶକୁ ଗଲି' ଇତ୍ୟାଦି କବିତା ମାଧ୍ୟମରେ ଶାସକ ବର୍ଗର ଚାଟୁକାରମାନଙ୍କର ମୁଖା ଖୋଲି ଦେଇଛନ୍ତି। "ଉଠ୍ କହିଲେ ଉଠ୍, ବସ୍ କହିଲେ ବସ୍/ ଆ, କହିଲେ ଆ, ଯା କହିଲେ ଖସ୍,/ ଆମ୍ଭେ ଅଟୁଁ ମଣିମାଙ୍କ ପାଖି ଲୋକ ଖାସ୍/ ନାଆଁଟି ମୋର ଆଜ୍ଞାଧୀନ ସଂଜ୍ଞା ମୋର ଦାସ୍। XXX ଘଷ୍ କହିଲେ ଘଷ୍ ନାକ କାନ ଘଷ୍/ଚଷ୍ କହିଲେ ଗାଲୁଆଙ୍କ ବାରବାଟୀ ଚଷ୍/ ଆଖି ନାହିଁ କାନ ନାହିଁ, ନାହିଁ ମୋର ଦୋଷ୍ ।" ('ଚାଟୁକାରର ଉକ୍ତି' – 'ନିଃଶବ୍ଦ ପ୍ରତିବାଦ')

୧୯୭୯ ମସିହାରେ ବ୍ରଜନାଥଙ୍କ ଚତୁର୍ଥ କବିତା ପୁସ୍ତକ 'ସଭ୍ୟତାର ମୁହଁ' ପ୍ରକାଶ ପାଇଲା। 'ନିଃଶବ୍ଦ ପ୍ରତିବାଦ'ରେ ପ୍ରତିବାଦ ଓ ବିଦ୍ରୋହୀ ଚେତନାର କବି ବ୍ରଜନାଥ 'ସଭ୍ୟତାର ମୁହଁ' ଲେଖିଲାବେଳକୁ ବିଦ୍ରୋହୀ କମ୍ ବାସ୍ତବବାଦୀ ଅଧିକ ମନେ ହେଉଛନ୍ତି। ଧନୀକ ସମାଜରେ ପରିଲକ୍ଷିତ ହେଉଥିବା ଶୋଷଣ, ଭ୍ରଷ୍ଟାଚାର, ଅନୀତି କବିଙ୍କୁ ବିଚଳିତ କରିଛି। କବି ଏକ ନିଷ୍ଠୁର ବାସ୍ତବତାକୁ ଅନୁଭବ କରିଛନ୍ତି। ଦେଖିଛନ୍ତି ଶୋଷକ ସଭ୍ୟତାର ବିଭତ୍ସ ବିଦୀର୍ଣ୍ଣ ରୂପ। କବି ଜଣେ କ୍ରିଟିକାଲ୍ ରିଏଲିଷ୍ଟ ଭଳି ପ୍ରତିବାଦୀ ଚେତନାକୁ ଏକ ଭିନ୍ନ ଢଙ୍ଗରେ କାବ୍ୟରୂପ ପ୍ରଦାନ କରିଛନ୍ତି। ଗଭୀର କ୍ଷୋଭ ନେଇ ସଭ୍ୟତାର ଅନ୍ତଃସାରଶୂନ୍ୟ ରୂପକୁ ଉଦ୍‌ଘାଟନ କରିଛନ୍ତି। ନିମ୍ନୋକ୍ତ ପଂକ୍ତିରେ ଏହା ସୁସ୍ପଷ୍ଟ।

"ଯେଉଁ ଦିଗେ ଅନାଇଲେ/ ଦିଶେ ଖାଲି ନିଜ ପ୍ରତିଛବି/ ଆତ୍ମମଗ୍ନ ଆତ୍ମା ମୋର/ ପାରେ ନାହିଁ କେବେ ଅନୁଭବି ନିଖିଳର ହର୍ଷ ଓ ବିଷାଦ,/ ଦୁଃଖ-ଦୈନ୍ୟ-ଯନ୍ତ୍ରଣା ବା/ ଗ୍ଲାନି-ଅବସାଦ ।"(କାଚଘର- ସଭ୍ୟତାର ମୁହଁ)

"ମୁହଁ ଖୋଲିଲେ ବିପଦ/ କାରଣ/ ପୃଥିବୀ ଦୋହଲି ଯିବ/ ତେଣୁ ମୁଖାଟିଏ ଲୋଡ଼ା/ ମୁହଁ ଖୋଲିଲେ ବିପଦ/ କାରଣ/ ସିଂହାସନ ଟଳିଯିବ/ ତେଣୁ ମୁଖାଟିଏ ଲୋଡ଼ା/ XXX ମୁଖା ଭିତରେ/ ହସିଲେ ବା କାନ୍ଦିଲେ/ ବାହାରକୁ ତ ସବୁ ସମାନ ।" ('ମୁଖା' - ସଭ୍ୟତାର ମୁହଁ)

୧୯୮୩ ମସିହାରେ ପ୍ରକାଶ ପାଏ 'ମନର ମାନଚିତ୍ର'। ୩୫ ବର୍ଷର କାବ୍ୟ ସାଧନା ଭିତରେ ପ୍ରକାଶିତ କବିତାଗୁଡ଼ିକର ସମାହାର 'ମନର ମାନଚିତ୍ର'। ଜୀବନବାଦୀ ଦୃଷ୍ଟିଭଙ୍ଗୀ ଏଥିରେ ପ୍ରତିଫଳିତ। କବି ମୁଖବନ୍ଧରେ ଲେଖୁଛନ୍ତି; "ଆଜିର ଜୀବନ ଛନ୍ଦହୀନ, ତେଣୁ ଆଜିର କବିତା ବିଚ୍ଛନ୍ଦ, ଗଦ୍ୟଧର୍ମୀ ଓ ଅବୋଧ ବୋଲି କେତେକ ମତବ୍ୟକ୍ତ କରିଥାଆନ୍ତି। ମୁଁ କିନ୍ତୁ ଏଥିସହିତ ଏକମତ ନୁହେଁ। ଆଜିର ଜୀବନ ହୁଏତ ବହୁ ସମସ୍ୟା ଶଂକୁଳ, ଯନ୍ତ୍ରଣା ଜର୍ଜର ଏବଂ ବହୁ ଜାତୀୟ, ଆନ୍ତର୍ଜାତୀୟ ଓ ସାମାଜିକ ଘଟଣା ଦୁର୍ଘଟଣାର ପ୍ରତିକ୍ରିୟାରେ ବିକ୍ଷୁବ୍ଧ। ତଥାପି ଏକଥା ମନେ ରଖିବାକୁ ହେବ ଯେ ଜୀବନ କୌଣସି ଦିନ ନିସ୍ତରଙ୍ଗ ନଥିଲା କିମ୍ବା ଆଜି ମଧ୍ୟ ନୁହେଁ।"(୩) ଏକ ପରିବ୍ୟାପ୍ତ ଜୀବନାନୁଭୂତିର କଥା କହିଛନ୍ତି କବି ବ୍ରଜନାଥ ରଥ। 'ଏଇ ମୋର ମନ', 'ମୁଁ ଚାଲିଯିବା ପରେ', 'ବେଣୀବନ୍ଧନ' କବିତାର ବିଭାବ ହେଉଛି ପ୍ରେମପ୍ରଣୟ ଓ ଏକ ପ୍ରକାର ଆତ୍ମୀୟତାବୋଧର ରୂପାୟନ। ଏଠାରେ ତାରୁଣ୍ୟର ଛଳଛଳ ପଣ ନାହିଁ। କବିତାଗୁଡ଼ିକ ଆବେଗରେ ପରିପକ୍ୱ ଓ ସୌନ୍ଦର୍ଯ୍ୟରେ ପରିପ୍ଲୁତ ।

ଜୀବନର ନିତ୍ୟ ପ୍ରାତ୍ୟହିକତା ଭିତରେ ବିଭିନ୍ନ ଭାବପ୍ରବଣ, ଆବେଗପ୍ରବଣ ମୁହୂର୍ତ୍ତ ଓ ମାନସିକତା ଏଥିରେ ରୂପାୟିତ। ଅନୁରାଗବୋଧ ଭିତରେ କବିଙ୍କ କବିତାର ସୌନ୍ଦର୍ଯ୍ୟମୟ ପରିପ୍ରକାଶ ଘଟିଛି। 'ଏଇ ମୋର ମନ' କବିତାରେ ନିଜର ମନକୁ କବି ସଂକୀର୍ଣ୍ଣ ପରିସର ମଧ୍ୟରୁ ବାହାର କରିଆଣି ବିଶ୍ୱମୟ କରି ଦେଇଛନ୍ତି ।

"ତୁମ ମନ ତୁମର ତ ଏକା ହୋଇପାରେ/ କିନ୍ତୁ ଏଇ ମନ ମୋର/ ନୁହେଁ ମୋର ଏକା, /ମୋ ମନର ପ୍ରଦୀପରେ/ ରହିରହି ଜଳେ/ ପୃଥିବୀର ଏକ ପ୍ରାନ୍ତୁ ଆର ପ୍ରାନ୍ତଯାଏଁ/ ସହସ୍ର ମନର ଶତ/ ପ୍ରଜ୍ୱଳିତ ଦୀପ୍ତ ଦୀପଶିଖା। XXX" ('ଏଇ ମୋର ମନ', 'ମନର ମାନଚିତ୍ର', ପୃ.୧)

"ଦର୍ପଣ ଆଗରେ ଠିଆ ହୋଇ/ ଲୀଳାୟିତ ଭଙ୍ଗୀରେ/ ବେଣୀ ବାନ୍ଧୁ ବାନ୍ଧୁ/ ହଠାତ୍ ତାଙ୍କର/ ସ୍ମୃତିର ବେଣୀ ଖୋଲି ଗଲା ।'/ ସେ ବେଣୀ ବାନ୍ଧିବେ କ'ଣ/ ଖୋଜି ଚାଲିଲେ ସ୍ମୃତିର ଖିଅ/ ଗୋଟିଏ ପରେ ଗୋଟିଏ ।"('ବେଣୀ ବନ୍ଧନ', 'ମନର ମାନଚିତ୍ର', ପୃ.୨୩)

'ବେଣୀ ବନ୍ଧନ' ସ୍ମୃତି, ସଂପର୍କ ଓ ଆତ୍ମୀୟତାବୋଧର ପରିଭାଷାକୁ ବହନ କରିଛି। 'ବେଣୀ ବନ୍ଧନ' ଏକ ତନ୍ମୟବୋଧ ବା ରୂପଅରୂପ ମୋହର କବିତା। କବିତା ଯେ ତତ୍ତ୍ୱ, ବୁଦ୍ଧି, ବୌଦ୍ଧିକତାକୁ ଡେଇଁଥିବା ଏକ ସ୍ମୃତିର ବୀଜ, ଜୀବନ ଜୀଇଁବାର ସୂତ୍ର, ସଂପର୍କର ଡୋର ତିଆରି କରି ସ୍ମୃତିର ଅଜସ୍ର ଗଣ୍ଠିକୁ ଖୋଲିବାର; ମନ୍ତ୍ର ତାହାର ପ୍ରମାଣ ବହନ କରେ 'ବେଣୀ ବନ୍ଧନ' କବିତା। କବିଙ୍କ ପାଇଁ ଏ ପୃଥିବୀ ଖୁବ୍ ଆପଣାର। ଜୀବନ୍ତ। ଏଠାରେ କିଛି ହଜେ ନାହିଁ। ଯାହା ହଜେ ତାହା ପୁଣି ନୂଆ ରୂପନେଇ ଫେରିଆସେ। କବି ଉପଲବ୍ଧି କରିଛନ୍ତି ଏଠାରୁ ଚାଲିଯିବା ପରେ ବି ତାଙ୍କ ସ୍ୱପ୍ନ କେବେ ହଜିଯିବ ନାହିଁ। ପୃଥିବୀ ନାମକ ଜଗତଟି ସୌନ୍ଦର୍ଯ୍ୟବୋଧ, ପୂର୍ଣ୍ଣତା, ପବିତ୍ରତା ଓ ସତେଜତାର ନିର୍ଯାସ ଓ ରୂପକ। କବି ତେଣୁ ଦୃପ୍ତ କଣ୍ଠରେ ବାରମ୍ବାର ପୃଥିବୀକୁ ଫେରିଆସିବାକୁ ଅଭିଳାଷ ବ୍ୟକ୍ତ କରିଛନ୍ତି।

"ଫେରି ମୁଁ ଆସିବି ପୁଣି/ ପୃଥିବୀର ପଥେ ପଥେ/ କୋଟି-କୋଟି ମଣିଷର/ ପଦ ଶବ୍ଦ ମନ୍ଦ୍ରିତ ଝଙ୍କାରେ/ ସହସ୍ର ଶତାବ୍ଦୀ ଧରି;/ ମୁଁ ଏଠାକୁ ଚାଲିଯିବା ପରେ ।" ('ମୁଁ ଚାଲିଯିବା ପରେ', 'ମନର ମାନଚିତ୍ର', ପୃ.୯୪)

୧୯୯୧ ମସିହାରେ ପ୍ରକାଶ ପାଇଛି କବିଙ୍କର 'ହେ-ମହାଜୀବନ' କବିତା ଗ୍ରନ୍ଥ। ୧୯୮୦-୧୯୯୦ ମସିହା ଭିତରେ ରଚିତ କବିତାଗୁଡ଼ିକ ଏଥିରେ ସଂକଳିତ। କବିତାଗୁଡ଼ିକରେ କବି ମଣିଷ ପ୍ରତି ଓ ଜୀବନ ପ୍ରତି ଉତ୍ସର୍ଗୀକୃତ। ଚିରନ୍ତନ ମଣିଷର କଥା କବି କହୁଛନ୍ତି। କବିଙ୍କ ଦୃଷ୍ଟିରେ ପୃଥିବୀ ଏକ ବିଭଙ୍ଗ ଦୃଷ୍ଟିହୀନ ଭୂମି ନୁହେଁ। ପୃଥିବୀର ଶ୍ରେଷ୍ଠ ସୃଷ୍ଟି-ମନୁଷ୍ୟ। ସେ ସଭ୍ୟତାର ବିଶ୍ୱକର୍ମା, ଇତିହାସର ସ୍ରଷ୍ଟା, ମହାଜୀବନଧାରୀ ମଣିଷକୁ ସମ୍ବୋଧନ କରି କବି କହିଛନ୍ତି;

"ହେ ମହାଜୀବନ, ଟଳୁଛ କେବେ ବା/ ଜଳୁଛ ତରୁଣ ସୂର୍ଯ୍ୟ ଭଳି/ ଛିନ୍ନ କରୁଛ ବନ୍ଧନ କେବେ/ ଯୂପକାଷ୍ଠେ ବା ପଡୁଛ ବଳି ।"(ହେ-ମହାଜୀବନ)

ସଂକଳନରେ ସ୍ଥାନିତ 'ଓଟ', 'କୁକୁଡ଼ା', 'ବାୟା ଚଢ଼େଇ'କୁ ମଣିଷର ପ୍ରତୀକ ଭାବେ ଉପସ୍ଥାପିତ କରିଛନ୍ତି। 'ଓଟ' ଭିତରେ ସରଳତା, ମୂର୍ଖପଣିଆ, 'କୁକୁଡ଼ା' ଭିତରେ ସକଳ ଦୁଃଖକୁ ଚାପି ରଖିବାର ସାମର୍ଥ୍ୟ ଓ ବାୟା ଚଢ଼େଇ ଭିତରେ ମୁକ୍ତ ନିର୍ଭୀକ ଜୀବନର ସୂଚନା ପ୍ରଦାନ କରିଛନ୍ତି। 'ଓଟ' ଓ 'କୁକୁଡ଼ା' କବିତାର କବି କହୁଛନ୍ତି – "ହେ ମରୁସାଗରର ଜୀବନ୍ତ ଜାହାଜ/ କେତେ

କାଳ ଏହିପରି/ ଚାଲୁଥିବ ବୋହି ବୋହି/ ମରୁଯାତ୍ରୀ ବଣିକର ବୋଝ??" ('ଓଟ', 'ହେ-ମହାଜୀବନ')

"ପକ୍ଷୀଟିଏ ହୋଇ/ ଉଡ଼ି ନପାରିବାର ଦୁଃସହ ଦୁଃଖ/ ଓ ଅସଭ୍ୟ ଆତ୍ମଗ୍ଲାନିରେ/ ନିରତ ଜର୍ଜରିତ ତୁମର ହୃଦୟ!!/ ଅଥଚ/ ସକଳ ଦୁଃଖକୁ ଚାପିରଖି/ ତୁମେ ଡାକ ଦିଅ/ ଶୁଭ୍ର ସତେଜ ସକାଳର.... ।"("କୁକୁଡ଼ା', 'ହେ-ମହାଜୀବନ')

ଏମାନେ ମଣିଷର ଭିନ୍ନଭିନ୍ନ ଶୋଷିତ ରୂପର ପ୍ରତୀକ। କବିଙ୍କ ରଚିତ 'ବାଲିଆପାଳ', 'ଯେଉଁଠି ଯୁଦ୍ଧ ହେଉନା କାହିଁକି' ଦୁଇଟି ଉଲ୍ଲେଖନୀୟ କବିତା। 'ବାଲିଆପାଳ'କୁ ନେଇ ଲେଖାଯାଇଥିବା କବିତାଟି କ୍ଷେପଣାସ୍ତ୍ର ଘାଟି ବିରୋଧୀ ଆନ୍ଦୋଳନ ଉପରେ ପର୍ଯ୍ୟବେସିତ। "ବାଲିଆପାଳ ଆନ୍ଦୋଳନକୁ କେନ୍ଦ୍ରକରି ବାଲେଶ୍ୱର ଟାଉନ ହଲ୍‌ଠାରେ ଜିଲ୍ଲା କନଭେନ୍‌ସନ୍ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ବିରୋଧୀଦଳ ଓ ଗଣତନ୍ତ୍ରବାଦୀ ଶକ୍ତି ସେଠାରେ ସମବେତ ହୋଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସର୍ବସମ୍ମତିକ୍ରମେ ସେହି କନ୍‌ଭେନ୍‌ସନ୍‌ର ଆବାହକ ଥିଲେ 'କବି ବ୍ରଜନାଥ ରଥ'।"(୪) ସେତେବେଳେ 'ବାଲିଆପାଳ' ବିଶେଷାଙ୍କ 'ଅଭିଯାତ୍ରୀ'ର ପ୍ରକାଶ ପାଇଥିଲା। ସତ କହିଲେ, ବାଲିଆପାଳ ଘାଟି ବିରୋଧୀ ଆନ୍ଦୋଳନ ଏକ ଆନ୍ଦୋଳନର ସାହିତ୍ୟ ସୃଷ୍ଟି କରିଥିଲା ଓଡ଼ିଶାରେ। XXX। ଏଥିପାଇଁ 'ଅଭିଯାତ୍ରୀ' ଓ 'ଝଙ୍କାର' ପ୍ରଭୃତିର ଭୂମିକା ଥିଲା ଅନସ୍ୱୀକାର୍ଯ୍ୟ। କବି ବ୍ରଜନାଥ କେବଳ ଯେ ଆନ୍ଦୋଳନ ପ୍ରତି କର୍ତ୍ତବ୍ୟ ସଂପାଦନ କରି କବିତା ଲେଖି କ୍ଷାନ୍ତ ହୋଇଥିଲେ ତାହା ନୁହେଁ। ସେ ଏହି ଆନ୍ଦୋଳନର ସାହିତ୍ୟକୁ ଗଢ଼ି ତୋଳିବାରେ ମଧ୍ୟ ଏକ ବିଶେଷ ଭୂମିକା ଗ୍ରହଣ କରିଥିଲେ ।"(୫) ହେ-ମହାଜୀବନରେ ସ୍ଥାନିତ 'ବାଲିଆପାଳ' କବିତା ଯୁଗଚେତନାର ପ୍ରତୀକ।

"ଭୂଗୋଳର ମାନଚିତ୍ରେ/ ସରକାରୀ ନଥିପତ୍ରେ/ ହେ ବାଲିଆପାଳ!/ ତୁମେ ଆଜି ଖାଲି ଏକ ଗାଁଟିଏ ନୁହଁ,/ ନୁହଁ ଏକ ନାଁ;/ ତୁମେ ଏକ ଉଦାତ୍ତ ଓ ଆଗ୍ନେୟ ଆହ୍ୱାନ/ ତୁମେ ଏକ ମୂର୍ତ୍ତିମନ୍ତ ତୀବ୍ର ପ୍ରତିବାଦ; XXX/ ଆଜି କିନ୍ତୁ କାହାର ଏ/ ସର୍ବନାଶା ଅଶୁଭ ଇଂଗିତେ/ ହଠାତ୍ ଏକ ମଦମତ୍ତ/ ଲୁବ୍‌ଧକର ଶ୍ୟେନ ଦୃଷ୍ଟି/ ଶନିଶ୍ଚର ଭଳି;/ ତୁମରି ଶ୍ୟାମଳ ଅଂଗେ/ ଦପ୍ ଦପ୍ ଉଠିଅଛି ଜଳି?/ ଖିନ୍‌ଭିନ୍ କରିବାକୁ ତୁମରି କୋମଳ ଦେହ,/ କଣ୍ଠଭରି କରିବାକୁ/ ଟହଟହ ଶୋଣିତ ଶୋଷଣ,/ ଜଘନ୍ୟ ନିଷାଦ ଏକ ଲକ୍ଷ୍ୟ କରି ବକ୍ଷ ତୁମ/ କରୁଅଛି ନିର୍ବିଚାରେ/ ଅଗ୍ନିବର୍ଷୀ କ୍ଷେପଣାସ୍ତ୍ର-/ ତୀରର ସନ୍ଧାନ। XXX" ('ବାଲିଆପାଳ', 'ହେ-ମହାଜୀବନ')

ବିପ୍ଳବୀ କବି ବ୍ରଜନାଥ ଯୁଦ୍ଧ ବିରୋଧୀ ଥିଲେ। ଯୁଦ୍ଧ ଯେ ସମସ୍ୟା ସମାଧାନର ପନ୍ଥା ଏହା ତାଙ୍କ ଆଦର୍ଶ ବିରୋଧୀ ଥିଲା। ପୃଥିବୀର ଯୁଦ୍ଧ ଇତିହାସରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ସବୁଠୁ ବର୍ବର କଳଙ୍କିତ ଯୁଦ୍ଧ ହେଲା ଇରାକ୍-ଆମେରିକା ଗଲଫ୍ ଯୁଦ୍ଧ। ୧୯୯୧ ମସିହାରେ ଆମେରିକା ଇରାକ୍ ଉପରେ ଆକ୍ରମଣ କଲା। ଯୁଦ୍ଧାସ୍ତ୍ର ମାଡ଼ରେ ନିଆଁ ଲାଗିଲା ପାରସ୍ୟ-ସାଗରରେ; ମରୁଦ୍ୟାନରେ; ତୈଳକୂପରେ। ପୃଥିବୀର ଶାନ୍ତିକାମୀ ଜନତା ମିଳିତ କଣ୍ଠରେ କାମନା କରୁଥିଲେ ଯୁଦ୍ଧ ବନ୍ଦ ହୋଇ ଶାନ୍ତି ପ୍ରତିଷ୍ଠା ହେଉ। ଶାନ୍ତି କାମନା କରି ଯୁଦ୍ଧ ବିରୋଧରେ କବି ବ୍ରଜନାଥ ଲେଖିଲେ;

"ଯେଉଁଠି ଯୁଦ୍ଧ ହେଉନା କାହିଁକି/ ପ୍ରତିଟି ଗୋଳାର ଶବ ମୋ ଝରକାରେ;/ ଯେଉଁଠି ଯୁଦ୍ଧ ହେଉନା କାହିଁକି/ ପ୍ରତିଟି ବୋମାର ବିସ୍ଫୋରଣ/ ମୋ ଅଗଣାରେ,/ ଯେଉଁଠି ଯୁଦ୍ଧ ହେଉନା କାହିଁକି/ ପ୍ରତିଟି ଆଗ୍ନେୟାସ୍ତ୍ରର ଆଘାତ/ ମୋ ହୃଦୟରେ। XXX /ଯୁଦ୍ଧର ନିଆଁ ଯେଉଁଠି ଜଳୁନା କାହିଁକି/ ତା'ର ଆଗ୍ନେୟ ଉତ୍ତାପରେ/ ମଉଳି ଯାଉଛି/ ମୋ ବଗିଚବର ଶିଶିରଭିଜା ରଜନୀଗନ୍ଧା। XXX ଯୁଦ୍ଧର ଗୋଟିଏ ମାତ୍ର ପରିଭାଷା;/ ଆସୁରିକ ଉଲ୍ଲାସରେ/ ନିର୍ବିକାର ଧ୍ୱଂସ;/ ଏବଂ ଯୁଦ୍ଧର ଗୋଟିଏ ମାତ୍ର ସଂଜ୍ଞା;/ ପାଶବିକ ପେଶୀ ତଳେ/ ମାନବିକତାର ନିର୍ମମ କଥନ ।"('ଯେଉଁଠି ଯୁଦ୍ଧ ହେଉନା କାହିଁକି', 'ହେ-ମହାଜୀବନ')

୧୯୯୩ ମସିହାରେ 'ଲଘୁ ଶତକ' ପ୍ରକାଶ ପାଏ। ଭିନ୍ନସ୍ୱାଦର କବିତା ଗ୍ରନ୍ଥ। ଗୋଦାବରୀଶ ମହାପାତ୍ରଙ୍କ ପରେ କବି ବ୍ରଜନାଥ ହେଉଛନ୍ତି ଜଣେ ସଫଳ ସାରସ୍ୱତ ସ୍ରଷ୍ଟା, ଯିଏକି ଆଧୁନିକ କବିତା ସହ ବ୍ୟଙ୍ଗ ପରିହାସଧର୍ମୀ କବିତାର ଧାରାକୁ ସମତାଳରେ ଆଗେଇ ନେଇପାରିଥିଲେ। ତତ୍କାଳୀନ ସମୟର ବିବିଧ ପରିସ୍ଥିତିକୁ ଦୃଷ୍ଟିରେ ରଖି ବ୍ୟଙ୍ଗ ପରିହାସ ମାଧମରେ ସାମାଜିକ ଅବ୍ୟବସ୍ଥାକୁ ସଜାଡ଼ିବାର ଗୁରୁ ଦାୟିତ୍ୱ ବହନ କରିଛନ୍ତି କବି ବ୍ରଜନାଥ। 'ଲଘୁଶତକ'ର ପ୍ରଥମ କବିତା 'ମୋର ଲେଖକ ହୋଇବା ଧିକ୍', 'ଡିସ୍‌କୋ ଯୁଗର ତରୁଣ ଆମେରେ', 'ଡିସ୍‌କୋ ଯୁଗର ତରୁଣୀ ଆମେରେ. 'ପୁରସ୍କାର! ନମସ୍କାର!!' କବିତାରେ କବିଙ୍କର ଶାଣିତ ବ୍ୟଙ୍ଗର ପ୍ରୟୋଗକୁ ଆମେ ଦେଖିପାରିବା ।

"ଭାଟପରି ଯଦି ଚାଟୁକାର ସାଜି/ ମାଗିଲି ଶିରିପା-ପାଟ/ ରାଇଜର ରଜା ମନ ମୋହିବାକୁ/ ନାଚିଲି ଓଡ଼ିଶୀ ନାଟ,/ ମଗଜର ନାନା କସରତ କରି/ ଯୋଖିଲି ଯଦି ମୁଁ ପଦ/ କବି ତାଲିକାରେ ଲେଖାଇଲି ନାଆଁ/ ହୃଦେ ଦେଇ ଜଉମୁଦ। XXX ପରାଣ ଆତୁରେ ପ୍ରତିବାଦ କରି/ ନ ପାରିଲି ଠିକ୍ ଠିକ୍/ ତେବେ ଲେଖକ ହୋଇବା/ ଧିକ ମୋହର କବି ବୋଲାଇବା ଧିକ୍ ।" ('ମୋର ଲେଖକ ହୋଇବା ଧିକ୍' – 'ଲଘୁଶତକ')

"ଡ଼ିସ୍‌କୋ ଯୁଗର ତରୁଣୀ ଆମେରେ/ ଡ଼ିସ୍‌କୋ ଯୁଗର ଗାର୍ଲ/ ଆମେ ଜଣେ ଜଣେ ବିଉଟି କୁଇନ୍/ ରୂପ ସାଗରର ପାର୍ଲ। XXX ଆଖି ତଳେ ସରୁ ସୁର୍ମାକୁ ଟାଣି/ ଓଠରେ ବୋଳି ଲିପ୍‌ଷ୍ଟିକ୍ /ମୁହଁରେ ଲଗାଇ ସ୍ନୋ-ପାଉଡ଼ର/ ହସୁଥାଉଁ ଫିକ୍ ଫିକ୍।"/ "ଡ଼ିସ୍‌କୋ ଯୁଗର ତରୁଣ ଆମେରେ/ ଡ଼ିସ୍‌କୋ ଯୁଗର ବୟ /କିସ୍‌କୋ ଆମର ପର୍ବାୟ ନାହିଁ/ କିସ୍‌କୋ ନାହିଁ ବି ଭୟ। XXX ଯେତେ ବୁଢ଼ା-ହଡ଼ା, ପୁରୁଣା ଦଦରା/ ସବୁ ତ 'ଓଲଡ଼ ବୁଲ୍'/ କେୟାର କରୁନା ହେୟାର ବୋଲିବି/ ଆମେ ନୋହୁଁ ଏତେ ଫୁଲ୍ ।"/ "କରିନି ମୁଁ କେଉଁ 'ଶ୍ରୀପଦ' ଲେହନ/ ସାଜିନି ମୁଁ କେଉଁ ଦେବତା ବାହନ/ ତେଣୁ ବା କିପରି/ ସେ କେଉଁ ବେପାରୀ /ଲମ୍ବାଇ ଦେବ/ ଗଳାରେ ମୋହରି /ଟହଟ

ଚିକ୍‌ଣ ଫୁଲର ଭାର/ ଦୂରରୁ ଜୁହାର ତୋ ଚାରିଖୁରାକୁ/ ପୁରସ୍କାର ହେ ପୁରସ୍କାର/ ହଜାରେ ସଲାମ, ନମସ୍କର ।।"

କବିତାରେ ବ୍ରଜନାଥ ବ୍ୟଙ୍ଗର ଯଥେଷ୍ଟ ପରୀକ୍ଷାନିରୀକ୍ଷା କରିଛନ୍ତି। ବ୍ୟଙ୍ଗ ମାଧ୍ୟମରେ ସାମାଜିକ ବାସ୍ତବତାର ନଗ୍ନ ରୂପକୁ ଉନ୍ମୋଚନ କରିବାକୁ ଯାଇ ରାଜନେତା, ପଦାଧିକାରୀ, ବୁଦ୍ଧିଜୀବୀ, ଲେଖକ ବା ଆଧୁନିକ ଯୁବପିଢ଼ିଙ୍କୁ ବ୍ୟଙ୍ଗର ପରିସରକୁ ଆଣିଛନ୍ତି। ଅନେକ ଅପ୍ରିୟ ସତ୍ୟକୁ ପ୍ରକାଶ କରିଛନ୍ତି। ୧୯୯୭ ମସିହାରେ କବିଙ୍କର 'ହେ ମୋର ସ୍ୱଦେଶ' ପ୍ରକାଶ ପାଇଛି। କବିତାଗୁଡ଼ିକ ସ୍ୱଦେଶ ଭାବନା ସମ୍ବଳିତ। ସାଂପ୍ରତିକ ଭାରତବର୍ଷର ଚିତ୍ର ଅବକ୍ଷୟମୁଖୀ, ଯୁଗଚଳଣି, ଜନତା ଓ ନେତାଙ୍କ ଆଚାର ସଂହିତା, ଆକ୍ରାନ୍ତ କରିଥିବା ବଣିକ ସଂସ୍କୃତି, ଶଠତା ଓ ପ୍ରବଞ୍ଚନାର ସ୍ୱର, ଦୁଃସ୍ଥିତି ଓ ଦୁର୍ଗତି ଭୋଗୁଥିବା ନିରୀହ ମଣିଷମାନଙ୍କ କଥାକୁ ନେଇ ଭାରତବର୍ଷର ବିବର୍ଣ୍ଣ, ବିକୃତ ମାନଚିତ୍ର ଅଙ୍କନ କରିଛନ୍ତି।

"ଭାସି ଉଠେ ମୋ ଆଖି ଆଗରେ/ ଲକ୍ଷ ଲକ୍ଷ ରକ୍ତଦାଗ, କଳଙ୍କର ଛିଟା /ଜଳିଉଠେ ସେ ମାନଚିତ୍ରରେ /କୋଟି କୋଟି ନିରୀହ /ଅସହାୟ ଲେଲିହୀନ ଚିତା !!" (ଭାରତର ମାନଚିତ୍ର)

କବିଙ୍କ ସ୍ୱପ୍ନର ଭାରତବର୍ଷ ଯେପରି ହଜିଯାଇଛି। ଛିନ୍ନପକ୍ଷ ପକ୍ଷୀଟିଏ ପରି ଭାରତବର୍ଷ ଆଜି କ୍ଷତାକ୍ତ। କବିଙ୍କ ସ୍ୱପ୍ନାପଣ ଭିତରେ ଫୁଟିଉଠିଛି କବିଙ୍କ ଦ୍ରଷ୍ଟାପଣ। କବିଙ୍କ ଦୃଷ୍ଟରେ ଭାରତବର୍ଷ ଭୌଗୋଳିକ ସୀମା ଭିତରେ ଆବଦ୍ଧ ଭୂଖଣ୍ଡ କେବଳ ନୁହେଁ; କବି ଭାରତବର୍ଷକୁ ଖୋଜିଛନ୍ତି ତା'ର ଆଦି ଓଁକାରାରେ, ପ୍ରାଗ୍‌ଐତିହାସିକ ଯୁଗର ଭଗ୍ନାବଶେଷରେ, ଇତିହାସରେ, ମହାକାବ୍ୟରେ। କବିଙ୍କ ସ୍ୱଦେଶ ପ୍ରୀତିର ପରିଚୟ ନିମିତ୍ତ ନିମ୍ନ ପଂକ୍ତି ଉଦ୍ଧାର କରୁଛି - "ସ୍ୱାଧୀନତା ନୁହେଁ ହର୍ମ୍ୟବାସୀର ଖାଲି/ରାଜନୀତି ନୁହେଁ ସ୍ୱାର୍ଥ ଦଲାଲି/ ପୁଂଜିର ପଶାପାଲି/ 'ମୁକ୍ତି' ନୁହଁଇ ପୋଥିର ଗୋପନ ତତ୍ତ୍ୱ/ 'ପ୍ରଗତି' ନୁହଁଇ ନଥିର ଅଳୀକ ତଥ୍ୟ /ଘର୍ମ ଜୀବୀର ସମ ଅଧିକାରେ/ ଦୀନ-ଦଳିତର ଜୀବନେ ହେଉ ତା ସତ୍ୟ ।" (ସ୍ୱାଧୀନତା ତୁମ ହେଉ ନବ ଅଭିଷେକ)

'ହେ ମୋର ସ୍ୱଦେଶ' ସଂକଳନସ୍ଥ କବିତାରେ କବିଙ୍କର କାବ୍ୟ ଚିନ୍ତନ ଓ ଛନ୍ଦ ବିଧାନ ଦୃପ୍ତ ଓ ସାବଲୀଳ। ଛନ୍ଦ ଓ ଗୀତିମୟତାକୁ ନେଇ ସ୍ୱଦେଶ ଭାବନାକୁ ପ୍ରତିଫଳିତ କରିଛନ୍ତି।

୨୦୦୭ ମସିହାରେ କବିଙ୍କର 'ସାମାନ୍ୟ ଅସାମାନ୍ୟ' କବିତା ସଂକଳନ ପ୍ରକାଶ ପାଇଛି। ସାଧାରଣ ଉପାଦାନକୁ ନେଇ ଅସାଧାରଣ କବିତା ରଚନା କରି ସଂକଳସ୍ଥ କବିତାରୁ କବି ପ୍ରତିଭାର ସ୍ୱାତନ୍ତ୍ର୍ୟ ପ୍ରତିପାଦନ କରିଛନ୍ତି କବି ବ୍ରଜନାଥ। 'ଇଟା', 'କାଠଗଡ଼', ପୋଲ, ମଶାରି, କୋଥଳି, କୋର୍ଟ, ଚଷମା, ପଲିଥିନ୍ ଥଳି, ଚାବି, ଉଇହୁଙ୍କା, ଆଦି ବସ୍ତୁକୁ ନେଇ ଏ ସଂକଳନରେ ସୁନ୍ଦର କବିତା ମାନ ସ୍ଥାନ ପାଇଛି। ଦୃଷ୍ଟାନ୍ତ ସ୍ୱରୂପ 'ଉଇହୁଙ୍କା' କବିତାର ପଂକ୍ତି ଉଦ୍ଧାର କରୁଛି – "ବହିଗୁଡ଼ିକ ଯେମିତି/ ଶୁଭ୍ର ସଫେଦ ଉଈ /ଧୀରେ ଧୀରେ/ ଯାଇଛନ୍ତି ଚରି/ ମୋ ଦେହରେ/ ମୋ ମନରେ /ଓ କ୍ରମଶଃ ମୋ ଆତ୍ମାରେ/ ଆଉ ମୁଁ ଯେମିତି /ପାଲଟି ଯାଇଛି/ ଗୋଟିଏ ବିରାଟ ଉଇହୁଙ୍କା ।" ('ଉଇହୁଙ୍କା', 'ସାମାନ୍ୟ ଅସାମାନ୍ୟ')

ଉପରୋକ୍ତ ଆଲୋଚନାରୁ ଏହା ସ୍ପଷ୍ଟ ହୁଏ ଯେ, କବି ବ୍ରଜନାଥଙ୍କ କବିତା ସମକାଳୀନ ବାସ୍ତବତା ରୂପାୟନ। ସମାଜନିଷ୍ଠ ଓ ମାନବିକ ସମ୍ବେଦନଶୀଳତାର ପରିପ୍ରକାଶ। ସ୍ୱାଧୀନତା ପରବର୍ତ୍ତୀ ଭାରତବର୍ଷରେ ପରିଲକ୍ଷିତ ଅଭାବ, ଦାରିଦ୍ର୍ୟ, ଶୋଷଣ କଷଣ, ଶାସନତନ୍ତ୍ରର ଶଠତା ବିରୋଧରେ କବିଙ୍କର ଆଭିମୁଖ୍ୟ କବିଙ୍କୁ ଯେତିକି ପ୍ରଭାବିତ କରିଛି, ପାଶ୍ଚାତ୍ୟ ଭୋଗବାଦୀ ସଭ୍ୟତାର ଉଲଂଗ ସଂକ୍ରମଣରେ କବି ସେତିକି ବ୍ୟଥାତୁର ହୋଇଉଠିଛନ୍ତି। କବିଙ୍କ କବିତାରେ ସମାଜର ବାସ୍ତବବାଦୀ ରୂପଚିତ୍ର, ପୁଞ୍ଜିବାଦ, ସାମନ୍ତବାଦ ବିରୋଧି ଆଭିମୁଖ୍ୟ, ମାନବିକ ଭାବନା, ପୁରାତନ ସ୍ଥାନରେ ନୂତନ ଯୁଗ ନିର୍ମାଣର ଅଭିପ୍ସା ବ୍ରଜନାଥଙ୍କ କବିତାକୁ ଏକ ନୂତନ ଆୟତନ ପ୍ରଦାନ କରିଛି। ବ୍ରଜନାଥଙ୍କ କାବିକ୍ୟ ପ୍ରତିଭାକୁ ସମ୍ମାନ ଜଣାଇ ହାସ୍ୟ ବ୍ୟଙ୍ଗର ଅମର କଥାଶିଳ୍ପୀ 'ଫତୁରାନନ୍ଦ' ଲେଖିଥିଲେ– "ବ୍ରଜବାବୁ! ମୋ ବିଚାରରେ ଆପଣ ହେଉଛନ୍ତି ଓଡ଼ିଶାର 'ଲୋହିତ କୋକିଳ' ।"


ସହାୟକ ସୂଚୀ :

(୧) ଓଡ଼ିଆ ସାହିତ୍ୟର ଅମ୍ଳାନ ପ୍ରତିଭା, କବି ବ୍ରଜନାଥ ରଥ, 'ସ୍ମୃତିରଥରେ ବ୍ରଜନାଥ', କାଳୀପଦ ପଣ୍ଡା, ପୃ.୫୦ ।

(୨) ଦାସ, ମନୋଜ, 'ଏକ ଅନିର୍ବାଣ ପ୍ରତ୍ୟୟର ସ୍ମୃତି', ମହାଜୀବନର କବି ବ୍ରଜାନାଥ ଜୀବନାଲୋକ, ସୁବର୍ଣ୍ଣଶ୍ରୀ ପ୍ରକାଶନୀ, ପୃ.୧୫ ।

(୩) 'ମନର ମାନଚିତ୍ର' ମୁଖବନ୍ଧ।

(୪) ନାଏକ, ସମରେନ୍ଦ୍ର, "ଓଡ଼ିଶାର 'ଲୋହିତ କୋକିଳ' ଓ ସାହିତ୍ୟର ଉତ୍ତର କବାଟ କବି ବ୍ରଜନାଥ ରଥ", ମହାଜୀବନର କବି : ବ୍ରଜନାଥ, ଜୀବନାଲୋକ, ପୃ.୬୪୮ ।

(୫) ମରୁଗୋଲାପ, ନିଜସ୍ୱ ସଂଳାପ, ନିଃଶବ୍ଦ ପ୍ରତିବାଦ, ସଭ୍ୟତାର ମୁହଁ, ମନର ମାନଚିତ୍ର, ହେ ମହାଜୀବନ, ଲଘୁଶତକ, ହେ ମୋର ସ୍ୱଦେଶ, ସାମାନ୍ୟ ଅସାମାନ୍ୟ କବିତା ସଂକଳନ ।


●

ସାକ୍ଷାତକାର

# ବାଗୀଶ ବରେଣ୍ୟ

ବାଗୀଶର ଚଳିତ ସଂଖ୍ୟାର '**ବାଗୀଶ ବରେଣ୍ୟ**'ରେ ଆମେ ଆପଣମାନଙ୍କୁ ଭେଟି ଦେଉଛୁ ବିଶିଷ୍ଟ ସମାଲୋଚକ ଓ ଗବେଷକ ଓ ସଂପାଦକ ପ୍ରଫେସର **କୃଷ୍ଣଚନ୍ଦ୍ର ପ୍ରଧାନ**ଙ୍କ ସହ ସ୍ୱତନ୍ତ୍ର ସାକ୍ଷାତକାର। - *ସଂପାଦନା ମଣ୍ଡଳୀ, ବାଗୀଶ*

ପ୍ରଫେସର କୃଷ୍ଣଚନ୍ଦ୍ର ପ୍ରଧାନଙ୍କ ସ୍ଥିରଚିତ୍ର



କୃଷ୍ଣଚନ୍ଦ୍ର ପ୍ରଧାନ (୦୨ ଫେବୃୟାରୀ ୧୯୫୯)ଙ୍କ ଜନ୍ମସ୍ଥାନ କେନ୍ଦ୍ରାପଡ଼ା ଜିଲ୍ଲାର ପଟ୍ଟାମୁଣ୍ଡାଇ ଅନ୍ତର୍ଗତ କଖାରୁଣୀ । ପିତା: ହୃଦାନନ୍ଦ ପ୍ରଧାନ, ମାତା: ବାଲୁରୀ ଦେବୀ। ବୃତ୍ତି ତାଙ୍କର ଗବେଷଣା ଓ ଅଧ୍ୟାପନା। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ସମ୍ବଲପୁର ବିଶ୍ୱବିଦ୍ୟାଳୟ ଓ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଆଦି ଓଡ଼ିଶାର ସ୍ୱନାମଧନ୍ୟ ବିଶ୍ୱବିଦ୍ୟାଳୟରେ ସେ ଦୀର୍ଘ ବର୍ଷ ଧରି ଅଧ୍ୟାପନା ଦାୟିତ୍ୱ ନିର୍ବାହ କରିବା ପରେ ବର୍ତ୍ତମାନ ଅତିଥି ପ୍ରଫେସର ଭାବେ ସ୍ନାତକୋତ୍ତର ଓଡ଼ିଆ ବିଭାଗ, ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଅବସ୍ଥାପିତ। ସେ ଜୀବନର ସର୍ବାଧିକ ସମୟ ନିଷ୍ଠାର ସହ ଉତ୍ସର୍ଗ କରିଦେଇଛନ୍ତି ସାହିତ୍ୟ ପାଇଁ। ଜଣେ ଶ୍ରଦ୍ଧାଶୀଳ ମଣିଷ ଭାବେ ସେ ସମସ୍ତଙ୍କର ପ୍ରିୟପାତ୍ର। ଓଡ଼ିଆ ସାହିତ୍ୟର ବିବିଧ ଦିଗରେ ଉତ୍ସର୍ଗୀକୃତ ତାଙ୍କ ଲେଖନୀ ତାଙ୍କ ପ୍ରତିଭାର ନିଦର୍ଶନ। ଓଡ଼ିଆ ସମାଲୋଚନା ଓ ଗବେଷଣା କ୍ଷେତ୍ରରେ ତାଙ୍କର ରହିଛି ଅନବଦ୍ୟ ଅବଦାନ। ବିଶେଷ ଭାବେ ଲୋକ ସାହିତ୍ୟ, ପ୍ରାଚ୍ୟ-ପାଶ୍ଚାତ୍ୟ ସାହିତ୍ୟ ତତ୍ତ୍ୱ ଓ ସମାଲୋଚନା ଆଦି ପ୍ରମୁଖ ବିଭାଗରେ ତାଙ୍କ ଲେଖନୀ ଚାଳନା ତାଙ୍କୁ ଦେଇଛି ସ୍ୱତନ୍ତ୍ର ପରିଚୟ । ଅଦ୍ୟାବଧି ସେ ୬୦ରୁ ଊର୍ଦ୍ଧ୍ୱ ପୁସ୍ତକ ରଚନା କରି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିକୁ ନୂତନ ଦିଶା ପ୍ରଦାନ କରିଛନ୍ତି । ତାଙ୍କ କୃତି ରାଜି ମଧ୍ୟରେ - ଆମ ସ୍ୱାସ୍ଥ୍ୟ ରକ୍ଷା ଆମ କର୍ତ୍ତବ୍ୟ(୧୯୯୦), ଓଡ଼ିଆ ସାହିତ୍ୟର ସାମାଜିକ ଓ ସାଂସ୍କୃତିକ ବିକାଶଧାରା(ଆଦି ପର୍ବ) (୧୯୯୨), ଓଡ଼ିଆ ସାହିତ୍ୟର ସାମାଜିକ ଓ ସାଂସ୍କୃତିକ ବିକାଶଧାରା(ଆଧୁନିକ ପର୍ବ)(୧୯୯୩), ଓଡ଼ିଆ ସାହିତ୍ୟର ଇତିହାସ (୧୯୯୩), ଓଡ଼ିଆ ଲୋକ ସାହିତ୍ୟ ଓ ଲୋକ ସଂସ୍କୃତି(୧୯୯୫), ଦେଶ ଓ ଭାଷାର କାରିଗର:ଫକୀରମୋହନ(୧୯୯୬), ଦରବାର (ସଂ)୧୯୯୬, ଧର୍ମ, ସାହିତ୍ୟ ଓ ସାହିତ୍ୟ ତତ୍ତ୍ୱ(୧୯୯୮), ଓଡ଼ିଆ ରୀତି ସାହିତ୍ୟ:ପରମ୍ପରା ଓ ପୁରୋଦୃଷ୍ଟି (୧୯୯୯), ବୌଦ୍ଧ ଧର୍ମ ଓ ଓଡ଼ିଆ ସାହିତ୍ୟ (୧୯୯୯), ଓଡ଼ିଆ ସାହିତ୍ୟରେ ଶୈବ ଧର୍ମ(୧୯୯୯), ବିଶ୍ୱବିଦ୍ୟାଳୟ ପ୍ରବନ୍ଧମାଳା (୨୦୦୦), ଭାଷା, ସାହିତ୍ୟ ଓ ସଂସ୍କୃତି (ସଂ) ୨୦୦୦, ସମୀକ୍ଷାଲୋକ (୨୦୦୨), ସ୍ଥିର ସୂର୍ଯ୍ୟ ଅଥୟ ପୃଥିବୀ (ସଂ) ୨୦୦୩, ଫକୀରମୋହନ ତର୍କ ବିତର୍କ(ସଂ) ୨୦୦୩, ଲୋକ ସାହିତ୍ୟ : ତତ୍ତ୍ୱ ରୂପ ଓ କଳାରୂପ (୨୦୦୪), ଗବେଷଣା ପ୍ରକାରଣ:ସମ୍ପାଦନା ଓ ଅନୁବାଦ

ପ୍ରବିଧି (୨୦୦୪), ଫକୀରମୋହନ : ଉପନ୍ୟାସ ସମଗ୍ର (ସଂ)୨୦୦୪, ବ୍ୟାବହାରିକ ଓଡ଼ିଆ ବ୍ୟାକରଣ(୨୦୦୬), କାବ୍ୟଭୂମିରେ ଫକୀରମୋହନ (୨୦୦୮), ସାରସ୍ୱତ ସାଧିକା ସୀତାଦେବୀ ଖାଡ଼ଙ୍ଗା(୨୦୦୮), ଉତ୍ତର ଆଧୁନିକତା: ଏକ ପରିଚିତି(୨୦୦୮), ଓଡ଼ିଆ କବିତା:ଅତୀତ ଓ ସାମ୍ପ୍ରତିକ ଧାରା(୨୦୦୮), ଛ ମାଣ ଆଠ ଗୁଣ୍ଠ (୨୦୦୮), ଭାଷାର କଳା ଓ ଅନ୍ୟାନ୍ୟ ପ୍ରସଙ୍ଗ (୨୦୦୯), ମନୋଜ କଳା କଳ୍ପନା (ସଂ)୨୦୦୯, ଓଡ଼ିଆ ସାହିତ୍ୟ ଓ ଲୋକ ଉପାଦାନ (ସଂ)୨୦୧୦, କଥା କଳ୍ପନାର ଦିଗ ଓ ଦିଗନ୍ତ(୨୦୧୦), ସମ୍ୟକ୍ ଆଲୋଚନା(୨୦୧୨), ଚିଲିକା(ସଂ)୨୦୧୨ କୀଚକ ବଧ(ସଂ)୨୦୧୨, ନାଟ୍ୟକାର ରମେଶ ପାଣିଗ୍ରାହୀ: ସ୍ରଷ୍ଟା ଓ ସୃଷ୍ଟି(ସଂ)୨୦୧୩, ଓଡ଼ିଆ ଗଦ୍ୟ:ରୂପ ଓ ରୂପାନ୍ତର(୨୦୧୩), ଓଡ଼ିଆ ଅଳଙ୍କାର ଓ ଛନ୍ଦ(୨୦୧୪), ମୋ ଜୀବନ ମୋ ସାହିତ୍ୟ(ସଂ)୨୦୧୪, ଆଲୋଚନା ଓ ସିଦ୍ଧାନ୍ତ(୨୦୧୪), ପାଶ୍ଚାତ୍ୟ ସାହିତ୍ୟ ଓ ସମୀକ୍ଷା ତତ୍ତ୍ୱ(୨୦୧୪), ଭାରତ ଚନ୍ଦ୍ର ନାୟକ(୨୦୧୫), ଶ୍ରଦ୍ଧାକର ଚୟନିକା(୨୦୧୬), ଆଲୋଚନାର ଭିନ୍ନ ଇଲାକା(୨୦୧୬), ଶ୍ରଦ୍ଧାକର ସୁପକାର : କୃତି ଓ କୀର୍ତ୍ତି(୨୦୧୬), ଆଲୋଚନାର ଦିଗବଳୟ(୨୦୧୭), ପଶ୍ଚିମ ଓଡ଼ିଶାର ଲୋକ ସଂସ୍କୃତି:ଏକ ସାଂସ୍କୃତିକ ଅନୁଶୀଳନ(୨୦୧୮), ଲଛମା(ସଂ)୨୦୧୮, ମାମୁ(ସଂ)୨୦୧୮, ପ୍ରାୟଶ୍ଚିତ (ସଂ)୨୦୧୮, ପଶ୍ଚିମ ଓଡ଼ିଶାର ପର୍ବ ପର୍ବାଣୀ ଓ ଯାନିଯାତ୍ରା(୨୦୧୮), ଭାରତୀୟ-ପାଶ୍ଚାତ୍ୟ ସାହିତ୍ୟିକ ମତବାଦ ଓ ସମାଲୋଚନା ତତ୍ତ୍ୱ (ସଂ)(୨୦୧୮), ୨୦୨୦, ପଞ୍ଚାମୃତ (ସଂ)୨୦୨୦, ଆଲୋଚନାର ଦିଗବଳୟ (୨୦୨୧), ଦୀନକୃଷ୍ଣ ଦାସଙ୍କ ଶ୍ରେଷ୍ଠ କାବ୍ୟକୃତି (ସଂ)୨୦୨୧, ଓଡ଼ିଆ କ୍ଷୁଦ୍ରଗଳ୍ପ ଧରା ଓ ଧାରା ( ପ୍ରଥମ ଭାଗ) ସମ୍ପାଦନା ୨୦୨୧, ଲୋକସାହିତ୍ୟର ତାତ୍ତ୍ୱିକ ଓ କଳାତ୍ମକ ବିଭବ (୨୦୨୧), କନକଲତା(ସଂ)୨୦୨୧, ଆଲୋଚନା ପ୍ରସଙ୍ଗ:କାବ୍ୟ କବିତା ଓ କଥା ସାହିତ୍ୟ(୨୦୨୧), ଯଦୁମଣି ମହାପାତ୍ର(ମନୋଗ୍ରାଫ)୨୦୨୨, ଓଡ଼ିଆ କ୍ଷୁଦ୍ରଗଳ୍ପ ଧରା ଓ ଧାରା(ଦ୍ୱିତୀୟ ଭାଗ)୨୦୨୨, ଅଚ୍ୟୁତାନନ୍ଦ ପତି ଗଳ୍ପ ସମଗ୍ର (ସଂ) ୨୦୨୨, ଆଲୋଚନା ବିମର୍ଷ:ପ୍ରାଚୀନରୁ ସାମ୍ପ୍ରତିକ(୨୦୨୩), ସାଧନା ଓ ସର୍ଜନା : କବି ଗୌତମ ଜେନା(ସଂ)୨୦୨୩ ଆଦି ପ୍ରମୁଖ ।

ଏହା ବ୍ୟତୀତ ସପ୍ତର୍ଷି, ଇସ୍ତାହାର, ସାହିତ୍ୟ ପତ୍ର ଭଳି ସମ୍ଭ୍ରାନ୍ତ ଓଡ଼ିଆ ପତ୍ରପତ୍ରିକାର ସଂପାଦନା ତାଙ୍କୁ ଜଣେ ସଫଳ ସମ୍ପାଦକ ଭାବେ ମଧ ପରିଚୟ ପ୍ରଦାନ କରିଛି । ସାହିତ୍ୟର ପ୍ରତିଟି ଦିଗରେ ତାଙ୍କ ଦୃଷ୍ଟି ଓ ସୃଷ୍ଟି ଆଗାମୀ କାଲି ପାଇଁ ଦିଗବାରେଣୀ ହୋଇ ରହିଥିବା ଛାତ୍ର ଓ ଗବେଷକଙ୍କପାଇଁ ତାଙ୍କ ଅବଦାନ ସର୍ବଦା ସ୍ମରଣୀୟ। ଏଥିରେ ତିଳେ ମାତ୍ର ସନ୍ଦେହର ଅବକାଶ ନାହିଁ ।

**୧. ସାହିତ୍ୟରେ ଆଲୋଚନା ବା ସମାଲୋଚନା କହିଲେ ଆପଣ କ'ଣ ବୁଝନ୍ତି?**

ଉତ୍ତର : ସାହିତ୍ୟରେ ସମାଲୋଚନା କହିଲେ ମୁଁ ବୁଝେ କୌଣସି ସୃଷ୍ଟି ମଧରେ ରହିଥିବା ତା'ର ଅନ୍ତର୍ନିହିତ ଗୁଣାବଳୀକୁ। କୌଣସି ସୃଷ୍ଟି ସମ୍ପର୍କରେ ନକରାତ୍ମକ ବା ସକାରାତ୍ମକ ଆଲୋଚନା ଯଥାର୍ଥରେ ସାହିତ୍ୟ-ସମାଲୋଚନା ନୁହେଁ।ଗୋଟିଏ ସୃଷ୍ଟି ମଧରେ ନିହିତ ତା'ର ରହସ୍ୟାତ୍ମକ ପରିଚୟ ତଥା ସୃଷ୍ଟିର ନାନ୍ଦନିକ ବିଚାରଧାରା ସହିତ ଗଠନାତ୍ମକ ମନ୍ତବ୍ୟ ହିଁ ସାହିତ୍ୟାଲୋଚନାର ପ୍ରକୃତ ଉଦ୍ଦେଶ୍ୟ।

**୨. ଅଦ୍ୟାବଧି ଆପଣଙ୍କର ଅନେକ ଆଲୋଚନାତ୍ମକ ଲେଖା ଓଡ଼ିଶା ଓ ଓଡ଼ିଶା ବାହାରେ ଅନେକ ପ୍ରସିଦ୍ଧ ପତ୍ରପତ୍ରିକାରେ ପ୍ରକାଶିତ ହୋଇ ସାରିଛି । ଏପରିକି ଆପଣଙ୍କ ଅନେକ ଆଲୋଚନାତ୍ମକ ପୁସ୍ତକ ମଧ ପ୍ରକାଶିତ । ତେବେ ଆପଣ ନିଜର ଆଲୋଚନାରେ କେଉଁ ଦିଗ ପ୍ରତି ବିଶେଷ ଗୁରୁତ୍ୱ ଦେଇଥାନ୍ତି ଓ କାହିଁକି?**

ଉତ୍ତର : ମୁଁ ମୋ ଆଲୋଚନାରେ ମୁଖ୍ୟତଃ କୌଣସି ସୃଷ୍ଟି ସମ୍ପର୍କରେ ବିଚାର କରିବା ସମୟରେ ସ୍ରଷ୍ଟାର କଳ୍ପଲୋକ ସହିତ ପରିଚିତ ହେବାକୁ ଚେଷ୍ଟା କରିଥାଏ।ଅବଶ୍ୟ ତତ୍ତ୍ୱମୂଳକ ବିଚାର ସମୟରେ ଭିନ୍ନ ଦୃଷ୍ଟିକୋଣରୁ ଆଲୋଚନା କରିଥାଏ।ମାତ୍ର ସ୍ରଷ୍ଟାର ସୃଷ୍ଟି ବିଚାରରେ ତାର ପରିବେଶ, ପୃଷ୍ଠଭୂମି ତଥା ତାର ସର୍ଜନଶୀଳ ମନୋଭୂମି ଉପରେ ବିଶେଷ ଗୁରୁତ୍ୱ ଦେଇଥାଏ।ସ୍ରଷ୍ଟାର କଳ୍ପଲୋକ ଓ ମାନସିକତା ନିକଟରେ ପହଞ୍ଚି ନ ପାରିଲେ, ସ୍ରଷ୍ଟା ସୃଷ୍ଟିର ଯଥାର୍ଥ ଅବବୋଧ ସମ୍ଭବ ନୁହେଁ।

**୩. ଆପଣ ଦୀର୍ଘ ସମୟ ଧରି ସମାଲୋଚନା ସାହିତ୍ୟ କ୍ଷେତ୍ରରେ ସକ୍ରିୟ ଅଛନ୍ତି । ଏମିତିକି ଆପଣ ଓଡ଼ିଆ ସମାଲୋଚନା ସାହିତ୍ୟର ବଦଳୁଥିବା ଗତିଧାରାକୁ ଦେଖିଛନ୍ତି। ତେବେ ଆମେ ଜାଣିବାକୁ ଚାହିଁବୁ, ବିଗତ ଦଶନ୍ଧିର ସମାଲୋଚନା ସାହିତ୍ୟ ଓ ବର୍ତ୍ତମାନର ସମାଲୋଚନା ସାହିତ୍ୟ ମଧ୍ୟରେ କେଉଁ ସବୁ ପରିବର୍ତ୍ତନ ଲକ୍ଷ୍ୟ କରନ୍ତି ?**

ଉତ୍ତର : କେବଳ ବିଗତ ଦଶନ୍ଧି କାହିଁକି, ୩/୪ ଦଶନ୍ଧି ଧରି ଆମେ କୌଣସି ନୂତନ ସମାଲୋଚନା ଧାରା ସମ୍ପର୍କରେ ଆଲୋଚନା କରିନାହୁଁ। ବିଂଶ ଶତକରେ ବିଶ୍ୱ ସାହିତ୍ୟରେ ଯେଉଁ ସମାଲୋଚନା ଧାରାଗୁଡ଼ିକର ବିକାଶ ହୋଇଛି, ଏଯାବତ୍ ଆମେ ସେଇ ଧାରାଗୁଡ଼ିକୁ ଅନୁସରଣ କରିଚାଲିଛୁ। ଉଦାହରଣ ସ୍ୱରୂପ- ନାରୀବାଦୀ ସମାଲୋଚନା, ପରିବେଶବାଦୀ ସମାଲୋଚନା, ନବଇତିହାସବାଦୀ ସମାଲୋଚନା, ସଂରଚନାତ୍ମକ ସମାଲୋଚନା, ତୁଳନାତ୍ମକ ସମାଲୋଚନା ଆଦି ଯେତେ ସମାଲୋଚନା ଧାରା ସମ୍ପର୍କରେ

ଆମେ ଆଲୋଚନା କରୁଛୁ, ସେ ସବୁ ବିଂଶ ଶତକରେ ବିକଶିତ ହୋଇଛି। ଏକବିଂଶ ଶତକରେ ପ୍ରଥମ ଦଶକରେ ଯେଉଁ ଦୁଇଟି ସମାଲୋଚନା ବିଶେଷ ଗୁରୁତ୍ୱ ରଖେ, ତାହା ହେଲା ସମଲିଙ୍ଗୀ ସମାଲୋଚନା ବା Gay Criticism ଓ ବିବର୍ତ୍ତନ ତତ୍ତ୍ୱ ବା Evolution Theory। ଏଯାବତ୍ ସେ ସମ୍ପର୍କରେ ଆମର ଆଦୌ ଆଲୋଚନା ହୋଇନାହିଁ ଏବଂ ସେ ସମ୍ପର୍କୀୟ ସୃଷ୍ଟି ମଧ୍ୟ ଆମର ପ୍ରଚୁର ନୁହେଁ। ଗୋଟିଏ ଦଶନ୍ଧି ମଧ୍ୟରେ ଆମ ସମାଲୋଚନା ସାହିତ୍ୟ ଯେ କିଛି ନୂତନ ଦିଶା ଦେଇଛି, ତାହା ଆଦୌ ସତ୍ୟ ନୁହେଁ। ଉତ୍ତର-ଆଧୁନିକତା ମଧ୍ୟ ପୁରୁଣା ହୋଇଗଲାଣି। ଏବେ ବି ଆମେ ତାକୁ ଘଷି ଚାଲିଛୁ।

**୪. ବର୍ତ୍ତମାନ ସମୟକୁ ଲକ୍ଷ୍ୟ କଲେ ଲାଗେ ଆଲୋଚନାତ୍ମକ ଲେଖା ଓ ପୁସ୍ତକ ପ୍ରକାଶ କରିବାର ଏକ ଦୌଡ଼ରେ ଆମେ ସମସ୍ତେ । ଏହି ଦୌଡ଼ରେ ଆମେ ସମସ୍ତେ କୋଉଠି ନା କୋଉଠି ଗୁଣାତ୍ମକତାକୁ ଛାଡ଼ି ପରିମାଣାତ୍ମକ ଦିଗକୁ ଗୁରୁତ୍ୱ ଦେଲାଭଳି ମନେ ହୁଏ । ଆପଣ କ'ଣ କହିବେ ଏ ସମ୍ପର୍କରେ?**

ଉତ୍ତର : ଏକଥା ସତ୍ୟ ଆମର ଗୁଣାତ୍ମକ ସମାଲୋଚନା ଧୀରେ ଧୀରେ ହ୍ରାସ ପାଇ ଚାଲିଛି । ଏହାର କାରଣ ହେଉଛି ଭଲ ସମାଲୋଚନା ଲେଖିବା ପାଇଁ ଯେଉଁ ବିସ୍ତୃତ ଅଧ୍ୟୟନ ଓ ବହୁ ପାଠୀତାର ଆବଶ୍ୟକତା ରହିଛି, ତାହା ଆମର ନାହିଁ। ପୁଣି ଜୀବିକା ସହିତ ଏହା ଯୋଡ଼ି ହୋଇଯାଉଥିବାରୁ ଆମେ ପରିମାଣ ଉପରେ ଗୁରୁତ୍ୱ ଦେଉଛୁ ଓ ଗୋଟିଏ ସମାଲୋଚନାରେ ଷ୍ଟାମ୍ପ ଆମ ପଛରେ ଲଗାଇବାକୁ ଚାହୁଁଛୁ। ଏତଦବ୍ୟତୀତ ଏକାଧିକ ଭାଷା, ବିଶେଷ କରି ସଂସ୍କୃତ ଓ ଇଂରାଜୀ ସାହିତ୍ୟରେ ଯେତିକି ଜ୍ଞାନ ହାସଲ କରିବା କଥା, ଆମେ ତାହା କରିପାରୁନାହୁଁ। ପ୍ରାଚ୍ୟ କାବ୍ୟତତ୍ତ୍ୱ ଜାଣିବାକୁ ହେଲେ ଏବଂ ମଧ୍ୟକାଳୀନ ସାହିତ୍ୟ ସମ୍ପର୍କରେ ଆଲୋଚନା କରିବାକୁ ହେଲେ ସଂସ୍କୃତ ସାହିତ୍ୟ ଓ ଅଳଙ୍କାର ଶାସ୍ତ୍ରରେ ଗଭୀର ପ୍ରବେଶ ରହିବା ଆବଶ୍ୟକ ଅନୁରୂପ ଭାବେ ଆଧୁନିକ ସାହିତ୍ୟ ଆଲୋଚନା ପାଇଁ ଇଂରାଜୀ ସାହିତ୍ୟ ଓ ସମାଲୋଚନା ତତ୍ତ୍ୱ ଜାଣିବା ମଧ୍ୟ ଉଚିତ। ଅର୍ଥାତ୍ ଏହି ଦୁଇଟି ଭାଷା ଏବଂ ସାହିତ୍ୟ ସମ୍ପର୍କରେ ଆମର ଜ୍ଞାନ ଅତ୍ୟନ୍ତ ସୀମିତ। ସେଇଥିପାଇଁ ଆମ ସମାଲୋଚନା ସାହିତ୍ୟ ତା'ର ଗୁଣାତ୍ମକ ମୂଲ୍ୟ ହରାଇ ବସୁଛି।

**୫. ବର୍ତ୍ତମାନ ବିଶ୍ୱବିଦ୍ୟାଳୟମାନଙ୍କରେ ହେଉଥିବା ଗବେଷଣାକୁ ଯଦି ମୂଲ୍ୟାଙ୍କନ କରାଯାଏ ମୋ ମତରେ ଅନେକାଂଶରେ ଏହା ଉପାଧି ସର୍ବସ୍ୱ ମନେହୁଏ । ଧୀରେ ଧୀରେ ଗବେଷଣା କ୍ଷେତ୍ରଟି ଏହାର ଗୌରବ ଓ ଗୁଣାତ୍ମକତା ହରାଉଛି । - ଏହା ପଛରେ କ'ଣ କାରଣ ରହିଛି ବୋଲି ଆପଣ ଭାବନ୍ତି ? ଏହାର ସମାଧାନ ସମ୍ପର୍କରେ କ'ଣ କହିବେ ?**

ଉତ୍ତର : ଆମର ଗବେଷଣା ଅତ୍ୟନ୍ତ ନୈରାଶ୍ୟଜନକ। ଆମ ବିଶ୍ୱବିଦ୍ୟାଳୟଗୁଡ଼ିକ ପିଏଚ୍.ଡ଼ି ଡିଗ୍ରୀ ଦେଉଛି; ମାତ୍ର ଉଚିତ ଗବେଷଣାକୁ ପ୍ରୋତ୍ସାହନ ଦେଇପାରୁନାହିଁ। ଗବେଷଣା ତା'ର ଗୁଣାତ୍ମକମାନ ହରାଇବାର ପ୍ରଥମ କାରଣ ହେଉଛି, ବର୍ତ୍ତମାନ ଏହାକୁ ଆମ ଜୀବିକା ସହିତ ସମ୍ପୃକ୍ତ କରିଦିଆଯାଇଛି। ଜଣେ ପିଏଚ୍.ଡ଼ି ଲାଭ କରିଥିଲେ ସେ ତା' କ୍ୟାରିଅରରେ ୨୫/୩୦ ନମ୍ବର ଅଧିକ ପାଉଛି, ଯାହା ତା' ଚାକିରି ପାଇଁ ସହାୟକ ହୋଇପାରୁଛି। ଏଥିପାଇଁ ୩/୪ଟି ଇଂକ୍ରିମେଣ୍ଟ ପାଉଛି। ଯେତେବେଳେ ଗବେଷଣାକୁ ଚାକିରି ଜୀବିକାଠାରୁ ଅଲଗା କରିଦିଆଯିବ, ସେତେବେଳେ ଗୁଣାତ୍ମକ ଗବେଷଣା ହୋଇପାରିବ। ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ଏ ସମ୍ପର୍କରେ ପଦକ୍ଷେପ ନେବା ଆବଶ୍ୟକ।

**୬. ମୋତେ ଲାଗେ ଆଜି ପୂର୍ବପିଢ଼ି-ଉତ୍ତରପିଢ଼ି ଭିତରେ ବର୍ତ୍ତମାନ ଏକ ବିରାଟ ଦୂରତା । ଏ ପରିପ୍ରେକ୍ଷୀରେ ବର୍ତ୍ତମାନର ଯୁବପିଢ଼ି ଗବେଷଣା କ୍ଷେତ୍ରରେ ଉପଯୁକ୍ତ ମାର୍ଗଦର୍ଶନ ପାଇବା କଳ୍ପନା କରାଯାଇ ନପାରେ । ଯାହାର ଅନେକ ନଜିର୍ ଆମେ ଦେଖିବାକୁ ମଧ୍ୟ ପାଉଛେ । - ଆପଣ ଏକଥା ସହ ଏକ ମତ ହେବେ କି? ଏହା ପଛର କାରଣ କ'ଣ ହୋଇପାରେ?**

ଉତ୍ତର : ପୂର୍ବପିଢ଼ି ଓ ଉତ୍ତରପିଢ଼ି ମଧ୍ୟରେ ଦୂରତାର ମୁଖ୍ୟ କାରଣ ହେଉଛି ଆମ ମଧ୍ୟରେ ଶ୍ରଦ୍ଧା ଓ ସମ୍ମାନର ଅଭାବ। ପୂର୍ବପିଢ଼ିଙ୍କ ଧାରଣା ବର୍ତ୍ତମାନ ପିଢ଼ି ଶୃଙ୍ଖଳା ମଧ୍ୟରେ ରହୁନାହାନ୍ତି ଏବଂ ବର୍ତ୍ତମାନ ପିଢ଼ି ଭାବୁଛନ୍ତି ପୂର୍ବପିଢ଼ି ସେମାନଙ୍କ ଉପରେ ତାଙ୍କ ମତାମତ ଲଦି ଦେଉଛନ୍ତି। ପିଢ଼ିଗତ ବ୍ୟବଧାନ ଯୋଗୁଁ ଗବେଷଣା କ୍ଷେତ୍ରରେ ଯେଉଁ ଶୃଙ୍ଖଳା, ଦାୟିତ୍ୱବୋଧ ଓ ଅଙ୍ଗୀକାରବଦ୍ଧତା ରହିବା କଥା, ତାହା ରହିପାରୁନାହିଁ। ଏଥିପାଇଁ ଉଭୟ ପିଢ଼ି ଦାୟୀ। ବର୍ତ୍ତମାନ ପିଢ଼ି ଯଥାର୍ଥ ଦିଗଦର୍ଶକ ପାଇପାରୁନାହାନ୍ତି, ପୂର୍ବପିଢ଼ି ମଧ୍ୟ ସେମାନଙ୍କ ଦାୟିତ୍ୱରୁ ଦୂରେଇଯାଉଛନ୍ତି ।

**୭. ଜଣେ ବରିଷ୍ଠ ଆଲୋଚକ ଭାବେ ବର୍ତ୍ତମାନର ନୂଆପିଢ଼ିର ଅଲୋଚକମାନଙ୍କୁ ଆପଣ କ'ଣ ବାର୍ତ୍ତା ଦେବେ ?**

ଉତ୍ତର : ବର୍ତ୍ତମାନ ଆଲୋଚକଙ୍କୁ ମୋର ପରାମର୍ଶ - ସାଧନା ହିଁ ସିଦ୍ଧି ଆଣିଥାଏ। କୌଣସି ପ୍ରତ୍ୟାଶା ନ ରଖି ସାଧନାରତ ହୁଅ, ଶୃଙ୍ଖଳିତ ହୁଅ, ଅଧ୍ୟୟନ ପିପାସୁ ହୁଅ। ଅଧିକ ଲେଖିବାର ଲୋଭ ପରିତ୍ୟାଗ କରି କମ୍ ଲେଖ ଓ ତାହା ଗୁଣାତ୍ମକ ମାନର ହେଉ। ପୁରସ୍କାର ପଛରେ କିମ୍ବା ମିଥ୍ୟା ପରିଚୟ ପାଇଁ ଧାବମାନ ହୁଅ ନାହିଁ। ସାଧନା ରହିଲେ ସ୍ୱୀକୃତି ମିଳିବ।

**୮.ବାଗୀଶ ପାଇଁ ଆପଣଙ୍କ ଆଶୀର୍ବାଦ ଓ ଉପଦେଶ ସୂଚକ ଦୁଇଟି ବାକ୍ୟ -**

ଉତ୍ତର : ବର୍ତ୍ତମାନ ସମୟରେ ଗୋଟିଏ ପତ୍ରିକା ପ୍ରକାଶ କରିବା ଏବଂ ତାକୁ ବଞ୍ଚାଇ ରଖିବା ବହୁତ କଷ୍ଟ। ଅତୀତରେ ମୁଁ ସପ୍ତର୍ଷି, ଇସ୍ତାହାର, ସାହିତ୍ୟ ପତ୍ର ପରି ପତ୍ରିକା ଏବଂ ବର୍ତ୍ତମାନ ଏଷଣା ପତ୍ରିକାର ସମ୍ପାଦନା ଦାୟିତ୍ୱରେ ରହିଛି।ଭଲ ପତ୍ରିକା ସମ୍ପାଦନା


ଏକ କଠିନ କାର୍ଯ୍ୟ। ଗୁଣାତ୍ମକମାନ ବଜାୟ ରଖିଲେ ପତ୍ରିକାର ଗୌରବ ବୃଦ୍ଧି ହେବ।ପ୍ରବନ୍ଧ ବିଭାଗପ୍ରତି ଅଧିକ ସଚେତନ ହେବାକୁ ପଡ଼ିବ।ନିଷ୍ଠା ଓ ଦାୟିତ୍ୱବାନ ହୋଇପାରିଲେ ପତ୍ରିକାର ଗୁଣାତ୍ମକମାନ ସମୃଦ୍ଧ ହେବ। ମୋର ବିଶ୍ୱାସ ଓଡ଼ିଶାରେ ଯେତେବେଳେ ପତ୍ରିକାଗୁଡ଼ିକ ଧୀରେ ଧୀରେ ଲୁପ୍ତପ୍ରାୟ ହୋଇଚାଲିଛି ସେତେବେଳେ ବାଗୀଶ ପତ୍ରିକାର ଆବିର୍ଭାବ ନିଶ୍ଚୟ ସମ୍ଭାବନାର ସ୍ୱର ଉଚ୍ଚାରଣ କରିବ। ପତ୍ରିକାର ଉତ୍ତରୋତ୍ତର କାମନା କରୁଛି।

—ଉପସ୍ଥାପିକା : ତୃପ୍ତିମୟୀ ଭୋଇ,

(ସଂପାଦନା ମଣ୍ଡଳୀ ସଦସ୍ୟ ତଥା ଅଧ୍ୟାପିକା ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ, ଜଗସିଂହପୁର )

## ପ୍ରମୁଖ ସମ୍ମାନ ଓ ସ୍ୱୀକୃତି

- ସାହିତ୍ୟ ଶ୍ୱେତପଦ୍ମ ସମ୍ମାନ ୨୦୦୪
- ପ୍ରଫେସର କାହ୍ନୁଚରଣ ମିଶ୍ର ସମୀକ୍ଷା ସମ୍ମାନ ୨୦୦୫
- ରଙ୍ଗମଞ୍ଚ ସମ୍ମାନ ୨୦୧୦
- ଅକାଡ଼େମୀ ସମୀକ୍ଷା ସମ୍ମାନ ୨୦୧୧
- କେନ୍ଦ୍ରାପଡ଼ା କଲେଜ ଆଲୁମିନି ସମ୍ମାନ ୨୦୧୨
- ଭରଦ୍ୱାଜ ସମ୍ମାନ ୨୦୧୩
- ଅଣୁକବି ବ୍ରହ୍ମାନନ୍ଦ ଦାସ ପୁରସ୍କାର ୨୦୧୪
- ଚେତାବନୀ ପ୍ରଜ୍ଞା ସମ୍ମାନ ୨୦୧୪
- ପଟ୍ଟାମୁଣ୍ଡାଇ ପୁସ୍ତକମାଳା ସମ୍ମାନ ୨୦୧୫
- ଝଙ୍କାର ପ୍ରବନ୍ଧ ପୁରସ୍କାର ୨୦୧୭
- ଗଙ୍ଗାଧର ମେହେର ସମ୍ମାନ ୨୦୧୭
- ଓଡ଼ିଶା ସାହିତ୍ୟ ଅକାଡ଼େମୀ ପୁରସ୍କାର ୨୦୧୭
- ଆଦିକବି ସାରଳା ଦାସ ସାରସ୍ୱତ ସମ୍ମାନ ୨୦୧୮
- ପ୍ରତିଭା ସ୍ୱୀକୃତି ୨୦୧୮
- ବସୁମତୀ ସାହିତ୍ୟ ସଂସଦ ପୁରସ୍କାର ୨୦୧୮
- ଡଃ ବିଜୟଗିରି ସ୍ମୃତି ସମ୍ମାନ ୨୦୧୯
- କ୍ୟାପଟେନ ଗୋପୀନାଥ ମିଶ୍ର ସ୍ମାରକୀ ସମ୍ମାନ-୨୦୧୯
- ବିଭୋର ବରେଣ୍ୟ ସମ୍ମାନ-୨୦୧୯
- ସୁଧନ୍ୟ ପ୍ରବନ୍ଧ ସମ୍ମାନ-୨୦୨୦
- ଜାନକୀ ବଲ୍ଲଭ ସ୍ମୃତି ସମ୍ମାନ-୨୦୨୩


ନିକଟରେ ପ୍ରକାଶିତ ବିକେଶ ସାହୁଙ୍କ ଦ୍ୱିତୀୟ କବିତା ପୁସ୍ତକ

**ନିଜପାଇଁ ଯେତେ କବିତା**

ପ୍ରକାଶକ : ବନଫୁଲ

ଆଗ୍ରହୀ ପାଠକ-ପାଠିକା ପୁସ୍ତକଟି ସଂଗ୍ରହ କରିପାରିବେ ।




# ଉଜାଣି ଯମୁନା

(କବିତା)

କବି : ଉପେନ୍ଦ୍ର କୁମାର ପାଣିଗ୍ରାହୀ
ପ୍ରକାଶକ : ଜୟଶ୍ରୀ ପ୍ରିଣ୍ଟସ୍, ବଲାଙ୍ଗୀର
ପ୍ରଥମ ପ୍ରକାଶ : ୨୦୧୯
ପୃଷ୍ଠା - ୫୩, ମୂଲ୍ୟ - ୪୦ ଟଙ୍କା

କବି ଉପେନ୍ଦ୍ର କୁମାର ପାଣିଗ୍ରାହୀ ୧୪.୦୪.୧୯୭୮ରେ ନୂଆପଡ଼ା ଜିଲ୍ଲା ବୋଡ଼େନ ବ୍ଲକ ଅନ୍ତର୍ଗତ କେରାପଦର ଗ୍ରାମରେ ଜନ୍ମଗ୍ରହଣ କରନ୍ତି। ପିତା ପ୍ରସନ୍ନ କୁମାର ପାଣିଗ୍ରାହୀ ଓ ମାତା ଯଶୋବନ୍ତୀ ଦେବୀଙ୍କ କୋଳମଣ୍ଡନ କରନ୍ତି ସବା ସାନ ପୁଅ ଭାବରେ। ବୋଡ଼େନ ମହାବିଦ୍ୟାଳୟରେ ଯୁକ୍ତଦୁଇ ପାଠ ଶେଷ କରି ଡି.ଏ.ଭି. ମହାବିଦ୍ୟାଳୟ ଟିଟିଲାଗଡ଼ରେ ସ୍ନାତକ ଶିକ୍ଷା ସମାପ୍ତ କରିଥିଲେ। ସ୍ନାତକ ଅଧ୍ୟାୟୀ ଅବସ୍ଥାରେ ତାଙ୍କର ଏକ Article ‘My Life’ ନାମରେ କଲେଜ ମେଗାଜିନରେ ପ୍ରକାଶ ପାଇଥିଲା। ଏହା ଥିଲା ତାଙ୍କର ପ୍ରଥମ ସୃଜନାତ୍ମକ ସୃଷ୍ଟି। ବର୍ତ୍ତମାନ ଜଣେ କର୍ମନିଷ୍ଠ ଶିକ୍ଷକ ଭାବରେ ମଣିଷ ତିଆରି କାରଖାନାରେ ଏ ଦେଶ ପାଇଁ ଉତ୍ତମ ମଣିଷ ଗଢ଼ିବାରେ ବ୍ୟସ୍ତ। ଏ ବ୍ୟସ୍ତତା ଭିତରେ କବିଙ୍କ ଲେଖନୀ ଚଳ ଚଞ୍ଚଳ ହୋଇ ଉଠିଛି। ବିଭିନ୍ନ ପତ୍ର ପତ୍ରିକାରେ ତାଙ୍କର ସୃଷ୍ଟି ପ୍ରକାଶ ପାଇ ପାଠକୀୟ ଆଦୃତି ଲାଭ କରିଛି। ଅଦ୍ୟାବଧି କବି ଉପେନ୍ଦ୍ର କୁମାର ପାଣିଗ୍ରାହୀଙ୍କ ଦୁଇଟି ପଦ୍ୟ ପୁସ୍ତକ ‘ଉଜାଣି ଯମୁନା’ (୨୦୧୯) ଓ ‘ସ୍ୱପ୍ନ ନାୟିକା’ (୨୦୨୦) ପ୍ରକାଶିତ।

‘ଉଜାଣି ଯମୁନା’ କବିଙ୍କ ପ୍ରଥମ ପ୍ରକାଶିତ କାବ୍ୟ। ଜାନୁଆରୀ ୨୦୧୯ ମସିହାରେ ଏହା ପ୍ରଥମେ ପ୍ରକାଶିତ। କବି ଏହି କାବ୍ୟକୁ ନିଜର ମାତା ଯଶୋବନ୍ତୀ ଦେବୀଙ୍କୁ ଉତ୍ସର୍ଗ କରିଛନ୍ତି। ତିନିଗୋଟି ସର୍ଗରେ ଏହି କ୍ଷୁଦ୍ର କାବ୍ୟର କଳେବର ଗଠିତ। ଏହାର ବିଷୟବସ୍ତୁ ଏକ ଗପ ଉପରେ ପ୍ରତିଷ୍ଠିତ। ଏହି ଗପ କବିଙ୍କ ସହକର୍ମୀ ପିତାମ୍ବର ଦୀପଙ୍କଠାରୁ ଶୁଣି ତାହାକୁ ପଦ୍ୟ ରୂପ ଦେଇଛନ୍ତି ବୋଲି କବି କୃତଜ୍ଞତା ଜ୍ଞାପନ ପ୍ରସଙ୍ଗରେ ସ୍ୱୀକାର କରିଛନ୍ତି। ଏହା ବଙ୍ଗଳାଶ୍ରୀ ରାଗରେ ରଚିତ। ଜଣେ କୃପଣ ବ୍ୟକ୍ତିର ଆଚାର ବ୍ୟବହାର ତଥା ତାହାର ପରିଣତି ଏବଂ ଧର୍ମାତ୍ମାମାନଙ୍କର ଶକ୍ତି ସାମର୍ଥ୍ୟର ଚିତ୍ର ଅଙ୍କନ କରିଛନ୍ତି କବି ଉପେନ୍ଦ୍ର କୁମାର ପାଣିଗ୍ରାହୀ। ଏହି କାବ୍ୟର ମୁଖ୍ୟ ଚରିତ୍ର ହେଉଛି ଟଙ୍କଧର ନାମକ ଏକ କୃପଣ ବ୍ରାହ୍ମଣ। ଧନର ଲୋଭ ଅଧିକ ହେତୁ ସେ ଅତି ଦୟନୀୟ ଭାବରେ ଚଳେ। ଖାଇବା ପିଇବାରେ ଅତି କୃପଣ। କାହାରିକୁ ସାହାଯ୍ୟ କରେନାହିଁ। ଅଯଥାରେ ଟଙ୍କା ସରିବ ବୋଲି ଅଳ୍ପ ତେଲ ଲୁଣ ଦେଇ ଗୋଟିଏ ମାତ୍ର ତିଅଣ ରାନ୍ଧିବା ପାଇଁ ପତ୍ନୀଙ୍କୁ ନିର୍ଦ୍ଦେଶ ଦିଏ। ରୋଗ ହେଲେ ମଧ ଟଙ୍କା ଖର୍ଚ୍ଚ କରେ ନାହିଁ। ତା’ର ପତ୍ନୀ ଜଣେ ପତିବ୍ରତା ତଥା ଧର୍ମ ପରାୟଣା ମହିଳା। ସ୍ୱେଚ୍ଛାସେବୀମାନଙ୍କ ପ୍ରସ୍ତାବରେ ବିନା ଖର୍ଚ୍ଚରେ ଗଙ୍ଗା ତଥା ପଞ୍ଚତୀର୍ଥ ଦେଖିବା ପାଇଁ ଗଲେ। ସେଠାରେ ଗଙ୍ଗାଗୋସେଇଁଙ୍କୁ ଭକତ ନାମକ ଜଣେ ବ୍ୟକ୍ତି ଗଙ୍ଗାଙ୍କ ମର୍ତ୍ତ୍ୟ ଅବତରଣ ପ୍ରସଙ୍ଗ ପଚାରିଛନ୍ତି। ଗଙ୍ଗାରେ ବୁଡ଼ ପକେଇଲେ ଟଙ୍କା ଦେବାକୁ ପଡ଼ିବ ବୋଲି ଟଙ୍କଧର ଏକ ପରିତ୍ୟକ୍ତ ଘାଟକୁ ଯାଇ ସ୍ନାନ କରିଛି। ମାତ୍ର ବିଷ୍ଣୁ ବୃଦ୍ଧ ବ୍ରାହ୍ମଣ ବେଶ ଧରି ଟଙ୍କାଟିଏ ଦାନ ମାଗିବା ପାଇଁ ଆସିଛନ୍ତି। ଟଙ୍କଧର

ତାଙ୍କୁ ବର୍ଷେ ପରେ ନିଜ ଗ୍ରାମକୁ ଆସିଲେ ଦେବି ବୋଲି କହିଛି। ସମସ୍ତେ ତୀର୍ଥଭ୍ରମଣ ସାରି ଘରକୁ ଫେରିଛନ୍ତି।

ଦ୍ୱିତୀୟ ସର୍ଗରେ ବିଷ୍ଣୁ ଟଙ୍କଧରଙ୍କ ଗୃହକୁ ଆସିଛନ୍ତି ଟଙ୍କାଟିଏ ନେବାକୁ। ମାତ୍ର ଟଙ୍କଧର ବୃଦ୍ଧ ବ୍ରାହ୍ମଣ ଆସୁଥିବାର ଦେଖି ମୃତ୍ୟୁର ଅଭିନୟ କଲା। ନିଜ ସ୍ତ୍ରୀକୁ ଟଙ୍କା ସିନ୍ଧୁକ ଲୁଚେଇ ଦେଇ ତା' ନିଜ ଉପରେ ଏକ ଧଳା ଲୁଗା ଢାଙ୍କି ଦେଇ କାନ୍ଦିବାକୁ ନିର୍ଦ୍ଦେଶ ଦେଲା। କିଂକର୍ତ୍ତବ୍ୟବିମୂଢ ଭାବରେ ଟଙ୍କଧରଙ୍କ ପତ୍ନୀ ସ୍ୱାମୀଙ୍କ ଆଜ୍ଞା ପାଳନ କଲା। ବୃଦ୍ଧ ରୂପୀ ଭଗବାନ ମଧ୍ୟ ସେଠି ଅଭିନୟ କଲେ। ଲୋକେ ଏକାଠି ହୋଇ ଟଙ୍କଧରଙ୍କୁ ଶ୍ମଶାନ ନେଲେ। ତଥାପି ଟଙ୍କଧର ମୃତବତ ପଡ଼ିଥାଏ। ଏପଟେ ସ୍ତ୍ରୀର କ୍ରନ୍ଦନ ତଥା ତା'ର ପତିବ୍ରତା ଧର୍ମକୁ ରକ୍ଷା କରିବା ପାଇଁ ଭଗବାନ ବିଭିନ୍ନ ଲୀଳା କଲେ। ତୃତୀୟ ସର୍ଗରେ ଟଙ୍କଧରର ମନରେ ପରିବର୍ତ୍ତନ ଆସିଛି। ଶୋଇଥିବା କୋକେଇରେ ନିଆଁ ଲଗେଇଦେବାକୁ ସ୍ତ୍ରୀକୁ ନିବେଦନ କରିଛି। ମାତ୍ର ସ୍ତ୍ରୀ ସେଥିରୁ ନିବୃତ୍ତ କରିଛନ୍ତି।

କାବ୍ୟର କାହାଣୀ ପାରମ୍ପରିକ ଭଳି ମନେ ହେଲେ ମଧ୍ୟ ସାମ୍ପ୍ରତିକ ସମୟର ଚିତ୍ର ସେଥିରେ ଉପସ୍ଥାପିତ। ଈଶ୍ୱରୀୟ ଶକ୍ତିର ସାହାଯ୍ୟ ମାଧ୍ୟମରେ କୃପଣ ଟଙ୍କ ଧରର ପରିବର୍ତ୍ତନ କରିଛନ୍ତି କବି। ସମାଜରେ ଅନେକ ସମୟରେ ଏଭଳି ଚରିତ୍ର ଦେଖିବାକୁ ମିଳେ। କବିଙ୍କ ଲେଖନୀ ଚାତୁରୀ ବେଶ ସୁନ୍ଦର ହୋଇଛି। କର୍ମଫଳ ଭୋଗ ତଥା ପୂଣ୍ୟବନ୍ତ ପ୍ରାଣୀଙ୍କ ମହାନତାର ଉପସ୍ଥାପନା ଦେଖିବାକୁ ମିଳେ। ସେ ଯାହା ହେଉ କାବ୍ୟଟି କ୍ଷୁଦ୍ର ହେଲେ ମଧ୍ୟ ଅବକ୍ଷୟମୁଖୀ ସମାଜକୁ ପଥ ଦେଖାଇବାରେ ଏହାର ଅବଦାନ ସ୍ୱୀକାର୍ଯ୍ୟ। ଟଙ୍କା ବା ଧନ ପଛରେ ଧାଉଁଥିବା ଜୀବନ ଧାରା ଯେ କେତେବେଳେ ଉଜାଣି ଯମୁନା ହୁଏ ତାହା କହିହେବ ନାହିଁ।

ଉପସ୍ଥାପନା

- ସହ-ସଂପାଦକ, ବାଗୀଶ

●

ଘୋ ଷ ଣା

- ପତ୍ରିକାରେ ପ୍ରକାଶିତ ଲେଖାର ସତ୍ତ୍ୱ ସଂପୂର୍ଣ୍ଣ ଭାବେ ସମ୍ପୃକ୍ତ ଲେଖକ/ଲେଖିକାଙ୍କର । ତେଣୁ କୌଣସି ଲେଖାରେ ଯଦି କୌଣସି ତଥ୍ୟ ବା ତତ୍ତ୍ୱଗତ ବିଭ୍ରାନ୍ତି ଥାଏ; ତେବେ ଏଥି ପାଇଁ ଲେଖକ/ଲେଖିକା ସଂପୂର୍ଣ୍ଣ ଭାବେ ଦାୟୀ ରହିବେ ।
- ଆମେ ସ୍ୱୀକାର କରୁଛୁ ଯେ ପତ୍ରିକାର କେତେକାଂଶରେ ବ୍ୟାକରଣ ଓ ସମ୍ପାଦନାଗତ(ଯାନ୍ତ୍ରିକ) ତ୍ରୁଟି ରହୁଛି । ଏଥି ପାଇଁ ଆମେ କ୍ଷମାପ୍ରାର୍ଥୀ । ଆମେ ଯଥାସାଧ୍ୟ ଚେଷ୍ଟା କରିବୁ ପତ୍ରିକାଟିକୁ ତ୍ରୁଟିଶୂନ୍ୟ ଭାବେ ପ୍ରକାଶ କରିବାପାଇଁ ।
- ଲେଖକ/ଲେଖିକାମାନଙ୍କୁ ଅନୁରୋଧ - ଯେଉଁ ଲେଖାଟି ଆପଣ ପ୍ରକାଶନ ପାଇଁ ପଠାଉଛନ୍ତି ପ୍ରଥମେ ଆପଣ ନିଜେ ଏହାକୁ ଠିକ୍ ଭାବେ ପଢ଼ି ଆବଶ୍ୟକୀୟ ସଂଶୋଧନ କରିନିଅନ୍ତୁ । ଯାହା ଫଳରେ ଲେଖାଟି ଶୀଘ୍ର ପ୍ରକାଶନ ପାଇଁ ଯୋଗ୍ୟ ବିବେଚିତ ହେବ ।

- ସମ୍ପାଦକ

BAGEESHA | VOLUME N0. 02 | ISSUE N0. 01 | JAN - FEB 2024




ବାଗୀଶ

B.K House, Ground Floor Women's College Lane
Nayagarh- 752069
E-mail : bageesha.magazine@gmail.com
Phone No. 9337166172

EDITOR : BIKESH SAHU | RS: 100/-